# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୭/୨୦୨୦ (୧୬ ପୃଷ୍ଠା) | Bhubaneswar, Thursday, August 27/2020 | ★★★★★★

୪୬ଶ ଭାଗ ୨୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଭାବପ୍ରବଣ ହୋଇପଡ଼ିଥିଲେ ରାଣୀ**

ଖେଳରତ୍ନ ପୁରସ୍କାର ଘୋଷଣା ପରେ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ ଭାରତୀୟ ମହିଳା ହକି ଅଧିନାୟିକା ରାଣୀ ରାମପାଲ।

୧୬

୧୪

**ବଲିଉଡ୍‌ରେ ଡେବ୍ୟୁ କରିବେ ଶନାୟା**

ଅଭିନେତା ସଞ୍ଜୟ କପୁରଙ୍କ ଝିଅ ଶନାୟା ବଲିଉଡ୍‌ରେ ଡେବ୍ୟୁ କରିବେ। ସେ ଫିଲ୍ମ 'ଗୁଞ୍ଜନ ସକ୍ସେନା': ଦ କାର୍ଗିଲ ଗାର୍ଲ'ରେ ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବରେ କାର୍ଯ୍ୟ କରିଥିଲେ।



# ସତ୍ତା ନୁହେଁ, ସତ୍ୟମେବ



ଭର୍ଚୁଆଲ ବୈଠକରେ ସୋନିଆ ଗାନ୍ଧୀ ଓ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ।

### ଜେଇଇ, ଏନ୍‌ଇଇଟିକୁ ବିରୋଧ

- ୭ ମୁଖ୍ୟମନ୍ତ୍ରୀଙ୍କ ସହ କଥାହେଲେ ସୋନିଆ
- ପରୀକ୍ଷା ସ୍ଥଗିତ ପାଇଁ ସୁପ୍ରିମକୋର୍ଟ ଯିବେ ବିରୋଧୀ
- ନିର୍ଦ୍ଧାରିତ ସମୟରେ ହେବ ଜେଇଇ-ଏନ୍‌ଇଟି: କେନ୍ଦ୍ର
- ଆଜି ଘରେ ଥାଇ ବିକ୍ଷୋଭ କରିବେ ଛାତ୍ରୀଛାତ୍ର

ନୂଆଦିଲ୍ଲୀ,୨୬।୮

କ୍ଷମତା ନୁହେଁ, ସତ୍ୟର ବିଜୟ ହେବ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ କେନ୍ଦ୍ରର ଭୁଲ୍ ନିଷ୍ପତ୍ତି ଓ ବିରୋଧୀ ଶାସିତ ରାଜ୍ୟଗୁଡ଼ିକୁ କ୍ରମାଗତ ଅବହେଳା ବିରୋଧରେ ଏକାଠି ହୋଇ ଲଢ଼ିବାକୁ ପଡ଼ିବ ବୋଲି ଆହ୍ୱାନ ଦେଇଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ। ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ଏବଂ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ସମେତ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ପ୍ରସଙ୍ଗରେ ବୁଧବାର ଅପରାହ୍ଣରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଦ୍ୱାରା ଆହୂତ ଭର୍ଚୁଆଲ ବୈଠକରେ ଉଦ୍ଧବ କହିଥିଲେ, ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ଲଢ଼ିବା ନା ତାଙ୍କୁ ଡରି ରହିଯିବା ପ୍ରଥମେ ସେହି ନିଷ୍ପତ୍ତି ନିଆଯାଉ। କାରଣ ଆମ ପାଇଁ ଏହା 'ସତ୍ତାମେବ ଜୟତେ' ନୁହେଁ, ବରଂ 'ସତ୍ୟମେବ ଜୟତେ'। ଆମେ ଏକାଠି ଅଛେ ଓ ଏକତ୍ର ହୋଇ ☞ପୃଷ୍ଠା-୪

# ପୂଜାଛୁଟି ଯାଏ ସ୍କୁଲ, କଲେଜ ବନ୍ଦ

### ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍-୧୯ ସମୀକ୍ଷା

- କୋଭିଡ୍ ସମୟରେ ଆତ୍ମସନ୍ତୋଷ ବଡ଼ ଶତ୍ରୁ
- ୨୮ରୁ ଭୁବନେଶ୍ୱରରେ ଦ୍ୱିତୀୟ, ରାଉରକେଲାରେ ପ୍ରଥମ ପର୍ଯ୍ୟାୟ ସରୋ ସର୍ଭେ
- ଶୁକ୍ରବାର ସୁଦ୍ଧା ମୃତ କୋଭିଡ୍ ଯୋଦ୍ଧାଙ୍କ ପାଉଣା ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ହଟ୍‌ସ୍ପଟ୍ ସଂକ୍ରମଣ ହ୍ରାସ ଦିଗରେ କାର୍ଯ୍ୟ କରିବାକୁ ପର୍ଯ୍ୟବେକ୍ଷକଙ୍କୁ ପରାମର୍ଶ
- କୋରାପୁଟରେ ଖୋଲିବ ଆଉ ଏକ ପ୍ଲାଜ୍‌ମା ବ୍ୟାଙ୍କ

ଭୁବନେଶ୍ୱର,୨୬।୮(ବ୍ୟୁରୋ)

କରୋନା ସଂକ୍ରମଣ ବଢ଼ିଚାଲିଛି। ଏଭଳି ସ୍ଥିତିରେ ପିଲାମାନଙ୍କୁ ସ୍କୁଲ ଓ କଲେଜକୁ ଛାଡ଼ିବାକୁ ଅଭିଭାବକମାନେ ସୁରକ୍ଷିତ ମଣୁନାହାନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ଅଭିଭାବକଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ସ୍କୁଲ ଓ କଲେଜ ଆସନ୍ତା ପୂଜାଛୁଟି ପର୍ଯ୍ୟନ୍ତ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟର କୋଭିଡ୍ ପରିଚାଳନା ସମୀକ୍ଷା କରିବା ପରେ ଏହି ଘୋଷଣା କରିଛନ୍ତି।

ଗ୍ରାମ୍ୟ ଅର୍ଥନୀତିର ପୁନରୁଦ୍ଧାର ପାଇଁ ଅଧିକ ଋଣ ସହାୟତା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ), କୃଷି, ମତ୍ସ୍ୟ ଓ ପଶୁପାଳନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଉପରେ ଅଧିକ ଫୋକସ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ପରିସ୍ଥିତି ଯୋଗୁ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରବାସୀମାନେ ଯେପରି ଓଡ଼ିଶାରେ ରୋଜଗାର ପାଇପାରିବେ ସେଥିପାଇଁ ସେମାନଙ୍କୁ ଛୋଟ ଛୋଟ ବ୍ୟବସାୟ ପାଇଁ ରିହାତିରେ ଋଣ ଯୋଗାଇ ଦିଆଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ନିର୍ମାଣ ଶ୍ରମିକ ଯୋଜନାରେ ସେମାନଙ୍କ ଦକ୍ଷତା ନିରୂପଣ ଓ ପଞ୍ଜୀକରଣ ସୁବିଧାରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ☞ପୃଷ୍ଠା-୪

## ସ୍କୁଲ ପାଠ୍ୟକ୍ରମ ୩୦% କମିଲା

### ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ଲାଗୁ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)

ଶେଷରେ ଛାତ୍ରୀଛାତ୍ରଙ୍କୁ ଆଶ୍ୱସ୍ତି ମିଳିଛି। କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରାଜ୍ୟ ସରକାର ସ୍କୁଲ ପାଠ୍ୟକ୍ରମକୁ ହ୍ରାସ କରିଛନ୍ତି। ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ସବୁ ଶ୍ରେଣୀର ପାଠ୍ୟକ୍ରମ ୩୦% କମିଥିବା ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଶିକ୍ଷା ଗବେଷଣା ତାଲିମ ପରିଷଦ (ଏସ୍‌ସିଇଆର୍‌ଟି), ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ (ବିଏସ୍‌ଇ) ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ସିଲାବସ୍ କମିଟିର ବିଶେଷଜ୍ଞଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇ ଚଳିତବର୍ଷ ପାଇଁ ଉଦ୍ଦିଷ୍ଟ ପାଠ୍ୟକ୍ରମରେ ଆବଶ୍ୟକ ସଂଶୋଧନ କରାଯାଇଛି। ଭବିଷ୍ୟତରେ ସର୍ବଭାରତୀୟ ସ୍ତରରେ ହେବାକୁ ଥିବା ଜେଇଇ ଓ ନିଟ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଛାତ୍ରୀଛାତ୍ରମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ୩ କମିଟିର ସୁପାରିସ ଆଧାରରେ ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍‌ସିଇଆର୍‌ଟି ସୁପାରିସକ୍ରମେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ, ବିଏସ୍‌ଇ ସୁପାରିଶ ଅନୁସାରେ ନବମ ଓ ଦଶମ ଏବଂ ସିଏଚ୍‌ଏସ୍‌ଇ କମିଟିର ସୁପାରିସ ଅନୁସାରେ ଯୁକ୍ତ୨ ପାଠ୍ୟକ୍ରମରେ ଏପରି ହ୍ରାସ କରାଯାଇଛି। ନୂଆ ପାଠ୍ୟକ୍ରମ ଏସ୍‌ସିଇଆର୍‌ଟି, ବିଏସ୍‌ଇ, ସିଏଚ୍‌ଏସ୍‌ଇ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ସେସବୁ ୱେବ୍‌ସାଇଟ୍ ମାଧ୍ୟମରେ ପାଠ୍ୟକ୍ରମ ସମ୍ପର୍କିତ ସବିଶେଷ ସୂଚନା ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, କରୋନା ମହାମାରୀ ଯୋଗୁ ପ୍ରାୟ ୬ ମାସ ହେବ ସ୍କୁଲ, କଲେଜ ବନ୍ଦ ରହିଛି। କେବେ ଖୋଲିବ ତାହା ମଧ୍ୟ ଅନିଶ୍ଚିତତାରେ ରହିଛି। ଏ ପରିସ୍ଥିତିରେ ପିଲାଙ୍କ ପାଠପଢ଼ା ଓ ଭବିଷ୍ୟତ ଯେପରି ଗୁରୁତର ପ୍ରଭାବିତ ନ ହେବ ☞ପୃଷ୍ଠା-୪




**ମୋରାଟୋରିୟମ୍ ମାମଲାରେ କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା**

୩

**ଆଜିର ସମ୍ପାଦକୀୟ**

**ମଣିଷ-କୁକୁରଙ୍କ ସମ୍ପର୍କ**

**ଆଜିର ମନ୍ତବ୍ୟ**

ଗତ କିଛିଦିନ ହେବ ରାଜଧାନୀ ଦିଲ୍ଲୀରେ କରୋନା ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଣିକି କରୋନା ପରୀକ୍ଷାକୁ ଦୁଇଗୁଣ ବଢ଼ାଯିବ।

**-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

# ଉତ୍ତର ଓଡ଼ିଶାରେ ବନ୍ୟା



କେନ୍ଦୁଝର ପାଟଣା ଅଞ୍ଚଳରେ ଜଳ ସ୍ରୋତରେ ଭାସିଯାଇଥିବା ଧାନ ବୋଝେଇ ଟ୍ରକ୍।

## ବିପଦ ସଙ୍କେତ ଉପରେ ବୈତରଣୀ, ଜଳକା

- ଉପରମୁଣ୍ଡରେ ପ୍ରବଳ ବର୍ଷା ସମ୍ଭାବନା
- ବଢ଼ୁଛି ପ୍ରମୁଖ ନଦୀ, ବନ୍ୟା ସମ୍ଭାବନା
- ୫ ଜିଲାରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ
- କାନ୍ଥ ପଡ଼ି ଜଣେ ମୃତ,

ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ/ବାରିପଦା ଅଫିସ/କେନ୍ଦୁଝର, ୨୬।୮(ସ୍ୱ.ପ୍ର./ଡି.ଏନ୍.ଏ.)

- ଭାସିଗଲା ଦୁଇ ଟ୍ରକ୍, କାର୍
- ଦୁଇ ମୃତ, ୨ ନିଖୋଜ
- ଆଖଣ୍ଡଳମଣିଙ୍କ ବିଗ୍ରହ ବୁଡ଼ିଲା

ଲଘୁଚାପଜନିତ ବର୍ଷା ଯୋଗୁ ଉତ୍ତର ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସବୁ ନଦୀନାଳ ଫୁଲିବା ସହ ବିଭିନ୍ନ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ପ୍ରଖର ସ୍ରୋତରେ କେନ୍ଦୁଝର ଜିଲା ଆନନ୍ଦପୁର,ପାଟଣା ଓ ମୟୂରଭଞ୍ଜ ଜିଲାର ଚଡ଼େଇଭୋଳରେ ୨ ଟ୍ରକ୍ ଓ ଗୋଟିଏ କାର୍ ଭାସି ଯାଇଛି। ୨ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନ୍ୟ ଦୁଇଜଣ ଭାସିଯାଇ ନିଖୋଜ ଥିବା ସୂଚନା ମିଳିଛି।

ଭଦ୍ରକ ଜିଲା ଆଖୁଆପଦାରେ ବୈତରଣୀ ବିପଦ ସଙ୍କେତ ଅତିକ୍ରମ କରିଥିବା ବେଳେ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ଗର୍ଭଗୃହରେ ପାଣି ପଶି ବିଗ୍ରହ ବୁଡ଼ିଯାଇଛନ୍ତି। ସେହିପରି ବାଲେଶ୍ୱରର ସୁବର୍ଣ୍ଣରେଖା, ☞ପୃଷ୍ଠା-୪

ଭୁବନେଶ୍ୱର,୨୬।୮(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ଗତ ଦୁଇଦିନ ଧରି ରାଜ୍ୟରେ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁ ଅନେକ ଜିଲାରେ ଚାଷଜମି ଓ ତଳିଆ ଅଞ୍ଚଳ ଜଳମଗ୍ନ ହୋଇ ରହିଛି। ଏଥିସହିତ କେତେକ ନଦୀରେ ମଧ୍ୟ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆହୁରି ବର୍ଷା ହେବା ସମ୍ଭାବନା ଥିବାରୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ପ୍ରବଳ ବର୍ଷା ଯୋଗୁ ବୈତରଣୀ, ☞ପୃଷ୍ଠା-୪

# ଭାରତର ବିକାଶ ହାର -୪.୫% ରହିବ

### ୨୦୨୦-୨୧ ପାଇଁ ଆର୍‌ବିଆଇର ଆକଳନ

ନୂଆଦିଲ୍ଲୀ,୨୬।୮

୨୦୨୦-୨୧ ଆର୍ଥିକ ବର୍ଷରେ ଦେଶର ସାମଗ୍ରିକ ବିକାଶ ହାର ହ୍ରାସ ପାଇ -୪.୫% ରହିବ ବୋଲି ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଆକଳନ କରିଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସଦ୍ୟ ପ୍ରକାଶିତ ୨୦୧୯-୨୦ ବାର୍ଷିକ ରିପୋର୍ଟରେ କୁହାଯାଇଛି ଯେ, ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏହାର ୨୦୨୦ ଜୁନ୍ ଅପ୍‌ଡେଟ୍‌ରେ ବୈଶ୍ୱିକ ଅଭିବୃଦ୍ଧି -୪.୯% ରହିବା ସହ ଏହ୍‌ ସମ୍ପର୍କିତ ଅର୍ଥନୈତିକ ଗତିବିଧି ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆକଳନ କରିଛି। ସେହିପରି ଭାରତର ଅର୍ଥନୀତି ମଧ୍ୟ ଘୋର ପ୍ରଭାବିତ ହେବ। ଦେଶର ଅଭିବୃଦ୍ଧି ହାର -୪.୫% ରହିବ ବୋଲି ଅନୁମାନ କରାଯାଇଛି। ୨୦୨୦ ଜୁନ୍ ୧୦ରେ ଅର୍ଗାନାଇଜେଶନ ଫର୍ ଇକୋନୋମିକ୍ ଡେଭେଲପ୍‌ମେଣ୍ଟ (ଓଇସିଡି) ପକ୍ଷରୁ ଦୁଇଟି ସମ୍ଭାବ୍ୟ ସ୍ଥିତି ଯଥା- ଏକକ ପ୍ରଭାବ ଓ ଦ୍ୱୈତ ପ୍ରଭାବ ସମ୍ପର୍କରେ ଆକଳନ କରାଯାଇଛି। ୨୦୨୦-୨୧ରେ ଭାରତର ବିକାଶ ହାର ଏକକ ପ୍ରଭାବରେ ତଳକୁ ଖସି -୩.୭% ଓ ଦ୍ୱିତୀୟ ପ୍ରଭାବରେ -୭.୩% ରହିବ। କରୋନା ସଂକ୍ରମଣ ଯୋଗୁ ଦେଶର ଅର୍ଥନୀତିକୁ ଯେଉଁ ବିପୁଳ କ୍ଷତି ସହିବାକୁ ପଡ଼ିଛି ସେଥିରୁ ମୁକୁଳି ଏହାକୁ ଟ୍ରାକ୍‌କୁ ଫେରାଇ ଆଣିବାକୁ ହେଲେ ବ୍ୟାପକ ସଂସ୍କାର ଜରୁରୀ ବୋଲି ଆର୍‌ବିଆଇ ଉକ୍ତ ରିପୋର୍ଟରେ କହିଛି।

### ୧୦% ବଢ଼ିଛି ନଗଦ କାରବାର

ମୁମ୍ବାଇ,୨୬।୮: ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜାରି କରାଯାଇଥିବା ଲକ୍‌ଡାଉନ୍ ସମୟରେ ଭାରତରେ ନଗଦ ଆର୍ଥିକ କାରବାର ୧୦% ବୃଦ୍ଧି ପାଇଛି। ବିମୁଦ୍ରୀକରଣ ପୂର୍ବରୁ ମୁଦ୍ରା-ମୋଟ ଘରୋଇ ଉତ୍ପାଦ (ଜିଡିପି) ଅନୁପାତ ୧୨% ଥିଲା। ୨୦୧୯-୨୦ ଆର୍ଥିକ ବର୍ଷର ଏହି ପୂର୍ବାବସ୍ଥା ସ୍ତର ଆଡ଼କୁ ଏବେ ନଗଦ କାରବାର ଗତିଶୀଳ ହୋଇଥିବା ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ବାର୍ଷିକ ରିପୋର୍ଟରେ କୁହାଯାଇଛି। ମଙ୍ଗଳବାର ପ୍ରକାଶିତ କେନ୍ଦ୍ରୀୟ ବ୍ୟାଙ୍କର ୨୦୧୯-୨୦ ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୧୯ ମାର୍ଚ୍ଚ ପର୍ଯ୍ୟନ୍ତ ୨୧,୧୦,୮୯୨ ଲକ୍ଷ କୋଟି ଟଙ୍କା ବ୍ୟାଙ୍କ ନୋଟ ସର୍କୁଲେଶନରେ ଥିଲା। ୨୦୨୦ ମାର୍ଚ୍ଚରେ ଏହା ୨୪,୨୦,୯୭୫ ଲକ୍ଷ କୋଟିଟଙ୍କାକୁ ବୃଦ୍ଧି ପାଇଥିଲା। ମାର୍ଚ୍ଚ ୨୫ରୁ ଏହି ନଗଦ କାରବାର ୨୬.୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହାକି ପୂର୍ବାପେକ୍ଷା ୧୦% ଅଧିକ। ଏହି ସମୟ ମଧ୍ୟରେ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ ଦୁଇବର୍ଷରେ ସର୍ବନିମ୍ନ ସ୍ତରକୁ ଖସିଛି। ନୋଟ୍ ସର୍କୁଲେଶନ ଓ ଚାହିଦା ସହ କେନ୍ଦ୍ରୀୟ ବ୍ୟାଙ୍କର ଆୟ ବୃଦ୍ଧି ପାଇଛି। କରୋନା ମହାମାରୀ ସମୟରେ ଡିଜିଟାଲ ଟ୍ରାଞ୍ଜାକ୍ସନ ହ୍ରାସ ପାଇଥିବାରୁ କ୍ୟାଶ୍ ଡିମାଣ୍ଡ ବଢ଼ିଛି।




### ନାବାଳିକାଙ୍କୁ ବଳାତ୍କାର, ବିବାହ ପରେ ତିନି ତଲାକ

ଉତ୍ତରପ୍ରଦେଶର ମୁଜାଫରନଗର ବୁଧନା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ବଳପୂର୍ବକ ତାଙ୍କୁ ବିବାହ କରାଯାଇ କିଛିଦିନ ପରେ ତିନି ତଲାକ ଦିଆଯାଇଥିବା ଅଭିଯୋଗ କରାଯାଇଛି। ପୀଡ଼ିତା ପରିବାର ପକ୍ଷରୁ ଥାନାରେ ଏନେଇ ଅଭିଯୋଗ କରାଯିବା ପରେ ଅଭିଯୁକ୍ତ ମୋମିନ୍‌ଙ୍କୁ ପୋଲିସ ଗିରଫ କରି ତଦନ୍ତ ଜାରି ରଖିଛି। ସମ୍ପର୍କରେ ପୀଡ଼ିତା ଓ ଅଭିଯୁକ୍ତ ଶାଳୀ-ଭିଣୋଇ ହେବେ।



ଜମ୍ମୁ ଉପକଣ୍ଠ ଇନ୍ଦ୍ରନଗରଠାରେ ପ୍ରବଳ ବର୍ଷାରେ ଏକ ପୋଲ ଭାସିଯାଇଛି।

## ୬ ସହରରୁ କୋଲକାତାକୁ ବିମାନ ଉଡ଼ାଣ ଅନୁମତି

**କୋଲକାତା, ୨୬।୮**


ପଶ୍ଚିମବଙ୍ଗରେ ଲକ୍‌ଡାଉନ କଟକଣାକୁ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେପ୍ଟେମ୍ବରରୁ ରାଜ୍ୟ ଭିତରେ ଲୋକାଲ ଟ୍ରେନ୍ ଓ ମେଟ୍ରୋ ରେଳସେବା ଆରମ୍ଭ ହେବାକୁ ଯାଉଛି। ସେପ୍ଟେମ୍ବର ୭, ୧୧ ଓ ୧୨ ତାରିଖରେ ପଶ୍ଚିମବଙ୍ଗ ସମ୍ପୂର୍ଣ୍ଣ ଲକ୍‌ଡାଉନ ରହିବ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ଘୋଷଣା କରିଛନ୍ତି। ସେହିପରି ସ୍କୁଲ୍ କଲେଜ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସେପ୍ଟେମ୍ବର ୧ରୁ ଦିଲ୍ଲୀ, ମୁମ୍ବାଇ, ପୁଣେ, ନାଗପୁର, ଚେନ୍ନାଇ ଓ ଅହମଦାବାଦରୁ କୋଲକାତାକୁ ବିମାନ ଚଳାଚଳ କରିବ। ଜୁଲାଇ ୬ରୁ ଏହି କୋଭିଡ୍ ହଟ୍‌ସ୍ପଟ ମହାନଗରୀରୁ କୋଲକାତାକୁ ବିମାନ ଚଳାଚଳ ବନ୍ଦ ଥିଲା।

# ଆରୋଗ୍ୟ ହାର ସକ୍ରିୟ ମାମଲାର ୩.୫ ଗୁଣ

**ନୂଆଦିଲ୍ଲୀ, ୨୬।୮(ପି.ଟି.)**

ଭାରତରେ ବର୍ତ୍ତମାନ ସୁଦ୍ଧା ମୋଟ ୨୪,୬୭,୭୫୮ କରୋନା ରୋଗୀ ସୁସ୍ଥ ହେଲେଣି। ଏହା ସକ୍ରିୟ ମାମଲାର ୩.୫ ଗୁଣ। ଦେଶରେ ଆରୋଗ୍ୟ ହାର ୭୬ ପ୍ରତିଶତରୁ ଅଧିକ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଫଳରେ ସକ୍ରିୟ ମାମଲା ୨୧.୮୭ ପ୍ରତିଶତକୁ ହ୍ରାସ ପାଇଛି। ୨୪ ଘଣ୍ଟା ମଧ୍ୟରେ ୬୩,୧୭୩ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ସକ୍ରିୟ ମାମଲା ୭,୦୭,୨୬୭ ରହିଥିବାବେଳେ ଏହାଠାରୁ ୧୭,୬୦,୪୮୯ ଅଧିକ ଲୋକ ସୁସ୍ଥ ହୋଇଛନ୍ତି।

ଦିନକରେ ୬୭,୧୫୧ ଜଣ କରୋନାରେ ଆକ୍ରାନ୍ତ ହେବା ଫଳରେ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୨.୩୪ ଲକ୍ଷରେ ପହଞ୍ଚିଛି। ସେହିପରି ଗୋଟିଏ ଦିନରେ ୧୦୫୯ ଜଣଙ୍କ ମୃତ୍ୟୁ ସହ ମୋଟ ମୃତ୍ୟୁସଂଖ୍ୟା ୫୯,୪୪୯କୁ ବୃଦ୍ଧି ପାଇଛି। ଦେଶରେ ମୋଟ ୩,୭୬,୫୧,୫୧୨ ନମୁନା ପରୀକ୍ଷା କରାଗଲାଣି।



## ଭାରତରେ ଅକ୍ସଫୋର୍ଡ ଟିକାର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଆରମ୍ଭ

**ପୁଣେ, ୨୬।୮(ପି.ଟି.)**

ଅକ୍ସଫୋର୍ଡ କୋଭିଡ୍-୧୯ ଟିକାର ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଭାରତରେ ବୁଧବାର ଆରମ୍ଭ ହୋଇଛି। ଭାରତର ସେରମ୍ ଇନ୍‌ଷ୍ଟିଚ୍ୟୁଟ ଏହି ଟିକା ପ୍ରସ୍ତୁତ କରୁଥିଲାବେଳେ ପୁଣେର ଭାରତୀ ବିଦ୍ୟାପୀଠ ମେଡିକାଲ କଲେଜ ଓ ହସ୍ପିଟାଲରେ ଏହାର ପରୀକ୍ଷା ଆରମ୍ଭ ହୋଇଛି। ଦୁଇଜଣ ପୁରୁଷ ସ୍ୱେଚ୍ଛାସେବୀଙ୍କୁ ଏହି କୋଭିସିଲ୍ଡ ଟିକା ଦିଆଯାଇଛି। ଟିକା ଦେବା ପୂର୍ବରୁ ଡାକ୍ତରମାନେ ସେମାନଙ୍କ ତାପମାତ୍ରା, ରକ୍ତଚାପ ଓ ହୃଦ୍‌ସ୍ପନ୍ଦନ ମାପିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ୫ ସ୍ୱେଚ୍ଛାସେବୀ ନିଜକୁ ପଞ୍ଜୀକୃତ କରାଇଥିଲେ।

**ଜେଇଇ, ଏନ୍‌ଇଇଟି ପରୀକ୍ଷା**

# ବିଳମ୍ବ ହେଲେ ଗମ୍ଭୀର ପରିଣାମ

**ନୂଆଦିଲ୍ଲୀ, ୨୬।୮(ପି.ଟି.)**

ଜେଇଇ ଏବଂ ଏନ୍‌ଇଇଟି ପ୍ରବେଶିକା ପରୀକ୍ଷାରେ ଅଧିକ ବିଳମ୍ବର ପରିଣାମ ଗୁରୁତର ହୋଇପାରେ ବୋଲି ଆଇଆଇଟି, ଦିଲ୍ଲୀର ନିର୍ଦ୍ଦେଶକ ଭି. ରାମଗୋପାଳ ରାଓ କହିଛନ୍ତି। ଏହା କେବଳ ଆଇଆଇଟି ଶିକ୍ଷାବର୍ଷକୁ ପ୍ରଭାବିତ କରିବ ନାହିଁ, ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ମଧ୍ୟ ପ୍ରଭାବିତ କରିବ । କରୋନା ମହାମାରୀ ଆଳରେ ଦୁଇ ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ ରଖିବା ଲାଗି ବିଭିନ୍ନ ମହଲରୁ ଦାବି ହେଉଥିଲାବେଳେ ରାଓ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଦୁଇଟି ବ୍ୟାଚ୍‌କୁ କିପରି ଏକସଙ୍ଗେ ପଢ଼ାଯିବ ତାହା ସେ ଭାବିପାରୁନାହାନ୍ତି। ଏମିତି ହେଲେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଶୂନ ଶିକ୍ଷାବର୍ଷ ହେବ ବୋଲି ରାଓ କହିଛନ୍ତି।

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ଲାଗି ବୁଧବାର ମଧ୍ୟାହ୍ନ ୧୨ରେ ଆଡମିଟ୍ କାର୍ଡ ଛଡ଼ାଯାଇଛି। ଏହାର ମାତ୍ର ୩ ଘଣ୍ଟା ମଧ୍ୟରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ମେଡିକାଲ ପ୍ରବେଶିକା ପରୀକ୍ଷା ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ ହୋଇଥିବା ଜଣାପଡିଛି।

ଏନ୍‌ଇଇଟି ପରୀକ୍ଷା ସେପ୍ଟେମ୍ବର ୧୩ରେ ଅନୁଷ୍ଠିତ ହେବାକୁ ଥିଲାବେଳେ ଜେଇଇ ମେନ୍ ପରୀକ୍ଷା ସେପ୍ଟେମ୍ବର ୧ରୁ ୬ ମଧ୍ୟରେ ଅନୁଷ୍ଠିତ ହେବ। ଜେଇଇ ମେନ୍ ପାଇଁ ୯.୫୩ ଲକ୍ଷ ଛାତ୍ରଛାତ୍ର ନାମ ପଞ୍ଜୀକୃତ କରିଛନ୍ତି। ସେହିପରି ଏନ୍‌ଇଇଟି ପାଇଁ ୧୫.୯୭ ଲକ୍ଷ ଛାତ୍ରଛାତ୍ର ପଞ୍ଜୀକୃତ ହୋଇଛନ୍ତି।



ଭି. ରାମଗୋପାଳ ରାଓ

- ୩ ଘଣ୍ଟାରେ ୪ ଲକ୍ଷ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍
- କୋଭିଡ୍ ସମୟରେ ଛାତ୍ରଛାତ୍ରଙ୍କ ନିରାପତ୍ତାକୁ ଗୁରୁତ୍ୱ ଦେଇ ଆବଶ୍ୟକ ବ୍ୟବସ୍ଥା କରିଛି ଏନ୍‌ଟିଏ

କରୋନା ପାଇଁ ଉକ୍ତ ପରୀକ୍ଷାକୁ ସ୍ଥଗିତ ରଖିବା ଲାଗି ବିଭିନ୍ନ ମହଲରୁ ଦାବି ହେଉଥିଲାବେଳେ ନିର୍ଦ୍ଧାରିତ ସମୟରେ ପରୀକ୍ଷା ହେବ ବୋଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। କୋଭିଡ୍ ସମୟରେ ଛାତ୍ରଛାତ୍ରଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଏନ୍‌ଟିଏ ପକ୍ଷରୁ ଅଧିକ ପରୀକ୍ଷା କେନ୍ଦ୍ର, ବିକଳ୍ପ ସିଟ୍ ଯୋଜନା, ପ୍ରତି ପ୍ରକୋଷ୍ଠରେ କମ୍ ପିଲାଙ୍କୁ ବସାଇବା ଆଦି ବ୍ୟବସ୍ଥା କରାଯାଇଛି। ଜେଇଇ ମେନ୍ ପାଇଁ ପରୀକ୍ଷା କେନ୍ଦ୍ର ସଂଖ୍ୟା ୫୭୦ରୁ ୬୬୦କୁ ବୃଦ୍ଧି କରାଯାଇଛି। ସେହିପରି ଏନ୍‌ଇଇଟି ପାଇଁ ପରୀକ୍ଷା କେନ୍ଦ୍ର ସଂଖ୍ୟା ୨,୫୪୬ରୁ ୩,୮୪୩କୁ ବଢ଼ାଇ ଦିଆଯାଇଛି। ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ଜେଇଇ ମେନ୍ ପାଇଁ ଶିଫ୍ଟ ସଂଖ୍ୟା ୮ରୁ ୧୨କୁ ବୃଦ୍ଧି କରାଯାଇଥିବାରୁ ପ୍ରତି ଶିଫ୍ଟରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧.୩୨ ଲକ୍ଷରୁ ୮୫,୦୦୦କୁ ହ୍ରାସ ପାଇଛି। ଏନ୍‌ଇଇଟିରେ ପ୍ରତି ପ୍ରକୋଷ୍ଠରେ ୨୪ ପରିବର୍ତ୍ତେ ୧୨ ଜଣ ପିଲା ପରୀକ୍ଷା ଦେବେ।

## ସଂକ୍ରମଣ ରୋକିବାରେ ଏନ୍୯୫ ମାସ୍କ ଅଧିକ ପ୍ରଭାବୀ

**ନୂଆଦିଲ୍ଲୀ, ୨୬।୮(ପି.ଟି.)**





କରୋନା ସଂକ୍ରମଣ ରୋକିବାରେ ଏନ୍୯୫ ମାସ୍କ ସବୁଠୁ ଅଧିକ ପ୍ରଭାବୀ ବୋଲି ଭାରତୀୟ ବୈଜ୍ଞାନିକମାନେ କରିଥିବା ଏକ ଅଧ୍ୟୟନରୁ ଜଣାପଡିଛି। ଏଥିରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ବୈଜ୍ଞାନିକମାନେ ମଧ୍ୟ ସାମିଲ ଅଛନ୍ତି। ଆଦୌ ମାସ୍କ ନ ପିନ୍ଧିବା ଅପେକ୍ଷା ଯେକୌଣସି ମାସ୍କ ପିନ୍ଧିବା ଭଲ ବୋଲି ସେମାନେ କହିଛନ୍ତି। କାଶିବା କିମ୍ବା ଛିଙ୍କିବାବେଳେ ନିଃଶ୍ୱାସରେ ବାହାରୁଥିବା ଜଳକଣାର କରୋନା ସଂକ୍ରମଣରେ ପ୍ରମୁଖ ଭୂମିକା ରହିଛି। ଜଣେ ବ୍ୟକ୍ତି କାଶିବା ସମୟରେ ପାଟିରୁ ବାହାରୁଥିବା ଜଳକଣାଗୁଡ଼ିକ କିପରି ପ୍ରବାହିତ ହେଉଛି, ତା'ର ଏକ ଭିଜୁଆଲ ପ୍ରସ୍ତୁତ କରିଛନ୍ତି ଇସ୍ରୋ ବୈଜ୍ଞାନିକ ପଦ୍ମନାଭ ପ୍ରସନ୍ନ ସିମ୍ହା ଏବଂ କର୍ନାଟକର ଶ୍ରୀଜୟଦେବ ଇନ୍‌ଷ୍ଟିଚ୍ୟୁଟ ଅଫ୍ କାର୍ଡିଓଭାସ୍କୁଲାର ସାଇନ୍ସେସ୍ ଆଣ୍ଡ ରିସର୍ଚ୍ଚର ପ୍ରସନ୍ନ ସିମ୍ହା ମୋହନ ରାଓ। ଏହା ଫିଜିକ୍ସ ଅଫ୍ ଫ୍ଲୁଇଡ୍ସ ପତ୍ରିକାରେ ପ୍ରକାଶ ପାଇଛି। ଏନ୍୯୫ ମାସ୍କ ପିନ୍ଧିଲେ କାଶିବା ସମୟରେ ଜଳକଣାର ଭୂସମାନ୍ତରାଳ ପ୍ରବାହ ଯଥେଷ୍ଟ କମ୍ ହୋଇଥାଏ ବୋଲି ଏହି ପରୀକ୍ଷାରୁ ଜଣାପଡିଛି। କାରଣ ଏହି ମାସ୍କ ଯୋଗୁ କାଶର ପ୍ରାରମ୍ଭିକ ବେଗକୁ ୧୦ ଭାଗ ପର୍ଯ୍ୟନ୍ତ କମାଇଦେଇଥାଏ। ଫଳରେ ଏହାର ବେଗ ୦.୧ରୁ ୦.୨୫ ମିଟର ମଧ୍ୟରେ ରହିଥାଏ ବୋଲି ଗବେଷକମାନେ କହିଛନ୍ତି। ମୁହଁ ବନ୍ଦ ନ କରି କାଶିଲେ ଜଳକଣା ୩ ମିଟର ପର୍ଯ୍ୟନ୍ତ ଯାଇଥାଏ। ସାଧାରଣ ମାସ୍କରେ ଏହାର ବେଗ ୦.୫ ମିଟରକୁ ହ୍ରାସ ପାଇଥାଏ।

## ପଞ୍ଜାବର ୨୩ ବିଧାୟକଙ୍କୁ କରୋନା

**ନୂଆଦିଲ୍ଲୀ, ୨୬।୮:** ପଞ୍ଜାବ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଦୁଇଦିନ ଥିଲାବେଳେ ଏହାର ୨୩ ଜଣ ବିଧାୟକ ଓ ମନ୍ତ୍ରୀଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ମନ୍ତ୍ରୀ, ବିଧାୟକଙ୍କ ସ୍ଥିତି ଏପରି ହୋଇଥିଲା ବେଳେ ରାଜ୍ୟରେ କରୋନାର ପ୍ରକୃତ ସ୍ଥିତି କେତେ ଗମ୍ଭୀର ତାହା ସହଜେ ଅନୁମେୟ ବୋଲି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି। ଏଭଳି ସ୍ଥିତିରେ ମେଡିକାଲ ଏବଂ ଇଞ୍ଜିନିୟରିଂ ପାଠ୍ୟକ୍ରମ ଲାଗି ପ୍ରବେଶିକା ପରୀକ୍ଷା କରାଇବା ଅନୁକୂଳ ନୁହେଁ ବୋଲି ସେ ମତ ଦେଇଛନ୍ତି।

# ପୋଲିସ ଗୁଳିରେ ୨ କୃଷ୍ଣକାୟ ମୃତ





ଆମେରିକା ପୋଲିସର ଗୁଳିମାଡ଼ ପ୍ରତିବାଦରେ କେନୋଶାରେ ବିକ୍ଷୋଭ କରାଯାଉଛି।

**କେନୋଶା, ୨୬।୮**

ଆମେରିକାର କେନୋଶାରେ ମଙ୍ଗଳବାର ପୁଣି ପୋଲିସ ଗୁଳିରେ ୨ କୃଷ୍ଣକାୟ ପ୍ରାଣ ହରାଇଥିବାବେଳେ ଜଣେ ଆହତ ହୋଇଛନ୍ତି। କେନୋଶା ପୋଲିସ ଗତ ରବିବାର ଦିନ କୃଷ୍ଣକାୟ ଯୁବକ ଜାକୋବ ବ୍ଲେକ୍‌ଙ୍କ ଉପରକୁ ୱିସ୍‌କନ୍‌ସିନରେ ଗୁଳିମାଡ଼ କରିଥିଲା। ସେ ଏବେ ଗୁରୁତର ଅଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ବିକ୍ଷୋଭ କରାଯାଉଥିବାବେଳେ ପୋଲିସ ପୁଣି ଗୁଳି ଚଳାଇଛି। ମଙ୍ଗଳବାର ରାତି ୧୧.୪୫ରେ ପୋଲିସ ୩ ଜଣଙ୍କ ଉପରେ ଗୁଳିମାଡ଼ କରିଥିବା କେନୋଶା ପୋଲିସ ଅଧିକାରୀ ଜୋଶେଫ ନୋସାଲିକ୍ କହିଛନ୍ତି। ଆମେରିକାରେ ବର୍ଣ୍ଣବୈଷମ୍ୟବାଦକୁ ନେଇ ବିଭିନ୍ନ ସମୟରେ ଝଡ଼ ସୃଷ୍ଟି ହୋଇଥିବାବେଳେ ମିନିଆପଲିସ ପୋଲିସ ଗୁଳିରେ ଜର୍ଜ ଫ୍ଲୋଏଡ୍‌ଙ୍କୁ ହତ୍ୟା କରାଯିବା ପରିସ୍ଥିତିକୁ ଉଷ୍ମ କରିଥିଲା। ଏହାର ୩ ମାସ ପରେ ପୁଣି କୃଷ୍ଣକାୟଙ୍କୁ ଟାର୍ଗେଟ କରାଯାଇ ଗୁଳିମାଡ଼ କରାଯିବାରୁ ଅସନ୍ତୋଷ ତେଜିବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଖେଇ ଆସୁଥିବାବେଳେ ବର୍ଣ୍ଣବୈଷମ୍ୟବାଦ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରେ ବୋଲି କୁହାଯାଉଛି।

## ତରୁଣ ଗୋଗୋଇଙ୍କୁ କରୋନା

**ଗୁଆହାଟୀ, ୨୬।୮:** ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇ କରୋନାରେ ଆକ୍ରାନ୍ତ ଥିବା ଜଣାଇଛନ୍ତି। ନିକଟରେ ତାଙ୍କ ସଂସ୍ପର୍ଶରେ ଆସିଥିବାଲୋକେ କୋଭିଡ୍ ପରୀକ୍ଷା କରାଇନେବାକୁ ସେ କହିଛନ୍ତି।



ଦୀର୍ଘଦିନ ବନ୍ଦ ରହିବା ପରେ ଇଂଲଣ୍ଡର ଇଷ୍ଟ ମିଡ୍‌ଲ୍ୟାଣ୍ଡ୍‌ସରେ ବୁଧବାର ସ୍କୁଲ ଖୋଲିଥିବା ବେଳେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ କ୍ୟାଷ୍ଟଲ ରକ୍ ସ୍କୁଲ ପରିଦର୍ଶନରେ ଯାଇ ପିଲାମାନଙ୍କ ସହ ବସିଛନ୍ତି।

## ଗଭୀର କୋମାରେ ପ୍ରଣବ



**ନୂଆଦିଲ୍ଲୀ, ୨୬।୮(ପି.ଟି.):** ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଗଭୀର କୋମାରେ ରହିଥିବାବେଳେ ତାଙ୍କର ରେନାଲ ପାରାମିଟରରେ ସାମାନ୍ୟ ଅବ୍ୟବସ୍ଥିତ ଦେଖାଦେଇଥିବା ବୁଧବାର ହସ୍ପିଟାଲ ପକ୍ଷରୁ କୁହାଯାଇଛି। ୮୪ ବର୍ଷୀୟ ପ୍ରଣବ ଭେଣ୍ଟିଲେଟର ସପୋର୍ଟରେ ରହିଛନ୍ତି। ମସ୍ତିଷ୍କରେ ଜମାଟ ବାନ୍ଧିଥିବା ରକ୍ତକୁ କାଢ଼ିବା ପାଇଁ ଅଗଷ୍ଟ ୧୦ରେ ତାଙ୍କୁ ଆର୍ମି ରିସର୍ଚ୍ଚ ଆଣ୍ଡ ରେଫରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମସ୍ତିଷ୍କରେ ଅସ୍ତ୍ରୋପଚାର ପରେ ତାଙ୍କ ଫୁସ୍‌ଫୁସ୍‌ରେ ସଂକ୍ରମଣ ଦେଖାଦେଇଥିଲା। ହସ୍ପିଟାଲରେ ଭର୍ତ୍ତି ହେବା ସମୟରେ ତାଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା।

# ଚାଇନା ବାୟୁସୀମାରେ ଆମେରିକା ଗୁପ୍ତଚର ବିମାନ

**ବେଜିଂ, ୨୬।୮**

ସମରାଭ୍ୟାସ ବେଳେ ଆମେରିକା ସୈନ୍ୟବାହିନୀର ଏକ ବିମାନ ଚାଇନା ବାୟୁସୀମା ମଧ୍ୟରେ ପ୍ରବେଶ କରିବାରୁ ବେଜିଂ ପ୍ରତିବାଦ ଜଣାଇଛି। ଏଭଳି କାର୍ଯ୍ୟ ଉତ୍ତେଜନା ବଢ଼ାଇବ ଏବଂ ଭୁଲ୍ ଆକଳନ କିମ୍ବା ଦୁର୍ଘଟଣା ଘଟାଇପାରେ ବୋଲି ଚାଇନା ପକ୍ଷରୁ ସତର୍କ କରିଦିଆଯାଇଛି। ଆମେରିକାର ଏକ ଗୁପ୍ତଚର ବିମାନ ମଙ୍ଗଳବାର ଚାଇନା ବାୟୁସୀମା ଅତିକ୍ରମ କରିଥିଲାବେଳେ ବୁଧବାର ଦ୍ୱିତୀୟ ଗୁପ୍ତଚର ବିମାନ ଦକ୍ଷିଣ ଚାଇନା ସାଗର ଉପରେ ଉଡିଥିଲା। ସମରାଭ୍ୟାସ ବେଳେ ଚାଇନାର ମୁଖ୍ୟ ଭୂଖଣ୍ଡ ମଧ୍ୟକୁ ଆମେରିକାର ଗୁପ୍ତଚର ବିମାନ ପ୍ରବେଶ କରିବା ଘଟଣାରେ ଚାଇନା ବହିର୍ବ୍ୟାପାର ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରତିବାଦ ଜଣାଇଛନ୍ତି। ଯୁକ୍ତରାଷ୍ଟ୍ରର ଏଭଳି କାର୍ଯ୍ୟ ଚାଇନାର ସ୍ୱାଭାବିକ ସମରାଭ୍ୟାସ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଗୁରୁତର ପ୍ରଭାବିତ କରିଛି ବୋଲି ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ୟୁ କିଆନ୍ କହିଛନ୍ତି।

## ତେଲଙ୍ଗାନାରେ ୨ ଜଣଙ୍କୁ କରୋନା ପୁନଃ ସଂକ୍ରମଣ

**ହାଇଦ୍ରାବାଦ, ୨୬।୮(ଆଇଏଏନ୍‌ଏସ୍):** ତେଲଙ୍ଗାନାରେ କରୋନାରୁ ସୁସ୍ଥ ହୋଇଥିବା ୨ ଜଣ ପୁଣି ଥରେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏତାଲା ରାଜେନ୍ଦର ସ୍ପଷ୍ଟ କରିଛନ୍ତି। ଜଣେ ଥରେ କରୋନାରେ ଆକ୍ରାନ୍ତ ହେଲେ ପୁଣି ସଂକ୍ରମିତ ହେବ ନାହିଁ ତାହାର କୌଣସି ଗ୍ୟାରେଣ୍ଟି ନାହିଁ ବୋଲି ସେ କହିଛନ୍ତି। ଯେଉଁମାନଙ୍କଠାରେ କମ୍ ଆଣ୍ଟିବଡି ତିଆରି ହେଉଛି, ସେମାନଙ୍କୁ ପୁନଃ ସଂକ୍ରମଣ ହେବାର ଆଶଙ୍କା ରହିଛି।

# ୨ ବସ୍ ମଧ୍ୟରେ ଧକ୍କା: ୬ ମୃତ


**ଲକ୍ଷ୍ନୌ, ୨୬।୮**

ଉତ୍ତରପ୍ରଦେଶର ଲକ୍ଷ୍ନୌ-ହରଦୋଇ ଜାତୀୟ ରାଜପଥର କୋକାରି ଅନ୍ତର୍ଗତ ବାଜପୁରଠାରେ ବୁଧବାର ସକାଳ ୭ଟାରେ ବିପରିତ ଦିଗରୁ ଆସୁଥିବା ଦୁଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୬ ଜଣ ଯାତ୍ରୀଙ୍କ ପ୍ରାଣହାନି ଘଟିଛି। ଏହାଦ୍ୱାରା ପ୍ରାୟ ୮ ଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ଚିକିତ୍ସା ଲାଗି ଲକ୍ଷ୍ନୌ ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଛି। ଏକ ଗାଡ଼ିକୁ ଓଭରଟେକ୍ କଲାବେଳେ ଏଭଳି ଦୁର୍ଘଟଣା ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲା। ଏନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଦୁଃଖପ୍ରକାଶ କରିବା ସହ ଆହତଙ୍କୁ ତତ୍କାଳ ଚିକିତ୍ସା ଯୋଗାଇଦେବା ଲାଗି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତରପ୍ରଦେଶ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି। ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବା ଲାଗି ଗଠିତ ୩ଜଣିଆ ଟିମ୍‌କୁ କୁହାଯାଇଛି।



# ରିଆଙ୍କ ବିରୋଧରେ ଆପରାଧିକ ମାମଲା

ନୂଆଦିଲ୍ଲୀ, ୨୬।୮



- ସୁଶାନ୍ତ ସିଂ ମୃତ୍ୟୁ ମାମଲା
- ଇଡି ଖୋଳତାଡ଼ରୁ ଡ୍ରଗ୍ସ କଥା ଜଣାପଡ଼ିଲା
- ତଦନ୍ତରେ ସାମିଲ ହେଲା ଏନ୍‌ସିବି

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ଏକ ନୂଆ ଘଟଣା ସାମ୍ନାକୁ ଆସିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖୋଳତାଡ଼ରୁ ଜଣାପଡ଼ିଛି ଯେ, ସୁଶାନ୍ତ ସିଂ ଓ ତାଙ୍କ ପ୍ରେମିକା ରିଆ ଚକ୍ରବର୍ତ୍ତୀଙ୍କୁ ଡ୍ରଗ୍ସ ଯୋଗାଯାଉଥିଲା। ମନିଲଣ୍ଡରିଂ ମାମଲାକୁ ନେଇ ଇଡି ତଦନ୍ତ କରୁଥିବାବେଳେ ମଙ୍ଗଳବାର ଏନେଇ ଏକ ଚିଠି ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)କୁ ମିଳିଥିଲା ବୋଲି ଏହାର ନିର୍ଦ୍ଦେଶକ ରାକେଶ ଆସ୍ଥାନା ପ୍ରକାଶ କରିଛନ୍ତି। ଏବେ ଏନ୍‌ସିବି ଟିମ୍ ତଦନ୍ତରେ ସାମିଲ ହୋଇ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେରା କରିବ ବୋଲି ସେ କହିଛନ୍ତି।

ଇଡି ପକ୍ଷରୁ ରିଆଙ୍କ ଟାଲେଣ୍ଟ ମ୍ୟାନେଜର ଜୟା ଶାହାଙ୍କୁ ଜେରା କରାଯିବାବେଳେ ଏଭଳି ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ତେବେ ସେହି ଡ୍ରଗ୍ସଟି କ'ଣ ଓ କିଏ ଏହାକୁ ବ୍ୟବହାର କରୁଥିଲେ, ସେ ସମ୍ପର୍କରେ ତଥ୍ୟ ପଦାକୁ ଆସିନାହିଁ। ତେବେ ରିଆ ଡ୍ରଗ୍ ଡିଲରଙ୍କ ସହ ସମ୍ପର୍କରେ ଥିବା ଅଭିଯୋଗ ହୋଇଛି। ଫୋନ୍ ଚାଟ୍‌ରୁ ଏଭଳି ସନ୍ଦେହ କରାଯାଇଛି। ଏହା ପରେ ଏନ୍‌ସିବି ପକ୍ଷରୁ ରିଆଙ୍କ ବିରୋଧରେ ବିଭିନ୍ନ ଦଫାରେ ଆପରାଧିକ ମାମଲା ରୁଜୁ କରାଯାଇଛି। ତେବେ ରିଆଙ୍କ ଓକିଲ ସତୀଶ ମାନସିଂଦେ କହିଛନ୍ତି, ରିଆ ଜୀବନକାଳ ମଧ୍ୟରେ କେବେ ବି ଡ୍ରଗ୍ସ ନେଇନାହାନ୍ତି। ବ୍ଲଡ୍ ସାମ୍ପଲ ପରୀକ୍ଷା ଲାଗି ସେ ପ୍ରସ୍ତୁତ ଅଛନ୍ତି। ସେପଟେ ସୁଶାନ୍ତଙ୍କ ବାପା କେ. କେ. ସିଂଙ୍କ ଓକିଲ ବିକାଶ ସିଂ ଏହାକୁ ଏକ ଗୁରୁତର ଘଟଣା ବୋଲି କହି ବ୍ୟାପକ ତଦନ୍ତର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ପ୍ରକାଶଥାଉ କି, ସୁଶାନ୍ତଙ୍କ ମୃତଦେହ ଜୁନ୍ ୧୪ରେ ବାନ୍ଦ୍ରାସ୍ଥିତ ତାଙ୍କ ଫ୍ଲାଟ୍‌ରୁ ଉଦ୍ଧାର କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦରୁ ସେ ଆତ୍ମହତ୍ୟା କରିଥିବା ଦର୍ଶାଯାଇଥିଲା। ଏହା ପରେ ବିବାଦ ଉପୁଜିବାରୁ ସିବିଆଇକୁ ସୁପ୍ରିମକୋର୍ଟ ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।

# ‘ସମଲିଙ୍ଗୀଙ୍କୁ ଏକାଠି ରହିବାକୁ ସମାଜ ସୁଯୋଗ ଦେଉ’

**ସମଲିଙ୍ଗୀ ସାଥୀଙ୍କୁ ଉଦ୍ଧାର ମାମଲା**

କଟକ ଅଫିସ,୨୬।୮

ସାମ୍ପ୍ରତିକ ସାମାଜିକ ମୂଲ୍ୟବୋଧ ଓ ବ୍ୟବସ୍ଥାର ପ୍ରତିଫଳନ ହେଉଛି ଆଇନ। ସମୟ ଅନୁସାରେ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଥାଏ। ଅଦାଲତ ଏହି ସବୁ ପରିବର୍ତ୍ତନକୁ ତର୍ଜମା କରିବା ସହ କାର୍ଯ୍ୟକାରୀ କରିବାକୁ ଅନୁମତି ଦେଇଥାନ୍ତି, ଯାହାକି ସମଲିଙ୍ଗୀ ସମ୍ପର୍କକୁ ନେଇ ହାଇକୋର୍ଟଙ୍କ ଏକ ସଦ୍ୟ ରାୟରୁ ସ୍ପଷ୍ଟ ହୋଇଛି।

କଥାରେ ଅଛି ପ୍ରେମ ମାନେନା ବାଧା ବନ୍ଧନ। ତେଣୁ ସମସ୍ତ ବାଧା ବନ୍ଧନକୁ ଡେଇଁ ଲିଭ୍ ଇନ୍ ରିଲେଶନଶିପରେ ରହିବାକୁ ଚାହୁଁଥିବା ସମଲିଙ୍ଗୀଙ୍କୁ ଏକାଠି ରହିବାର ଅଧିକାରକୁ ସମାଜ ସୁଯୋଗ ଦେବା ଆବଶ୍ୟକ ବୋଲି ହାଇକୋର୍ଟ ଏକ ରାୟରେ କହିଛନ୍ତି। ସମଲିଙ୍ଗୀ ସାଥୀଙ୍କୁ ଉଦ୍ଧାର ପାଇଁ ହାଇକୋର୍ଟରେ ଏକ ହେଭିୟସ୍ କର୍ପସ ପିଟିଶନ ଦାଏର ହୋଇଥିଲା। ଏଥିରେ ସମ୍ପୃକ୍ତ ପାର୍ଟନରଙ୍କୁ ସୁରକ୍ଷା ଦେବା ପାଇଁ ସୁପ୍ରିମକୋର୍ଟଙ୍କ କେତେକ ରାୟର ଅବତାରଣା କରାଯାଇଥିଲା। ଜଷ୍ଟିସ ଏସ୍.କେ. ମିଶ୍ର ଏବଂ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରିଣୀଙ୍କ ସାଥୀଙ୍କୁ ପରିବାରଠାରୁ ମୁକ୍ତ କରିବା ସହ ତାଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଇଦେବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ରାୟରେ କହିଛନ୍ତି, ଜଣଙ୍କ ଲିଙ୍ଗଗତ ପରିଚୟ ତାଙ୍କ ସମ୍ମାନର ମୌଳିକ ଅଧିକାର ସଦୃଶ। ବ୍ୟକ୍ତିଗତ ସ୍ୱାଧୀନତା ଅନ୍ୟ କାହାଦ୍ୱାରା କ୍ଷୁଣ୍ଣ ହେବା ଅନୁଚିତ। ଏପରି କି ନିଜ ଇଚ୍ଛାରେ ଜୀବନଯାପନ କରିବାର ନିଷ୍ପତ୍ତି ନିଜେ ନେବା ଅଧିକାର ସମସ୍ତଙ୍କର ରହିଛି। ଏଥିରେ କେହି ହସ୍ତକ୍ଷେପ କରିବା ଅନୁଚିତ ବୋଲି ଜଷ୍ଟିସ୍ ମିଶ୍ର କହିଛନ୍ତି। ଏହି କଥାକୁ ବିଚାରପତି ରଥ ସମ୍ମତି ଜଣାଇବା ସହ ଲିଭ୍ ଇନ୍ ରିଲେଶନଶିପ୍‌ରେ ରହିବା ଜଣେ ବ୍ୟକ୍ତିର ନିଜସ୍ୱ ନିଷ୍ପତ୍ତି ବୋଲି ସ୍ପଷ୍ଟ କରିଛନ୍ତି।



ଉଲ୍ଲେଖଯୋଗ୍ୟ, ୨୦୧୧ରୁ ଆବେଦନକାରିଣୀ ଯୁବତୀଙ୍କ ସହ ଯାଜପୁର ଜିଲା ବରୀ ଅଞ୍ଚଳର ଜଣେ ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟେ ଦୀର୍ଘଦିନ ଧରି ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରେ ଏକାଠି ରହୁଥିଲେ। ପରେ ଲିଭ୍ ଇନ୍ ରିଲେଶନ୍‌ଶିପ୍‌ରେ ରହିବା ପାଇଁ ୨୦୨୦ ମାର୍ଚ୍ଚ ୧୭ରେ ସେମାନେ ଭୁବନେଶ୍ୱର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ସତ୍ୟପାଠ ଦାଖଲ କରିଥିଲେ। ଏକଥା ଜାଣିବା ପରେ ବରୀ ଯୁବତୀଙ୍କ ମା’ ଓ ମାମୁ ବଳପୂର୍ବକ ତାଙ୍କୁ ଉଠାଇନେଇ ଆଉ ଜଣଙ୍କ ସହ ବିବାହ କରିବାକୁ ବାଧ କରିଥିଲେ। ଫଳରେ ଆବେଦନକାରିଣୀ ଯୁବତୀ ଖଣ୍ଡଗିରି ଓ ବରୀ ଥାନାରେ ଏତଲା ଦେଇଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଆବେଦନକାରିଣୀ ଜୁଲାଇ ୩ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକୁ ଗ୍ରହଣ କରି ଅଦାଲତ ବରୀର ଯୁବତୀଙ୍କୁ ଭିଡିଓ କନ୍‌ଫରେନ୍ସ ଜରିଆରେ କୋର୍ଟରେ ହାଜର କରିବାକୁ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ସମ୍ପୃକ୍ତା ଯୁବତୀଙ୍କୁ ଗତ ୧୭ତାରିଖରେ ଅଦାଲତଙ୍କ ନିକଟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ହାଜର କରାଯାଇ ତାଙ୍କର ବୟାନ ରେକର୍ଡ କରାଯାଇଥିଲା। ସେଥିରେ ବରୀର ଯୁବତୀ ଜଣକ ତାଙ୍କ ସମଲିଙ୍ଗୀ ସାଥୀଙ୍କ ସହ ରହିବାକୁ ଚାହିଁଥିଲେ। ଉଭୟେ ସାବାଳିକା ହୋଇଥିବାରୁ ଆବେଦନକାରିଣୀ ଏବଂ ତାଙ୍କ ସମଲିଙ୍ଗୀ ସାଥୀ ଏକାଠି ଲିଭ୍ ଇନ୍ ରିଲେଶନଶିପ୍‌ରେ ରହିପାରିବେ। ଏଥିରେ ପରିବାର ଲୋକେ ସହଯୋଗ କରିବା ଆବଶ୍ୟକ ବୋଲି ଖଣ୍ଡପୀଠ ରାୟରେ ପ୍ରକାଶ କରିଛନ୍ତି।




## ଶୀଘ୍ର ଶେଷ ହେବ ଶିଳ୍ପପାର୍କ କାର୍ଯ୍ୟ

**ଭୁବନେଶ୍ୱର, ୨୬।୮(ବ୍ୟୁରୋ):** ରାଜ୍ୟର ନିର୍ମାଣାଧୀନ ଶିଳ୍ପ ପାର୍କଗୁଡ଼ିକ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ। ଶିଳ୍ପ ବିଭାଗରେ ୫-ଟି ଓ ‘ମୋ ସରକାର’ କାର୍ଯ୍ୟକାରିତାର ସମୀକ୍ଷା ବେଳେ ବୁଧବାର ଏହି ସୂଚନା ଦେଇଛନ୍ତି ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର। ଏହି ବିଶ୍ୱସ୍ତରୀୟ ଶିଳ୍ପ ପ୍ରତିଷ୍ଠାନ ମଧ୍ୟରେ ପାରାଦୀପ ପ୍ଲାଷ୍ଟିକ୍ ପାର୍କ, ଅନୁଗୋଳ ଆଲୁମିନିୟମ୍ ପାର୍କ, ଡେରାଶ ସାମୁଦ୍ରିକ ଖାଦ୍ୟ ପାର୍କ ଏବଂ ଭୁବନେଶ୍ୱର ଇଲେକ୍‌ଟ୍ରୋନିକ୍ସ ପାର୍କ ଅନ୍ତର୍ଭୁକ୍ତ। ଏହି ଅବସରରେ କଳିଙ୍ଗନଗରସ୍ଥିତ ଇସ୍ପାତ କ୍ଲଷ୍ଟର, ଜାତୀୟ ନିବେଶ ଓ ପ୍ରସ୍ତୁତକାରୀ ଜୋନ, ପାରାଦୀପସ୍ଥିତ ପେଟ୍ରୋଲିୟମ କେମିକାଲ ଏବଂ ପେଟ୍ରୋକେମିକାଲ୍ସ ପୁଞ୍ଜିନିବେଶ ଅଞ୍ଚଳ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। କେସିଙ୍ଗାସ୍ଥିତ ଏମ୍‌ଏସ୍‌ଏମ୍‌ଇ ପାର୍କ ଯଥାଶୀଘ୍ର ସାରିବା ଏବଂ ଭବାନୀପାଟଣାଠାରେ ଏକ ଇଡ୍‌କୋ ଟାୱାର ପ୍ରତିଷ୍ଠା ଲାଗି ଯୋଜନା ପ୍ରସ୍ତୁତ କରିବା ଲାଗି ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଆକର୍ଷଣୀୟ ସ୍ଥାନରେ ଅବସ୍ଥିତି ଓ ସୁଲଭ ଜମି ମୂଲ୍ୟ ଯୋଗୁ ନିବେଶକାରୀଙ୍କୁ ଏସବୁ ଶିଳ୍ପପାର୍କ ଆକୃଷ୍ଟ କରିପାରିଛି। କୋଭିଡ୍ ମହାମାରୀ ସମୟରେ ଇଡ୍‌କୋ ଏହିସବୁ ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ଶେଷ କରିପାରିଥିବାରୁ ମନ୍ତ୍ରୀ ପ୍ରଶଂସା କରିଥିଲେ।

## କରୋନା ସଂକ୍ରମଣ ସ୍ଥିତି

ବୁଧବାର ରାତି ୯ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୪୧,୫୮,୦୧୪ | ୮,୨୫,୪୧୩ | ୧,୬୬,୮୪,୭୧୬ |
| ଭାରତ | ୩୨,୮୬,୫୧୨ | ୬୦,୨୬୭ | ୨୫,୦୬,୭୨୪ |
| ଓଡ଼ିଶା | ୮୭,୬୦୨ | ୪୪୧(+୫୩) | ୬୨,୮୧୩ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଓଡ଼ିଶା ପରିବେଶ ପର୍ଯ୍ୟଟନର ପେଣ୍ଠସ୍ଥଳୀ ହୋଇପାରିବ

ଭୁବନେଶ୍ୱର, ୨୬।୮(ବ୍ୟୁରୋ)



- ମୋଦି ସରକାରଙ୍କ ବନ୍ୟଜନ୍ତୁ ସଂରକ୍ଷଣ ଓ ଜଙ୍ଗଲ ସୁରକ୍ଷା ପଦକ୍ଷେପ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଟୁଇଟ୍
- କେନ୍ଦ୍ର ସରକାରଙ୍କ ଉଦ୍ୟମ ଓଡ଼ିଶା ପର୍ଯ୍ୟଟନକୁ ବ୍ୟାପକ ଓ ବିକଶିତ କରିବ

ଜୈବ ବିବିଧତା ପାଇଁ ଓଡ଼ିଶା ଦେଶରେ ପରିବେଶ ପର୍ଯ୍ୟଟନର ପେଣ୍ଠସ୍ଥଳୀ ହେବାର କ୍ଷମତା ରଖିଛି। ବନ୍ୟଜନ୍ତୁ ସଂରକ୍ଷଣ ସମେତ ଜୈବ ବିବିଧତାକୁ ସଶକ୍ତ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟା ଯୋଗୁ ଓଡ଼ିଶାର ପର୍ଯ୍ୟଟନକୁ ବ୍ୟାପକ ଓ ବିକଶିତ କରିବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦର୍ଶାଇଛନ୍ତି ଯେ, ଉଦ୍ଭିଦ ଓ ଜୀବଜନ୍ତୁଙ୍କ ସମ୍ଭାରରେ ପରିପୂର୍ଣ୍ଣ ଭାରତ ବିଶ୍ୱର ଜୈବ ବିବିଧତାର ପ୍ରାୟ ୭ରୁ ୮ ପ୍ରତିଶତ। ବନ୍ୟଜନ୍ତୁ ଓ ଜୈବ ବିବିଧତାର ସଂରକ୍ଷଣ, ପରିଚାଳନା ତଥା ସୁରକ୍ଷା ସମ୍ବନ୍ଧରେ ଭାରତ ବହୁ ଅନ୍ତର୍ଜାତୀୟ ସମ୍ମିଳନୀରେ ଚୁକ୍ତି ସ୍ୱାକ୍ଷର କରିଛି। ଭାରତ ସରକାରଙ୍କ ବାଘ ପ୍ରକଳ୍ପ ସଫଳତା ପାଇଛି। ଦୁଇ ବର୍ଷ ମଧ୍ୟରେ ବାଘ ସଂଖ୍ୟାକୁ ଦୁଇଗୁଣା କରି ଭାରତ କୃତିତ୍ୱ ହାସଲ କରିପାରିଛି। ଭାରତ ସରକାର କ୍ରମାଗତ ଭାବେ ସନ୍ତସନ୍ତିଆ ଅଞ୍ଚଳ ଓ ବିଲୁପ୍ତପ୍ରାୟ ପ୍ରଜାତିଗୁଡ଼ିକର ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଓଡ଼ିଶା ପୂର୍ବ ଭାରତର ଜୈବ ବିବିଧତା ହଟ୍‌ସ୍ପଟ୍ ମଧ୍ୟରୁ ଅନ୍ୟତମ। ଶିମିଳିପାଳ ଅଭୟାରଣ୍ୟ, ଗନ୍ଧମାର୍ଦ୍ଦନ ପର୍ବତ, ଚିଲିକା, ଭିତରକନିକା ଏବଂ ଦେଓମାଳି ପର୍ବତରେ ୨୭୦୦ରୁ ଅଧିକ ପ୍ରଜାତିର ପ୍ରାଣୀ ବାସ କରନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଡଲଫିନ୍ ପ୍ରକଳ୍ପ ଓଡ଼ିଶାର ଇରାୱାଡ଼ି ଡଲ୍‌ଫିନ ଏବଂ ଅଲିଭ୍ ରିଡଲେ କଇଁଛଙ୍କ ପାଇଁ ବରଦାନ ସଦୃଶ ହେବ। ଉତ୍ସର୍ଗୀକୃତ ବୃକ୍ଷରୋପଣ କାର୍ଯ୍ୟ ଯୋଗୁ ଓଡ଼ିଶାରେ ଜଙ୍ଗଲ ପରିମାଣ ବୃଦ୍ଧିପାଇଛି। ରାଜ୍ୟରେ ସବୁଜବଳୟ ବୃଦ୍ଧି ପାଇଁ କେନ୍ଦ୍ର ସରକାର ସମର୍ଥନ ଦେଇଛନ୍ତି। ଗତଥର କାମ୍ପା ପାଣ୍ଠି ଅଧୀନରେ ବୃକ୍ଷରୋପଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଲାଗି କେନ୍ଦ୍ର ସରକାର ଓଡ଼ିଶାକୁ ୫୯୩୩.୯୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପରିବେଶକୁ କ୍ଷତି ନ ପହଞ୍ଚାଇ ସ୍ଥିର ବିକାଶ ଓ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଦିଗରେ ମୋଦି ସରକାର ବିଶ୍ୱାସ କରନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଟୁଇଟ୍ କରିଛନ୍ତି।

# ଶିଖର ଆଡ଼କୁ ସଂକ୍ରମଣ

## ଦିନକରେ ୩୩୭୧ ଆକ୍ରାନ୍ତ, ୩୩୪୩ ସୁସ୍ଥ, ୧୩ ମୃତ

- ରେକର୍ଡ ଭାଙ୍ଗିଲା କରୋନା
- ଆକ୍ରାନ୍ତ ସଂଖ୍ୟା ୮୭,୬୦୨, ମଲେଣି ୪୪୧

ଭୁବନେଶ୍ୱର,୨୬।୮(ବ୍ୟୁରୋ)

ସଂକ୍ରମଣକୁ ସୁହାଉଛି ଲଗାଣ ବର୍ଷା। ଫଳରେ ରାଜ୍ୟରେ କରୋନା ଗ୍ରାଫ୍ ଉପରମୁହାଁ ରହିଛି। ଶେଷ ୨୪ ଘଣ୍ଟାରେ ଏହି ମହାମାରୀ ସବୁ ରେକର୍ଡ ଭାଙ୍ଗିଛି। ୩୦ ଜିଲାରୁ ୩,୩୭୧ ନୂଆ କରୋନା ରୋଗୀ ଚିହ୍ନଟ ହୋଇଥିବାବେଳେ ୧୩ ଜଣଙ୍କ ଜୀବନ ଯାଇଛି। ଅଗଷ୍ଟରେ ଶିଖରରେ ସଂକ୍ରମଣ ପହଞ୍ଚିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଥିଲେ। ଏବେ ସଂକ୍ରମଣ ସେଇ ଆଡ଼କୁ ମୁହାଁଇଛି। ଇତିମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୮୭,୬୦୨ରେ ପହଞ୍ଚିଥିବାବେଳେ କରୋନା ମୃତ୍ୟୁ ୪୪୧ ଛୁଇଁଛି। ବୁଧବାର ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟରୁ ଏହା ଜଣାପଡିଛି।

ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୫୪୭ଜଣ ଚିହ୍ନଟ ହୋଇଛନ୍ତି। ଏହା ତଳକୁ କଟକରୁ ୩୫୭, ଗଞ୍ଜାମରୁ ୧୯୬, ଯାଜପୁର ୧୭୩, ନୟାଗଡ଼ ୧୭୧, ସୁନ୍ଦରଗଡ଼ ୧୫୪, ରାୟଗଡ଼ା ୧୪୬, ପୁରୀ ୧୪୪, ମାଲକାନଗିରି ୧୩୪, ଭଦ୍ରକ ୧୧୪, ସମ୍ବଲପୁର ୧୦୭, ବାଲେଶ୍ୱର ଓ ବରଗଡ଼ରୁ ୯୮ଜଣ ଲେଖାଏ, ଜଗତ୍‌ସିଂହପୁର ୯୫, ଝାରସୁଗୁଡ଼ା ୯୩, ମୟୂରଭଞ୍ଜ ୯୨, କୋରାପୁଟ ୯୧, ବଲାଙ୍ଗୀର ଓ କେନ୍ଦ୍ରାପଡ଼ାରୁ ୭୬ଜଣ ଲେଖାଏ, କେନ୍ଦୁଝର ୭୪, ଢେଙ୍କାନାଳ ୬୭, ନବରଙ୍ଗପୁର ୬୫, ଅନୁଗୋଳ ୬୩, ଗଜପତି ଓ କନ୍ଧମାଳରୁ ୪୧ଜଣ ଲେଖାଏ, କଳାହାଣ୍ଡି ୨୮, ନୂଆପଡ଼ା ୧୫, ଦେବଗଡ଼ ୮, ବୌଦ୍ଧରୁ ୪ ଓ ସୁବର୍ଣ୍ଣପୁରରୁ ୩ଜଣ ନୂଆ ପଜିଟିଭ୍ ବାହାରିଛନ୍ତି।

ସେହିଭଳି ମୃତ ୧୩ଜଣଙ୍କ ମଧ୍ୟରେ ସୁନ୍ଦରଗଡ଼ ଓ ସମ୍ବଲପୁରରୁ ୩ଜଣ ଲେଖାଏ ଥିବାବେଳେ ଗଞ୍ଜାମ ଓ କଟକରୁ ୨ଜଣ ଲେଖାଏ, କେନ୍ଦୁଝର, ଖୋର୍ଦ୍ଧା ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ରେକର୍ଡ ସଂଖ୍ୟକ ଆକ୍ରାନ୍ତ ଆରୋଗ୍ୟ ହୋଇଛନ୍ତି। ଦିନକରେ ମୋଟ ୩୩୪୩ଜଣ ଆରୋଗ୍ୟ ହେବା ପରେ ରାଜ୍ୟରେ ଏହି ସଂଖ୍ୟା ୬୨୮୧୩କୁ ବୃଦ୍ଧି ପାଇଛି।

ସେପଟେ ରାଜ୍ୟର ୪ ଜିଲାକୁ ଛାଡ଼ି ୨୬ ଜିଲା ରେଡ୍ ଜୋନ୍‌କୁ ଚାଲି ଆସିଛି। ଦେବଗଡ଼ ଜିଲା ଗ୍ରୀନ୍ ଜୋନ୍‌ରେ ରହିଥିବାବେଳେ ନୂଆପଡ଼ା, ସୁବର୍ଣ୍ଣପୁର ଓ ବୌଦ୍ଧ ୟେଲୋ ଜୋନ୍‌ରେ ରହିଛି। ଦେବଗଡ଼ ଜିଲାରେ ସର୍ବନିମ୍ନ ୧୬୭ଜଣ ସଂକ୍ରମିତ ହୋଇଥିବାବେଳେ ନୂଆପଡ଼ାରେ ୩୪୦, ସୁବର୍ଣ୍ଣପୁରରେ ୫୩୧ ଓ ବୌଦ୍ଧ ଜିଲାରେ ୫୪୩ଜଣ ରହିଛନ୍ତି।

# ମୋରାଟୋରିୟମ ମାମଲାରେ କେନ୍ଦ୍ରକୁ ଭର୍ତ୍ସନା

**ସପ୍ତାହେ ମଧ୍ୟରେ ପକ୍ଷ ରଖିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

**ନୂଆଦିଲ୍ଲୀ,୨୬।୮:** କରୋନା ମହାମାରୀ ଯୋଗୁ ଲୋକମାନେ ସାମ୍ନା କରୁଥିବା ବିଭିନ୍ନ ଆର୍ଥିକ ସମସ୍ୟାରୁ ଆଶ୍ୱସ୍ତି ଦେବାକୁ ରିଜର୍ଭ ବ୍ୟାଙ୍କ ଋଣ କିସ୍ତି ପ୍ରଦାନ ଉପରେ ମୋରାଟୋରିୟମ ସୁବିଧା ବା ଆଶ୍ୱସ୍ତି ଦେଇଥିଲେ। ହେଲେ ଏହି ମୋରାଟୋରିୟମ ଏହାର ପ୍ରକୃତ ଉଦ୍ଦେଶ୍ୟ ପୂରଣ କରିବାରେ ସକ୍ଷମ ହୋଇପାରି ନଥିବା ଜଣାପଡ଼ିଛି। ଲୋକମାନେ ମୋରାଟୋରିୟମ ଦ୍ୱାରା କିଛି ଲାଭ ପାଉ ନ ଥିବାରୁ ଏହାକୁ ନେଇ ସୁପ୍ରିମକୋର୍ଟରେ ଆଗ୍ରା ନିବାସୀ ଗଜେନ୍ଦ୍ର ଶର୍ମା ଆବେଦନ କରିଥିଲେ। ଉକ୍ତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ବୁଧବାର ଭର୍ତ୍ସନା କରିଛନ୍ତି। ମୋରାଟୋରିୟମ ଅବଧି ମଧ୍ୟରେ ସୁଧଛାଡ଼ ପ୍ରସଙ୍ଗ ଉପରେ ନ୍ୟାୟାଳୟ ଚିନ୍ତା ପ୍ରକଟ କରିଛନ୍ତି। ଏହି ପ୍ରସଙ୍ଗ ଉପରେ କେନ୍ଦ୍ର ଗୋଟିଏ ସପ୍ତାହ ମଧ୍ୟରେ ନିଜର ପକ୍ଷ ରଖୁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଳମ୍ବରେ ଋଣ କିସ୍ତି ପ୍ରଦାନ କ୍ଷେତ୍ରରେ ଲାଗୁ ହେଉଥିବା ସୁଧ ଉପରେ ସୁଧ ଭଳି ପ୍ରସଙ୍ଗକୁ ନେଇ ଜଷ୍ଟିସ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଖଣ୍ଡପୀଠ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା ଆଇନରେ କେନ୍ଦ୍ର ନିକଟରେ ପର୍ଯ୍ୟାପ୍ତ କ୍ଷମତା ରହିଛି। ମାତ୍ର କେନ୍ଦ୍ର କାହିଁକି ଆର୍‌ବିଆଇ ପଛରେ ରହିବା ଭଳି କାମ କରୁଛି। ଗୋଟିଏ ସପ୍ତାହ ମଧ୍ୟରେ ଏହି ପ୍ରସଙ୍ଗ ଉପରେ ସ୍ଥିତି ସ୍ପଷ୍ଟ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଥିବା ମେହେଟା ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଜଣାଇଛନ୍ତି। ସୁଧ ଉପରେ ଅତିରିକ୍ତ ସୁଧ ଲାଗୁ ପ୍ରସଙ୍ଗରେ ସୁପ୍ରିମକୋର୍ଟ ପ୍ରଶ୍ନ କରିବା ସମ୍ପର୍କରେ ସଲିସିଟର ଜେନେରାଲ ଯୁକ୍ତିରେ କହିଛନ୍ତି, ସବୁ ସମସ୍ୟାର ଏକ ସାଧାରଣ ସମାଧାନ କରାଯାଇପାରିବ ନାହିଁ। ଅପରପକ୍ଷରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ସିବଲ ମାମଲା ଲଢୁଛନ୍ତି। ମୋରାଟୋରିୟମ ଅବଧି ଅଗଷ୍ଟ ୩୧ରେ ଶେଷ ହେଉଥିବାରୁ ଏହାକୁ ବଢ଼ାଇବା ଲାଗି ସେ ନିବେଦନ କରିଛନ୍ତି। ସେପ୍ଟେମ୍ବର ୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡ଼ିଛି।

କୋଭିଡ୍ ଯୋଗୁ ଋଣ କିସ୍ତି ପ୍ରଦାନ କ୍ଷେତ୍ରରେ ମୋରାଟୋରିୟମ ସୁବିଧା କରାଯାଇଥିବା ବେଳେ ସୁଧ ଉପରେ ସୁଧ କାହିଁକି ଚାର୍ଜ କରାଯିବ ବୋଲି ପୂର୍ବରୁ ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। ସମ୍ବିଧାନରେ ପ୍ରଦତ୍ତ ଧାରା ୨୧ ଜୀବନ ଧାରଣର ଅଧିକାର ବିପନ୍ନ ହେଉଥିବା ଦର୍ଶାଇ ସୁପ୍ରିମକୋର୍ଟରେ ଏଭଳି ଆବେଦନ କରାଯାଇଛି। ଏହି ପ୍ରସଙ୍ଗରେ ଜୁନ୍ ୪ରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ପକ୍ଷ ଲୋଡ଼ାଯାଇଥିଲା। ତେବେ ସୁଧ ଛାଡ଼ ହେଲେ ଏହା ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିବ ବୋଲି ଆର୍‌ବିଆଇ ପୂର୍ବରୁ କହିସାରିଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଉତ୍ତର ଓଡ଼ିଶାରେ ...

ବୁଢ଼ାବଳଙ୍ଗ, ଜଳକା ଓ ସୋନ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ବସ୍ତା ଓ ବାଲିଆପାଳ ବ୍ଲକର ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଲୋକେ ଜଳଘେରରେ ରହିଛନ୍ତି। ସମୁଦ୍ର ଅଶାନ୍ତ ରହିଛି। ଫଳରେ ଭୋଗରାଇ ବ୍ଲକ ଅଧୀନ ସମୁଦ୍ରକୂଳିଆ ୧୩ ଗାଁ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ଲୁଣିପାଣି ମାଡ଼ି ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି।କେନ୍ଦୁଝର ଜିଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି । ଦୁରୁମୁଙ୍ଗା ବୈତରଣୀ ନଦୀ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ଫଳରେ କୋଲକାତା-ମୁମ୍ବାଇ ୪୯ନଂ. ଜାତୀୟ ରାଜପଥରେ ଯାତାୟାତ ବନ୍ଦ ରହିଛି। ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଛି। ଜିଲାର ସୋମାକୋଇ, ସୀତା, କାନଝରୀ, ଅରଡ଼େଇ, ମୂଷଳ, କୁଶେଇ, ସୋନା, ମୁର୍ଗା ଓ ରେମାଳ ଆଦି ନଦୀନାଳ ଭରପୂର ହୋଇଯାଇଛି। ଆନନ୍ଦପୁର ବ୍ଲକ ପଣସଡିହା ପଞ୍ଚାୟତ ଜଞ୍ଜାଳି ନାଳରେ ଏକ କାର ଭାସିଯାଇଛି। ଫଳରେ ସେଥିରେ ଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ବର୍ଷାରେ ମୟୂରଭଞ୍ଜ ଜିଲା ବାରିପଦା ସହର ସମେତ ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବଡ଼ ବଡ଼ ଗଛ ଉପୁଡ଼ିବା ସହ କୋଠା ଘର ଭୁଶୁଡି ପଡିଛି । ବୁଢ଼ାବଳଙ୍ଗ ନଦୀ ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଗଙ୍ଗାହାର ନଦୀ ଫୁଲି ଉଠିଛି। ମାଣତ୍ରୀ-ଭୀମଦା ଚଟାଣ ରାସ୍ତା ପୋଲ ଉପରେ ଯାଉଥିବା ବେଳେ ଜଳ ସ୍ରୋତରେ ସ୍ନେହଲତା ମହାପାତ୍ର ନାମକ ଜଣେ ବୃଦ୍ଧା ଭାସିଯାଇଛନ୍ତି । ବେତନଟୀ-ଉଦଳା,ବଡ଼ସାହି-କୁଆମରା ଓ ବୈଶିଙ୍ଗା-ଉଦଳା ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଛି।

## ସ୍କୁଲ୍ ପାଠ୍ୟକ୍ରମ ...

ସେଥିପାଇଁ ଅନ୍‌ଲାଇନ୍ ଶିକ୍ଷାଦାନ ଜାରି ରହିଛି। କିନ୍ତୁ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ସବୁ ପିଲା ଏହାର ସୁଯୋଗ ପାଇପାରୁ ନାହାନ୍ତି। ତେଣୁ ଚଳିତବର୍ଷ ପାଠ୍ୟକ୍ରମକୁ ହ୍ରାସ କରିବାକୁ ଅଭିଭାବକ ମହଲ, ଶିକ୍ଷାବିତ୍, ଶିକ୍ଷକ ସମାଜ ଏବଂ ଛାତ୍ର ସମାଜ ତରଫରୁ ନିରନ୍ତର ଦାବିହୋଇ ଆସୁଥିଲା। ପୂର୍ବରୁ ମଧ୍ୟ କେନ୍ଦ୍ର ସରକାର ବିଶେଷଜ୍ଞ କମିଟିର ଅନୁମୋଦନ କ୍ରମେ କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଚଳିତ ପାଠ୍ୟକ୍ରମରେ ଆବଶ୍ୟକ ସଂଶୋଧନ କରିଛନ୍ତି। ସିବିଏସ୍‌ଇ ୩୦% ଓ ସିଆଇଏସ୍‌ସିଇ ୨୫% ପାଠ୍ୟକ୍ରମ ହ୍ରାସ କରିସାରିଛି।

## ଚୌଦ୍ୱାରରେ ୫ ପଜିଟିଭ୍ ଚିହ୍ନଟ

ଚୌଦ୍ୱାର,୨୬।୮(ଡି.ଏନ୍.ଏ): ଚୌଦ୍ୱାର ପୌରପାଳିକାର ୧, ୩, ୪ ଓ ୫ନମ୍ବର ୱାର୍ଡ଼ରୁ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ୪୩ଟି ନମୁନା ମଧ୍ୟରୁ ବୁଧବାର ୫ଟି ନମୁନା ପଜିଟିଭ ଆସିଥିବା ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା ସୂଚନା ଦେଇଛନ୍ତି। ଚିହ୍ନଟ ୫ ଜଣଙ୍କୁ ଟାଙ୍ଗୀ କଇରାପାରିସ୍ଥିତ ଡ୍ରିମସ୍ କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ସଂକ୍ରମିତମାନଙ୍କ ୱାର୍ଡଗୁଡ଼ିକୁ ସାନିଟାଇଜ କରାଯିବା ବ୍ୟବସ୍ଥା କରାଯାଉଥିବା ପୌର ନିର୍ବାହୀ ଅଧିକାରୀ କହିଛନ୍ତି।


# classifieds Everyday
0674-2580101, 2549302

real estate

### SALE

ଜଟଣୀ ଅରଗୁଳ ଷ୍ଟେଶନ ପାଖରେ scheduledcaste conversion boundary plot pitchuroad side 5000sqft. 12,50,000/-, 9439006524. D-69149

Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081. D-69142

ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି boundary plot ମିଳୁଅଛି। 8249728525, 9090142564. D-69146

ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ NH16କୁ ଲାଗି 30ft mainroad ଓ 25ft subroad ଥାଇ BDA ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ Electricity, ପାଚେରିସହ ମିଳୁଅଛି। 9090963952. D-69141

Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex- 9439889903. D-69144

ପାତ୍ରପଡ଼ା K9ରେ 8000 Sq.ft. Plot ବିକ୍ରିହେବ। Contact: 9778928492. D-68364

Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027. D-69150

to-let

Rent for constructed building Plot Area - 35,000, Length - 2050, Breadth - 1850, Facing - North East, Hi-Tech chhak left side 6 K.M. Barimund, Ph.: 9938125254. D-18045

Shoproom available at Jayadev Vihar mainroad, Bhubaneswar @30000 per month. Contact: 9938511622. D-18033

healthcare

Newly open full body massage SPA in Bhubaneswar. Contact: 7205058838. D-69731

Thailand Unisex Massage Refreshments Rejuvenation. 9853999966, 9123319079, 7750073898, Homeservices 9853999966@gmail.com. D-18047

Monalisa massage club : All types body massage with hiprofile smart lady rooms service available 9708545108. D-18023

Newly open SPA centre smart therapist body massage, Bamikhal. 7205187702. D-59957

Newly open SPA centre smart therapist body massage, Rasulgarh. 7846814019. D-59958

Get refreshment body massage by expert therapist contact for. 9556978408. D-69722

Swarna SPA newly open positively health benefits with expert therapist. 7873794731. D-69721

Herbal full body massage by smart / expert therapist. Contact: 8338067247. D-69729

education

ଏବର୍ଷର ଲାଭଉଠାନ୍ତୁ ଏବଂ ଘରେ ରହି Medical Courses ପାଇଁ registration କରନ୍ତୁ। BAMS, BHMS, BUMS, D.Pharma, GNM (Only for Practioners) Whatsapp/ Call: 9893869473 (Agent Excuse). D-69730

### ଘୋଷଣାନାମା

ଏତଦ୍ୱାରା ମୁଁ ରିତା ଜେନା, ସ୍ୱାମୀ: ପ୍ରଫୁଲ୍ଲ ଜେନା, ଗ୍ରାମ: ଟେଙ୍ଗଗଡ଼ିଆ କୋରଣ୍ଡ, ପୋଷ୍ଟ: ରାନ୍ଧିଆ ହାଟ, ଥାନା: ଭଦ୍ରକ ଗ୍ରାମାଞ୍ଚଳ, ଭଦ୍ରକ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ମାଧ୍ୟମରେ ଘୋଷଣା କରେ କି ବାସନ୍ତିଲତା ନାୟକ, ପିତା: ଗଙ୍ଗାଧର ନାୟକ, ଗ୍ରାମ: ସନ୍ଦାଡ଼ୋ ଆଗରପଡ଼ା, ଜଣେ ବ୍ୟକ୍ତି ଅଟନ୍ତି। ଭବିଷ୍ୟତରେ ମୁଁ ରିତା ଜେନା ଭାବେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟରେ ପରିଚିତ ହେବି। D-18048

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ପୂଜାଛୁଟି ଯାଏ ସ୍କୁଲ,...

ଛେଳି, କୁକୁଡ଼ା ପାଳନ, ମତ୍ସ୍ୟ ଚାଷ ଆଦି ବିଭିନ୍ନ ଜୀବିକା କାର୍ଯ୍ୟକ୍ରମ ଲୋକଙ୍କୁ ରୋଜଗାର ଦେବାରେ ବିଶେଷ ସଫଳ ହେଉଥିବାରୁ ଏହାକୁ ଆହୁରି ବ୍ୟାପକ କରିବା ଏବଂ ଅଧିକ ଲୋକଙ୍କୁ ଏଥିରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଏଚ୍‌ଜିଙ୍କଠାରୁ ବିଧାୟକ ଆଞ୍ଚଳିକ ବିକାଶ ପାଣ୍ଠି ଅର୍ଥରେ ମାସ୍କ କିଣିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏସ୍‌ଏଚ୍‌ଜିଗୁଡ଼ିକ ଯେପରି ସୁବିଧାରେ ଋଣ ପାଇ ପାରିବେ ସେଥିପାଇଁ ଦୃଷ୍ଟିଦେବା ସହ ବ୍ୟାଙ୍କଗୁଡ଼ିକ ସହିତ ଯୋଗାଯୋଗରେ ରହିବା ଆବଶ୍ୟକ। ଗ୍ରାମାଞ୍ଚଳରେ ଗୃହ ନିର୍ମାଣ କାମ ଉପରେ ଅଧିକ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ଚାଷୀମାନଙ୍କୁ ସୁବିଧାରେ ଏବଂ ଶୀଘ୍ର କୃଷିଋଣ ଯୋଗାଣ ଏବଂ ଏମ୍‌ଏସ୍‌ଏମ୍‌ଇ ଶିଳ୍ପର ପୁନରୁଦ୍ଧାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

କୋଭିଡ୍ ପରିଚାଳନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାମାରୀ ସମୟରେ ଆତ୍ମସନ୍ତୋଷ ହିଁ ସବୁଠାରୁ ବଡ଼ ଶତ୍ରୁ। ସାଧାରଣ ଲୋକ ହୁଅନ୍ତୁ କିମ୍ବା ସରକାରୀ କର୍ମଚାରୀ ସମସ୍ତେ ଏଥିପ୍ରତି ସତର୍କ ରହି କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଅଧିକ ଟେଷ୍ଟିଂ ଯୋଗୁ ପଜିଟିଭ ହାର କମିଥିବା ଏବଂ ମୃତ୍ୟୁ ହାର ହ୍ରାସ ପାଇଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ହଟ୍‌ସ୍ପଟ୍‌ଗୁଡ଼ିକରେ ଯେଉଁ ଆଞ୍ଚଳିକଭିତ୍ତିକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି ତାକୁ କଡ଼ାକଡ଼ି ଭାବେ ପାଳନ କରିବା ସହିତ ଆଗାମୀ ସପ୍ତାହ ବେଳକୁ ଯେଭଳି ପରିସ୍ଥିତିରେ ଆଖିଦୃଶିଆ ଉନ୍ନତି ଆସିପାରିବ ସେ ଦିଗରେ କାମ କରିବା ପାଇଁ ଜିଲା ପର୍ଯ୍ୟବେକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବିଭିନ୍ନ ଆଞ୍ଚଳିକ କୋଭିଡ୍ ଚିକିତ୍ସାଳୟଗୁଡ଼ିକରେ ଆବଶ୍ୟକ ଆଇସିୟୁ ଶଯ୍ୟାର ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରି ସରକାରୀ ଅଫିସଗୁଡ଼ିକୁ ସଂକ୍ରମଣମୁକ୍ତ ରଖିବାକୁ ସବୁପ୍ରକାର ପଦକ୍ଷେପ ନେବା ଆବଶ୍ୟକ। କୋଭିଡ୍ ଯୋଦ୍ଧାଙ୍କ ଭିତରେ ସଂକ୍ରମଣ ହାର କମୁଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ବିଷୟରେ ଆହୁରି ଜନସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି। ଶହୀଦ କୋଭିଡ୍ ଯୋଦ୍ଧାମାନଙ୍କ ବ୍ୟକ୍ତିଗତ ପାଉଣା ଆସନ୍ତା ଶୁକ୍ରବାର ସୁଦ୍ଧା ତାଙ୍କ ଆତ୍ମୀୟଙ୍କୁ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କୃଷିମନ୍ତ୍ରୀ ଅରୁଣ ସାହୁ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଗ୍ରାମ୍ୟ ଅର୍ଥନୀତି ପୁନରୁଦ୍ଧାର ପ୍ୟାକେଜ୍, ପ୍ଲାଜ୍ମା ସଂଗ୍ରହ ଏବଂ ଅନ୍ୟ ରାଜ୍ୟରୁ ଆସିଥିବା ଓଡ଼ିଆ ଶ୍ରମିକଙ୍କର ପଞ୍ଜୀକରଣ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ରାଜ୍ୟ ଅର୍ଥନୀତି ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଜୁଲାଇ ମାସରୁ ପରିସ୍ଥିତିରେ ସୁଧାର ହେଉଛି।

ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କୋଭିଡ୍ ପରିସ୍ଥିତି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ରାଜ୍ୟରେ ଗତ ସପ୍ତାହରୁ ଆରୋଗ୍ୟ ହାର ବଢି ୭୧.୩ ପ୍ରତିଶତରେ ପହଞ୍ଚିଥିବାବେଳେ ମୃତ୍ୟୁହାର ୦.୫ ପ୍ରତିଶତକୁ ହ୍ରାସ ପାଇଛି। ୪୫ ପ୍ରତିଶତ ସକ୍ରିୟ ରୋଗୀ ଗୃହ ସଙ୍ଗରୋଧରେ ରହୁଛନ୍ତି। ସେହିପରି ପୋଲିସ, ଅଗ୍ନିଶମ ଓ ଏନ୍‌ଡିଆର୍‌ଏଫ୍ କର୍ମଚାରୀ ପ୍ଲାଜ୍ମା ଦାନରେ ଆଗୁଆ ରହିଛନ୍ତି। କଟକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲା ପ୍ଲାଜ୍ମା ସଂଗ୍ରହ କ୍ଷେତ୍ରରେ ବହୁତ ଭଲ କରିଛନ୍ତି। ଆସନ୍ତା ୨୮ ତାରିଖରୁ ଭୁବନେଶ୍ୱରରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ରାଉରକେଲାରେ ପ୍ରଥମ ପର୍ଯ୍ୟାୟ ସେରୋ ସର୍ଭେ କାର୍ଯ୍ୟ ଆରମ୍ଭ ହେବ। ଗୁରୁବାର କୋରାପୁଟରେ ଆଉ ଏକ ପ୍ଲାଜମା ବ୍ୟାଙ୍କ ଖୋଲିବ ବୋଲି ସୂଚନା ଦିଆଯାଇଛି। କଟକରେ କୋଭିଡ୍ ମୁକାବିଲା ପାଇଁ ଯେ କୌଣସି ଅତିରିକ୍ତ ସହାୟତା ଆବଶ୍ୟକ ହେଲେ ତୁରନ୍ତ ରାଜ୍ୟ ସରକାରଙ୍କୁ ଜଣାଇବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଉରକେଲାରେ କୋଭିଡ୍ ମୁକାବିଲାରେ ନିୟୋଜିତ ବିଭିନ୍ନ ସଂସ୍ଥା ମଧ୍ୟରେ ଅଧିକ ସମନ୍ୱୟ ରକ୍ଷା କରି କୋଭିଡ୍ ପରିଚାଳନା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟର ବର୍ଷା ଓ ବନ୍ୟା ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ସୂଚନା ଦେଇଥିଲେ। ଏହି ବୈଠକରେ ପୋଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗ ପ୍ରମୁଖ ସଚିବ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ସଞ୍ଚାଳନ କରିଥିଲେ।

### ସତ୍ତା ନୁହେଁ, ...

ଲଢ଼ିବା ବୋଲି ଉଦ୍ଧବ ବିରୋଧୀ ଏକତାର ସନ୍ଦେଶ ଦେଇଛନ୍ତି। ଇଞ୍ଜିନିୟରିଂ ପାଠପଢ଼ା ପାଇଁ ଜେଇଇ ଏବଂ ଡାକ୍ତରୀ ଶିକ୍ଷା ଲାଗି ଉଦ୍ଦିଷ୍ଟ ଏନ୍‌ଇଇଟି ପୂର୍ବ ନିର୍ଦ୍ଧାରିତ ସମୟରେ ହେବ ବୋଲି ମଙ୍ଗଳବାର ବିଳମ୍ବିତ ରାତିରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯିବା ପରେ ଏହି ପ୍ରସଙ୍ଗକୁ ନେଇ ଜାତୀୟ ବିତର୍କ ସୃଷ୍ଟି ହୋଇଛି। କରୋନା ଭାଇରସ୍ ସଂକ୍ରମଣ ଦୃଷ୍ଟିରୁ ଏହି ଦୁଇ ପରୀକ୍ଷାକୁ ସ୍ଥଗିତ ରଖିବା କିମ୍ବା ବାତିଲ କରିବା ଦାବିରେ ଦେଶବ୍ୟାପୀ ଛାତ୍ରୀଛାତ୍ର ନିଜ ନିଜ ଘରୁ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯୋଜନା କରିଛନ୍ତି। ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ଗୁରୁବାର ସକାଳ ୮ଟାରେ ଘରେ ଥାଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପ୍ରତିବାଦରେ କଳାପତାକା ଦେଖାଇବେ, ହାତ ଓ କପାଳରେ କଳାପଟି ବାନ୍ଧିବେ, ମୁହଁରେ ବ୍ଲାକ୍ ମାସ୍କ ପିନ୍ଧିବେ ଏବଂ ସେମାନଙ୍କ ପ୍ରୋଫାଇଲ୍ ପିକ୍ଚରକୁ ବ୍ଲାକ୍ କରିଦେବେ। ଦେଶରେ ମହାମାରୀ କରୋନାର ପ୍ରକୋପ ବଢ଼ିଚାଲିଥିବାବେଳେ ପରୀକ୍ଷା କରାଗଲେ ସ୍ଥିତି ଭୟାବହ ହେବ ବୋଲି ଅନେକ ବିରୋଧୀ ଦଳ ନେତା ଓ ବିଭିନ୍ନ ରାଜ୍ୟର ସରକାର ଏନେଇ ନିଷ୍ପତ୍ତି ବଦଳାଇବାକୁ କେନ୍ଦ୍ରକୁ ପରାମର୍ଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ୭ ରାଜ୍ୟର ମୁଖ୍ୟମନ୍ତ୍ରୀ ଜେଇଇ-ଏନ୍‌ଇଟି ପରୀକ୍ଷା ସ୍ଥଗିତ ରଖିବା ପାଇଁ ସୁପ୍ରିମକୋର୍ଟ ଯିବାକୁ ସ୍ଥିର କରିଛନ୍ତି। କଂଗ୍ରେସର ଅନ୍ତରୀଣ ମୁଖ୍ୟ ସୋନିଆ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଶାସିତ ମୁଖ୍ୟମନ୍ତ୍ରୀମାନଙ୍କୁ ନେଇ ବୁଧବାର ଅପରାହ୍ନରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ଭର୍ଚୁଆଲ ମିଟିଂରେ ୭ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗଦେଇ କେନ୍ଦ୍ରର ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସମେତ ଅଶୋକ ଗେହଲଟ(ରାଜସ୍ଥାନ), ଭୂପେଶ ବଘେଲ (ଛତିଶଗଡ଼) ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ଯୋଗଦେଇଥିଲେ। କଂଗ୍ରେସ ଶାସିତ ଏହି ୪ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ମେଣ୍ଟ ସରକାରରେ ଥିବା ହେମନ୍ତ ସୋରେନ(ଝାଡ଼ଖଣ୍ଡ), ଉଦ୍ଧବ ଠାକରେ (ମହାରାଷ୍ଟ୍ର) ତଥା ତୃଣମୂଳ କଂଗ୍ରେସ ଶାସିତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀମାନଙ୍କୁ ସମ୍ବୋଧିତ କରି ସୋନିଆ କହିଛନ୍ତି, ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ସମ୍ପର୍କିତ ଘୋଷଣା ବାସ୍ତବରେ ଏକ ଧକ୍କା ହୋଇଥିବାରୁ ଏହାକୁ ନେଇ ଆମେ ଚିନ୍ତିତ ହେବା ଆବଶ୍ୟକ। ଛାତ୍ରୀଛାତ୍ରଙ୍କ ଅନ୍ୟ ସମସ୍ୟାଗୁଡ଼ିକ ଓ ପରୀକ୍ଷାକୁ ଖାମଖିଆଲି ଭାବେ ପରିଚାଳନା କରାଯାଉଛି। ଏହା ବିରୋଧରେ ଆମକୁ ଏକାଠି ହେବାକୁ ପଡ଼ିବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଥିଲେ, ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ସ୍ଥିତି ସ୍ୱାଭାବିକ ନ ହେବା ଯାଏ ଏହାକୁ ସ୍ଥଗିତ ରଖାଯାଉ। ଛାତ୍ରୀଛାତ୍ରଙ୍କ ଜୀବନକୁ ବିପଦକୁ ଠେଲିଦେଇ ପାରିବା ନାହିଁ। ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ରିଭ୍ୟୁ ପିଟିଶନ ଦାଏର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛୁ। କିନ୍ତୁ କିଛି ଉତ୍ତର ଆସିନାହିଁ। ତେଣୁ ଚାଲନ୍ତୁ ସମସ୍ତେ ମିଶି ସୁପ୍ରିମକୋର୍ଟ ଯିବା। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ମମତାଙ୍କ ସହ ସ୍ୱର ମିଳାଇ କହିଛନ୍ତି, ବୈଠକରେ ବସିଥିବା ଆମେ ସମସ୍ତେ ପରୀକ୍ଷା ସ୍ଥଗିତ ରଖିବା ପାଇଁ ସୁପ୍ରିମକୋର୍ଟରେ ଏକ ରିଭ୍ୟୁ ପିଟିଶନ ଦାଏର କରିବା ଉଚିତ। ସେହିପରି ଏହି ଦୁଇ ପରୀକ୍ଷା କରାଗଲେ ଦେଶରେ କୋଭିଡ୍-୧୯ ସଂକ୍ରମଣ ବଢ଼ିବ। ଏଥିପାଇଁ କେନ୍ଦ୍ର ସରକାର ଦାୟୀ ରହିବେ ବୋଲି ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ଚେତାବନୀ ଦେବା ସହ ଏହି ପ୍ରସଙ୍ଗରେ ମିଳିତ ଭାବେ ଲଢ଼େଇ କରିବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ମତରେ ପରୀକ୍ଷାକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପୂର୍ବରୁ ରାଷ୍ଟ୍ରପତିଙ୍କ ନିକଟରେ ଫେରାଦ ହେବା ଆବଶ୍ୟକ।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୧ରୁ ୬ ତାରିଖ ପର୍ଯ୍ୟନ୍ତ ଜେଇଇ ମେନ୍ ଓ ୨୭ରେ ଆଡ୍‌ଭାନ୍ସ ଏବଂ ସେହି ମାସ ୧୩ ତାରିଖରେ ଏନ୍‌ଇଇଟି ପରୀକ୍ଷା କରିବା ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ନିଷ୍ପତ୍ତି ନେଇଛି। ପରୀକ୍ଷାର୍ଥୀମାନେ କରୋନା ଭୂତାଣୁରେ ସଂକ୍ରମିତ ହେବା ଆଶଙ୍କା ଥିବାରୁ ଏହି ଦୁଇ ପରୀକ୍ଷାକୁ ସ୍ଥଗିତ ରଖିବା ପାଇଁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ଛାତ୍ରୀଛାତ୍ରଙ୍କ ଏକ ମୂଲ୍ୟବାନ ବର୍ଷକୁ ବେକାର ହେବାକୁ ଦିଆଯାଇପାରିବ ନାହିଁ ଓ ଜୀବନ ତା' ବାଟରେ ଚାଲିବ କହି ଅଦାଲତ ଉକ୍ତ ପିଟିଶନକୁ ଖାରଜ କରିଦେଇଥିଲେ। ଶୀର୍ଷ ଅଦାଲତଙ୍କ ଏହି ରାୟ ବିରୋଧରେ କେନ୍ଦ୍ର ସରକାର ଅପିଲ କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ ଚିଠି ଲେଖି ଅନୁରୋଧ କରିଛନ୍ତି।

- ପରୀକ୍ଷା ଓ ଛାତ୍ରୀଛାତ୍ରଙ୍କ ସମସ୍ୟାକୁ ଖାମଖିଆଲି ଭାବେ ପରିଚାଳନା କରାଯାଉଛି: ସୋନିଆ
- ଛାତ୍ରୀଛାତ୍ରଙ୍କ ଜୀବନକୁ ବିପଦକୁ ଠେଲିଦେଇ ପାରିବା ନାହିଁ: ମମତା
- ରିଭ୍ୟୁ ପିଟିଶନ ଦାଏର ପାଇଁ ପ୍ରସ୍ତାବ ଦେଲେ ଅମରିନ୍ଦର
- ପରୀକ୍ଷା ଯୋଗୁ କରୋନା ସଂକ୍ରମଣ ବଢ଼ିଲେ କେନ୍ଦ୍ର ଦାୟୀ ହେବ: ନାରାୟଣସ୍ୱାମୀ

### ବିପଦ ସଙ୍କେତ ଉପରେ ...

ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା ନଦୀ ଫୁଲିବାରେ ଲାଗିଛି। ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ଗୋଟିଏ ଲେଖାଏ ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ସେହିପରି ବାଲେଶ୍ୱର ଜିଲାରେ ୨ଟି ଏନ୍‌ଡିଆର୍‌ଏଫ୍, ଭଦ୍ରକ ଓ ଯାଜପୁର ଜିଲାରେ ଗୋଟିଏ ଲେଖାଏ ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ କରାଯାଇଛି। ଏଥିସହ ଅଗ୍ନିଶମ ବାହିନୀକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଜଳସମ୍ପଦ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୈତରଣୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାର ଜଳସ୍ତର ଚମ୍ପୁଆରେ ବିପଦ ସଙ୍କେତ ୩୭୫.୩୩ ମିଟର ଥିବା ବେଳେ ବୁଧବାର ସନ୍ଧ୍ୟା ସୁଦ୍ଧା ୩୭୬.୪୧ ମିଟର ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଆନନ୍ଦପୁରରେ ବିପଦ ସଙ୍କେତସ୍ତର ୩୭.୪୫ ମିଟର ଥିବା ବେଳେ ୩୮.୩୬ ମିଟର ଉପରେ ପ୍ରବାହିତ ହେଉଛି। ଜଳକା ନଦୀର ମଥାନିରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ମହାନଦୀର ନରାଜ, ଖଇରମାଳ, ବ୍ରାହ୍ମଣୀ ତାଳଚେର, ଜେନାପୁର, ପାନପୋଷ, ସୁବର୍ଣ୍ଣରେଖା ନଦୀର ଜାମଶୋଳାଘାଟ, ଜାମସେଦପୁର, ବଂଶଧାରାର ଗୁଡାରି, ଋଷିକୁଲ୍ୟାର ସୋରଡ଼ା ଏବଂ ବୁଢ଼ାବଳଙ୍ଗ ନଦୀର ବାରିପଦା ଓ ଏନ୍‌ଏଚ୍-୫ ଗୋବିନ୍ଦପୁରଠାରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ଅତ୍ୟଧିକ ବର୍ଷା ଯୋଗୁ ବିଭିନ୍ନ ଜିଲାରେ କେତେକ ଅଞ୍ଚଳରେ ଚାଷଜମି ଜଳମଗ୍ନ ହୋଇରହିଛି। କେତେକ ଜାଗାରେ କଚ୍ଚାଘର କ୍ଷତିଗ୍ରସ୍ତ ହୋଇଛି। କେତେକ ସ୍ଥାନରେ ରାସ୍ତା ବୁଡିଯିବାରୁ ଯୋଗାଯୋଗ ବ୍ୟାହତ ହୋଇଛି। ବରାଳୀ ଓ ସରାଳୀ ନଦୀର ଜଳସ୍ତର ବୃଦ୍ଧି ପାଇ ମୟୂରଭଞ୍ଜ ଜିଲାର ଅଳ୍ପ କେତେକ ଅଞ୍ଚଳ ଜଳମଗ୍ନ ହୋଇଥିଲା। ତାହା ଧୀରେ ଧୀରେ ହ୍ରାସ ପାଉଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲାର ଶୁକ୍ଳି ତହସିଲ ମହୁଲିଆସୁଲି ଗ୍ରାମର ୬୨ ବର୍ଷୀୟ ନଳିନୀ ମୁଣ୍ଡାଙ୍କର କାନ୍ଥପଡ଼ି ପ୍ରାଣହାନି ଘଟିଛି। ରାଜ୍ୟ ଓ ଜିଲା ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛନ୍ତି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି। ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ ଅଧିକାଂଶ ଜିଲାରେ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଏହି ସମୟରେ ରାଜ୍ୟରେ ହାରାହାରି ୭୬.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ରାଜ୍ୟର ୯ ଜିଲା କେନ୍ଦ୍ରାପଡ଼ା, ସୁବର୍ଣ୍ଣପୁର, ଜଗତ୍‌ସିଂହପୁର, ବୌଦ୍ଧ, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ କଟକରେ ଗତ ୨୪ ଘଣ୍ଟା ମଧ୍ୟରେ ହାରାହାରି ୧୦୦ ମିମିରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଅନ୍ୟ ୧୧ ଜିଲା ଦେବଗଡ଼, ଅନୁଗୋଳ, ସମ୍ବଲପୁର, ବାଲେଶ୍ୱର, ଢେଙ୍କାନାଳ, ପୁରୀ, କନ୍ଧମାଳ, ବରଗଡ଼, ଖୋର୍ଦ୍ଧା, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ାରେ ୫୦ରୁ ୧୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କେନ୍ଦ୍ରାପଡ଼ା ଜିଲାରେ ୧୬୮.୩ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୧୬୨.୩, ଜଗତସିଂହପୁର ୧୪୬.୫, ବୌଦ୍ଧ ୧୩୩.୩, କେନ୍ଦୁଝର ୧୨୪.୮, ମୟୂରଭଞ୍ଜ ୧୨୨.୨, ଭଦ୍ରକ ୧୧୭, ଯାଜପୁର ୧୧୫ ଏବଂ କଟକ ଜିଲାରେ ସର୍ବାଧିକ ୧୦୧.୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

୪ଟି ଜିଲାରେ ୨୦୦ ମିଲିମିଟରରୁ ଅଧିକ ବୃଷ୍ଟିପାତ ହୋଇଛି। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକରେ ସର୍ବାଧିକ ୨୩୪ ମିଲିମିଟରରୁ ଅଧିକ ବର୍ଷା ହୋଇଥିବା ବେଳେ କେନ୍ଦୁଝର ଜିଲାର ଚମ୍ପୁଆ ବ୍ଲକରେ ୨୧୦, ବୌଦ୍ଧ ଜିଲାର ବୌଦ୍ଧ ବ୍ଲକରେ ୨୦୮.୨ ଏବଂ ବାରିପଦା ବ୍ଲକରେ ୨୦୭ ମିଲିମିଟର ବର୍ଷା ହୋଇଛି। ଏହାଛଡ଼ା ୯୨ ବ୍ଲକରେ ୧୦୦ ମି.ମି.ରୁ ଊର୍ଦ୍ଧ୍ୱ ଏବଂ ୯୬ ବ୍ଲକରେ ୫୦ ମି.ମି.ରୁ ୧୦୦ ମି.ମି. ମଧ୍ୟରେ ବୃଷ୍ଟିପାତ ରେକର୍ଡ କରାଯାଇଛି। ସମଗ୍ର ରାଜ୍ୟରେ ଏହି ସମୟରେ ୬ ପ୍ରତିଶତ ବର୍ଷା ଅଧିକ ହୋଇଛି। ଏହି ସମୟରେ ସ୍ୱାଭାବିକ ଭାବେ ୮୫୫ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୯୦୬.୫ ମିଲିମିଟର। ଜୁନ୍ ପହିଲାରୁ ଅଗଷ୍ଟ ୨୭ ତାରିଖ ମଧ୍ୟରେ ମୟୂରଭଞ୍ଜ, ଭଦ୍ରକ, କେନ୍ଦ୍ରାପଡ଼ା ଓ କଟକ ଜିଲାରେ ସ୍ୱାଭାବିକ ବର୍ଷାଠାରୁ ୧୯ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ୧୬ଟି ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି। ଉପକୂଳ ଓଡ଼ିଶାରେ ବର୍ଷା ପରେ ଲଘୁଚାପ ଉତ୍ତର ପୂର୍ବ ଦିଗକୁ ଗତି କରି ଆଭ୍ୟନ୍ତରୀଣ ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ଉପରେ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ସମ୍ବଲପୁର, ସୋନପୁର, ଝାରସୁଗୁଡ଼ା, ବରଗଡ଼, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ନିଂ ଜାରି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: ମଙ୍ଗଳଙ୍କ ପ୍ରଭାବରୁ ଆରୋଗ୍ୟ ଲାଭ ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ । ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ, କିନ୍ତୁ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ । ବନ୍ଧୁଙ୍କ ସହାୟତାରେ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ । ଇଚ୍ଛା ବିରୋଧରେ କୌଣସି କାମକରି ପଶ୍ଚାତ୍ତାପ କରିପାରନ୍ତି ।

**ବୃଷ**: ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ଉପକୃତ ହେବେ । ପରିବାର ମଧ୍ୟରେ ସମସ୍ୟାର ଗୁରୁତ୍ୱ ଉପଲବ୍ଧି କରି ବିହିତ ପଦକ୍ଷେପ ନେବା ଭଲ ହେବ। ଠିକ୍ ସମୟରେ ଆପଣଙ୍କୁ ସାହାଯ୍ୟ ମିଳିବ । ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି ।

**ମିଥୁନ**: ପରିବାରରେ ସମସ୍ୟା ଲାଗି ରହିବା କାରଣରୁ ବ୍ୟବସାୟକୁ ସଙ୍କୁଚିତ କରିନେଇପାରନ୍ତି । ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ପରିସ୍ଥିତିକୁ ଲାଘବ କରିବେ । କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା, ଚଳଚ୍ଚିତ୍ରାଦିରେ ସମସ୍ୟା ସମାଧାନ ହୋଇଯିବ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ, ସାହିତ୍ୟ,ସାମ୍ବାଦିକତା କ୍ଷେତ୍ରରୁ ପ୍ରଶଂସିତ ହେବେ ।

**କର୍କଟ**: ଦୀର୍ଘଦିନ ପରିଶ୍ରମର ସାର୍ଥକତା ସ୍ୱରୂପ ସଫଳତାରେ ଆନନ୍ଦ ଅନୁଭବ କରିବେ । ଆଜିର ଅପରାହ୍ନରେ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ । କର୍ମକ୍ଷେତ୍ରରେ ତର୍କ ଓ ବିବାଦକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ । କାର୍ଯ୍ୟଦକ୍ଷତା ହେତୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ।

**ସିଂହ**: ନିଜ ପରିସରରେ ରହୁଥିବା ବ୍ୟକ୍ତିମାନଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ । କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ । ବହୁତ ଦିନରୁ ଆଶା କରିଥିବା କୌଣସି ଖବର ପାଇ ଖୁସି ହେବେ । ଛୋଟ ଛୋଟ ଘଟଣାକୁ ଅସାଧାରଣ ମନେକରି ବ୍ୟସ୍ତ ହୁଅନ୍ତୁ ନାହିଁ ।

**କନ୍ୟା**: ଆପଣଙ୍କ ସରଳତାର ସୁଯୋଗ ନେଇ କୌଣସି ବ୍ୟକ୍ତି କ୍ଷତି ସାଧନ କରିପାରେ । ଅନ୍ୟକୁ ଦେଇଥିବା ଟଙ୍କା ଫେରିପାଇବା ପାଇଁ ବିବାଦ ଭିତରକୁ ଟାଣି ହେବାକୁ ପଡ଼ିବ । ସଭାସମିତି କାର୍ଯ୍ୟରେ ସଫଳତା ହାସଲ କରିବେ । ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ ।

**ତୁଳା**: ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇ ଖୁସି ହେବେ । ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ । ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ । ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ନ ହେଲେ ମଧ୍ୟ ବିଶେଷ ଭଲ ରହି ନ ପାରେ ।

**ବିଛା**: ଅତୀତ ଦିନର କେତେକ କଥା ମନକୁ ବାରମ୍ବାର ଆଲୋଡ଼ିତ କରିପାରେ । ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବା କାରଣକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇବ । ସାୟାହ୍ନେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି । ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ ।

**ଧନୁ**: ନୂତନଭାବେ ଆରମ୍ଭ କରିଥିବା କାମରେ ପ୍ରତିବନ୍ଧକ ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ । ସ୍ୱାର୍ଥସାଧନରେ ନିରାଶ ହୋଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି । ଧାରକରଜ କରିବାକୁ ପଡ଼ିପାରେ । ନିଜ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ସନ୍ଦେହ କରିପାରନ୍ତି ।

**ମକର**: ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହେବେ। ବନ୍ଧୁମାନଙ୍କ କଥାରେ ବିଶ୍ୱାସୀ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳାଇପାରନ୍ତି । କେତେକ କ୍ଷେତ୍ରରେ ସୁଯୋଗ ହରାଇବା ନେଇ ବ୍ୟଥିତ ହୋଇପାରନ୍ତି ।

**କୁମ୍ଭ**: ବନ୍ଧୁବାନ୍ଧବଙ୍କ ସମ୍ପର୍କରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । ଅଫିସରେ ଆଲୋଚନା କାଳରେ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିପାରନ୍ତି । ପ୍ରତ୍ୟେକ କ୍ଷେତ୍ରରେ ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ି ଚାଲନ୍ତୁ, ଅବଶ୍ୟ ଉପକୃତ ହେବେ । ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ ।

**ମୀନ**: ପାଖ ପଡ଼ୋଶୀଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ସୂଚନା ରହିଛି । ସ୍ନାୟବିକ ଦୁର୍ବଳତା ଅନୁଭବ କରି କର୍ମକ୍ଷେତ୍ରରୁ ଓହରି ଆସିପାରନ୍ତି । ପୂର୍ବ ଆଲୋଚନା ଅନୁଯାୟୀ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ । ପରିବହନରେ ଝଗଡ଼ାର ସମ୍ଭାବନା ଦେଖାଦେଇପାରେ ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ତାଳନବମୀ, ଗୁରୁବାର,ଦିବା ଘ.୦୯।୦୫ ଗତେ ଦଶମୀ, ଅଗଷ୍ଟ ୨୭ ତାରିଖ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର-ଦିବା ଘ.୧୨।୩୮ ପର୍ଯ୍ୟନ୍ତ, ଜ୍ୟେଷ୍ଠା/ବିଛା,ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୩୪ ଗତେ ଘ.୦୭।୧୩ ମଧ୍ୟେ, ଘ.୧୦।୩୩ ଗତେ ଘ.୦୧।୦୩ ମଧ୍ୟେ ମାହେନ୍ଦ୍ରବେଳା । ରାତ୍ରି ଘ.୦୨।୨୯ ଗତେ ଘ.୦୩।୧୫ ମଧ୍ୟେ ଅମୃତବେଳା । ଦିବା ଘ.୦୧।୨୨ଗତେ ଘ.୦୨।୫୫ ମଧ୍ୟେ ରାହୁକାଳ।

**ନୀତି ଆୟୋଗ ରପ୍ତାନି ପ୍ରସ୍ତୁତି ସୂଚକାଙ୍କ-୨୦୨୦**

# ପଞ୍ଚମ ସ୍ଥାନରେ ଓଡ଼ିଶା

ନୂଆଦିଲ୍ଲୀ,୨୬।୮

ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ପକ୍ଷରୁ ପ୍ରକାଶିତ ରପ୍ତାନି ପ୍ରସ୍ତୁତି ସୂଚକାଙ୍କ-୨୦୨୦ରେ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଛି। ତାଲିକାର ପ୍ରଥମ ସ୍ଥାନରେ ଗୁଜରାଟ ରହିଥିବା ବେଳେ ମହାରାଷ୍ଟ୍ର ଏବଂ ତାମିଲନାଡୁ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଥିବା ଜଣାପଡ଼ିଛି। ବୁଧବାର ନୀତି ଆୟୋଗ ପ୍ରକାଶ କରିଥିବା ଏ ସଂକ୍ରାନ୍ତ ରିପୋର୍ଟରେ ଦେଶର ୬ ଉପକୂଳବର୍ତ୍ତୀ ରାଜ୍ୟ ଯଥା- ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଓଡ଼ିଶା, କର୍ଣାଟକ ଏବଂ କେରଳ ଶୀର୍ଷ ୧୦ ରାଜ୍ୟ ମଧ୍ୟରେ ରହିଛନ୍ତି। ଏହି ସ୍ଥାନଗୁଡ଼ିକରେ ରପ୍ତାନିକୁ ପ୍ରୋତ୍ସାହିତ କରିବା ଦିଗରେ ବିଭିନ୍ନ ସୁଯୋଗ ଏବଂ ସୁବିଧା ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଅନ୍ୟ ରାଜ୍ୟଗୁଡ଼ିକ କଥା ବିଚାର କଲେ ଏହି ସୂଚୀରେ ରାଜସ୍ଥାନର ପରଫର୍ମାନ୍ସ ସର୍ବୋତ୍ତମ ରହିଛି। ଏହା ପରେ ପରେ ତେଲଙ୍ଗାନା ଏବଂ ହରିୟାଣା ଭଳି ରାଜ୍ୟ ସ୍ଥାନିତ ହୋଇଛି। ସେହିଭଳି ହିମାଳୟ ରେଞ୍ଜରେ ରାଜ୍ୟଗୁଡ଼ିକ ମଧ୍ୟରେ ଉତ୍ତରାଖଣ୍ଡ ଶୀର୍ଷରେ ରହିଥିବା ବେଳେ ତ୍ରିପୁରା ଏବଂ ହିମାଚଳ ପ୍ରଦେଶ ଏହା ପଛକୁ ରହିଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ କଥା ବିଚାରକୁ ନେଲେ ଦିଲ୍ଲୀରେ ପ୍ରଦର୍ଶନ ସର୍ବୋତ୍ତମ ଏବଂ ଏହା ପଛକୁ ଗୋଆ ଏବଂ ଚଣ୍ଡୀଗଡ଼ ସ୍ଥାନିତ ହୋଇଛି। ଅପରପକ୍ଷରେ ଭୂଭାଗ ଘେରା ରାଜ୍ୟ ମଧ୍ୟରେ ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଭଳି ୨ ରାଜ୍ୟ ରପ୍ତାନିକୁ ପ୍ରୋତ୍ସାହିତ କରିବା ଦିଗରେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ଏହି ଦୁଇ ରାଜ୍ୟ ରପ୍ତାନିକୁ ଉତ୍ସାହିତ କରିବା ଲାଗି ଯେଉଁ ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି ତାକୁ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଚ୍ୟାଲେଞ୍ଜ ସାମ୍ନା କରୁଥିବା ରାଜ୍ୟଗୁଡ଼ିକ ଉଦାହରଣ ଭାବେ ଗ୍ରହଣ କରିପାରିବେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଏହି ପରିପ୍ରେକ୍ଷୀରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ଆତ୍ମନିର୍ଭର ଭାରତ କ୍ଷେତ୍ରରେ ରପ୍ତାନିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ବାଣିଜ୍ୟ ଏବଂ ଦେଶର ମୋଟ ଜିଡିପିକୁ ରପ୍ତାନିର ଅଂଶ ବଢ଼ାଇବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ଦେଶର ମୁଣ୍ଡ ପିଛା ରପ୍ତାନି ବର୍ତ୍ତମାନ ୨୪୧ ଡଲାର ସ୍ତରରେ ରହିଛି। ଏହା ଦକ୍ଷିଣ କୋରିଆରେ ୧୧,୯୦୦ ଡଲାର ଏବଂ ଚାଇନା ୧୮,୦୦୦ ଡଲାର। ଭାରତ ନିକଟରେ ରପ୍ତାନି ଅଭିବୃଦ୍ଧିର ଏକ ବଡ ସୁଯୋଗ ରହିଛି। ରାଜ୍ୟଗୁଡ଼ିକ ରପ୍ତାନିକୁ ଉତ୍ସାହିତ କରିବା ଲାଗି ଏକ ଭିନ୍ନ ବିଭାଗ ସ୍ଥାପନ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ରପ୍ତାନିକୁ ଉତ୍ସାହିତ କରିବା ଲାଗି ସରକାରଙ୍କ ଉତ୍ପାଦନ ସଂଯୋଗୀ(ପିଏଲ୍‌ଆଇ) ଯୋଜନା କେବଳ ସହାୟକ ହୋଇ ପାରିବ ନାହିଁ। ଏଭଳି ସ୍ଥିତିରେ ଉପକୂଳବର୍ତ୍ତୀ ରାଜ୍ୟ ଏବଂ ଭୂଭାଗ ଘେରା ରାଜ୍ୟଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ଦେଖିବାକୁ ହେବ। ରପ୍ତାନି ଲାଗି ଏହି ଦୁଇ ବର୍ଗର ରାଜ୍ୟରେ ସ୍ଥିତି ଭିନ୍ନ ରହିଥାଏ। ଦୀର୍ଘ ମିଆଦୀ ଅର୍ଥନୈତିକ ଅଭିବୃଦ୍ଧି ଲାଗି ରପ୍ତାନି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି ବୋଲି ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି। ରପ୍ତାନି ବଢ଼ିଲେ ବିଶ୍ୱର ଭାଲ୍ୟୁ ଚେନ୍‌ରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖି ପାରିବ।




## ରପ୍ତାନି ଇକୋସିଷ୍ଟମରେ ଦ୍ୱିତୀୟ

### ୪ ମାନକ ଆଧାରରେ ର୍‍ୟାଙ୍କ ପ୍ରଦାନ

୨୦୧୬-୧୭ରେ ଭାରତର ମର୍ଚାଣ୍ଡାଇଜ ରପ୍ତାନି ୨୭୫.୯ ବିଲିୟନ ଡଲାର ରହିଥିବା ବେଳେ ୨୦୧୭-୧୮ରେ ୩୦୩.୫ ବିଲିୟନ ଡଲାର ଏବଂ ୨୦୧୮-୧୯ରେ ୩୩୧ ବିଲିୟନ ଡଲାରକୁ ବଢ଼ିଛି। କୋଭିଡ୍ ଦେଶର ରପ୍ତାନିକୁ ବର୍ତ୍ତମାନ ଗଭୀର ଭାବେ କ୍ଷତିଗ୍ରସ୍ତ କରିଛି। ଚଳିତ ବର୍ଷ ଏପ୍ରିଲରେ ରପ୍ତାନି ୬୦% ହ୍ରାସ ଘଟିଛି। ଇନଷ୍ଟିଚ୍ୟୁଟ ଅଫ୍ କମ୍ପିଟିଭନେସ ସହ ମିଳିତ ସହଭାଗିତାରେ ନୀତି ଆୟୋଗ ଏହି ରିପୋର୍ଟକୁ ପ୍ରଥମଥର ଲାଗି ଉନ୍ମୋଚନ କରିଛି। ରପ୍ତାନି କ୍ଷେତ୍ରରେ ରହିଥିବା ସୁଯୋଗ, ଚ୍ୟାଲେଞ୍ଜ ଏବଂ ନିୟାମକ କାର୍ଯ୍ୟଧାରାକୁ ଉତ୍ସାହିତ କରିବା ଲାଗି ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ରାଜ୍ୟଗୁଡ଼ିକୁ ମୁଖ୍ୟତଃ ୪ଟି ପ୍ରସଙ୍ଗରେ ର୍‍ୟାଙ୍କ ପ୍ରଦାନ କରାଯାଇଛି। ଏହା ମଧ୍ୟରେ ନୀତି, ବାଣିଜ୍ୟ ପରିବେଶ, ରପ୍ତାନି ପରିବେଶ ଏବଂ ରପ୍ତାନି ପରଫର୍ମାନ୍ସ ରହିଛି। ଏହାବାଦ ୧୧ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ମଧ୍ୟ ଏଥିରେ ବିଚାର କରାଯାଇଛି। ସେଗୁଡ଼ିକ ହେଲା- ରପ୍ତାନି ପ୍ରୋତ୍ସାହନ ନୀତି, ଆନୁଷ୍ଠାନିକ କାର୍ଯ୍ୟଧାରା, ବାଣିଜ୍ୟ ଧାରା, ଭିତ୍ତିଭୂମି, ପରିବହନ ବ୍ୟବସ୍ଥା, ଫାଇନାନ୍ସ ସୁବିଧା, ରପ୍ତାନି ଭିତ୍ତିଭୂମି, ବାଣିଜ୍ୟ ସହଯୋଗ, ଗବେଷଣା ଏବଂ ଉନ୍ନତୀକରଣ ଭିତ୍ତିଭୂମି, ରପ୍ତାନି ବିସ୍ତୃତୀକରଣ ଏବଂ ଅଭିବୃଦ୍ଧି।

### ମୋଟ ରପ୍ତାନିରେ ୫ ରାଜ୍ୟର ଅଂଶ ୭୦%

ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମହାରାଷ୍ଟ୍ର ଶୀର୍ଷରେ ରହିଥିବା ବେଳେ ଗୁଜରାଟ ଏବଂ ଝାଡଖଣ୍ଡ ଏହା ପଛକୁ ରହିଛନ୍ତି। ସେହିଭଳି ବିଜ୍‌ନେସ ଇକୋସିଷ୍ଟମ କ୍ଷେତ୍ରରେ ଗୁଜରାଟ ଶୀର୍ଷରେ ରହିଛି। ଏହା ପଛକୁ ଦିଲ୍ଲୀ ଏବଂ ତାମିଲନାଡୁ ରହିଛି। ରପ୍ତାନି ଇକୋସିଷ୍ଟମ କ୍ଷେତ୍ରରେ ମହାରାଷ୍ଟ୍ର ଶୀର୍ଷରେ ରହିଥିବା ବେଳେ ଏହା ପଛକୁ ଓଡ଼ିଶା ଏବଂ ରାଜସ୍ଥାନ ସ୍ଥାନିତ ହୋଇଛନ୍ତି। ରପ୍ତାନି ପରଫର୍ମାନ୍ସ କ୍ଷେତ୍ରରେ ମିଜୋରାମ ସୂଚକାଙ୍କର ଶୀର୍ଷରେ ରହିଛି। ଏହା ପଛକୁ ଗୁଜରାଟ ଏବଂ ମହାରାଷ୍ଟ୍ର ରହିଛନ୍ତି। ଦେଶର ୫ ରାଜ୍ୟ ପ୍ରାୟ ୭୦% ରପ୍ତାନି କରୁଛନ୍ତି। ଏଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର, ଗୁଜରାଟ, କର୍ଣାଟକ,ତାମିଲନାଡୁ ଏବଂ ତେଲଙ୍ଗାନା ରହିଛି।

### ରପ୍ତାନି ପ୍ରୋତ୍ସାହନରେ ୩ ପ୍ରମୁଖ ଚ୍ୟାଲେଞ୍ଜ

ରପ୍ତାନି ପ୍ରୋତ୍ସାହନ କ୍ଷେତ୍ରରେ ୩ ପ୍ରମୁଖ ଚ୍ୟାଲେଞ୍ଜ ରହିଛି। ଏହା ମଧ୍ୟରେ ରପ୍ତାନି ଭିତ୍ତିଭୂମି କ୍ଷେତ୍ରରେ ଅନ୍ତଃ ଏବଂ ଆନ୍ତଃରାଜ୍ୟ ବିଭେଦତା, ଦୁର୍ବଳ ବାଣିଜ୍ୟ ସହାୟତା ଏବଂ ରାଜ୍ୟଗୁଡ଼ିକର ଅଭିବୃଦ୍ଧି ଭଳି ପ୍ରସଙ୍ଗ ରହିଛି। ସେହିଭଳି ରପ୍ତାନିକୁ ଉନ୍ନତ କରିବା ଲାଗି ଗବେଷଣା ଏବଂ ଉନ୍ନତୀକରଣର ବିଭିନ୍ନ ସମସ୍ୟା ମଧ୍ୟ ରହିଥିବା ରିପୋର୍ଟରେ କୁହାଯାଇଛି। ରପ୍ତାନି ସୂଚନା ଦେବା ଲାଗି ଦେଶର ମାତ୍ର ୧୦ ରାଜ୍ୟ ଟ୍ରେଡ ଗାଇଡ ପ୍ରଦାନ କରୁଥିବା ୧୫ ରାଜ୍ୟ ଅନଲାଇନ ପୋର୍ଟାଲ ବ୍ୟବସ୍ଥା କରିଛନ୍ତି। ଏହାବାଦ ବାଣିଜ୍ୟ ଲାଗି ଋଣ ପ୍ରଦାନ ହାର ଉନ୍ନତ ନ ଥିବା ଜଣାପଡ଼ିଛି। ଏହା ମଧ୍ୟ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। କେବଳ ଦିଲ୍ଲୀ ଏବଂ ଚଣ୍ଡିଗଡ଼ ଭଳି ରାଜ୍ୟର ଋଣ ପ୍ରଦାନ ହାର ଯଥାକ୍ରମେ- ୫.୩୧% ଏବଂ ୩.୩୬% ରହିଛି। ଦେଶର ଅନ୍ୟ ପ୍ରାନ୍ତଗୁଡ଼ିକରେ ଏକ୍ଷେତ୍ରରେ ଋଣ ପ୍ରଦାନ ହାର ୦.୬% ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଖିଲେ ଝୁରୁଥାଏ,**
**ଦେଖିଲେ କଥା ନ କହେ।**
ଉପରଠାଉରିଆ ଭଲ ପାଇବା। କେତେକ ବ୍ୟକ୍ତି ମନରେ ପଛେ କିଛି ଥାଉ କି ନ ଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧା ଭାବ ଦେଖେଇ ହୁଅନ୍ତି। ଆଖି ଛଳଛଳ କରି ନିଜର ଭାବପଣିଆ ଜାହିର କରିବସନ୍ତି। ନ ଦେଖିଲେ ନ ଆସିଲେ ମନ କଷ୍ଟ, ଆସିଲେ ଆଡ଼ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ନ ଥାଇ ଆପଣାର ଭାବ ଅଛି ବୋଲି ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପିତା ତିଉଣ**
**ଦିହକୁ ଗୁଣ।**
ପିତା ସ୍ୱାସ୍ଥ୍ୟ ପ୍ରତି ବେଶ୍ ହିତକାରକ। ପାଟିକୁ ପିତା ଲାଗୁଥିଲେ ମଧ୍ୟ ଏହା ଶରୀର ପ୍ରତି ବେଶ୍ ଲାଭଦାୟକ ହୋଇଥାଏ। ସୁସ୍ଥ ନୀରୋଗ ଶରୀର ପାଇଁ ନିୟମିତ ପିତା ଖାଇବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ,ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# କଟକ: ଜିଲାରୁ ୪୩୯, ସହରରୁ ୨୭୬ ପଜିଟିଭ

କଟକ ଅଫିସ,୨୬।୮

କଟକ ଜିଲାରେ ଲଗାତର ଭାବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ୪୩୯ ଜଣ ଚିହ୍ନଟ ହୋଇଥିବା ବେଳେ ସେଥିରେ ସହରରୁ ୨୭୬ ସଂକ୍ରମିତ ରହିଛନ୍ତି।

କଟକ ସହରରୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ବକ୍ସିବଜାର ଅଞ୍ଚଳରୁ ସର୍ବାଧିକ ୧୩ ଜଣ ରହିଛନ୍ତି। ସେସୁର ବିଜୁ ପଟ୍ଟନାୟକ ଛକ କାର୍ଯ୍ୟାଳୟରୁ ୧୦, ବାଦାମବାଡ଼ି କାର୍ଯ୍ୟାଳୟରୁ ୮ ଓ ମୁଖ୍ୟ କାର୍ଯ୍ୟାଳୟରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜାଉଁଳିଆପଟିରୁ ୧୦, ଯୋବ୍ରାରୁ ୯, ଝାଞ୍ଜିରୀମଙ୍ଗଳାରୁ ୫, କୁମ୍ଭାର ସାହିରୁ ୩, ମହାନଦୀ ବିହାରରୁ ୪, ମଙ୍ଗଳାବାଗରୁ ୩, ଜଗତପୁରରୁ ୫, ଓଏସ୍‌ଏପିରୁ ୫, ପୁରୀଘାଟରୁ ୪, ରାଜାବଗିଚାରୁ ୩, ରାଣୀହାଟରୁ ୪, ଶଙ୍କରପୁରରୁ ୬, ସୁତାହାଟରୁ ୫, ତୁଳସୀପୁରରୁ ୫, ଚୌଧୁରୀ ବଜାରରୁ ୬, ସିଡିଏ ଅଞ୍ଚଳରୁ ୯, ବିଡ଼ାନାସୀରୁ ୫ ଓ ବଙ୍ଗାଳୀ ସାହିରୁ ୩ ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। ସେହିପରି ଗ୍ରାମାଞ୍ଚଳରେ ତିଗିରିଆରୁ ୪୩, ବାଙ୍କୀରୁ ୩୨, ସାଲେପୁରରୁ ୨୩, ଡମପଡ଼ାରୁ ୨୨, ବଡ଼ମ୍ବାରୁ ୧୯, ଚୌଦ୍ୱାରରୁ ୫, କଟକ ସଦରରୁ ୪, ମାହାଙ୍ଗା ୩, କଣ୍ଟାପଡ଼ା ଓ ଟାଙ୍ଗୀରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି।

**RAVENSHAW UNIVERSITY**
(A State University, NAAC Accreditation 'A' Grade)
Cuttack - 753003, Odisha

**ADVERTISEMENT FOR RECRUITMENT TO VARIOUS TEACHING POSTS**

No. CAD-411: In continuation with the advertisement No. 058 to 097, dated 07.01.2020 (and the Addenda and Corrigenda), Online applications have been invited from the eligible candidates for the posts of Assistant Professors, Associate Professors and Professors in different subjects of Ravenshaw University, Cuttack, Odisha vide advertisement Nos. 2044 to 2083 dated 25.08.2020 posted on the University webstie. The last date of the payment of application fee and submission of Online application are 11th September 2020 and 15th September 2020, respectively. The candidates, who have applied earlier in response to the advertisement No. 058 to 097, dated 07.01.2020, need not apply again. However, they can submit an update of their submitted application in the prescribed format. The details are available in the University website **www.ravenshawuniversity.ac.in**. The candidates are also requested to visit the University website regularly for any addendum/corrigendum/update.

**No. 2165/Dt.25.08.2020** **Registrar**

OIPR-11008/11/0003/2021

## ଅନୁପ ସାଏଙ୍କୁ କରୋନା

ଝାରସୁଗୁଡ଼ା ଅଫିସ,୨୬।୮-ଛତିଶଗଡ଼ ରାଜ୍ୟ ରାୟଗଡ଼ ଜେଲରେ ଥିବା ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ମଙ୍ଗଳବାର ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଜେଲ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ରାୟଗଡସ୍ଥିତ ଫାର୍ଟିସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସ୍ୱାବ୍ ନମୁନା ପରୀକ୍ଷା କରାଯିବା ପରେ ରିପୋର୍ଟ ପଜିଟିଭ ଆସିଥିବା ଜେଲ କର୍ତ୍ତୃପକ୍ଷ ବୁଧବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଫେବୃୟାରୀ ୧୨ରେ ଏକ ଡବଲ ମର୍ଡର ଘଟଣାରେ ଛତିଶଗଡ଼ ପୋଲିସ ତାଙ୍କୁ ଗିରଫ କରିଥିଲା। ବ୍ରଜରାଜନଗର ଅଞ୍ଚଳର କଳ୍ପନା ଦାସ ଓ ତାଙ୍କ ନାବାଳିକା ଝିଅ ବବ୍‌ଲି ହତ୍ୟା ଘଟଣାର ଅଢ଼େଇ ବର୍ଷ ପରେ ଛତିଶଗଡ଼ ପୋଲିସ ଅନୁପଙ୍କୁ



ଗିରଫ କରିଥିଲା। କଳ୍ପନା ଓ ବବ୍‌ଲିଙ୍କୁ ହତ୍ୟା କରିବା ପରେ ରାୟଗଡ ନିକଟସ୍ଥ ଏକ ଜଙ୍ଗଲରେ ପିଙ୍ଗି ଦିଆଯାଇଥିଲା। ପ୍ରମାଣ ନଷ୍ଟ ପାଇଁ ଉଭୟଙ୍କ ମୃତଦେହ ଉପରେ ଗାଡି ଚଢ଼ାଇ ଏହି ହତ୍ୟାକାଣ୍ଡକୁ ଦୁର୍ଘଟଣାର ରୂପ ଦିଆଯାଇଥିଲା ବୋଲି ରାୟଗଡ଼ ପୋଲିସ କହିଥିଲା। ଉକ୍ତ ଘଟଣାରେ ଅନୁପ ଓ ତାଙ୍କ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଥିଲା। ସେଦିନରୁ ଉଭୟେ ରାୟଗଡ଼ ଜେଲରେ ଅଛନ୍ତି।

## ପ୍ଲାଜ୍‌ମା ଦେଲେ ପ୍ରଥମ ମହିଳା ନର୍ସ

ଭୁବନେଶ୍ୱର, ୨୬।୮(ବ୍ୟୁରୋ): ପ୍ଲାଜ୍‌ମା ଥେରାପି ଦ୍ୱାରା କୋଭିଡ୍-୧୯ ସଂକ୍ରମିତ ଗୁରୁତର ରୋଗୀ ସୁସ୍ଥ ହେଉଛନ୍ତି। ତେଣୁ କରୋନା ମୁକ୍ତ ହୋଇଥିବା ବ୍ୟକ୍ତିମାନେ ପ୍ଲାଜ୍‌ମା ଦାନ କରିବା ଲାଗି ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଆହ୍ୱାନକ୍ରମେ ବୁଧବାର ଖୋର୍ଦ୍ଧା ଜିଲାର ଜଣେ ନର୍ସ ପ୍ରଥମ ମହିଳା ଭାବେ ପ୍ଲାଜ୍‌ମା ଦାନ କରିଛନ୍ତି। ସମ୍ ହସ୍ପିଟାଲରେ କାର୍ଯ୍ୟରତ ସମ୍ପୃକ୍ତ ଷ୍ଟାଫ୍‌ନର୍ସ ତଥା କରୋନା ଯୋଦ୍ଧା ହେଉଛନ୍ତି ରଶ୍ମିତା ମୁଦୁଲି। ଏହି ଅବସରରେ ମନ୍ତ୍ରୀ ଏବଂ ବିଧାୟକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସ୍ମାର୍ଟସିଟି ଭୁବନେଶ୍ୱରରେ ଥିବା ରାଜ୍ୟର ସବୁଠୁ ବଡ଼ ତଥା ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲର ରୂପ ନେବାକୁ ଯାଉଥିବା ବରମୁଣ୍ଡା ବସ୍ ଷ୍ଟାଣ୍ଡଟି ଏବେ ଆବର୍ଜନା ଓ ପାଣିକାଦୁଅରେ ଭର୍ତ୍ତି।

# ଏସ୍‌ସିବି ସେଣ୍ଟ୍ରାଲ ଆଇସିୟୁ ବନ୍ଦ

କଟକ ଅଫିସ,୨୬।୮

- ଗୋଟିଏ ଦିନରେ ୧୪ କର୍ମଚାରୀ ପଜିଟିଭ୍
- ମୋଟ ୩୧ କର୍ମଚାରୀଙ୍କ ମଧ୍ୟରୁ ଆକ୍ରାନ୍ତ ହେଲେଣି ୨୦

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ କାଜୁଆଲିଟିର ଚତୁର୍ଥ ମହଲାରେ ଥିବା ସେଣ୍ଟ୍ରାଲ ଆଇସିୟୁକୁ ବନ୍ଦ କରି ଦିଆଯାଇଛି। ବୁଧବାର ଏଠାରୁ ଗୋଟିଏ ଦିନରେ ୧୪ ଜଣ କର୍ମଚାରୀଙ୍କ କୋଭିଡ୍ ଟେଷ୍ଟ ରିପୋର୍ଟ ପଜିଟିଭ ବାହାରିଛି। ଏଯାବତ୍ ଏଠାରେ କାମ କରୁଥିବା ମୋଟ ୩୧ ଜଣ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ମଧ୍ୟରୁ ୨୦ ଜଣ କରୋନା ଆକ୍ରାନ୍ତ ହେଲେଣି। ଏଭଳି ପରିସ୍ଥିତିରେ ହସ୍ପିଟାଲ କର୍ତ୍ତୃପକ୍ଷ ବାଧହୋଇ ଏହି ବିଭାଗରେ ସପ୍ତାହକ ପାଇଁ ତାଲା ଝୁଲାଇଛନ୍ତି।

ବୁଧବାର ଏଠାରୁ ଚିହ୍ନଟ ହୋଇଥିବା ୧୪ ଜଣ ଆକ୍ରାନ୍ତଙ୍କ ମଧ୍ୟରେ ୧୧ ସେବିକା, ୨ ଫାର୍ମାସିଷ୍ଟ ଓ ଜଣେ ନିରାପତ୍ତାରକ୍ଷୀ ରହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଆକ୍ରାନ୍ତମାନଙ୍କୁ ଆଇସୋଲେଶନ ୱାର୍ଡର ଏକ ରୁମ୍‌ରେ ରଖାଯାଇଥିଲା। ଏହାକୁ ନେଇ କର୍ମଚାରୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୩୧ ଜଣ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ବ୍ୟତୀତ ଏଠାରେ ଆଉ ୧୩ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ କାମ କରୁଛନ୍ତି। ବୁଧବାର ସେମାନଙ୍କ ମଧ୍ୟରୁ କେତେଜଣଙ୍କ କୋଭିଡ୍ ଟେଷ୍ଟ ହୋଇଛି। ୨ଦିନ ମଧ୍ୟରେ ଅନ୍ୟମାନଙ୍କ ଟେଷ୍ଟିଂ କରାଯିବ। ଗୋଟିଏ ସପ୍ତାହ ବନ୍ଦ ରହିବା ଭିତରେ ବିଭାଗୀୟ ପରିସର ସମ୍ପୂର୍ଣ୍ଣ ସାନିଟାଇଜ୍ ହେବ। ୩୦ ଶଯ୍ୟାବିଶିଷ୍ଟ ଏହି ଆଇସିୟୁର ସମସ୍ତ ରୋଗୀଙ୍କୁ ଯିଏ ଯେଉଁ ବିଭାଗର, ସେଠାକୁ ପଠାଇ ଦିଆଯାଇଛି। ସଙ୍କଟାପନ୍ନ ସ୍ଥିତିରେ ଥିବା ରୋଗୀଙ୍କୁ ଅନ୍ୟ ଆଇସିୟୁକୁ ସ୍ଥାନାନ୍ତର କରାଯାଇଛି ବୋଲି ଆନାସ୍ଥେସିଆ ବିଭାଗ ମୁଖ୍ୟ ଡା. ଦୈତାରୀ ରାଉତ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ବିଲ୍ଡିଂର ଦ୍ୱିତୀୟ ମହଲା ଟ୍ରମା କେୟାର ପାଖରେ ଥିବା କ୍ୟାବିନରେ ଯୋଡ଼ାମୁଣ୍ଡ ଶିଶୁ ଜଗା କାଳିଆ ଚିକିତ୍ସିତ ହେଉଛନ୍ତି। ସେଠାରୁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ମଧ୍ୟ ଏହି ଦୁଇ ଶିଶୁ ନିରାପଦ ଅଛନ୍ତି।

# ଝିଅର ଅଶ୍ଳୀଳ ଫଟୋ ଭାଇରାଲ ପରେ ମା'ଙ୍କ ଆତ୍ମହତ୍ୟା

**ବାଲେଶ୍ୱରରୁ ୨ ଯୁବକ ଗିରଫ**

ଯାଜପୁର ଟାଉନ୍, ୨୬।୮ (ଡି.ଏନ୍.ଏ.)

ଝିଅର ଅଶ୍ଳୀଳ ଫଟୋ ଭାଇରାଲ ହେବା ପରେ ମା' ଆତ୍ମହତ୍ୟା କରିବା ଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଯାଜପୁର ଟାଉନ ଥାନା ଅଞ୍ଚଳରେ। ଏହି ଘଟଣାରେ ପୋଲିସ ବାଲେଶ୍ୱର ଜିଲା ସିଙ୍ଗଲା ଥାନା ଅଧୀନ ବଉଳଙ୍ଗ ଗ୍ରାମର ଯାଦବ ଦଳେଇଙ୍କ ପୁଅ ଶୁଭଙ୍କର (୨୦) ଓ ତାଙ୍କ ସହଯୋଗୀ ଜୟଦେବ ଦଳେଇ(୧୯)ଙ୍କୁ ବୁଧବାର ଗିରଫ କରିଛି।

ଘଟଣା ମୁତାବକ, ଯାଜପୁର ଟାଉନ୍ ଥାନା ଅଞ୍ଚଳର ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ଶୁଭଙ୍କର ସୋସିଆଲ ମିଡିଆରେ ପ୍ରେମ ନିବେଦନ କରିଥିଲେ। ମାତ୍ର ଛାତ୍ରୀ ଜଣକ ଏହାକୁ ଗୁରୁତ୍ୱ ନ ଦେବା ସହ ଏ ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ଶୁଭଙ୍କରଙ୍କୁ ବ୍ଲକ କରିଦେଇଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଶୁଭଙ୍କର ସମ୍ପୃକ୍ତା ଛାତ୍ରୀଙ୍କ ନାମରେ ଏକ ଫେକ୍ ଆକାଉଣ୍ଟ ଖୋଲିବା ସହ ଫଟୋଶପ୍‌ରେ ଏଡିଟ୍ କରି ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ସେୟାର କରିଥିଲେ। ଝିଅର ଏଭଳି ଫଟୋ ଭାଇରାଲ ହୋଇଥିବା ଜାଣିବା ପରେ ତାଙ୍କ ମା' ଗତ ସୋମବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏ ନେଇ ବୁଧବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୩୧୧/୨୦) ରୁଜୁ କରି ମୁଖ୍ୟ ଅଭିଯୁକ୍ତ ଶୁଭଙ୍କର ଓ ତାଙ୍କ ସହଯୋଗୀ ଜୟଦେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠକରଣୀ
9910560681

Indus Infra Network Company
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି।
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କିନ୍ତୁ ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡିକୁ ମାନିବାକୁ ତତ୍ପର ହେଉଥାଅ– ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। –**ଶ୍ରୀମା**



# ମଣିଷ–କୁକୁରଙ୍କ ସମ୍ପର୍କ



ମାନେକା ଗାନ୍ଧୀ

ନିଜକୁ ବିପଦରେ ପକାଇ ଲକ୍ଷ ଲକ୍ଷ ଆନିମଲ ଫିଡର (ପ୍ରାଣୀଙ୍କୁ ଆହାର ଦେଉଥିବା ବ୍ୟକ୍ତି)ମାନେ ପ୍ରାଣୀମାନଙ୍କ ଜୀବନ ବଞ୍ଚାଇବାରେ ଲାଗିଛନ୍ତି। କିନ୍ତୁ ଗତ ଦୁଇ ମାସରେ ତିନି ଜଣ ବ୍ୟକ୍ତି ଏହି ଫିଡର୍‌ମାନଙ୍କୁ ସାଂଘାତିକ ଭାବରେ ଆକ୍ଷେପ ବା ସମାଲୋଚନା କରିଛନ୍ତି। ଏମାନଙ୍କ ମଧ୍ୟରୁ ଖବରକାଗଜରେ ୨ ଜଣ ଓ ମାଗାଜିନ୍‌ରେ ଜଣେ କାମ କରୁଛନ୍ତି। ଏମାନେ ସମସ୍ତେ ଦାବି କରିଛନ୍ତି ଯେ, ପ୍ରାଣୀମାନଙ୍କୁ ଖୁଆଇବା ଫଳରେ ସାରା ଭାରତରେ ଅସନ୍ତୋଷ ସୃଷ୍ଟି କରିଛି । ସେମାନଙ୍କୁ ମାରିଦେବାକୁ ଏହି ତିନି ଜଣ କହୁଥିଲେ , କିନ୍ତୁ ଏବେ ଏଭଳି କହିବା ବନ୍ଦ କରିଦେଇଛନ୍ତି। କାରଣ ସେମାନେ ଜାଣନ୍ତି ଯେ,ଫିଡର୍‌ମାନଙ୍କୁ ନିନ୍ଦା କରିବା ଏତେଟା କ୍ଷତିକାରକ ନ ହେଲେ ବି ସେମାନଙ୍କ ହିଂସାତ୍ମକ ମନ୍ତବ୍ୟ ଦେଶର ଅଧିକାଂଶ ସ୍ଥାନରେ ଜଟିଳ ସମସ୍ୟା ସୃଷ୍ଟି କରିବ। ଏହି ତିନିଜଣଯାକ ଭଲ ପ୍ରଜାତିର ବିଦେଶୀ କୁକୁର ରଖିଛନ୍ତି। ସାମ୍ପ୍ରତିକ ସମୟରେ ଭାରତୀୟ ଓ କୁକୁରମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନେଇ ଷ୍ଟିଭେନ ଏଲ୍ . ହର୍‌ମ୍ୟାନଙ୍କ ଦ୍ୱାରା ହାର୍ଭାର୍ଡରେ ପ୍ରକାଶିତ ପେପର୍‌କୁ ସେମାନେ ପଢ଼ିବା ଉଚିତ। ମୁଁ ଏଥିରୁ ବହୁତ କିଛି ଉଦ୍ଧୃତ କରିବାକୁ ଯାଉଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ,ଜୀବନ ଆରମ୍ଭରୁ ଭାରତରେ କୁକୁର ରହୁଥିଲେ ଓ ସେମାନଙ୍କ ପାଳନ ପୋଷଣ କରାଯାଇଆସିଛି। ଏବେ ଡିଏନ୍‌ଏ ପରୀକ୍ଷାରୁ ଜଣାପଡିଛି ଯେ, ଭାରତର ସବୁ କୁକୁର ତଥା ବିଶ୍ୱର ଅନ୍ୟ ସ୍ଥାନରେ ଦେଖାଯାଉଥିବା ସବୁ ପ୍ରଜାତିର କୁକୁରଙ୍କ ସହ କାନିସ୍ ଲୁପୁସ୍ ଚାନ୍‌କୋର ସମ୍ପର୍କ ରହିଛି। ଚାନ୍‌କୋ ହେଉଛି ଭାରତର ଉତ୍ତର-ପଶ୍ଚିମାଞ୍ଚଳରେ ଦେଖାଯାଉଥିବା ବହୁ ପୁରାତନ ହିମାଳୟାନ୍ ହେଟା।

ଭାରତୀୟମାନଙ୍କର କୁକୁର ସହ ସମ୍ପର୍କ ପୁରାଣ ଯୁଗରୁ ରହିଆସିଛି। କୁକୁରମାନେ ଯମଙ୍କ ଦୂତ। ଧର୍ମରାଜ ଯୁଧିଷ୍ଠିର ତାଙ୍କ ସାଙ୍ଗରେ କୁକୁରକୁ ନ ନେଲେ ସ୍ୱର୍ଗରେ ପ୍ରବେଶ କରିବାକୁ ମନା କରିଦେଇଥିଲେ । ଦେବତାମାନେ ତାଙ୍କ ଦୟାଭାବକୁ ପରୀକ୍ଷା କରୁଥିଲେ ଏବଂ ସେ ସଫଳତାର ସହ ଏଥିରେ ପାସ୍ କରିଥିଲେ। ‘ ଆଦ୍ୟ ବେଦଶାସ୍ତ୍ରରୁ ଜଣାପଡେ ଯେ, ଭାରବାହୀ କିମ୍ବା ପୂଜା ପାଉଥିବା ପ୍ରାଣୀମାନଙ୍କ ଅପେକ୍ଷା ପରିବାର ସହ କୁକୁରର ସମ୍ପର୍କ ବହୁତ ଭଲ ରହିଥିଲା।

ଭୋପାଳ ନିକଟ ଭୀମ୍ବେଟକ୍‌ରେ ଥିବା ଶିଳାଚିତ୍ରରେ ଜଣେ ଲୋକ କୁଞ୍ଚିତ ଲାଞ୍ଜଥିବା କୁକୁରକୁ ଚେନ୍‌ରେ ବାନ୍ଧି ନେଉଥିବା ଦେଖିବାକୁ ମିଳେ। ସମ୍ପ୍ରତି ଇଣ୍ଡିଆନ୍ ପରିୟା ଡଗ୍ ( ଭାରତର ଦେଶୀ କୁକୁର) ଉପରେ କରାଯାଇଥିବା ଏକ ଅନୁଧ୍ୟାନରେ କେତେକ ସିନୋଲୋଜିଷ୍ଟ(କୁକୁର ଓ ଗୃହପାଳିତ ପଶୁଙ୍କ ଉପରେ ଅନୁଧ୍ୟାନ କରୁଥିବା ବିଶେଷଜ୍ଞ)ଙ୍କ ମତରେ ହେଟାଭଳି ଦେଖାଯାଉଥିବା କୁକୁର ବହୁ ସଂଖ୍ୟାରେ ଏକାଠି ଖାଦ୍ୟ ଅନ୍ୱେଷଣ କରିଥାନ୍ତି। ମାତ୍ର ଗତ ୧୧ ମାସ ମଧ୍ୟରେ ଭାରତର ସ୍ଥାନୀୟ ଅଞ୍ଚଳର ବୁଲାକୁକୁରଙ୍କ ଉପରେ ନିରୀକ୍ଷଣ କରାଯିବା ପରେ ଏମାନେ ଏ କ୍ଷେତ୍ରରେ ବହୁସଂଖ୍ୟାରେ ଏକାଠି ହେବା ଲକ୍ଷ୍ୟ କରାଯାଇନାହିଁ। ଏଣୁ ଏମାନେ ଜଙ୍ଗଲୀ ନୁହନ୍ତି। ବରଂ ଆଞ୍ଚଳିକ ଭିତ୍ତିରେ ଏମାନେ ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଏମାନେ ସେମାନଙ୍କ ଅଞ୍ଚଳରେ ଥିବା ଅନ୍ୟ ଯେ କୌଣସି କୁକୁରଠାରୁ ଅଧିକ ସହନଶୀଳ। ଏମାନେ ବିଶାଳ ଭାରତୀୟ ସମାଜର ଏକ ବଡ ଅଙ୍ଗ।

ଭାରତର ସହରରେ ରହୁଥିବା ଅଧିକାଂଶ ଲୋକ ବୁଲାକୁକୁରଙ୍କୁ କ୍ଷତିକାରକ ମଣନ୍ତିନି। ଏମିତି କି ସବୁଠୁ ଗରିବ ପରିବାରରେ ପିଲା ଓ କୁକୁରମାନଙ୍କ ମଧ୍ୟରେ ନିବିଡ଼ତା ରହିଛି। ଉଭୟେ ରାସ୍ତାରେ ହିଁ ଦିନ କାଟନ୍ତି। ଏଥିରୁ ବୁଝାପଡେ ଯେ, ବୁଲା କୁକୁରଙ୍କ ସହନଶୀଳତା ଭାରତରେ ଦେଖାଯାଉଥିବା ଅନ୍ୟାନ୍ୟ ପ୍ରଜାତିର କୁକୁରଙ୍କଠାରୁ ଢେର ବେଶି। ଭାରତରେ ବହୁ ସ୍ଥାନରେ ଏମାନଙ୍କୁ ଅବହେଳା କରାଯାଏ, ଚିକିତ୍ସା ବି କରାଯାଏନି। ଏଭଳି ପରିସ୍ଥିତିରେ ଏଠାରେ ସ୍ୱେଚ୍ଛାସେବୀମାନେ ପ୍ରାଣୀ କଲ୍ୟାଣ ଲାଗି ସମ୍ପୂର୍ଣ୍ଣ ସମର୍ପିତ। ବୁଲାକୁକୁରଙ୍କ ଅଦ୍ଭୁତ ସହନଶୀଳତାର ସମ୍ପର୍କ ହିନ୍ଦୁତ୍ୱ ସହ ଥାଇପାରେ ବୋଲି କହିଛନ୍ତି ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଡିନ୍ ଡକ୍ଟର ଏ.ଜେ.ଟି.ଜନସିଂ।

କୁକୁର ପ୍ରତି ଭାରତରେ ଲୋକମାନଙ୍କ ଦୃଷ୍ଟିଭଙ୍ଗୀ ଉପରେ ଡ. ଅମିତା ସିଂ ତାଙ୍କ ଭାବନା ବ୍ୟକ୍ତ କରିଛନ୍ତି। ସେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଦି ସେଣ୍ଟର ଫର୍ ଷ୍ଟଡି ଅଫ୍ ଲ ଆଣ୍ଡ ଗଭର୍ନାନ୍ସର ଚେୟାରପର୍ଶନ ଅଛନ୍ତି। ପ୍ରଫେସର ସିଂ କହନ୍ତି,କୁକୁର ପ୍ରତି ଥିବା ଦୃଷ୍ଟିଭଙ୍ଗୀକୁ ଭିତ୍ତି କରି ଭାରତରେ ତିନି ପ୍ରକାର ଲୋକ ରହିଛନ୍ତି। ପ୍ରଥମ ବର୍ଗର ଲୋକେ କୁକୁରକୁ ସାଙ୍ଗରେ ରଖିବା ଉପରେ ଗୁରୁତ୍ୱ ଦିଅନ୍ତି। ଏପରିକି ସେମାନଙ୍କ ପାଖରେ କମ୍ ଖାଦ୍ୟ ଥିଲେ ବି ସେମାନେ କୁକୁରକୁ ଦିଅନ୍ତି ବୋଲି କହନ୍ତି ସିଂ। ଦ୍ୱିତୀୟ ବର୍ଗର ଲୋକେ ହେଉଛନ୍ତି ସେମାନେ ଯେଉଁମାନଙ୍କର ଧାର୍ମିକ ବିଶ୍ୱାସ ଯୋଗୁ କୁକୁର ପ୍ରତି ଆକର୍ଷଣ ରହିଥାଏ। ସାମ୍ପ୍ରତିକ ସମୟରେ ସାଇ ବାବାଙ୍କ ଲକ୍ଷ ଲକ୍ଷ ଅନୁଗାମୀଙ୍କ ଦ୍ୱାରା ଚାଲୁଥିବା ଆଧ୍ୟାତ୍ମିକ ଅଭିଯାନ ଯୋଗୁ ଏଭଳି ଲୋକଙ୍କ ସଂଖ୍ୟା ଅଧିକ ବଢିବାରେ ଲାଗିଛି। ଏହି ପ୍ରଭାବଶାଳୀ ଆଧ୍ୟାତ୍ମିକ ଗୁରୁ କୁକୁରଙ୍କ ସୁରକ୍ଷା ଲାଗି ପ୍ରଚାର କରିଥିଲେ ଏବଂ ଯଦି ଲୋକେ କୁକରଙ୍କୁ ଖାଇବାକୁ ଦେବେ ତେବେ ସେମାନଙ୍କ ପାପ କୁକୁରଙ୍କ ପାଖକୁ ଚାଲିଯିବ ବୋଲି କହୁଥିଲେ। ପଶ୍ଚିମ ଭାରତରେ ଉପାସିତ ଦତ୍ତାତ୍ରେୟ କୁକୁରଙ୍କ ସହ ଫଟୋରେ ଦୃଶ୍ୟମାନ ହେବା ଭଳି ସାଇବାବା ବି ଫଟୋରେ କୁକୁରମାନଙ୍କ ସହ ଦୃଶ୍ୟମାନ ହୋଇଥାନ୍ତି। ଡ. ସିଂ ବି ଏକ କାହାଣୀ ବର୍ଣ୍ଣନା କରିଛନ୍ତି। ଜଣେ ଭକ୍ତ ସାଇ ବାବାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଥିବା ସମୟରେ ଗୁରୁ (ବାବା)ଙ୍କ ପାଇଁ ରଖାଯାଇଥିବା ଖାଦ୍ୟ ଖାଇବାକୁ ଉଦ୍ୟମ କରୁଥିବା ଏକ କୁକୁରକୁ ସେ ବାଡିରେ ବାଡେଇ ଦେଲେ। ଗୁରୁ ଆଉ ଖାଇବାକୁ ଆସିଲେ ନାହିଁ । ପରେ ସେହି ଲୋକଟି ବାବାଙ୍କୁ ଖାଇବାକୁ ନ ଆସିବାର କାରଣ ପଚାରିଲେ। ‘ଖାଇବାକୁ ଆସିଥିଲି , କିନ୍ତୁ ତୁମେ ମୋତେ ଗୋଟିଏ ବାଡିରେ ବାଡେଇଲ’ ବୋଲି ବାବା ଉତ୍ତର ଦେଇଥିଲେ। ତୃତୀୟ ବର୍ଗର କୁକୁର ପ୍ରେମୀ ଉପନିବେଶବାଦୀ ଇଂରେଜଙ୍କୁ ଅନୁକରଣ କରୁଛନ୍ତି। ଇଂରେଜଙ୍କୁ ଅନୁକରଣ କରୁଥିବା ଆଧୁନିକ ସମୟର ଏହି ଲୋକମାନେ ଭଲ ପ୍ରଜାତିର କୁକୁରଙ୍କୁ ପସନ୍ଦ କରନ୍ତି। ସେମାନେ ସ୍ୱାର୍ଥପର, କାରଣ ସେମାନଙ୍କୁ ପୋଷା କୁକୁର ରଖିବାକୁ ଭଲ ଲାଗେ। ସେମାନେ ରାସ୍ତାରେ ବୁଲୁଥିବା କୁକୁରଙ୍କ ପ୍ରତି କ୍ରୂରତା ଭାବ ପ୍ରଦର୍ଶନ କରନ୍ତି ଏବଂ ଏପରିକି ସେମାନଙ୍କୁ ମାରିଦେବା ସପକ୍ଷରେ ମତ ଦେଇଥାନ୍ତି।

ଭାରତୀୟ ସମାଜରେ କୁକୁରକୁ ନେଇ ଅଦ୍ଭୁତ ଦୃଷ୍ଟିକୋଣ ରହିଥିବା ଲକ୍ଷ୍ୟ କରାଯାଏ। ଏଠାରେ ମଣିଷ ଓ କୁକୁରଙ୍କ ମଧ୍ୟରେ ବାହାଘର ହୋଇଥାଏ। ସାଧାରଣତଃ ଦମ୍ପତିଙ୍କ ଉପରୁ ସାମ୍ଭାବ୍ୟ ବିପଦ ଦୂର କରିବା ଲାଗି ଏଭଳି ବାହାଘର ଅନୁଷ୍ଠିତ ହୋଇଥାଏ। ନିକଟରେ ଜ୍ୟୋତିଷଙ୍କ ପରାମର୍ଶକ୍ରମେ ତାମିଲନାଡୁର ଜଣେ କୃଷି ଶ୍ରମିକ ୪ ବର୍ଷର ବୁଲାକୁତି ସେଲ୍ଵିକୁ ବିବାହ କରିଥିଲେ। ଦୁଇଟି ବୁଲା କୁକୁରକୁ ପଥର ଫିଙ୍ଗି ମାରିଦେବା ପରେ ସେମାନଙ୍କୁ ଗଛରେ ଝୁଲାଇ ଦେବା ଜନିତ ପାପ ଦୂର କରିବା ଲାଗି ଏଭଳି କରିବାକୁ ତାଙ୍କୁ ଜ୍ୟୋତିଷ ପରାମର୍ଶ ଦେଇଥିଲେ। ଏହି ଭୟଙ୍କର କାର୍ଯ୍ୟ କରିବା ପରେ ସେ ପକ୍ଷାଘାତ ସମେତ ବହୁ ସମସ୍ୟାରେ ପଡି ଯନ୍ତ୍ରଣା ପାଉଥିଲେ ଏବଂ ତାଙ୍କ ଶ୍ରବଣ ଶକ୍ତି ବି ହରାଇଥିଲେ। ଦୁଷ୍ଟାତ୍ମା ଦୃଷ୍ଟି ଦୂର କରିବା ଓ ବିପଦ ଟାଳିବା ଲାଗି ଭାରତରେ ବହୁ ଆଦିବାସୀ ଯୁବତୀ କୁକୁରକୁ ବାହା ହେବା ଘଟଣା ଦେଖିବାକୁ ମିଳେ। ମୁଣ୍ଡା ଜନଜାତିର ଝିଅମାନଙ୍କର ଦାନ୍ତ ପଡି ସ୍ଥାୟୀ ଦାନ୍ତ ଉଠିବା ସମୟରେ ସେମାନଙ୍କୁ କୁକୁର ସହ ବାହାଘର କରାଯାଇଥାଏ। ପ୍ରାଣୀଙ୍କ ଆକ୍ରମଣକୁ ପ୍ରତିହତ କରିବା ଲାଗି ଝିଅମାନଙ୍କୁ ଶକ୍ତିଶାଳୀ କରିବା ଲାଗି ଏଭଳି କରାଯାଇଥାଏ। ଓଡିଶାରେ ଜଣେ ୫ ବର୍ଷର ଆଦିବାସୀ ଝିଅକୁ ବାଘ ନ ଖାଇବା ଲାଗି ୨୦୦୫ରେ ତାକୁ କୁକୁର ସହ ବାହାଘର କରାଯାଇଥିଲା। ୨୦୦୩ରେ କୋଲକାତାରେ ଜଣେ ସାନ୍ତାଳୀ ଝିଅକୁ ବୁଲାକୁକୁର ବଚନ ସହ ବାହାଘର କରାଯାଇଥିଲା। ଏହି ଉତ୍ସବରେ ୧୦୦ ଜଣ ଅତିଥି ଯୋଗ ଦେଇଥିଲେ ଓ ଘରେ ପ୍ରସ୍ତୁତ କରାଯାଇଥିବା ମଦ ପିଇ ନାଚରେ ମାତିଥିଲେ।

ପୌରାଣିକରୁ ଅଲୌକିକ ଯାଏ ହଜାର ହଜାର ବର୍ଷ ଧରି ଭାରତରେ ମଣିଷ ଓ କୁକୁର ମଧ୍ୟରେ ସମ୍ପର୍କ ରହିଆସିଛି। ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ କି ହେବାର ବି ନାହିଁ। ଏଭଳି ସମ୍ପର୍କ ଉପରେ ପାଶ୍ଚାତ୍ୟ ଲେଖକମାନେ ନାରାଜ ହୋଇ ଇରିସ ସେଟ୍ଟର ଏବଂ ପୋମେରାନିଆନ କୁକୁରକୁ ଆଗକୁ ଆଣି ଭାରତର କୁକୁରମାନଙ୍କୁ ହଟେଇ ଦେବାକୁ ବ୍ୟଗ୍ର ହେଲେ ବି ସେମିତି କିଛି ଘଟିବାର ନାହିଁ। କିନ୍ତୁ ଏହି ଲକ୍‌ଡାଉନରେ ଭାରତୀୟ କୁକୁରଙ୍କ ସୁରକ୍ଷା ଅଭିଯାନ ଥମି ଯାଇନାହିଁ, ବରଂ ବଢିଛି, ତାହା ପୁଣି ଜୋର୍‌ସୋରରେ। ହଁ, ଏଥିରେ ସଂଘର୍ଷର ସୂତ୍ରପାତ ହୋଇଛି, କୁକୁରଙ୍କୁ ବିଷ ଦିଆଯାଇଛି, କେତେକ ମଦ୍ୟପ ପ୍ରାଣୀମାନଙ୍କୁ ବି ବାଡେଇଛନ୍ତି। କିନ୍ତୁ ମୋଟ ଉପରେ କହିବାକୁ ଗଲେ ଏହି ଯୁଦ୍ଧରେ ଦୟାଳୁଙ୍କର ବିଜୟ ଘଟିଛି।

Email: gandhim@nic.in

# ମୃତ୍ୟୁ ପର୍ଯ୍ୟନ୍ତ ବଞ୍ଚିବାକୁ ହେବ



ଡ. ବାଇଧର ସାହୁ

ପୃଥିବୀର ଲୋକମାନଙ୍କ ଭିତରେ ଆଜି ହତୋତ୍ସାହ ଦେଖାଦେଇଛି ତାହାର କାରଣ କୋଭିଡ୍-୧୯। ଜୀବନ ପ୍ରତି ପ୍ରତିକୂଳ ମନୋଭାବ ଆମକୁ ଗୋଡ଼ ଧରି ଟାଣୁଛି ତଳକୁ, ଖୁବ୍ ତଳକୁ ତଥାପି ମରିବା ପର୍ଯ୍ୟନ୍ତ ବଞ୍ଚିବାକୁ ହେବ – ଏହା ହେଉଛି ଆଜିର ଆହ୍ୱାନ।

ପୋଷ୍ଟ ଅଫିସରେ ଚିଠିଟିଏ ରେଜିଷ୍ଟ୍ରେଶନ କରିବା ପାଇଁ ନିୟମ ଅନୁଯାୟୀ ଦୂରତାରେ ରହି ଅପେକ୍ଷା କରିବାକୁ ହେବ। ପୋଷ୍ଟ ଅଫିସ ସମ୍ପୃକ୍ତ ଅଧିକାରୀ ଚିଠିଟିର ଓଜନ ଦେଖିବା, ପଇସା ଗଣିବା, ତତ୍‌ସଂଲଗ୍ନ କମ୍ପ୍ୟୁଟର କାର୍ଯ୍ୟ କରିବାରେ ତିଳେ ମାତ୍ର ବିରକ୍ତ ହେଉ ନାହାନ୍ତି। ଏଥିପାଇଁ ତାଙ୍କୁ କେହି ପ୍ରଶଂସା କରୁନାହିଁ। ହଠାତ୍ ଜଣେ କହିଲେ – ସାର୍ ଆପଣଙ୍କ କର୍ମମୟ ଜୀବନକୁ ଦେଖି ଆନନ୍ଦ ଲାଗୁଛି। ହସି ହସି ପୋଷ୍ଟ ଅଫିସ ଅଧିକାରୀ ଉତ୍ତର ଦେଲେ – ଏଇଟା ତ ଜୀବନ। ଦୂରରେ ରହି ଜଣେ କିଛି କହିବାକୁ ଚାହୁଁଥିଲେ ମାତ୍ର ତାହା ସମ୍ଭବପର ହେଲା ନାହିଁ। କାର୍ଯ୍ୟ ସାରି ଫେରି ଆସୁଥିବା ବ୍ୟକ୍ତିଙ୍କୁ ସେ ପଚାରିଲେ – ସେହି କିରାଣିଙ୍କୁ ପ୍ରଶଂସା କରି କ’ଣ ପାଇଲେ ? ସଙ୍ଗେ ସଙ୍ଗେ ଲୋକଟି ଉତ୍ତର ଦେଲେ – କୌଣସି ସ୍ୱାର୍ଥ ନ ଥାଇ ମଧ୍ୟ ପ୍ରଶଂସା କଲେ ଉଭୟଙ୍କ ମନରେ ଶାନ୍ତି ଆସିଥାଏ। ଯେଉଁ ବ୍ୟକ୍ତି ଏହି କାର୍ଯ୍ୟ କରୁଥିଲେ ସେ ଜଣେ ଉଚ୍ଚ ସ୍ତରର ମଣିଷ।

କରୋନା ଭୟରେ ମଣିଷ ଅନ୍ୟ ଜୀବ ଭଳି ଅନ୍ନମୟ ଓ ପ୍ରାଣମୟ କୋଷରେ ଛନ୍ଦି ହୋଇଯାଉଛି। ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ଆମ ଜୀବନର ପ୍ରତି ମୁହୂର୍ତ୍ତକୁ ପୂର୍ଣ୍ଣ ମାତ୍ରାରେ ସୂକ୍ଷ୍ମ ଦୃଷ୍ଟି ସହିତ ନୂତନ ଦୃଷ୍ଟିଭଙ୍ଗୀରେ ଗ୍ରହଣ କରି ଉନ୍ନୀତ କରାଇବାକୁ ହେବ। ସଂସାରର ପଣ୍ୟ ବଜାରରେ ଆମେ ହଜିଯାଉଛୁ। ଆମର ଦରକାରୀ ଜିନିଷ କମ୍ କରିବା, ଆମର ବୋଝ୍ ହାଲୁକା କରିବା, ଆମର ଆଦର୍ଶ ବଢ଼ାଇ ଦେବା ଏହିସବୁ ସତ୍ତ୍ୱେ ଆମର ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ଟିକେଟ ରହିଛି। ଆମ ସହିତ ରହିଛି ସନ୍ତୋଷର ଟିକେଟ। ଅଳ୍ପ ଜିନିଷ ଯାହା ଜନ୍ମ ସମୟରେ ଲିଖିତ ଭାବରେ ପ୍ରଭୁ ଦେଇଛନ୍ତି ତାହା ହିଁ ଲିଖିତ ହୋଇ ରହିବ।

ଆଜିକୁ ତିନି ହଜାର ବର୍ଷ ପୂର୍ବେ ଅଗ୍ନିକୁ ପୂଜା କରୁଥିବା ଲୋକମାନଙ୍କୁ ଜୋରଷ୍ଟାର ଯାହା କହିଥିଲେ ଆଜିକୁ ଅଢ଼େଇ ହଜାର ବର୍ଷ ତଳେ ଚାଇନାର କନ୍‌ଫୁସିୟସ ଚାଇନାର ଲୋକମାନଙ୍କୁ ଯାହା ଶୁଣାଇଛନ୍ତି, ଯିଶୁଖ୍ରୀଷ୍ଟଙ୍କର ପାଞ୍ଚ ଶହ ବର୍ଷ ପୂର୍ବରୁ ବୁଦ୍ଧଦେବ ଭାରତବାସୀଙ୍କୁ ଯେଉଁ କଥା କହିଥିଲେ, ନିଜେ ଯିଶୁଖ୍ରୀଷ୍ଟ ସେଇଭଳି କହିଥିଲେ। ତାଙ୍କର କଥା – ଅନ୍ୟମାନଙ୍କୁ ଭଲ ବ୍ୟବହାର କରି, ପରର ଦୁଃଖକୁ ଆପଣାର ଦୁଃଖ ବୋଲି ମନେକରି, ଆପଣାର ଦୁଃଖକୁ ବୃଦ୍ଧି କରି ପରକୁ ସୁଖୀ କର ଓ ଆନନ୍ଦିତ ହୁଅ।

ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କ ପାଇଁ ପାଠପଢ଼ିବାର ଯେଉଁ ବୋଝ ତାହାର ଲାଘବ ନିମିତ୍ତ ବିଚାର କରୁଛନ୍ତି। ଜୀବନଯାତ୍ରାକୁ ହାଲୁକା ଭାବରେ ଆଗେଇ ନେବାକୁ ବହୁ ଯୋଜନା ନିର୍ମାଣ ଚାଲିଛି। ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ଦାନଗୁଡ଼ିକ ଭଗବାନଙ୍କ ସନ୍ତାନ ନିମିତ୍ତ ବ୍ୟବହାର କରିବାକୁ ରହିଛି।

ଜୀବନର ଆହ୍ୱାନକୁ କେତେକ ସମ୍ମୁଖୀନ କରିପାରନ୍ତି ନାହିଁ। ବଞ୍ଚିବା ମରିବା ଭିତରେ ଲୋକ କାର୍ଯ୍ୟ କ୍ଷମତା ହରାଇଲେ କେବଳ ମାତ୍ର ମୁହୂର୍ତ୍ତକ ମଧ୍ୟରେ ସେ ସମସ୍ତ ଛାଡ଼ି ଚାଲିଯାଏ। ବାହାରୁ ଆଣି ବୋଝାଇ କରିବା ପୁଣି ଘରେ ନେଇ ଖଲାସ କରିବା ଏଇ ରଖିବାର ଗଣ୍ଡଗୋଳ ଭିତରେ ସମୟ ଚାଲିଯାଉଛି।

ଜୀବନଟାକୁ ଏତେ ଜୋରରେ ଜାବୁଡ଼ି ଧରୁଛୁଁ ମାତ୍ର ସେ ଚାଲିଯିବ କ’ଣ ପାଇଁ ଏହା ମଧ୍ୟ ଜଣାନାହିଁ। କରୋନା ଆସି ଘରେ ଘରେ ପଶିଯାଉଛି ଆଉ କିଛି ଶିଖାଇ ଦେଉଛି। ସେହି ଶିକ୍ଷା ଆଧ୍ୟାତ୍ମିକ ଶିକ୍ଷା। ଏଇ ପରିସ୍ଥିତିରେ ନୈତିକ ନିୟମାବଳୀ ତିଆରି କରିବା ଏବଂ ମାନିବା ହେଉଛି ମନୁଷ୍ୟର ସମସ୍ୟା। କୋଭିଡ୍-୧୯ର ଭୟ ଭିତରେ ଆଧ୍ୟାତ୍ମିକତାକୁ ଏଡ଼ାଇ ଦେଇହେବ ନାହିଁ କାରଣ ମଣିଷ ମୃତ୍ୟୁ ପର୍ଯ୍ୟନ୍ତ ବଞ୍ଚିବାକୁ ଚାହୁଁଥିବାରୁ ସୃଷ୍ଟି ଓ ସୃଷ୍ଟିକର୍ତ୍ତାଙ୍କୁ ଧ୍ୟାନ କରିବା ଦ୍ୱାର ସମସାମୟିକ ପରିସ୍ଥିତି ଶୃଙ୍ଖଳାଭିତରେ ସ୍ଥିର ହୋଇଯିବ।

ଖେଳପଡ଼ିଆରେ ଦର୍ଶକ ମଣ୍ଡଳୀ ଓ ଖେଳାଳି ଏତେତେଣେ ବୁଲିବା ସମୟରେ ସିଟି ଶବ୍ଦ ଶୁଣି ଯେ ଯେଉଁ ସ୍ଥାନରେ ସ୍ଥିର ହୋଇଗଲା ଭଳି ଆମକୁ ବଞ୍ଚିବା ପର୍ଯ୍ୟନ୍ତ କୋଭିଡ୍-୧୯ ସିଟିର ଶବ୍ଦ ଆମ ପାଇଁ ଏକ ଆତ୍ମ ଶୃଙ୍ଖଳିତ ଶବ୍ଦ, ଯାହା ଅନ୍ତର ମଧ୍ୟରୁ ଉଦ୍‌ବୁଦ୍ଧି, ବାହ୍ୟ ବାଧ୍ୟତାରେ ନୁହେଁ।

ମୋ-୯୨୩୮୮୬୯୦୦୬

## ଚିରନ୍ତନୀ

କେତେ ଛନ୍ଦେ କେତେ ଗନ୍ଧେ
ଭରି ମୋର ହିଆ
ଜାଗିଲା ପରାଣପୁରେ
ଆଜି ପ୍ରାଣପ୍ରିୟା। (ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଏଇ ଭାରତରେ

ଦେଶରେ ଲକ୍‌ଡାଉନ ଲାଗୁ ହେବା ପରେ ଛୋଟ ଛୋଟ ଦୋକାନୀଙ୍କ ବ୍ୟବସାୟ ପୂରା ମାନ୍ଦା ହୋଇଯାଇଛି। ଏମିତିକି ବହୁ ବ୍ୟବସାୟୀ ସେମାନଙ୍କ ଦୋକାନ ବନ୍ଦ କରିଦେଇଛନ୍ତି। ଏମିତି ପରିସ୍ଥିତିରେ ମହାରାଷ୍ଟ୍ରର ସତାରା ନିବାସୀ ସୁମିତ ଶାହା ‘ଦୁକାନ’ ଆପ ଆରମ୍ଭ କରି ଛୋଟ ସହରଗୁଡିକର ପ୍ରାୟ ୪ ଲକ୍ଷ ଦୋକାନୀଙ୍କୁ ସଶକ୍ତ କରିପାରିଛନ୍ତି। ବ୍ୟବସାୟୀମାନେ ଏହି ଆପ୍ ମାଧ୍ୟମରେ ସେମାନଙ୍କ ସାମଗ୍ରୀ ବିକ୍ରୟ କରି ଏବେ ବେଶ୍ ଲାଭ ପାଉଛନ୍ତି। ୨୦୧୩ ରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିବା ପରେ ସୁମିତ ମାର୍କେଟିଂ ଓ ୱେବ୍‌ସାଇଟ୍ ଡେଭଲପ୍‌ମେଣ୍ଟ ଉପରେ ଅନଲାଇନ କୋର୍ସ କରିଛନ୍ତି। ଏହା ପୂର୍ବରୁ ବେଙ୍ଗାଲୁରୁରେ ସେ ଡିଜିଟାଲ ମାର୍କେଟିଂ ଓ ଆଡ୍‌ଭାର୍ଟାଇଜିଂ ଏଜେନ୍ସିର ଏକ ଷ୍ଟାର୍ଟଅପ୍ ଖୋଲିଥିଲେ। ମେ’ମାସରେ ବେଙ୍ଗାଲୁରୁର ଏକ ଦୋକାନର ମେସେଜ ତାଙ୍କ ପାଖକୁ ଆସିଥିଲା। ସେଥିରେ ସେହି ଦୋକାନ ହ୍ୱାଟ୍ସଆପ୍ ଜରିଆରେ ଅର୍ଡର ରଖି ସାମଗ୍ରୀ ଘରେ ପହଞ୍ଚାଇ ଦେବ ବୋଲି ଦର୍ଶାଯାଇଥିଲା। ଏହା ଦେଖିବା ପରେ ଦୋକାନୀମାନଙ୍କୁ ସାହାଯ୍ୟ କରିବା ଲାଗି ସୁମିତ ‘ଦୁକାନ’ ଆପ୍ ବିକାଶ କରିବା ଲାଗି ଆଗକୁ ବଢ଼ିଥିଲେ। ଜୁନ୍ ପ୍ରଥମ ସପ୍ତାହରେ ସେ ଏହି ଆପ୍ ଆରମ୍ଭ କରିଥିଲେ। ଏବେ ସୁମିତଙ୍କ ସହ ୧୦ ଜଣ ସଦସ୍ୟ ରହି ଏହାକୁ ପରିଚାଳନା କରୁଛନ୍ତି। ଏହା ଆରମ୍ଭ ହେବାର ୨୦ ଦିନ ମଧ୍ୟରେ ଭାରତର ୪୦୦ ସହରର ୧ ଲକ୍ଷରୁ ଅଧିକ ଦୋକାନ ଏଥିରେ ପଞ୍ଜୀକୃତ ହୋଇଥିଲେ। ଏବେ ଦେଶରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ଦୋକାନ ଏଥିରେ ପଞ୍ଜୀକୃତ ହୋଇସାରିଛନ୍ତି ଓ ପ୍ରାୟ ୨ ଲକ୍ଷ ଉତ୍ପାଦ ବିକ୍ରି କରିବାକୁ ଅପେକ୍ଷାରେ ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଅଗଷ୍ଟ ୧୯୯୫

- ଇଂଲଣ୍ଡଜନ୍ମିତ କ୍ରିକେଟିୟର ଆଣ୍ଡ୍ରିୟୁ ସିମଣ୍ଡସ୍ ଇଂଲିଶ୍ କାଉଣ୍ଟି କ୍ରିକେଟ ମ୍ୟାଚ୍‌ରେ ଗୋଟିଏ ଇନିଂସ୍‌ରେ ୧୬ଟି ଛକା ମାରି ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି।
- ଆନ୍ଧ୍ରପ୍ରଦେଶରେ ଶାସକ ତେଲୁଗୁଦେଶମ ପାର୍ଟିରେ ଦେଖା ଦେଇଥିବା ସଙ୍କଟ ପାଇଁ ନିଜକୁ ଦାୟୀକରି ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓଙ୍କ ପତ୍ନୀ ଲକ୍ଷ୍ମୀପାର୍ବତୀ ସର୍ବସାଧାରଣରେ କ୍ଷମାଭିକ୍ଷା ମାଗିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | | | | | | | | 7 | | 2 | | A |
| | | 7 | | | | | 4 | D | | | 8 | | 1 | |
| 0 | E | | | | | | 5 | 9 | 3 | B | 2 | | | |
| | | 1 | | | D | A | | | | | C | 0 | | 9 |
| | C | | 6 | | 8 | | | | | | | | | |
| 8 | | | 4 | | | | | | | A | | | 7 | |
| | 2 | 4 | | A | | B | | E | 9 | 8 | | | | 3 |
| | A | | | E | | | | | | 5 | | | | 6 |
| | | | B | | C | | 9 | 2 | 6 | | 0 | | A | |
| | 3 | | | 1 | | | | | 2 | | 7 | 5 | 4 | |
| C | 9 | | | | | | 2 | | B | E | | | | |
| | | | | | 5 | | | C | | | A | | | 4 |
| | | | | 3 | 7 | 5 | | 8 | | | 9 | C | 0 | E |
| | | | E | | | | | | 4 | | | 6 | | |
| | | | | | | 9 | 3 | | | | D | B | 5 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | B | 0 | 2 | D | 1 | 3 | C | 4 | 9 | 5 | 7 | 8 | 6 | A |
| 4 | C | 5 | 0 | 9 | A | 8 | 7 | 6 | 1 | E | 3 | B | D | 2 |
| D | 9 | 8 | 5 | 4 | 6 | 1 | E | 2 | C | A | B | 3 | 0 | 7 |
| 1 | 3 | 2 | B | 7 | E | 0 | A | D | 6 | 4 | 8 | 9 | C | 5 |
| A | 6 | 7 | C | 8 | 3 | B | 5 | 9 | D | 2 | 0 | 4 | E | 1 |
| 8 | 5 | 6 | 7 | 2 | B | A | 3 | 1 | E | 0 | D | C | 4 | 9 |
| B | A | C | D | 3 | 0 | 4 | 9 | 8 | 7 | 1 | 2 | E | 5 | 6 |
| 9 | E | 1 | A | 5 | 8 | 7 | 2 | 0 | 4 | C | 6 | D | B | 3 |
| 7 | 0 | 4 | 1 | E | 9 | 6 | D | C | B | 3 | 5 | 2 | A | 8 |
| 3 | 2 | D | 4 | 6 | C | 5 | B | E | 8 | 9 | A | 7 | 1 | 0 |
| 5 | D | B | 9 | A | 7 | E | 1 | 3 | 0 | 8 | C | 6 | 2 | 4 |
| 0 | 7 | E | 8 | 1 | 2 | D | 4 | B | 5 | 6 | 9 | A | 3 | C |
| 2 | 8 | 9 | 6 | B | 4 | C | 0 | A | 3 | D | 1 | 5 | 7 | E |
| C | 4 | A | 3 | 0 | 5 | 9 | 6 | 7 | 2 | B | E | 1 | 8 | D |
| 6 | 1 | 3 | E | C | D | 2 | 8 | 5 | A | 7 | 4 | 0 | 9 | B |

ଗତକାଲିର ଉତ୍ତର

# ବଡ଼ କରୋନା ଯୋଦ୍ଧା କୃଷକ



ଡ. ପ୍ରମୋଦ କୁମାର ପଣ୍ଡା

ସମଗ୍ର ବିଶ୍ୱ କରୋନା ମହାମାରୀ ଦ୍ୱାରା ଆକ୍ରାନ୍ତ। ଏହା ୨ କୋଟିରୁ ଉର୍ଦ୍ଧ୍ୱ ଜନତାଙ୍କୁ ଆକ୍ରାନ୍ତ କରି ପାଖାପାଖି ୮ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ନେଇସାରିଲାଣି। ଏହି କରୋନା ମହାମାରୀରୁ ସମଗ୍ର ବିଶ୍ୱକୁ ବଞ୍ଚାଇବା ପାଇଁ ବିଭିନ୍ନ ବିଭାଗର ଅନେକ ଲୋକ ଦିନ ରାତି କାର୍ଯ୍ୟରେ ଲାଗିପଡ଼ିଛନ୍ତି। ଯେଉଁମାନେ ନିଜ ଜୀବନକୁ ବାଜି ଲଗାଇ ବିଶ୍ୱ କଲ୍ୟାଣ ପାଇଁ ଲାଗି ପଡ଼ିଛନ୍ତି, ସେମାନଙ୍କୁ ଆମେ କରୋନା ଯୋଦ୍ଧା ବୋଲି ଆଖ୍ୟା ଦେଇଛୁ। ସେମାନଙ୍କ ମଧ୍ୟରେ ଡାକ୍ତର, ନର୍ସ, ଆଶାକର୍ମୀ, ପୋଲିସ ଅଧିକାରୀ, ଆମ୍ବୁଲାନ୍ସ କର୍ମଚାରୀ, ଟ୍ରାଫିକ କର୍ମଚାରୀ, ଡ୍ରାଇଭର, ହେଲପର, ପାଣି, ବିଜୁଳି କର୍ମଚାରୀ, ସଫେଇ କର୍ମଚାରୀ, ଡାକ, ବ୍ୟାଙ୍କ କର୍ମଚାରୀ, ଗଣମାଧ୍ୟମ କର୍ମକର୍ତ୍ତା, ପ୍ରଶାସନ ପ୍ରମୁଖ। ମାତ୍ର କରୋନା ଯୋଦ୍ଧା ଭାବରେ କୃଷକମାନଙ୍କ ଅବଦାନ ଆମ ସାମ୍ନାରେ ପ୍ରତିଫଳିତ ହୁଏନାହିଁ। ଆସନ୍ତୁ ଚର୍ଚ୍ଚା କରିବା କିପରି କରୋନା ମହାମାରୀ ସମୟରେ କୃଷକମାନେ ମହାଯୋଦ୍ଧା ସାଜି ସମାଜର ମଙ୍ଗଳ ବିଧାନ କରୁଛନ୍ତି।

ଆମେ ସମସ୍ତେ ଅବଗତ ଯେ, ଖାଦ୍ୟ ବିନା ଜୀବନ ଅସମ୍ଭବ। ତାଲାବନ୍ଦୀ ସମୟରେ ସକାଳର ଚା’ରେ କ୍ଷୀର ହେଉ କିମ୍ବା ଚା’ପତ୍ର ହେଉ କିମ୍ବା ଚିନି ହେଉ ସବୁକିଛି କୃଷକର ଅବଦାନ। ସକାଳ ଜଳଖିଆ ହେଉ କିମ୍ବା ମଧ୍ୟାହ୍ନଭୋଜନ କିମ୍ବା ରାତ୍ରିଭୋଜନ, ସବୁକିଛି କୃଷକ ହାତର ସ୍ପର୍ଶ ବିନା ଅଧୁରା। ଯେତେବେଳେ ସମଗ୍ର ଦେଶ ତାଲାବନ୍ଦୀରେ ଘର ଚାରିକାନ୍ଥ ମଧ୍ୟରେ ଟିଭି ଓ ମୋବାଇଲରେ ମନୋରଞ୍ଜନ କରୁଥିଲେ, ସେତେବେଳେ ଚାଷୀକୁଳ ଖରାବର୍ଷାରେ ନିଜ ଜମିରେ ମାଟି ଓ ଫସଲ ସହିତ ନିଜ ରକ୍ତକୁ ପାଣିକରି ଫସଲ ଉତ୍ପନ୍ନ କରୁଥିଲା ଦେଶବାସୀଙ୍କ ମୁଖରେ ଆହାର ଦେବା ପାଇଁ। ତାଲାବନ୍ଦୀ ଯୋଗୁ ରାସ୍ତାଘାଟରେ ଗାଡ଼ିମୋଟର ବନ୍ଦ ଥିବାରୁ ଫସଲକୁ ମୁଣ୍ଡରେ ମୁଣ୍ଡାଇ ନେଇ ଆସୁଥିଲା ଜନତାଙ୍କ ଆବଶ୍ୟକତା ପୂରଣ ପାଇଁ। ନିୟମିତ ହାଟବଜାର ବନ୍ଦଥିବାରୁ ଟାଣଖରାରେ ରାସ୍ତାକଡ଼ରେ ବସି ଲୋକଙ୍କୁ ଖାଦ୍ୟ ଯୋଗାଇଛି ଏହି ଚାଷୀକୁଳ। ଅନ୍ୟମାନଙ୍କ ସଂସ୍ପର୍ଶରେ ଆସିଲେ କାଳେ କରୋନାଗ୍ରସ୍ତ ହୋଇଯିବ, ସେ କଥା କେବେ ଭାବିନି। କରୋନାଗ୍ରସ୍ତ ଓ କରୋନା ଅସଂକ୍ରମିତଙ୍କୁ ସେ କମ୍ ପଇସାରେ ଖାଦ୍ୟ ଯୋଗାଇବାରେ ମୁଖ୍ୟ ଭୂମିକା ନେଇଛି। ହୋଟେଲ ବନ୍ଦଥିବାରୁ ଜରିମୁଣାରୁ ଚୁଡା ରାସ୍ତାକଡ଼ର ପାଣିପିଇ ସେ ଜନତାଙ୍କୁ ଖାଦ୍ୟ ଯୋଗାଇଛି। ମୋ ମତରେ ସେମାନେ ଶ୍ରେଷ୍ଠ କରୋନା ଯୋଦ୍ଧା। ଯଦି ଏହି ସମୟରେ ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ କୃଷିଜାତ ସାମଗ୍ରୀ ଉପଲବ୍ଧ ହୋଇ ନ ଥାନ୍ତା, ତା’ହେଲେ ଆମର ସ୍ଥିତି କ’ଣ ହୋଇଥାନ୍ତା ଓ କେତେ ଲୋକ ମୃତ୍ୟୁମୁଖରେ ପଡ଼ିଥାନ୍ତେ ଏହା ସହଜରେ ଅନୁମେୟ।

ଚାଷୀ ବାତ୍ୟା, ବନ୍ୟା ଓ ମରୁଡ଼ି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେଉଛି। ଯେପରି ଏ ବର୍ଷ ଆମର ମରୁଡ଼ି ଭଳି ସ୍ଥିତି ଉପୁଜିଥିବା ବେଳେ ବିହାର ଓ ପୂର୍ବୋତ୍ତର ରାଜ୍ୟଗୁଡ଼ିକରେ ଭୟଙ୍କର ବନ୍ୟା କୃଷକର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ପ୍ରାକୃତିକ ବିପର୍ଯ୍ୟୟ କେବେ କେବେ ଚାଷୀକୁଳକୁ ସର୍ବସ୍ୱାନ୍ତ କରିଦେଉଛି। ତଥାପି କେତେକ ବିଜ୍ଞବ୍ୟକ୍ତି କୃଷକଙ୍କୁ ସରକାରୀ ସହାୟତା ଯଥା ସବ୍‌ସିଡିର ଜୋର ବିରୋଧୀ। ଆମେ ସମସ୍ତେ ହୃଦୟଙ୍ଗମ କରିବା ଉଚିତ ଯେ, ଚାଷୀକୁଳ ପାଇଁ ହିଁ ଆମର ଶାନ୍ତି, ପ୍ରଗତି, ଉନ୍ନତ ଜୀବନ ଆଦି ସମ୍ଭବ। ଆମ ଚାଷୀମାନଙ୍କ ପାଇଁ ଆମେ ଖାଦ୍ୟାନ୍ନ ରପ୍ତାନି ଦ୍ୱାରା ଅନ୍ୟ ଦେଶର ଖାଦ୍ୟ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛେ। ଆଜି ଆମ ପାଖରେ ୭୫ନିୟୁତ ଟନ୍ ଖାଦ୍ୟଶସ୍ୟ ମହଜୁଦ ଅଛି। ଆମ ଚାଷୀଙ୍କ ପାଇଁ ଆମେ ମୋଟ ଖାଦ୍ୟଶସ୍ୟ ୫୦ନିୟୁତ ଟନ୍‌ରୁ (୧୯୫୦ମସିହାରେ) ୨୮୪ ନିୟୁତ ଟନ୍ ଉତ୍ପାଦନ କରିବାରେ ସମକ୍ଷ ହୋଇଛୁ। ଦୁଗ୍ଧ, ଡାଲି, ଝୋଟ, କଦଳୀ, ଆମ୍ବ ଓ ଅଳେଇଚ ଉତ୍ପାଦନରେ ଆମେ ପୃଥିବୀର ପ୍ରଥମ ସ୍ଥାନ ଅଧିକାର କରିଛୁ। ସେହିପରି ଧାନ, ଗହମ, ଆଖୁ, ଚିନାବାଦାମ, ପନିପରିବା, ଫଳ, କପା, ଟମାଟୋ, ଆଳୁ, କାଜୁ ଉତ୍ପାଦନରେ ଆମେ ସମଗ୍ର ପୃଥିବୀରେ ଦ୍ୱିତୀୟ ସ୍ଥାନରେ ଅଛୁ। ୧୮୭ ନିୟୁତ ଟନ୍ ଦୁଗ୍ଧ ଉତ୍ପାଦନ କରି ପୃଥିବୀର ମୋଟ ଉତ୍ପାଦନର ୨୦ ପ୍ରତିଶତରେ ପହଞ୍ଚିପାରିଛୁ। ସେହିପରି ୧୦୩ ବିଲିୟନ ଅଣ୍ଡା (ବିଶ୍ୱରେ ୩ୟ ସ୍ଥାନ) ଓ ୮ନିୟୁତ ଟନ୍ ମାଂସ ଉତ୍ପାଦନ କରିବାରେ ସକ୍ଷମ ହୋଇଛୁ। ମତ୍ସ୍ୟ ଉତ୍ପାଦନରେ ଆମେ ୦.୭୫ ନିୟୁତ ଟନ୍‌ରୁ (୧୯୫୦ ମସିହାରେ) ୧୩.୪ନିୟୁତ ଟନ୍ ଯାହା କି ବିଶ୍ୱର ୬ ପ୍ରତିଶତରୁ ଅଧିକ ଉତ୍ପାଦନ କରିପାରୁଛୁ। ୯୮ନିୟୁତ ଟନ୍ ଫଳ,୧୮୫ ନିୟୁତ ଟନ୍ ପନିପରିବା ଓ ୯ ନିୟୁତ ଟନ୍ ମସଲା ଉତ୍ପାଦନ କେବଳ ହିଁ ଆମ ଚାଷୀଭାଇମାନଙ୍କ ଉଦ୍ୟମରେ ସମ୍ଭବ ହୋଇପାରିଛି। ଯଦି କରୋନା ମହାମାରୀ ସମୟରେ କୃଷି ଉତ୍ପାଦନରେ ଆମେ ସ୍ୱାବଲମ୍ବୀ ହୋଇ ରପ୍ତାନି କରିବାରେ ସକ୍ଷମ ହୋଇ ନ ଥାନ୍ତୁ, ତେବେ ଆମର ସ୍ଥିତି କ’ଣ ହୋଇଥାନ୍ତା ତାହା କେବଳ ଭଗବାନ ହିଁ କହିପାରିବେ।

ସମୟ ଆସିଛି କୃଷକ ମହାଯୋଦ୍ଧାମାନଙ୍କର ଅବଦାନକୁ ଆଖିରେ ରଖି ତାଙ୍କର ସୁଖସୁବିଧା ନିମିତ୍ତ ବିଭିନ୍ନପ୍ରକାର ଯୋଜନା କାର୍ଯ୍ୟକାରୀ କରିବା। ଅବଶ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସେମାନଙ୍କ କଲ୍ୟାଣ ନିମିତ୍ତ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଆମେ ସମସ୍ତେ ସେସବୁର ସଫଳ ରୂପାୟନ ପାଇଁ ସହଯୋଗ କଲେ ଚାଷୀକୁଳର ହିତସାଧନ ହୋଇପାରିବ। ଏହି କରୋନା ମହାମାରୀ ସମୟରେ ପନିପରିବା ଦର ଖୁବ୍ ନିମ୍ନଗାମୀ ହୋଇ ଚାଷୀକୁଳର ପ୍ରଭୂତ କ୍ଷତିସାଧନ କରିଛି। ତେଣୁ ଆମେ ସବୁ ସ୍ୱଚ୍ଛଳ ଓ ସଚେତନ ନାଗରିକ ଗରିବ ଚାଷୀମାନଙ୍କର ପଦାର୍ଥ କିଣିଲାବେଳେ ବିନା ମୂଲେଇରେ ଯଦି ଦି’ପଇସା ଅଧିକ ଦିଅନ୍ତେ,ତା’ହେଲେ ଚାଷୀକୁଳର ଉନ୍ନତି ବିଧାନ ହେବା ସଙ୍ଗେସଙ୍ଗେ ସମୃଦ୍ଧ ରାଷ୍ଟ୍ରଗଠନରେ ନିଶ୍ଚୟ ସହାୟକ ହେବ, ଏହା ନିଃସନ୍ଦେହରେ କୁହାଯାଇପାରେ। ଯେଉଁ ବ୍ୟବସାୟୀମାନେ କୃଷିଜାତ ପଦାର୍ଥର କିଣାବିକା କରୁଛନ୍ତି, ସେମାନେ ଏହି ଦୁର୍ଦ୍ଦିନରେ ଚାଷୀ ଭାଇମାନଙ୍କୁ ଅତ୍ୟଧିକ ଶୋଷଣ ନ କରି, ତାଙ୍କ ଆର୍ଥିକ ପ୍ରଗତିରେ ଭାଗୀଦାର ହେଲେ ଚାଷୀଙ୍କ ମଙ୍ଗଳ ବିଧାନ ହେବ। କରୋନା ମହାମାରୀ ସମୟରେ ଦୁଗ୍ଧଚାଷୀ, ମାଛଚାଷୀ, କୁକୁଡା ଓ ଛେଳିଚାଷୀ ଓ ଅନ୍ୟାନ୍ୟ ବର୍ଗର ଉତ୍ପାଦନକାରୀଙ୍କ ଅବଦାନକୁ ସମସ୍ତେ ସହୃଦୟେ ଉପଲବ୍ଧି କରିବା ଓ ସେମାନଙ୍କର ଗୁରୁଦାୟିତ୍ୱ ପାଇଁ ସେମାନଙ୍କୁ ସମ୍ମାନିତ କରିବା ଲାଗି ପଦକ୍ଷେପ ନେଲେ ନିଶ୍ଚିତ ରୂପେ ଏପରି ଦୁର୍ଦ୍ଦିନରେ ଚାଷୀ ମନରେ ଚେନାଏ ହସ ଦେଖିବାର ସୁଯୋଗ ସୃଷ୍ଟିହେବ।

ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଭାରତ ସରକାର), ଭୁବନେଶ୍ୱର, ମୋ-୮୯୧୭୪୨୬୪୪୦

## ପାଠକ ଶ୍ରେଷ୍ଠ ବିଚାରକ

### ବିପନ୍ନ ଅବସ୍ଥାରେ ନଦୀବନ୍ଧ

ମହାଶୟ,

ଭାର୍ଗବୀ ନଦୀବନ୍ଧ ବାମ ପାର୍ଶ୍ୱରେ ବଳଙ୍ଗାଠାରୁ ସୁଆଣ୍ଡୋ ମଧ୍ୟରେ ଅନେକ ସ୍ଥାନରେ ବନ୍ଧ ସହିତ କଣ୍ଡିଆ ସଂଯୁକ୍ତ ନ ଥିବାରୁ ବିଦ୍ୟାଧରପୁରଠାରୁ ସୁଆଣ୍ଡୋ ଜାଗେଶ୍ୱରୀ ମନ୍ଦିର ମଧ୍ୟରେ ବିପଜ୍ଜନକ ବନ୍ଧକୁ ପଥର ପ୍ୟାକିଂ କରାଯିବାକୁ ଦାବି ହୋଇଆସୁଛି। ସୁଆଣ୍ଡୋ ଉତ୍କଳମଣି ସେତୁ ସଂଲଗ୍ନ ବଳପୁର ଓ ସୁଆଣ୍ଡୋଠାରେ ଉତ୍ତମ ଭାବେ ପଥର ପ୍ୟାକିଂ କରାଯିବା ସମୟରେ ଜାଗେଶ୍ୱରୀ ଠାକୁରାଣୀଙ୍କଠାରୁ ବିଦ୍ୟାଧରପୁର ଗ୍ରାମ ମଧ୍ୟରେ ଥିବା ବିପଦପୂର୍ଣ୍ଣ ବନ୍ଧକୁ ପଥର ପ୍ୟାକିଂ କରା ନ ଯିବା ଫଳରେ ବର୍ତ୍ତମାନ ଏଠାରେ ଦୁଇଟି ସ୍ଥାନରେ ସ୍ୱଳ୍ପ ନଦୀ ବଢ଼ିରେ ଘଳିଆ ଦେଖାଯାଇଛି। ଏହା ବଳଙ୍ଗା ଜଳ ସମ୍ପଦ ଉପଖଣ୍ଡ ଯନ୍ତ୍ରୀ, ନିମାପଡ଼ାର ନିର୍ବାହୀ ଯନ୍ତ୍ରୀ ଜାଣି କେତେଖଣ୍ଡ ବାଉଁଶରେ ବାଡ଼ କରି ୧୦୦/୧୫୦ କିଆଗଛ ପକାଇଛନ୍ତି। ବାଲିବସ୍ତା ପକା ଯାଇନାହିଁ। ଯଦି ବଡ଼ ନଈବଢ଼ି ଆସେ ତାହାହେଲେ ଏଠାରେ ଘାଇ ହେବା ଆଶଙ୍କା ଏଡ଼ାଇ ଦିଆଯାଇ ନ ପାରେ। ତୁରନ୍ତ ଏଠାରେ ଉପଯୁକ୍ତ ବ୍ୟବସ୍ଥାରେ ନଦୀବନ୍ଧ ରକ୍ଷା କରାଯିବା ସହିତ ଆଗାମୀ ବର୍ଷରେ ପଥର ପ୍ୟାକିଂ କରାଯିବା ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

### ସରକାରଙ୍କୁ ପଦେ

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏଠାରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଯଦି ଚାଷ ସଙ୍ଗେ ଗୋପାଳନ, କୁକୁଡ଼ା ପାଳନ ଏବଂ ମତ୍ସ୍ୟଚାଷ ଉପରେ ସରକାର ଗୁରୁତ୍ୱ ଦେଉଥାନ୍ତେ ତା’ହେଲେ ଓଡ଼ିଶାବାସୀ ଆତ୍ମନିର୍ଭରଶୀଳ ହେବା ସଙ୍ଗେ ସଙ୍ଗେ ଅନ୍ୟ ରାଜ୍ୟକୁ ମଧ୍ୟ ଯୋଗାଣ କରନ୍ତେ। ଏଠାରେ ଯେତିକି ପରିମାଣର ଅଣ୍ଡା, ମାଛ ଓ କ୍ଷୀର ଦରକାର ପଡୁଛି ତାହା ଯଥେଷ୍ଟ ହେଉ ନ ଥିବାରୁ ବାହାର ରାଜ୍ୟ ଆନ୍ଧ୍ର ଏବଂ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡୁଛି। ଏଣୁ ସରକାର ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରି ଚାଷୀଙ୍କୁ ପ୍ରୋତ୍ସାହନ ଦେଲେ ସେମାନେ ଚାଷ କରିବା ପାଇଁ ଉତ୍ସାହିତ ହୁଅନ୍ତେ।

ଶିବରାମ ନାୟକ, ଉଲୁଣ୍ଡା, ସୁବର୍ଣ୍ଣପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜିଏସ୍‌ଟି ବିଳମ୍ବ ଦେୟରେ ସୁଧ ଲାଗିବ

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦ ଦେୟ ବିଳମ୍ବରେ ପ୍ରଦାନ କ୍ଷେତ୍ରରେ ସୁଧ ଲାଗିବ ବୋଲି ସରକାର କହିଛନ୍ତି। ନେଟ୍ ଟିକସ ଦେୟ କ୍ଷେତ୍ରରେ ସେପ୍ଟେମ୍ବର ପହିଲାରୁ ଏଭଳି ବ୍ୟବସ୍ଥା ଲାଗୁ କରାଯିବ। ମୋଟ୍ ଟିକସ କ୍ଷେତ୍ରରେ ସୁଧ ଲାଗୁ ହେବା ନେଇ ଟିକସଦାତାମାନେ ଆଶଙ୍କା ପ୍ରକଟ କରିଥିଲେ। ଏହି ପ୍ରସଙ୍ଗରେ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ ପକ୍ଷରୁ ସ୍ପଷ୍ଟୀକରଣ ପ୍ରଦାନ କରାଯିବ ସହ ନେଟ୍ ଟିକସରେ ସୁଧ ଲାଗୁ ହେବ ବୋଲି କୁହାଯାଇଛି।



**ସଂକ୍ଷେପରେ**

## ୨୫ହଜାର କର୍ମଚାରୀ ଛଟେଇ କରିବ ଆସେଞ୍ଚର

**ବାଙ୍ଗାଲୁରୁ,୨୬।୮:** ପ୍ରମୁଖ ଆଇଟି ଓ ପ୍ରଯୁକ୍ତି ସଂସ୍ଥାନ ଆସେଞ୍ଚର ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି ଯେ, କମ୍ପାନୀ ତା'ର ମୋଟ କର୍ମଚାରୀରୁ ୫% ବା ପ୍ରାୟ ୨୫ହଜାର କର୍ମଚାରୀଙ୍କୁ ଛଟେଇ କରିବ। ବର୍ତ୍ତମାନର ମହାମାରୀ ସମସ୍ୟା ସାଙ୍ଗକୁ ବଜାରର ମାନ୍ଦାବସ୍ଥା ଯୋଗୁ କମ୍ପାନୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏହି ସମସ୍ତ ବିଷୟକୁ କମ୍ପାନୀ ଗୁରୁତ୍ୱର ସହ ଗ୍ରହଣ କରିଛି। ସେହିପରି କମ୍ପାନୀର ଅଷ୍ଟ୍ରେଲିଆ ଆର୍ଥିକ ରିଭ୍ୟୁ ରିପୋର୍ଟରେ ଏହା ପ୍ରକାଶ କରାଯାଇଛି ଯେ, ବର୍ତ୍ତମାନ ପରିସ୍ଥିତିରେ କମ୍ପାନୀ ବିଭିନ୍ନ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହ କାର୍ଯ୍ୟଭାର କମ୍ କରିବା ପାଇଁ ପ୍ରସ୍ତାବ ଦେଇଛି। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ ଏକ କର୍ମଚାରୀ ସମୂହ ବୈଠକ ଜରିଆରେ କମ୍ପାନୀର ବିଭିନ୍ନ ବିଷୟରେ ଆଲୋଚନା ସହ ସାରା ବିଶ୍ୱ ସମେତ ଭାରତ କ୍ଷେତ୍ରରୁ ମଧ୍ୟ ଛଟେଇ କରାଯିବ।

## ନୋକିଆ ପକ୍ଷରୁ ୪ଟି ନୂଆ ଫୋନର ଶୁଭାରମ୍ଭ

**ଭୁବନେଶ୍ୱର,୨୬।୮:** ଏଚ୍‌ଏମ୍‌ଡି ଗ୍ଲୋବାଲ ପକ୍ଷରୁ ଭାରତରେ ଚଳିତ ପାର୍ବଣଋତୁ ପାଇଁ ନୋକିଆର ୪ଟି ନୂଆ ଫୋନ ଯଥା ନୋକିଆ ସି୩, ନୋକିଆ ୫.୩, ନୋକିଆ ୧୨୫ ଏବଂ ନୋକିଆ ୧୫୦ର ଶୁଭାରମ୍ଭ କରାଯାଇଛି। ବିଶ୍ୱବ୍ୟାପୀ ଶୁଭାରମ୍ଭ ହୋଇଥିବା ନୋକିଆର ସି୩ ସହ ନୋକିଆ ସି ସିରିଜ ପରିବାରରେ ସାମିଲ ହୋଇଛି। ଏହି ମଡେଲର ଫୋନ୍‌ରେ ଅନେକ ଫିଚର ସହ ବୃହତ୍ ସ୍କ୍ରିନ୍, ଦୀର୍ଘସ୍ଥାୟୀ ବ୍ୟାଟେରି, ଉଚ୍ଚମାନର କ୍ୟାମେରା ଏବଂ ଆଣ୍ଡ୍ରଏଡ୍ ୧୦ର ଅଭିଜ୍ଞତା ଓ ପ୍ରଶଂସକମାନେ ନିର୍ଭର କରିପାରୁଥିବା ଏକ ସ୍ଥାୟୀ ଡିଜାଇନକୁ ଏକ ଅଲଟ୍ରା-ଆକ୍‌ସେସିବୁଲ ମୂଲ୍ୟରେ ପ୍ରଦାନ କରୁଛି। ସେହିଭଳି ଭାରତରେ ଶୁଭାରମ୍ଭ ହୋଇଥିବା ନୋକିଆ ୫.୩ ସ୍ମାର୍ଟଫୋନରେ ୬.୫ ଇଞ୍ଚର ବୃହତ୍ ସ୍କ୍ରିନ୍ ଓ ସିଗ୍‌ନେଚର ସହ ୨ଦିନର ବ୍ୟାଟେରି ଲାଇଫରେ ବ୍ୟବସ୍ଥିତ ରହିଛି। ସେହିପରି ନୋକିଆ ୧୨୫ ଓ ୧୫୦ ଫିଚର ଫୋନରେ ବିଭିନ୍ନ ବ୍ୟବସ୍ଥା ରହିଛି।

# ବଜାରକୁ ଆସିଲା ନୂଆ ହୋଣ୍ଡା ଜାଜ୍

**ନୂଆଦିଲ୍ଲୀ, ଭୁବନେଶ୍ୱର,୨୬।୮**

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ବଜାରକୁ ନୂଆ ଜାଜ୍ ମଡେଲ ଆସିଛି। ପ୍ରିମିୟମ ହ୍ୟାଚ୍ ବ୍ୟାକ୍ ବର୍ଗରେ ଆସିଥିବା ଏହି ନୂଆ ଯାନଟି ସଦ୍ୟତମ ଲୁକ୍‌ସ, ପ୍ରିମିୟମ ଷ୍ଟାଇଲ, ନୂଆ ଫ୍ଲାଗଶିପ ଗ୍ରେଡ୍ ଜାଜ ଜେଡ୍ ଏକ୍ସ ସହ ଅନ୍ୟ ପ୍ରମୁଖ ଫିଚର ପ୍ରଦାନ କରୁଛି। ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମ୍ପାନୀର ସିଇଓ ଗାକୁ ନାକାନିସି ଏବଂ ମାର୍କେଟିଂ ଏବଂ ସେଲ୍‌ସ ବିଭାଗ ନିର୍ଦ୍ଦେଶକ ରାଜେଶ ଗୋୟଲ ଏହାର ବଜାର ପ୍ରବେଶ କରାଇଥିଲେ। ଭୁବନେଶ୍ୱରର ହାଇୱେ ହୋଣ୍ଡା ଶୋ'ରୁମରେ ଆଦିତ୍ୟ ମୋଟର୍ସ ଏମ୍‌ଡି ଆଦିତ୍ୟ ପାତ୍ର ଏବଂ ସିଇଓ ରାଜୀବ ପଣ୍ଡା ମଡେଲଟିକୁ ଉନ୍ମୋଚନ କରିଥିଲେ। ନୂଆ ଯାନଟିରେ ୱାନ ଟଚ୍ ଇଲେକଟ୍ରିକ ସନ୍‌ରୁଫ ନୂଆ କରି ସଂଯୋଗ କରାଯାଇଛି। ସେହିଭଳି ହାଇ ଗ୍ଲସ ବ୍ଲାକ ଗ୍ରୀଲ, ଅତ୍ୟାଧୁନିକ ଏଲ୍‌ଇଡି ପ୍ୟାକେଜ, ନୂଆ ଏଲ୍‌ଇଡି ହେଡ୍ ଲ୍ୟାମ୍ପ, ଏଲ୍‌ଇଡି ଫଗ୍ ଲ୍ୟାମ୍ପ,



ହାଇୱେ ହୋଣ୍ଡା ଶୋ'ରୁମରେ ଏମ୍‌ଡି ଆଦିତ୍ୟ ପାତ୍ର (ଡାହାଣ), ସିଇଓ ରାଜୀବ ପଣ୍ଡା।




ଯାନ ଶୁଭାରମ୍ଭ ଅବସରରେ ହୋଣ୍ଡା କାର୍‌ସ ସିଇଓ ଗାକୁ ନାକାନିସି (ଡାହାଣ), ନିର୍ଦ୍ଦେଶକ ରାଜେଶ ଗୋୟଲ।

ରିୟର ଏଲ୍‌ଇଡି ୱିଙ୍ଗ ଲାଇଟ, ନୂଆ କରି ଡିଜାଇନ ହୋଇଥିବା ଫ୍ରଣ୍ଟ ଏବଂ ରିୟର ବମ୍ପର, ସଫ୍ଟ ପ୍ୟାଡ ଡ୍ୟାସ ବୋର୍ଡ ଏଥିରେ ସାମିଲ ରହିଛି। ଏହାବାଦ ୱେବଲିଙ୍କ ସ୍ମାର୍ଟଫୋନ ସଂଯୋଗ ସୁବିଧା, କ୍ରୁଜ କଣ୍ଟ୍ରୋଲ, ଫ୍ଲସ ଫିଟ୍ ପାର୍କିଂ ସେନ୍‌ସର, କ୍ରୋମ ରିଙ୍ଗ ଷ୍ଟିଅରିଂ ସୁଇଚ୍, ୱାନ ପୁସ୍ ଷ୍ଟାର୍ଟ ବଟନ ଏବଂ ସ୍ମାର୍ଟ କି ସହ ଷ୍ଟପ୍ ବଟନ ଏଥିରେ ଗ୍ରାହକ ପାଇପାରିବେ। ଯାନଟିର ବଜାର ଦର ୭.୫୭ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ନୂଆ ମଡେଲରେ ପ୍ରଦାନ କରାଯାଇଥିବା ସଦ୍ୟତମ ଫିଚର ଗ୍ରାହକଙ୍କୁ ବେଶ ସହାୟକ ହେବ ବୋଲି ହୋଣ୍ଡା କାର୍‌ସ ସିଇଓ ନାକାନିସି କହିଛନ୍ତି। ଗ୍ରାହକଙ୍କ ଚାହିଦାକୁ କମ୍ପାନୀ ଗୁରୁତ୍ୱ ଦେଉଛି। ନୂଆ ପିଢୀର ଗ୍ରାହକଙ୍କ ଯାନ ଆବଶ୍ୟକତା ଆବଶ୍ୟକତାକୁ ନଜରରେ ରଖାଯାଇଛି। ନୂଆ ଯାନକୁ ସେହି ଅନୁସାରେ ଅପ୍‌ଗ୍ରେଡ କରାଯାଇଛି। ନୂଆ ମଡେଲଟି ଉପରେ ଗ୍ରାହକଙ୍କ ଭରଷା ରହିବ ବୋଲି ଆଶାବାଦୀ ରହିଛୁ। ଗ୍ରାହକ କମ୍ପାନୀ ଉପରେ ସର୍ବଦା ଭରଷା ରଖିଛନ୍ତି। ନୂଆ ମଡେଲଟି ବଜାରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିବ ସେ ମତବ୍ୟକ୍ତ କରିଛନ୍ତି।

## ଏଲ୍‌ଆଇସି ପକ୍ଷରୁ ନୂଆ ଜୀବନ ଅକ୍ଷୟ ପ୍ଲାନ୍

**ଭୁବନେଶ୍ୱର,୨୬।୮:** ଲାଇଫ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ( ଏଲ୍‌ଆଇସି) ପକ୍ଷରୁ ନୂଆ ଜୀବନ ଅକ୍ଷୟ ପ୍ଲାନ୍-ଭିଆଇଆଇ ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ସିଙ୍ଗଲ ପ୍ରିମିୟମ, ନନ୍ ଲିଙ୍କଡ, ନନ୍ ପାର୍ଟିସିପେଟିଭ ଭଳି ବୈଶିଷ୍ଟ୍ୟ ସହ ଆସିଛି। ଏହି ବ୍ୟକ୍ତିଗତ ତ୍ୱରିତ ଆନ୍ୟୁଇଟି ପ୍ଲାନ୍‌କୁ ଅଗଷ୍ଟ ୨୫ଠାରୁ ଶୁଭାରମ୍ଭ କରାଯାଇଛି। ୧୦ ଲମ୍ପ ସମ୍ ଦେୟ ବିକଳ୍ପ ମଧ୍ୟରୁ କୌଣସି ଗୋଟିଏକୁ ଆନ୍ୟୁଇଟିକୁ ଗ୍ରାହକଙ୍କୁ ବାଛିବାକୁ ପଡିବ। ନୂଆ ପ୍ଲାନ୍‌କୁ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ କ୍ରୟ କରିହେବ। ଏହାର ସର୍ବନିମ୍ନ କ୍ରୟ ମୂଲ୍ୟ ୧ ଲକ୍ଷ ଟଙ୍କା ରହିଛି। ଏହା ବାର୍ଷିକ, ଅର୍ଦ୍ଧବାର୍ଷିକ, ତ୍ରୈମାସିକ ଏବଂ ମାସିକ ଆନ୍ୟୁଇଟିରେ ଉପଲବ୍ଧ। ବାର୍ଷିକ ସର୍ବନିମ୍ନ ଆନ୍ୟୁଇଟି ୧୨ ହଜାର ଟଙ୍କା ରହିବ। ସର୍ବାଧିକ ପର୍‌ଚେଜ୍ ପ୍ରାଇସ୍‌ରେ କୌଣସି ସୀମା ରଖାଯାଇନାହିଁ। ୩୦ରୁ ୮୫ ବର୍ଷ ପର୍ଯ୍ୟନ୍ତ ବ୍ୟକ୍ତିବିଶେଷ ଏହାକୁ କ୍ରୟ କରିପାରିବେ। ଏହାକୁ ଦିବ୍ୟାଙ୍ଗଙ୍କ ପାଇଁ ମଧ୍ୟ କ୍ରୟ କରାଯାଇପାରିବ।

## ରେଡ୍ ଚିଫ୍‌କୁ ଆଇକନିକ୍ ବ୍ରାଣ୍ଡ ଅଫ୍ ଇଣ୍ଡିଆ ସମ୍ମାନ




**ଭୁବନେଶ୍ୱର,୨୬।୮:** ଫୁଟ୍‌ୱେର ବ୍ରାଣ୍ଡ ରେଡ୍ ଚିଫ୍‌କୁ ଆଇକନିକ ବ୍ରାଣ୍ଡ ଅଫ୍ ଇଣ୍ଡିଆ-୨୦୨୦ ସମ୍ମାନରେ ସମ୍ମାନିତ କରାଯାଇଛି। ଗ୍ରାହକଙ୍କୁ ସର୍ବୋତ୍ତମ ଉତ୍ପାଦ ଯୋଗାଣ ଦିଗରେ କମ୍ପାନୀର ରହିଥିବା ପ୍ରତିବଦ୍ଧତା ଆଧାରରେ ଏଭଳି ପୁରସ୍କାର ମିଳିଥିବା ଜଣାପଡିଛି। କମ୍ପାନୀ ପକ୍ଷରୁ ବିଭିନ୍ନ ବର୍ଗର ଗ୍ରାହକଙ୍କ ଲାଗି ପ୍ରଡକ୍ଟ ଯୋଗାଣ ଜାରି ରହିଛି। ପ୍ରଡକ୍ଟଗୁଡିକ ଉତ୍କୃଷ୍ଟ କରି ଗଢି ତୋଳିବା ଦିଗରେ ଉଦ୍ୟମ ଜାରି ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗ୍ରାହକ ସର୍ବଦା କମ୍ପାନୀର ପ୍ରଡକ୍ଟକୁ ଭଲ ପାଇବା ଦେଇ ଆସିଛନ୍ତି। ଏହି ଧାରା ଜାରି ରଖିବା ଲାଗି ନିରନ୍ତର ଉଦ୍ୟମ ମଧ୍ୟ ଜାରି ରଖିଥିବା କମ୍ପାନୀ ମତ ରଖିଛି। ଗ୍ରାହକଙ୍କ ସର୍ବୋତ୍ତମ ଉତ୍ପାଦ ଯୋଗାଣ ଲାଗି କାର୍ଯ୍ୟଧାରା ଜାରି ରହିଥିବା ବେଳେ ଏଭଳି ପୁରସ୍କାର ଲାଭ କରି ଅତ୍ୟନ୍ତ ଖୁସି ବୋଲି କମ୍ପାନୀର ମାର୍କେଟିଂ ବିଭାଗ ଜେନେରାଲ ମ୍ୟାନେଜର ରାହୁଲ ଶର୍ମା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଗତ ୨୩ ବର୍ଷ ହେବ କମ୍ପାନୀ ଗ୍ରାହକଙ୍କୁ ନିରନ୍ତର ସେବା ଯୋଗାଣ କରୁଛି।

## ଗିଫ୍ଟ କଲେଜକୁ ସର୍ବଭାରତୀୟ ର୍‍ୟାଙ୍କ୍

**ଭୁବନେଶ୍ୱର,୨୬।୮:** ଅଟଳ ର୍‍ୟାଙ୍କିଙ୍ଗ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଅନ୍ ଇନୋଭେସନ ଆଚିଭମେଣ୍ଟ -୨୦୨୦(ଏଆର୍‌ଆଇଆଇଏ)ର ସର୍ବଭାରତୀୟ ର୍‍ୟାଙ୍କିଙ୍ଗ୍‌ରେ ଭୁବନେଶ୍ୱର ଗିଫ୍ଟ ଇଞ୍ଜିନିୟରିଂ କଲେଜ ୨୬-୫୦ ର୍‍ୟାଙ୍କ ମଧ୍ୟରେ ରହିଛି। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଅଭିନବୀକରଣ ବିଭାଗ, ଶିକ୍ଷା ମନ୍ତ୍ରଣାଳୟ ଓ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦର ମିଳିତ ଆନୁକୂଲ୍ୟରେ ଏହି ର୍‍ୟାଙ୍କିଙ୍ଗ୍ ଘୋଷଣା କରାଯାଇଛି। ଫଳରେ ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ୫୦ଟି କଲେଜ ମଧ୍ୟରେ ସାମିଲ ହୋଇଛି ଗିଫ୍ଟ। ସର୍ବଭାରତୀୟ ସ୍ତରରେ ବ୍ୟାଣ୍ଡ ବି ଇନ୍‌ଷ୍ଟିଚ୍ୟୁଶନ ହିସାବରେ ଏହି ଅନୁଷ୍ଠାନକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଦୀର୍ଘ ୧୪ ବର୍ଷ ଧରି ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ଶିକ୍ଷା ପଦ୍ଧତି, ଗବେଷଣା, ପ୍ରଯୁକ୍ତି ଏବଂ ନିଯୁକ୍ତି କ୍ଷେତ୍ରରେ ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବରେ ଗଣତି ହେଉଛି। ଏହି ଅନୁଷ୍ଠାନ ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କର ପ୍ରଥମ ପସନ୍ଦ ଭାବରେ ପରିଗଣିତ ହୋଇପାରିଛି ବୋଲି ଗିଫ୍ଟର ଭାଇସ ଚେୟାରମ୍ୟାନ ଇଂ ପତିତପାବନ ପଣ୍ଡା ଏବଂ କଲେଜର ଅଧ୍ୟକ୍ଷ ଡ. ଏସ୍.ଏନ୍. ପଟ୍ଟନାୟକ କହିଛନ୍ତି।

## ଆକାଶର ଛାତ୍ର ଆଲୁମ୍‌ନି ପୋର୍ଟାଲ

**ନୂଆଦିଲ୍ଲୀ,୨୬।୮**

ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍) ପକ୍ଷରୁ ପ୍ରଥମଥର ପାଇଁ ଆକାଶ ଛାତ୍ର ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହି ପୋର୍ଟାଲ ଜରିଆରେ ଆକାଶର କ୍ଲାସ୍‌ରୁମ୍ ପ୍ରୋଗ୍ରାମର ସମସ୍ତ ପୂର୍ବତନ ଛାତ୍ର ବିଶେଷ କରି ଇନ୍‌ଷ୍ଟିଚ୍ୟୁଟ୍‌ର ସମସ୍ତ ବିଷୟ, ଫାକଲ୍‌ଟି ଓ ବ୍ୟାଚ୍‌ମେଟ୍‌ମାନଙ୍କ ସହ ସଂଯୋଗ ହୋଇପାରିବେ ବୋଲି ସୂଚନା ମିଳିଛି। ଏହି ପୋର୍ଟାଲ ମାଧ୍ୟମରେ ଆକାଶ ଇନ୍‌ଷ୍ଟିଚ୍ୟୁଟର ସମସ୍ତ ପାଠ୍ୟକ୍ରମ ଓ ନ୍ୟୁଜ ବିଷୟରେ ଛାତ୍ରମାନେ ଭାରତର ଯେକୌଣସି ସ୍ଥାନରୁ ଥାଇ ମଧ୍ୟ ଜାଣିପାରିବା ସହ ଯୋଗାଯାଗ ମଧ୍ୟ କରିପାରିବେ। ଏହି ପୋର୍ଟାଲରେ କେତେକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି ଯଥା ଜବ୍ ସର୍ଚ୍ଚ ୱିଣ୍ଡୋ ସହ ଆକାଶର ସବିଶେଷ ତଥ୍ୟ ଓ ବ୍ୟାଚ୍‌ମେଟ୍‌ଙ୍କ ସହ ଯୋଗାଯୋଗ ମଧ୍ୟ ଏହା ମାଧ୍ୟମରେ କରିପାରିବେ।

**ଖେଳ ଖବର**

## ଟେଷ୍ଟରେ ଆଣ୍ଡରସନ, କ୍ରଲିଙ୍କ ଉନ୍ନତି

**ଦୁବାଇ,୨୬।୮(ପି.ଟି.)**

ବୁଧବାର ପ୍ରକାଶିତ ହୋଇଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ଡେପୁଟି ରୋହିତ ଶର୍ମା ସେମାନଙ୍କ ପ୍ରଭୁତ୍ୱ ଜାରି ରଖିଛନ୍ତି। କୋହଲି ଓ ରୋହିତ ବ୍ୟାଟ୍ସମ୍ୟାନଙ୍କ ତାଲିକାର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ତେବେ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲୀୟ ରନ୍ ମେଶିନ୍ କୁହାଯାଉଥିବା ଷ୍ଟିଭ୍ ସ୍ମିଥ୍ ବ୍ୟାଟ୍ସମ୍ୟାନ ତାଲିକାରେ ପୂର୍ବପରି ଶୀର୍ଷ ସ୍ଥାନରେ ରହିଛନ୍ତି। କୋହଲି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଅନ୍ୟତମ ଅଷ୍ଟ୍ରେଲୀୟ ଯୁବ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନ୍ ତୃତୀୟ ସ୍ଥାନରେ ରହିଛନ୍ତି।

ଅନ୍ୟପଟେ ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ବ୍ୟାଟ୍ସମ୍ୟାନ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପାକିସ୍ତାନ ତାରକା ବ୍ୟାଟ୍ସମ୍ୟାନ ବାବର ଆଜମ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ ସୀମିତ ଓଭର ଅଧିନାୟକ ଆରୋନ ଫିଞ୍ଚ୍ ତୃତୀୟ ସ୍ଥାନରେ ରହିଛନ୍ତି।

ଦିନିକିଆ ବୋଲିଂ ତାଲିକାରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଶୀର୍ଷ ସ୍ଥାନରେ ରହିଛନ୍ତି। ସେହିପରି ଟେଷ୍ଟ ବୋଲିଂ ତାଲିକାରେ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଆଫଗାନିସ୍ତାନ ତାରକା ସ୍ପିନର ରସିଦ୍ ଖାନ୍ ଟି୨୦ ଫର୍ମାଟ୍‌ର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଦଳୀୟ ତାଲିକାରେ ଭାରତ ଦିନିକିଆରେ ଶୀର୍ଷ ସ୍ଥାନରେ ରହିଛି। ତେବେ ଟେଷ୍ଟ ଓ ଟି୨୦ ଫର୍ମାଟ୍‌ରେ ଭାରତ ତୃତୀୟ ସ୍ଥାନରେ ରହିଛି।

ସାଉଥାମ୍ପଟନରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ୨୬୭ ରନର ଦ୍ୱିଶତକୀୟ ପାଳି ଖେଳିଥିବା ଇଂଲଣ୍ଡ ଯୁବ ବ୍ୟାଟ୍ସମ୍ୟାନ ଜ୍ୟାକ କ୍ରଲି ଓ ୭ ଉଇକେଟ ହାସଲ କରିଥିବା ଜେମ୍ସ ଆଣ୍ଡରସନ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଲଙ୍ଗଜମ୍ପ ମାରିଛନ୍ତି। କ୍ରଲି ୫୩ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୨୮ତମ ସ୍ଥାନ ଅଧିକାର କରିଛନ୍ତି। ଏହି ଟେଷ୍ଟ ସିରିଜ ପୂର୍ବରୁ ସେ ୯୫ତମ ସ୍ଥାନରେ ରହିଥିଲେ। ସିରିଜରେ ମୋଟ ଉପରେ ୩୨୦ ରନ ସଂଗ୍ରହ କରି ସେ ଇଂଲଣ୍ଡ ପାଇଁ ଶ୍ରେଷ୍ଠ ଚତୁର୍ଥ ର୍‍ୟାଙ୍କର ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ବୋଲିଂରେ ଆଣ୍ଡରଶନ ୬ଟି ସ୍ଥାନ ଉପରକୁ ଉଠି ଟପ୍-୧୦କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତୃତୀୟ ଟେଷ୍ଟରେ ସେ

**ଆଇସିସି ର୍‍ୟାଙ୍କିଙ୍ଗ୍**

ବିଶ୍ୱର ପ୍ରଥମ ଦ୍ରୁତ ବୋଲର ହିସାବରେ ୬୦୦ ଉଇକେଟ ହାସଲ କରିବାର ରେକର୍ଡ କରିଛନ୍ତି। ସେହିପର ୧୫୨ ରନର ଶତକୀୟ ପାଳି ଖେଳିଥିବା ଜୋସ୍ ବଟଲର ୬୩୭ ପଏଣ୍ଟ ହାସଲ କରି କ୍ୟାରିୟର ଶ୍ରେଷ୍ଠ ୨୧ତମ ସ୍ଥାନ ଅଧିକାର କରିଛନ୍ତି। ଅଲରାଉଣ୍ଡର ତାଲିକାରେ ବେନ୍ ଷ୍ଟୋକ୍ସ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର ଶୀର୍ଷରେ ରହିଛନ୍ତି। ପାକିସ୍ତାନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୧୪୧ ରନର ଶତକୀୟ ଇନିଂସ ଖେଳିଥିବା ଅଧିନାୟକ ଅଝାର ଅଲୀ ୧୧ଟି ସ୍ଥାନ ଉପରକୁ ଉଠି ୨୩ତମ ସ୍ଥାନରେ ରହିଛନ୍ତି। ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ରିଜୱାନ ୩ଟି ସ୍ଥାନ ଉପରକୁ ଉଠି ୭୨ତମ ସ୍ଥାନ ଅଧିକାର କରିଛନ୍ତି। ପାର୍ଟ ଟାଇମ୍ ସ୍ପିନର ଫୱାଦ ଆଲାମ ଓ ଆସଦ ସାଫିକ ଯଥାକ୍ରମେ ୨୨ ଓ ୯ଟି ସ୍ଥାନ ଉପରକୁ ଉଠି ୯୪ ଓ ୧୦୦ତମ ସ୍ଥାନ ଅଧିକାର କରିଛନ୍ତି।

## ପ୍ରଥମ ଅନ୍‌ଲାଇନ୍ ଟୁର୍ନାମେଣ୍ଟ ନେଇ ଇଣ୍ଡିଆ ଟାଏକୋଣ୍ଡୋର ଘୋଷଣା

**ମୁମ୍ବାଇ,୨୬।୮ (ପି.ଟି.):** ଦେଶରେ ପ୍ରଥମ ଅନ୍‌ଲାଇନ୍ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଇଣ୍ଡିଆ ଟାଏକୋଣ୍ଡୋ ବୁଧବାର ଘୋଷଣା କରିଛି। ସେପ୍ଟେମ୍ବର ୨୮ରୁ ନଭେମ୍ବର ୪ ତାରିଖ ମଧ୍ୟରେ ଅନ୍‌ଲାଇନ୍ ଜାତୀୟ ଟାଏକୋଣ୍ଡୋ ପୁମାସାଏ ଚାମ୍ପିୟନଶିପ୍ ଆୟୋଜନ ହେବ ବୋଲି ସୂଚନା ଦିଆଯାଇଛି। କଲର ବେଲ୍ଟ ଓ ବ୍ଲାକ ବେଲ୍ଟ ଡିଭିଜନ୍‌ରେ ବିଭକ୍ତ ଏହି ପ୍ରତିଯୋଗିତା ବ୍ୟକ୍ତିଗତ କ୍ଷମତା ଉପରେ ପର୍ଯ୍ୟବସିତ ହେବ। କଲର ବେଲ୍ଟ ଡିଭିଜନ୍ ୩ଟି ବର୍ଗରେ ବିଭକ୍ତ ହେବ। ସେହିପରି ବ୍ଲାକ ବେଲ୍ଟ ଡିଭିଜନ୍ (ମେଡାଲ ଇଭେଣ୍ଟ) ୮ଟି ବର୍ଗରେ ବିଭକ୍ତ ହେବ। ଡେଡ୍ ଲାଇନ୍ ପୂର୍ବରୁ ପ୍ରତ୍ୟେକ ଆଥଲେଟ ପୁମାସାଏ ପ୍ରଦର୍ଶନ କରୁଥିବାର ଏକ ଭିଡିଓ ଦାଖଲ କରିବା ବାଧ୍ୟତାମୂଳକ ବୋଲି କୁହାଯାଇଛି। ବିଶ୍ୱ ଟାଏକୋଣ୍ଡୋ ମଧ୍ୟ ଏହି ଟୁର୍ନାମେଣ୍ଟକୁ ସମର୍ଥନ କରିଛି। କୋଭିଡ୍-୧୯ ମହାମାରୀ ପାଇଁ ଆଥଲେଟମାନଙ୍କୁ ସେଫ୍ଟି ଗାଇଡ୍‌ଲାଇନ୍ ଅନୁସରଣ କରିବାକୁ କୁହାଯାଇଛି।

**ଓଡ଼ିଶା ସରକାର**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଘୋଷଣା**

**No. RDM-LAB-BOUDH-0014-2018-5885/R&DM** **Dated: 6 Feb. 2020**

No. XXXI-9: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନ୍‌ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ୍‌ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା: କପାସିରା, ଥାନା: ମନମୁଣ୍ଡା ନଂ.-୧୧୦, ତହସିଲ: କନ୍ଧମାଳ, ଜିଲ୍ଲା: ବୌଦ୍ଧରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧାରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୨୩୯୨୯, ତା୦୨।୦୭।୨୦୧୮ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା- ୪୧୯୯୩, ତା୩୧।୧୨।୨୦୧୯ରିଖ ଅନୁସାରେ ଅଧିସୂଚନାର ବୈଧତା ତା୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: କପାସିରା, ଥାନା: ମନମୁଣ୍ଡା ନଂ.- ୧୧୦, ଜିଲ୍ଲା: ବୌଦ୍ଧରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.boudh.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ବୌଦ୍ଧ, ତହସିଲ: କନ୍ଧମାଳ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କପାସିରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୩.୫୧୦ | ଏକର ୬.୪୭୦ | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ବୌଦ୍ଧ, ତହସିଲ: କନ୍ଧମାଳ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୮।୧୦।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./- ଅତିରିକ୍ତ ଶାସନ ସଚିବ**

**ଜମିର ତାଲିକା**
**ଖୋର୍ଦ୍ଧାରୋଡ୍ - ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ**
**ଗ୍ରାମ: କପାସିରା, ତହସିଲ: କନ୍ଧମାଳ, ଥାନା: ମନମୁଣ୍ଡା (ନଂ.-୧୧୦), ଜିଲ୍ଲା: ବୌଦ୍ଧ**
**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୯୯ | ୩୬୧ | ୦.୩୬୦ | ୦.୩୬୦ | ଶାରଦ ଜଳ-୧ | ବଳଭଦ୍ର ଭୋଇ, କୃଷ୍ଣ ଭୋଇ, ବିପ୍ର ଭୋଇ, ପି.- ଆନନ୍ଦ ଭୋଇ, ବା: କପାସିରା |
| ୨ | | ୩୬୦ | ୦.୫୦୦ | ୦.୫୦୦ | ଶାରଦ ଜଳ-୧ | |
| ୩ | ୧୦୯ | ୩୬୮ | ୦.୧୬୦ | ୦.୧୬୦ | ଶାରଦ ଜଳ-୧ | ବିପିନ ପ୍ରସାଦ ଅଗ୍ରବାଲ, ଗିରିଧାରୀ ଅଗ୍ରବାଲ, ପି.- ପୁରନମଲ ଅଗ୍ରୱାଲ, ବା: କପାସିରା |
| ୪ | | ୩୪୦ | ୦.୮୫୦ | ୦.୩୯୦ | ଶାରଦ ଜଳ-୧ | |
| ୫ | | ୩୩୯ | ୦.୬୫୦ | ୦.୦୮୦ | ଶାରଦ ଜଳ-୧ | |
| ୬ | ୧୭୯ | ୩୬୨ | ୧.୨୫୦ | ୦.୧୫୦ | ଶାରଦ ଜଳ-୧ | ଶୁକ୍ର ନାଏକ, ପି.- କୁବେର ନାଏକ, ବା: କପାସିରା |
| ୭ | ୨୧୭/୫୨ | ୩୬୭ | ୧.୨୪୦ | ୦.୭୮୦ | ଶାରଦ ଜଳ-୧ | ଗଣ୍ଡାଧର ସାହୁ, ପି.- ବୃନ୍ଦାବନ ସାହୁ, ବା: କପାସିରା |
| ୮ | | ୩୫୪/ ୧୨୩୨ | ୦.୯୯୦ | ୦.୨୧୦ | ଶାରଦ ଜଳ-୧ | |
| ୯ | ୨୧୭/୬୩ | ୩୬୯ | ୦.୭୮୦ | ୦.୭୮୦ | ଶାରଦ ଜଳ-୧ | ଅମୃତ ସାହୁ, ସ୍ୱା.: ଗଣ୍ଡାଧର ସାହୁ, ବା: କପାସିରା |
| ୧୦ | ୨୧୭/୬୪ | ୩୬୯/ ୧୨୩୯ | ୦.୭୫୦ | ୦.୩୬୦ | ଶାରଦ ଜଳ-୧ | କୃଷ୍ଣ ଭୋଇ, ପି.- ଆନନ୍ଦ ଭୋଇ, ବା: କପାସିରା |
| ୧୧ | ୨୧୭/୬୯ | ୩୭୦ | ୧.୯୫୦ | ୦.୪୮୦ | ଶାରଦ ଜଳ-୧ | ଜୟନାରାୟଣ ସାହା, ରାଜେନ୍ଦ୍ର ସାହା, ବିଷ୍ଣୁ ସାହା, ପି.- ମହରଗୁ ସାହା, ବା: କପାସିରା |
| ୧୨ | | ୩୫୮ | ୦.୭୧୦ | ୦.୨୯୦ | ଶାରଦ ଜଳ-୧ | |
| ୧୩ | | ୩୭୧/ ୧୨୪୯ | ୦.୯୯୦ | ୦.୭୬୦ | ଶାରଦ ଜଳ-୧ | |
| ୧୪ | ୨୧୭/୭୫ | ୩୭୧ | ୦.୯୮୦ | ୦.୮୭୦ | ଶାରଦ ଜଳ-୧ | କଳାକାହ୍ନୁ ମେଣ୍ଡିଲି, ପି.- ହାରାଧନ ମେଣ୍ଡିଲି, ବା: କପାସିରା |
| ୧୫ | ୨୧୭/୯୨ | ୩୫୯ | ୦.୪୩୦ | ୦.୨୯୦ | ଶାରଦ ଜଳ-୧ | ନିମେଇଁ ଦନ୍ତା, ପି.- ବନମାଳୀ ଦନ୍ତା, ବା: କପାସିରା |
| ୧୬ | ୨୧୭/୯୯ | ୩୫୭ | ୦.୯୨୦ | ୦.୦୧୦ | ଶାରଦ ଜଳ-୧ | ପ୍ରସନ୍ନ ମେହେର, ପି.- ଦୁତିଆ ମେହେର, ବା: କପାସିରା |
| ମୋଟ | | | ୧୩.୫୧୦ | ୬.୪୭୦ | | |

ସ୍ୱା./- ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ
ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧ
OIPR-24001/14/0079/2021

**OFFICE OF THE EXECUTIVE ENGINEER**
**MAYURBHANJ LIFT IRRIGATION DIVISION, BARIPADA**
E-mail- olicbpd@ymail.com

No. 1451 Dated 25.08.2020

**CORRIGENDUM NOTICE**

No. CAD-409: In partial modification to this office Tender Call Notice No. 1315 dt. 05.08.2020 as read in BOQ PKG No-29 the name of work Badasole-III (Kasiabeda) TW LIP under Saraskana Block in place of Balidam TW LIP under Baripada Block. All other Terms & Conditions are remained unaltered.

Executive Engineer,
M.L.I. Division, Baripada
OIPR-32215/11/0006/2021

**OFFICE OF THE MUNICIPAL COUNCIL, JODA**
No.3919/JMC., Dt.25.8.2020

**EXPRESSION OF INTEREST**

Sealed EOI are invited by the undersigned from the intending Panelized Consultants/ Architecture/Traditional Consultancy for **"Preparation of DPR for Open Space Development of Joda Municipality".** The EOI includes estimate, plan & design etc. as required for the project. An amount of **Rs.2000/- (Rupees Two Thousand) only in shape of Bank Drafts/Bankers Cheque (Non-refundable)** should be deposited in the Office of the undersigned towards cost of EOI.

This expression of interest is invited for providing estimate, plan & design with GST to the undersigned for execution of the project. The successful bidder should submit the plan & estimate with due technical sanction from the competent authority for execution of the project. Payment will be made after that to the bidder after due technical sanction of the project as stated above.

The complete EOI accompanied with all relevant valid documents like Consultant/Architecture/Traditional Consultancy Certificate, PAN Card, GST Registration Certificate, Experience Certificate etc. will be received by the undersigned on or before dt.10.09.2020 upto 11.30 A.M. by Registered Post/Speed Post or by Person and the same will be opened on the same day 1.00 P.M. in presence of the person or their authorized representatives if present. Any type of postal delay/loss will not be the responsibility of the undersigned at any circumstances.

The undersigned reserves the right to cancel any or all EOI without assigning any reason thereof.

| Sl. No. | Description of items | Rate (% of the Estimated cost) (In figures) | (In words) |
|---|---|---|---|
| 1 | Preparation of DPR for Open Space Development of Joda Municipality<br>Requirements:-<br>(i) Estimate<br>(ii) Plan & Design | | |

Sd./- Executive Officer, Joda Municipality

**OFFICE OF THE EXECUTIVE ENGINEER (CIVIL)**
**PORTS & INLAND WATER TRANSPORT, SOUTH DIVISION,**
**NEAR STPI, AMBAPUA, BERHAMPUR-10 (GM)**
**Phone/Fax-0680-2404455/E-mail- ees.piwt@yahoo.in**

**AUCTION SALE NOTICE NO.01/2020-21 DATED 19.08.2020**

No.JJ-02:- Sealed tender in conformity with the detailed Auction Sale Notice is invited for sale of Mahindra & Mahindra (Commander Jeep) (Diesel) (as detailed in table below) "As is where is basis" of Office of the Executive Engineer (Civil), Ports & IWT, South Division, Berhampur. The tender will be received by the undersigned on Dtd.08.09.2020 upto 11.30 A.M. and will be opened by the undersigned on the same date at 12.30 P.M. in presence of the bidders or their authorized representaives. If the office happens to be closed on the date of receipt of the bids as specified, the bid will be received on the next working day at 11.30 A.M. & will be opened on the same day by 12.30 P.M.

| Sl.No. | Name of Vehicle | Up set Price | EMD/Bid Security (In Rs.) | Cost of Documents (In Rs.) | Location of the Vehicle |
|---|---|---|---|---|---|
| 1 | Mahindra & Mahindra (Commandere Jeep) (Diesel) OR-01-B-2859 | 45000.00 | 1000.00 | 400.00 | Ports & IWT, Transit Shed, Unit-VIII, Bhubaneswar |

Intending bidders may inspect the said vehicle on the location specified in the table during working hour before the date of submission of tender paper. The details of tender schedule along with terms & conditions can be had from the office of the undersigned from 29.08.2020 to 07.09.2020 upto 5.00 P.M. during office hour on payment of Rs.400/- towards cost of tender paper in cash which is non-refundable. Intending bidders are required to furnish E.M.D. in shape of N.S.C./Postal Savings, Bank Pass Book/Post Office time deposit duly pledged in favour of the Executive Engineer (Civil), Ports & IWT, South Division, Berhampur along with the tender without which the tender will be liable for rejection. The authority will not be held responsible for any postal delay or loss of tender paper during transit.

The authority reserves the right to accept or reject any or all of the bidders without assigning any reason thereof.

Sd./- Executive Engineer (C), Ports & IWT, South Division, Berhampur
OIPR-02004/11/0001/2021

## ସଂକ୍ଷେପରେ

### ଦାଦାବଟି ପାଇଁ ଗଣ୍ଡଗୋଳ, ୨ ଗିରଫ

**ଭୁବନେଶ୍ୱର, ୨୬।୮ (ବ୍ୟୁରୋ):** ଦାଦାବଟି ପାଇଁ ଆପାର୍ଟମେଣ୍ଟ ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ କରି ଭୟ ସୃଷ୍ଟି କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବୋଡଣ୍ଡା ଅଞ୍ଚଳର ବିଶ୍ୱରଞ୍ଜନ ପାଇକରାୟ ଓ ସୁଧୀର କୁମାର ବେହେରା। ସୂଚନା ମୁତାବକ, ଗତ ୨୦ ତାରିଖ ରାତିରେ ଏହି ଦୁଇ ଅଭିଯୁକ୍ତ ମାରଣାସ୍ତ୍ର ଧରି ଗଙ୍ଗା ଯମୁନା ଆପାର୍ଟମେଣ୍ଟରେ ପହଞ୍ଚି ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ଆପାର୍ଟମେଣ୍ଟର ସିକ୍ୟୁରିଟି ଗାର୍ଡ ବାରଣ କରିବାରୁ ଉଭୟେ ମାଡ ମାରିବା ସହ ସେଠାରେ ରହୁଥିବା ଲୋକଙ୍କୁ ଧମକଚମକ ଦେଇ ଭୟଭୀତ କରିଥିଲେ। ଏ ନେଇ ଆପାର୍ଟମେଣ୍ଟର ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୫୨/୨୦ରେ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ମୁକ୍ତିମଣ୍ଡପ ପଦବୀ ପୂରଣ ନେଇ ଚିଠି ଲେଖିନାହାନ୍ତି ଦୁର୍ଗାପ୍ରସାଦ

**ପୁରୀ ଅଫିସ, ୨୬।୮:** ରାଜ୍ୟ ଆଇନ ବିଭାଗ ଶ୍ରୀମନ୍ଦିର ରତ୍ନଅଳଙ୍କାର ଯାଞ୍ଚ ଏବଂ ମୁକ୍ତିମଣ୍ଡପରେ ଖାଲିଥିବା ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ ଗତ ୧୮ ତାରିଖରେ ଜଗନ୍ନାଥ ମନ୍ଦିର ପ୍ରଶାସନ (ଜେଟିଏ)କୁ ଏକ ଚିଠି ଲେଖିଥିଲେ। ଦୁଇ ଜଣ ବ୍ୟକ୍ତିଙ୍କ ଆବେଦନ ଆଧାରରେ ଏହି ଚିଠି ଲେଖାଯାଇଥିଲା। ମାତ୍ର ସେମାନଙ୍କ ମଧ୍ୟରୁ ଜଣେ ଆବେଦନକାରୀ ଦୁର୍ଗାପ୍ରସାଦ ମହାପାତ୍ର କହିଛନ୍ତି, ସେ ମୁକ୍ତିମଣ୍ଡପର କୌଣସି ପଦବୀ ପୂରଣ ପାଇଁ ସେ ସରକାରଙ୍କ ପାଖକୁ ଚିଠି ଲେଖିନାହାନ୍ତି। ମୁକ୍ତିମଣ୍ଡପ ସଂକ୍ରାନ୍ତରେ ଅନ୍ୟ ତଥ୍ୟ ମାଗିଛନ୍ତି ବୋଲି କହିଛନ୍ତି।

### ଅନ୍ତର୍ଜାତୀୟ ମହିଳା ସମାନତା ଦିବସ

**ଚୌଦ୍ୱାର, ୨୬।୮ (ଡି.ଏନ୍.ଏ):** ଚୌଦ୍ୱାର ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେଶନ୍ ତରଫରୁ ଅନ୍ତର୍ଜାତୀୟ ମହିଳା ସମାନତା ଦିବସ ବୁଧବାର ପାଳିତ ହୋଇଯାଇଛି। ଫାଉଣ୍ଡେଶନ୍‌ର ସଭାପତି ନରୋତ୍ତମ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଶୁଭ୍ରାଂଶୁ ପଟ୍ଟନାୟକ ଓ ଡ. ଲିପିକା ମହାରଣା ଅତିଥି ଭାବେ ଯୋଗଦେଇ ମହିଳା ସମାନତା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଆଧୁନିକ ସମାଜରେ ମହିଳାମାନେ ପୁରୁଷ ସହିତ ତାଳଦେଇ ବହୁ କାର୍ଯ୍ୟ କରି ସମାଜ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ଏବଂ ଦେଶପାଇଁ ଗୌରବ ଆଣୁଥିବା ପ୍ରକାଶ କରିଥିଲେ। ଏହି ଅବସରରେ ଜନସେବାରେ ନିଜକୁ ସମର୍ପିତ କରି ସମାଜରେ ଆଦରର ପାତ୍ର ହୋଇପାରିଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ଅଗ୍ରଣୀ ମହିଳା ପୋଲିସ ଏଏସ୍‌ଆଇ ଲୋଭାବତୀ ସାହୁ, ସ୍ୱାସ୍ଥ୍ୟ ସେବିକା ଅସୀମା ପତି, ଆଇନଜୀବୀ ସରିତା ଦାସ, ଅଙ୍ଗନୱାଡ଼ି କର୍ମୀ ଚନ୍ଦ୍ରକାନ୍ତି ବେହେରା, ଆଶାକର୍ମୀ ତିଳୋତ୍ତମା ମହାନ୍ତି, ସାମାଜିକ କର୍ମୀ କିରଣବାଳା ନାୟକ, ଗୋଲାପ ସିଂ, ପ୍ରମିଳା ଓଝାଙ୍କୁ ଫାଉଣ୍ଡେଶନ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନର ଉପସଭାପତି ପଦ୍ମପାଦ ସାହୁ, ଦିଲୀପ ସାହୁ, ସଞ୍ଜୟ ମିଶ୍ର, ଜ୍ୟୋତି ପ୍ରକାଶ ପାଲ, ଆଲୋକ ସିଂ, କେଦାରନାଥ ବେହେରା, ମହେଶ ବେହୁରା, ରାକେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୂଆଖାଇ ଭେଟ୍‌ଘାଟ୍ ପାଳିତ

**କଟକ ଅଫିସ, ୨୬।୮:** ସାରଳା ସାହିତ୍ୟ ସଂସଦ ଓ ଉତ୍କଳ ସାହିତ୍ୟ କଳା ପରିଷଦର ମିଳିତ ଆନୁକୂଲ୍ୟରେ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ମଙ୍ଗଳବାର ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ସାହିତ୍ୟ ସଂସଦ ପରିଷଦରେ ଅନୁଷ୍ଠିତ ହୋଇଛି। ସଂସଦର ପ୍ରତିଷ୍ଠାତା ତଥା ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସଭାରେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ପରିଷଦର ସାଧାରଣ ସମ୍ପାଦକ ତଥା ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ସାହିତ୍ୟିକ ପ୍ରସନ୍ନ ଜେନା, ଶିକ୍ଷାବିତ୍ ଚୌଧୁରୀ ସତ୍ୟ ଦାସ, ବଂଶୀଧର ରାଉତ, କବିତା ମହାପାତ୍ର, କୈଳାସ ଚନ୍ଦ୍ର ବରାଳ, ଭୁବନାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ଓଡ଼ିଶାର ଗଣପର୍ବ ନୂଆଖାଇ ସାମାଜିକ, ସାଂସ୍କୃତିକ ଓ ଆଧାତ୍ମିକ ଭାବଧାରା ସୃଷ୍ଟି କରେ। କୃଷି ଓ କୃଷକଙ୍କ ପ୍ରତି ଯଥାର୍ଥ ସମ୍ମାନବୋଧ ପ୍ରଦର୍ଶନ କରିବା ସହ ଏହା ଭାଇଚାରା ଓ ପାରିବାରିକ ସମ୍ମାନ ସମ୍ପର୍କରେ ଏକ ଅପୂର୍ବ ନିଦର୍ଶନ ବୋଲି ବକ୍ତାମାନେ କହିଥିଲେ।





ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପୁରୁଣା ଭୁବନେଶ୍ୱରସ୍ଥିତ ଐତିହ୍ୟ ମେଘେଶ୍ୱର ମନ୍ଦିର ଭିତରୁ ପୂଜକ ବର୍ଷା ପାଣି କାଢୁଛନ୍ତି ଓ ପାଣିରେ ବୁଡ଼ି ରହିଥିବା ବୈତାଳ ମନ୍ଦିର ପରିସର।




ଲଗାଣ ବର୍ଷା ଯୋଗୁ ପଳାଶୁଣୀ ସତ୍ୟବିହାର କଲୋନୀ ରାସ୍ତାରେ ଜମି ରହିଥିବା ଆଣ୍ଠୁଏ ଉଚ୍ଚର ପାଣି।

# ୩ ପଞ୍ଚାୟତର ୧୫ ଗାଁ ପାଣି ଘେରରେ

**ଖୋର୍ଦ୍ଧା ଅଫିସ, ୨୬।୮**

**ରାଜୁଆରେ ବନ୍ୟା**

- ସ୍ଥିତି ବୁଲି ଦେଖିଲେ ଅତିରିକ୍ତ ଜିଲାପାଳ, ତହସିଲ୍‌ଦାର
- ନଦୀବନ୍ଧ ନିର୍ମାଣ ଦାବିକଲେ ଲୋକେ

ଲଗାଣ ବର୍ଷା ସହ ହୀରାକୁଦ ଜଳ ରାଜୁଆ ନଦୀରେ ପ୍ରବେଶ କରିବା ପରେ ବନ୍ୟା ଆସିଛି। ଫଳରେ ଖୋର୍ଦ୍ଧା ବ୍ଲକ୍‌ର ୩ ପଞ୍ଚାୟତରେ ବନ୍ୟା ପାଣି ପ୍ରବେଶ କରି ବ୍ୟାପକ ଅଞ୍ଚଳକୁ ଜଳମଗ୍ନ କରିଛି। ଶହଶହ ଏକର ଚାଷଜମି ବୁଡି ରହିଛି। ଓରବରସିଂ ପଞ୍ଚାୟତର ହିରିମୂଳ, ଡିହଖାଲ, ଲେଖନପୁର, ବାଲିକୁଦା, ଦୁର୍ଗାପୁର, ମଶାଣିଆ, କୃଷ୍ଣପୁର, ନରଣଗଡ ପଞ୍ଚାୟତର ମାନପୁର, ଓରମି, ବଳପୁର, ଧବଳପୁର, କୁରୁମପଡା, ନରଣଗଡ ଏବଂ ବ୍ରଜମୋହନପୁର ପଞ୍ଚାୟତର ଶରଧାପୁର ଓ ଶଢେଇଘର ଆଦି ଗାଁ ବନ୍ୟା ପାଣି ଘେରେ ରହିଛି।

ବୁଧବାର ଅତିରିକ୍ତ ଜିଲାପାଳ ଅନୁଜ ଦାସ ପଟ୍ଟନାୟକ, ଖୋର୍ଦ୍ଧା ତହସିଲଦାର ପଦ୍ମଲୋଚନ ସାହୁ ଓ ସ୍ଥାନୀୟ ଆର୍‌ଆଇ ପ୍ରମୁଖ ଓରବରସିଂ ପଞ୍ଚାୟତରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଲୋକେ କିପରି ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ତାହା ଦେଖିଛନ୍ତି। ଡିହଖାଲର ରାକେଶ ବଳିୟାରସିଂ କୁହନ୍ତି, ଗାଁରେ ୩ଫୁଟର ଉଚ୍ଚର ପାଣି ଚାଲିଥିବାବେଳେ ଚାଷଜମିରେ ୫ଫୁଟ ଉପରେ ପାଣି ରହିଛି। ଗତ ଜୁନ ଓ ଜୁଲାଇରେ ସ୍ୱଳ୍ପ ବୃଷ୍ଟି ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଲଘୁଚାପ ବର୍ଷାରେ ଚାଷୀ ଆଶ୍ୱସ୍ତି ଅନୁଭବ କରୁଥିବା ସମୟରେ ବନ୍ୟା ସ୍ଥିତି ଯୋଗୁ ଖରିଫ ଚାଷ ଭଲ ଅମଳ ଆଶା ରଖିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ହିରିମୂଳ ଗ୍ରାମର ରଞ୍ଜନା ମଙ୍ଗରାଜ କୁହନ୍ତି, ଚୁଲିରେ ପାଣି ପଶିଛି। ଗତ ସପ୍ତାହ ହେଲାଣି ଚୁଲି ଜଳୁ ନ ଥିବାରୁ ଶୁଖିଲା ଖାଦ୍ୟଖାଇ ଦିନ ବିତାଉଛନ୍ତି। ରଞ୍ଜନାଙ୍କ ଭଳି ଅନେକ ପରିବାର ବନ୍ୟା ଜଳ ଘେରରେ ରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ଗ୍ରାମ ଚାରିପଟେ ପାଣି ଜମି ରହିଛି। କେତେକ ସ୍ଥାନରେ ରାସ୍ତାରେ ମଧ୍ୟ ପାଣି ଚାଲୁଛି। ଫଳରେ ଗ୍ରାମବାସୀ ଯାତାୟାତ ସମସ୍ୟା ଭୋଗୁଛନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ସରକାରୀ ସହାୟତା ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କହିଛନ୍ତି। ଆଉ କେତେଜଣ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ପ୍ରତିବର୍ଷ ରାଜୁଆ ନଦୀରେ ବନ୍ୟା ଆସି ଗାଁ, ବିଲରେ ପଶୁଛି। ବହୁଦିନ ଧରି ସେମାନେ ଜଳଘେରରେ ରହୁଛନ୍ତି। ନଦୀବନ୍ଧ ନ ଥିବାରୁ ଏ ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ରାଜୁଆ ନଦୀରେ ବନ୍ଧ ନିର୍ମାଣ ଲାଗି ସେମାନେ ଦାବି କରିଛନ୍ତି। ଏନେଇ ତହସିଲଦାର ପଦ୍ମଲୋଚନ ସାହୁ କୁହନ୍ତି, ସ୍ଥିତି ବୁଲି ଦେଖିଲୁ। ଆବଶ୍ୟକ ପଡ଼ିଲେ ବିପନ୍ନଙ୍କୁ ସ୍ଥାନାନ୍ତର କରାଯିବ।



ବନ୍ୟା ପାଣିରେ ବୁଡ଼ି ରହିଥିବା ଖୋର୍ଦ୍ଧା ବ୍ଲକ ଅଞ୍ଚଳର ଚାଷ ଜମି।



ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ନୂଆପାଟଣା ଗ୍ରାମ ୩ ଦିନ ଶଟ୍‌ଡାଉନ

**ନିମାପଡ଼ା, ୨୬।୮ (ଡି.ଏନ୍.ଏ)**

ନିମାପଡ଼ା ବ୍ଲକ କଳାପାଞ୍ଚଣ ପଞ୍ଚାୟତର ନୂଆପାଟଣା ଗ୍ରାମରେ ବୁଧବାର ଜଣେ ୧୭ବର୍ଷୀୟ ବାଳକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସଂକ୍ରମଣକୁ ରୋକିବା ପାଇଁ ସରପଞ୍ଚ ଅଭିମନ୍ୟୁ ପଣ୍ଡା ନୂଆପାଟଣା ଗ୍ରାମକୁ ବୁଧବାରଠାରୁ ୩ଦିନ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଗ୍ରାମର ସମସ୍ତ ପ୍ରବେଶପଥକୁ ସିଲ କରିଦିଆଯାଇଛି। ଏ ସମ୍ପର୍କରେ ଡେଙ୍ଗୁରା ବାଡ଼ାଯାଇ ଗ୍ରାମବାସୀ ଓ ଆଖପାଖ ଗ୍ରାମଲୋକଙ୍କୁ ଅବଗତ କରାଯାଇଥିବା ସରପଞ୍ଚ କହିଛନ୍ତି। ଏବେ ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ କରୋନା ଆକ୍ରାନ୍ତ ସଂଖ୍ୟା ୨୨୦ରେ ପହଞ୍ଚିଥିବା ବିଡିଓ ମନୋଜ କୁମାର ବେହେରା କହିଛନ୍ତି।

## 'ବାପାଙ୍କୁ କୋଭିଡ୍ ହସ୍ପିଟାଲ ନିଅ'

**କଟକ ଅଫିସ, ୨୬।୮**

**କରୋନା ଆକ୍ରାନ୍ତଙ୍କ ପାଇଁ ୨ ସନ୍ତାନଙ୍କ ଆକୁଳ ନିବେଦନ**

ପେଟରୋଗରେ ପୀଡ଼ିତ ଜଣେ ବୃଦ୍ଧ ଚିକିତ୍ସା ପାଇଁ ଗୋଟିଏ ହସ୍ପିଟାଲରୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର ହେବା ଭିତରେ କରୋନା ଭୂତାଣୁ ସଂକ୍ରମଣର ଶିକାର ହୋଇଛନ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ତାଙ୍କ ଚିକିତ୍ସା ଖର୍ଚ୍ଚ କରିପାରୁ ନାହାନ୍ତି ପରିବାର। ତେଣୁ ଦୁଇ ସନ୍ତାନ ଗୁରୁତର ଥିବା ବାପାଙ୍କୁ କୋଭିଡ୍ ହସ୍ପିଟାଲ ନେବା ପାଇଁ ପ୍ରଶାସନ ପାଖରେ ଆକୁଳ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, କଟକ ଜିଲା ନିଆଳି ବ୍ଲକର ଜଣେ ୬୪ ବର୍ଷୀୟ ବ୍ୟକ୍ତିଙ୍କ ପେଟରୋଗର ଚିକିତ୍ସା ପାଇଁ ପରିବାର ଲୋକେ ୧୦ ଦିନ ତଳେ ତାଙ୍କୁ କଟକ ସହରର ଏକ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିଛି ଦିନ ପରେ ସେଠାକାର ଡାକ୍ତର ଅଧିକ ଚିକିତ୍ସା ପାଇଁ ତାଙ୍କୁ ଆଉ ଗୋଟିଏ ବେସରକାରୀ ହସ୍ପିଟାଲକୁ ପଠାଇଥିଲେ। କିନ୍ତୁ ଦ୍ୱିତୀୟ ହସ୍ପିଟାଲ ମଧ୍ୟ ସମାନ ଢଙ୍ଗରେ ରୋଗୀଙ୍କୁ ଅନ୍ୟ ଗୋଟିଏ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଗତ ଶନିବାର ରାତିରେ ବୃଦ୍ଧ ଜଣଙ୍କୁ ତାଙ୍କ ପରିବାର ଲୋକେ ରାଣୀହାଟସ୍ଥିତ ଏକ ବେସରକାରୀ ହସ୍ପିଟାଲକୁ ଆଣିଥିଲେ। ସେଠାରେ କୋଭିଡ୍ ଟେଷ୍ଟ ପରେ ରିପୋର୍ଟ ପଜିଟିଭ ଆସିଥିଲା। ସୋମବାର ରାତି ପରଠାରୁ ଉକ୍ତ ବ୍ୟକ୍ତି ଜଣକ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଛି। କିନ୍ତୁ ପରିବାର ଲୋକେ ଏବେ ଆଉ ଚିକିତ୍ସା ଖର୍ଚ୍ଚ ବହନ କରିପାରୁ ନାହାନ୍ତି। ତେଣୁ ବାପାଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ଦୁଇ ସନ୍ତାନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ମଙ୍ଗଳବାର ନିବେଦନ କରିଥିଲେ। କିନ୍ତୁ ସେଠାରୁ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି।

## 'ସରକାରୀ କାର୍ଯ୍ୟାଳୟ, ଶିଳ୍ପାନୁଷ୍ଠାନରେ କରୋନା ପ୍ରତିଷେଧକ କଡ଼ାକଡ଼ି କରାଯାଉ'

**ଭୁବନେଶ୍ୱର, ୨୬।୮ (ବ୍ୟୁରୋ)**

ସରକାରୀ କାର୍ଯ୍ୟାଳୟ ଓ ଶିଳ୍ପ କ୍ଷେତ୍ରରେ କରୋନା ପ୍ରତିଷେଧକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉ। କାର୍ଯ୍ୟରତ ସମସ୍ତ ଶ୍ରମିକ, କର୍ମଚାରୀଙ୍କ ନିର୍ଦ୍ଧାରିତ ସମୟରେ ରକ୍ତ ନମୁନା ପରୀକ୍ଷା କରାଯାଉ। ଯେଉଁ ଶ୍ରମିକମାନେ କାର୍ଯ୍ୟରତ ସମୟରେ କରୋନାରେ ମରୁଛନ୍ତି ସେମାନଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ବୁଧବାର ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖାର ଭର୍ଚୁଆଲ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ରାମ ଚନ୍ଦ୍ର ଖୁଣ୍ଟିଆ ଏହା କହିଛନ୍ତି। ରାଜ୍ୟରେ ୨୯ ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଥିବାବେଳେ ୧୪ ଲକ୍ଷଙ୍କୁ ୧୫୦୦ ଟଙ୍କା ଲେଖାଏ ସହାୟତା ମିଳିଛି। ରାଜ୍ୟର ସମସ୍ତ ନିର୍ମାଣ ଶ୍ରମିକ, ୩୫ ଲକ୍ଷ ପ୍ରବାସୀ ଶ୍ରମିକ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟରତ ୬୦ ଲକ୍ଷ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ ମଙ୍ଗଳବୋର୍ଡରେ ପଞ୍ଜୀକୃତ କରିବାକୁ ଖୁଣ୍ଟିଆ ଦାବି କରିଛନ୍ତି। ଏଥିସହିତ ଅର୍ଦ୍ଧକୁଶଳୀ ଓ କୁଶଳୀ ଶ୍ରମିକମାନଙ୍କୁ ତୁରନ୍ତ କାର୍ଯ୍ୟରେ ସ୍ଥାୟୀ କରିବା ଓ ଠିକା ଶ୍ରମିକମାନଙ୍କର ଦୁର୍ଘଟଣାରେ ମୃତ୍ୟୁ ହେଲେ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି।

## ଏସ୍‌ସିବିରୁ ୩୯ ପଜିଟିଭ

**କଟକ ଅଫିସ, ୨୬।୮**

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରୁ ବୁଧବାର ୨୪ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନରୁ ୫ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏସ୍‌ସିବିର ଡେଣ୍ଟାଲ ବିଭାଗରୁ ଜଣେ ଆସିଷ୍ଟାଣ୍ଟ ପ୍ରଫେସର ଓ ଜଣେ ପିଜି ଡାକ୍ତରୀ ଛାତ୍ରଙ୍କ ସମେତ ୧୭ କର୍ମଚାରୀ ସଂକ୍ରମିତ ହୋଇଛନ୍ତି। ସର୍ଜରୀ ବିଭାଗରୁ ଦୁଇ ଜଣ ପିଜି ଛାତ୍ର କରୋନା ଭୂତାଣୁର ଶିକାର ହୋଇଥିବାବେଳେ ଆଇସୋଲେଶନ ୱାର୍ଡରୁ ୨୦ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ଓଡ଼ିଆ ସାହିତ୍ୟ, ସଂସ୍କୃତିକୁ ଅତିବଡ଼ୀଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର, ୨୬।୮ (ବ୍ୟୁରୋ)**

ଓଡ଼ିଶା ସାହିତ୍ୟ ଏମାଡେମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଓଡ଼ିଆ ସାହିତ୍ୟ, ସମାଜ ଓ ସଂସ୍କୃତିକୁ ଅତିବଡ଼ୀଙ୍କ ଅତୁଳନୀୟ ଅବଦାନ ରହିଛି ବୋଲି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି। ପ୍ରତିବର୍ଷ ଏକାଡେମୀ ପକ୍ଷରୁ ଅତିବଡ଼ୀଙ୍କ ଜୟନ୍ତୀ ରାଧାଷ୍ଟମୀ ଅବସରରେ ପାଳନ କରାଯାଉ ଥିବାବେଳେ ଚଳିତବର୍ଷ କରୋନା ମହାମାରୀ ଯୋଗୁ ଭର୍ଚୁଆଲରେ ପାଳନ କରାଯାଇଛି। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ସମେତ ମୁଖ୍ୟ ଆଲୋଚକ ଭାବେ ପ୍ରଖ୍ୟାତ କବି ଓ ନାଟ୍ୟକାର ହରିହର ମିଶ୍ର, ସଂସ୍କୃତିବିତ୍ ସୁନିଲ ରଥ ଯୋଗଦେଇ ଅତିବଡ଼ୀଙ୍କ କୃତି ଓ କୀର୍ତ୍ତିର ବିଭିନ୍ନ ଦିଗ ଉପସ୍ଥାପନ କରିଥିଲେ।

## ଏକାମ୍ର କୋଭିଡ୍ କେୟାର ସେଣ୍ଟର ଶୁଭାରମ୍ଭ

**ଭୁବନେଶ୍ୱର, ୨୬।୮ (ବ୍ୟୁରୋ)**

ଏକାମ୍ର ନିର୍ବାଚନ ମଣ୍ଡଳୀର ପୋଖରୀପୁଟ ଅର୍ବାନ ହଷ୍ଟେଲ୍‌ରେ ୨୦୦ ଶଯ୍ୟାର କରୋନା କେୟାର ସେଣ୍ଟର ଶୁଭାରମ୍ଭ କରାଯାଇଛି। ଏକାମ୍ର ବିଧାୟକ ତଥା ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଭୁବନେଶ୍ୱର ମହାନଗର ନିଗମ କମିଶନର ପ୍ରେମ୍ ଚନ୍ଦ୍ର ଚୌଧାରୀଙ୍କ ସହ ବୁଧବାର ଉକ୍ତ ସେଣ୍ଟର ପରିଦର୍ଶନ କରି ବ୍ୟବସ୍ଥାର ତଦାରଖ କରିଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଏହି କୋଭିଡ୍ କେୟାର ସେଣ୍ଟର ପାଇଁ ମନ୍ତ୍ରୀ ନିଜ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହା ବୁଧବାର ଠାରୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ଚାଲିବ। ନିର୍ବାଚନ ମଣ୍ଡଳୀର କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ଏହି କେନ୍ଦ୍ର ବିଶେଷ ସହାୟକ ହେବ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି।



ପୋଖରୀପୁଟସ୍ଥିତ କୋଭିଡ୍ ସେଣ୍ଟରକୁ ପରିଦର୍ଶନ କରୁଛନ୍ତି ମନ୍ତ୍ରୀ ଅଶୋକ ପଣ୍ଡା।

# କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଆଗରେ ଧାରଣା

**କୋଣାର୍କ, ୨୬।୮ (ଡି.ଏନ୍.ଏ)**



ଧାରଣାରେ ବସିଥିବା ମହିଳା।

**ଏସ୍‌ଆଇଙ୍କ ମାଡ଼ ମାମଲା**

କୋଣାର୍କ ଏନ୍‌ଏସିର ୧୦ନଂ. ୱାର୍ଡରେ ରହୁଥିବା ଜ୍ଞାନରଞ୍ଜନ ପଣ୍ଡାଙ୍କୁ ରାସ୍ତାରୁ ଉଠାଇ ନେଇ କୋଣାର୍କ ଥାନା ଏସଆଇ ଦିଲୀପ କୁମାର ବେହେରା ମାଡ ମାରିଛନ୍ତି। ଏ ନେଇ ଜ୍ଞାନରଞ୍ଜନଙ୍କ ସ୍ତ୍ରୀ ଶୈଳବାଳା ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣାକୁ ୪୮ଘଣ୍ଟା ବିତିଯାଇଥିଲେ ମଧ୍ୟ ମାମଲା ରୁଜୁ ହୋଇ ନ ଥିବାବେଳେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇ ନାହିଁ। ଏହି ଦାବିରେ ବୁଧବାର ଜ୍ଞାନରଞ୍ଜନଙ୍କ ସ୍ତ୍ରୀ ଶୈଳବାଳା ଥାନା ଆଗରେ ଧାରଣା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୪ତାରିଖରେ ଜ୍ଞାନରଞ୍ଜନ ଥାନା ଛକ ନିକଟ ଗ୍ରସେରି ଦୋକାନକୁ ସାମଗ୍ରୀ ଆଣିବାକୁ ଯାଇଥିଲେ। ଏହି ସମୟରେ ଏସ୍‌ଆଇ ବେହେରା ଜ୍ଞାନଙ୍କୁ ରାସ୍ତାରୁ ଉଠାଇ ନେବା ସହ ଥାନା ଭିତରେ ମାଡ଼ ମାରିଥିଲେ। ପରେ ଆଇଆଇସି ରଞ୍ଜନ କୁମାର ମଲ୍ଲିକ ଅଚେତ ଅବସ୍ଥାରେ ଜ୍ଞାନଙ୍କୁ ହସ୍ପିଟାଲ ନେଇ ଚିକିତ୍ସା କରାଇଥିଲେ। ପରେ ଜ୍ଞାନଙ୍କ ଭାଇ ମନୋରଞ୍ଜନ ଥାନାକୁ ଯାଇ ତାଙ୍କୁ ଘରକୁ ଆଣିଥିଲେ। ଘଟଣା ସମ୍ପର୍କରେ ଶୈଳବାଳା ଜାଣିବା ପରେ ମଙ୍ଗଳବାର ଏସ୍‌ଆଇଙ୍କ ନାମରେ ଅଭିଯୋଗ କରିଥିଲେ। ଘଟଣାକୁ ୪୮ଘଣ୍ଟା ବିତିଯାଇଥିଲେ ମଧ୍ୟ ଥାନା ପକ୍ଷରୁ ମାମଲା ରୁଜୁ ନ ହେବା ଓ ସମ୍ପୃକ୍ତ ଏସ୍‌ଆଇଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଶୈଳବାଳା ଓ କେତେଜଣ ମହିଳା ବୁଧବାର ଅପରାହ୍ଣ ୪ଟାରେ ଥାନା ଆଗରେ ଧାରଣା ଦେଇଥିଲେ। ୨ଘଣ୍ଟା ବସିବା ପରେ ମଧ୍ୟ ଥାନାର କୌଣସି କର୍ମଚାରୀ ଆସି ନ ଥିଲେ। ପରେ ସନ୍ଧ୍ୟା ହୋଇଯିବାରୁ ଧାରଣାରୁ ଉଠିଥିଲେ ମଧ୍ୟ ଆଗକୁ ଧାରଣା ଜାରି ରହିବ ବୋଲି ଶୈଳବାଳା କହିଛନ୍ତି। ବୁଧବାର ମଧ୍ୟ ଏସ୍‌ଆଇଙ୍କ ପ୍ରତିକ୍ରିୟା ମିଳି ନ ଥିବାବେଳେ ଆଇଆଇସି ମଲ୍ଲିକ କହିଛନ୍ତି, ତଦନ୍ତ ଜାରି ରହିଛି। ଘଟଣାରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏସପିଙ୍କୁ ଅବଗତ କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶ ଆସିଲେ ମାମଲା ରୁଜୁ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଦାଦାବଟି ମାଗି ଜଣେ ଗିରଫ

**ପୁରୀ ଅଫିସ,୨୬।୮:** ଦାଦାବଟି ମାଗିବା ଘଟଣାରେ କୁମ୍ଭାରପଡ଼ା ଥାନା ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୋପବନ୍ଧୁ କଲୋନୀର ବିକି ନାୟକ। ଅଭିଯୋଗ ଅନୁଯାୟୀ, ବଡ଼ଦାଣ୍ଡରେ କୁମ୍ଭାରପଡ଼ା ଲେଙ୍କା ସାହିର ମାନସ ବେହେରାଙ୍କର ଏକ ପାନ ଦୋକାନ ଅଛି। ଗତ ୨୨ ତାରିଖ ରାତି ୮ଟାରେ ବିକି ଓ ତାଙ୍କ ସହଯୋଗୀ ମାନସଙ୍କ ପାଖରେ ପହଞ୍ଚି ୫ ହଜାର ଟଙ୍କା ଦାଦାବଟି ମାଗିଥିଲେ। ମାତ୍ର ସେ ନ ଦେବାରୁ ବିକି ଖଣ୍ଡାରେ ମାନସଙ୍କୁ ଆକ୍ରମଣ କରିଥିଲେ। ଏଥିସହ ପ୍ରତି ମାସରେ ଯଦି ସେ ଦାଦାବଟି ନ ଦିଅନ୍ତି ଏବଂ ଏହି ଘଟଣା ପୋଲିସକୁ ଜଣାନ୍ତି ତେବେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏ ନେଇ ମାନସଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ. ୨୩୪/୨୦) ରୁଜୁ ହୋଇଛି। ବୁଧବାର ପୂର୍ବାହ୍ନରେ ଅଭିଯୁକ୍ତ ବିକିଙ୍କୁ ଗିରଫ କରାଯାଇ ତାଙ୍କଠାରୁ ଖଣ୍ଡା ଜବତ କରାଯାଇଥିବା ଆଇଆଇସି କୁଳମଣି ସେଠୀ କହିଛନ୍ତି।

### ଲୁଟ ଘଟଣା: ୨ ଗିରଫ, ସାମଗ୍ରୀ ଜବତ

**ପୁରୀ ଅଫିସ,୨୬।୮:** ଜଣେ ଯୁବକଙ୍କଠାରୁ ମୋବାଇଲ ଫୋନ୍, ଘଣ୍ଟା ଓ ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗନ୍ନାଥ ମିଶ୍ର ଓ ସୁରେଶ ପଶାୟତ। ଏମାନଙ୍କଠାରୁ ଚୋରି ସାମଗ୍ରୀ ସହ ଏକ ବାଇକ୍ ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ୨୦ ତାରିଖ ସନ୍ଧ୍ୟାରେ ସତ୍ୟବାଦୀ ଥାନା ଅନ୍ତର୍ଗତ ଅଲଗୁମ୍‌ର ଶ୍ରୀତମ ରଥ ଏବଂ ତାଙ୍କର ଜଣେ ବନ୍ଧୁ ହୋଟେଲ ଏମ୍ପାୟର୍ସ ସମ୍ମୁଖ ବେଳାଭୂମି କଡ଼ରେ ବସିଥିଲେ। ଏହି ସମୟରେ ତିନିଜଣ ଯୁବକ ଏକ ବାଇକ୍‌ରେ ଆସି ସେମାନଙ୍କୁ ଆକ୍ରମଣ କରି ମୋବାଇଲ ଫୋନ, ଘଣ୍ଟା ଏବଂ ୫ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏ ନେଇ ବଳିଆପଣ୍ଡା ଥାନାରେ ଏକ ମାମଲା (ନଂ.୯୩/୨୦) ରୁଜୁ କରାଯାଇ ତଦନ୍ତ ଚାଲିଥିଲା ବୋଲି ଆଇଆଇସି ଚିନ୍ମୟ ରାଉତ କହିଛନ୍ତି ।

### ଚନ୍ଦ୍ରଶେଖରପୁର ଥାନା ଅଧିକାରୀଙ୍କ ଦାୟିତ୍ୱଗ୍ରହଣ

**ଭୁବନେଶ୍ୱର,୨୬।୮(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନାର ନୂତନ ଅଧିକାରୀ ଭାବେ ଯୁବରାଜ ସ୍ୱାଇଁ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସମ୍ପାଦକ ତଥା ଯୁବ ସାମାଜିକ କର୍ମୀ ବିଶ୍ୱଜିତ୍ ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ନେଇ ଆଲୋଚନା କରିଥିଲେ। ଏଥିସହ ବିଦାୟୀ ଥାନାଧିକାରୀ ବିଶ୍ୱ ରଞ୍ଜନ ନାୟକଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ବାଲିଅନ୍ତାରେ ରହୁନି ସାମାଜିକ ଦୂରତ୍ୱ

**ବାଲିଅନ୍ତା,୨୬।୮(ଡି.ଏନ୍.ଏ):** ମହାମାରୀ କରୋନା ଭୂତାଣୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ପ୍ରତିକାର ପାଇଁ କୌଣସି ଭ୍ୟାକସିନ ବାହାରି ନ ଥିବାରୁ ମାସ୍କ ବ୍ୟବହାର, ହ୍ୟାଣ୍ଡ ସାନିଟାଇଜ ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ କଟକଣା ଲାଗୁ କରାଯାଇଛି। ତେବେ ରାଜଧାନୀ ଉପକଣ୍ଠ ବାଲିଅନ୍ତା ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଏହି କୋଭିଡ୍ ନିୟମକୁ କେହି ମାନୁ ନ ଥିବା ଦେଖିବାକୁ ମିଳିଛି। ତେବେ ହାଟ ବଜାରକୁ ଆସୁଥିବା କେତେଜଣ ଲୋକ ବିନା ମାସ୍କ ପିନ୍ଧି ଆସୁଛନ୍ତି। ପୋଲିସ ତଥା ବ୍ଲକ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସଚେତନ କରିବା ସହ ଜରିମାନା ଆଦାୟ କରାଯାଉଛି। ତଥାପି କେତେଜଣ ଲୋକ ମାସ୍କ ପିନ୍ଧୁ ନ ଥିବାବେଳେ ସାମାଜିକ ଦୂରତ୍ୱ ମଧ୍ୟ ବଜାୟ ନ ରଖି ପନିପରିବା ଓ ଗ୍ରସେରି ସାମଗ୍ରୀ ପାଇଁ ହାଟ ବଜାରରେ ବୁଲୁଛନ୍ତି। ବୁଧବାର ବାଲିଅନ୍ତା ବଜାରସ୍ଥିତ ରାସ୍ତାପାର୍ଶ୍ୱରେ ବସୁଥିବା ହାଟରେ ପ୍ରବଳ ଭିଡ଼ ଥିଲା। ବର୍ଷା କମିବା ପରେ ହାଟରେ ଲୋକଙ୍କ ଗହଳି ଲାଗିରହିଥିଲା। ସାମାଜିକ ଦୂରତ୍ୱକୁ ଭୁଲି ଲୋକେ ପରିବା କିଣିବା ପାଇଁ ଭିଡ଼ ଜମାଇଥିଲେ। ଅନ୍ୟପଟେ ବ୍ୟବସାୟୀ ମଧ୍ୟ ଲୋକଙ୍କୁ ସାମାଜିକ ଦୂରତ୍ୱ ରଖି ସାମଗ୍ରୀ କିଣିବାକୁ କହୁନାହାନ୍ତି।

# ଅଧାପନ୍ତରିଆ ବିକାଶ କାର୍ଯ୍ୟ

- କରୋନା ବାହାନା, ବର୍ଷା ବାଧକ
- ଗୁଣବତ୍ତା ନେଇ ଉଠୁଛି ପ୍ରଶ୍ନ

**ଭୁବନେଶ୍ୱର, ୨୬।୮(ବ୍ୟୁରୋ)**

ଭୁବନେଶ୍ୱରର ବିଭିନ୍ନ ୱାର୍ଡରେ ବିକାଶମୂଳକ କାର୍ଯ୍ୟ ଅଧାପନ୍ତରିଆ ରହିଛି। ଲକ୍‌ଡାଉନ୍ ସକାଶେ ବନ୍ଦ ଥିବା ରାସ୍ତା ମରାମତି, ଡ୍ରେନ୍ ନିର୍ମାଣ ସହ ବିଭିନ୍ନ ପୁନରୁଦ୍ଧାର କାର୍ଯ୍ୟ ଏବେ ପୁନଃ ଆରମ୍ଭ ହୋଇଛି। ତେବେ ବର୍ଷାରେ ତରବରିଆ ଭାବେ ଚାଲିଥିବା କାର୍ଯ୍ୟର ଗୁଣବତ୍ତାକୁ ନେଇ ସବୁଠି ଅଭିଯୋଗ ଉଠୁଛି। ବିଏମ୍‌ସିଠାରୁ ଟେଣ୍ଡର ନେଇଥିବା ସଂସ୍ଥାଗୁଡ଼ିକ କରୋନା ଓ ବର୍ଷା ବାହାନାରେ ଶୀଘ୍ର କାର୍ଯ୍ୟ ସାରିବାକୁ ଉଦ୍ୟମ କରୁଛନ୍ତି। ଫଳରେ ଲକ୍ଷ୍ମୀସାଗରରୁ ଝାରପଡ଼ା ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ସ୍ୱେରେଜ କାମ, ନୟାପଲ୍ଲୀ ଅଞ୍ଚଳରେ ଡ୍ରେନ୍ କାମ, ପଟିଆ ଅଞ୍ଚଳରେ ରାସ୍ତା କାମ ନିମ୍ନମାନର ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସହରର ଆଉ କିଛି ସ୍ଥାନରେ ତୀବ୍ର ବିରୋଧ ଯୋଗୁ କାର୍ଯ୍ୟ ବନ୍ଦ ରହିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଗତବର୍ଷ ଜାନୁୟାରୀ ୧୫ରେ ମେୟର ଓ କର୍ପୋରେଟରଙ୍କ କାର୍ଯ୍ୟକାଳ ସରିଛି। ଏବେ ସବୁ ଦାୟିତ୍ୱ ବିଏମ୍‌ସି ଅଧିକାରୀଙ୍କ ହାତରେ ରହିଛି। କରୋନା କଟକଣା ପାଇଁ ଲୋକଙ୍କ ଅଭିଯୋଗ ବିଏମ୍‌ସିରେ ପହଞ୍ଚିପାରୁ ନ ଥିବାବେଳେ କହିବାକୁ ମଧ୍ୟ କୌଣସି ଜନପ୍ରତିନିଧି ନାହାନ୍ତି। ଫଳରେ ଅଧିକାରୀ ଓ ଠିକାଦାରଙ୍କ ମର୍ଜିରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଚାଲିଥିବା ଜଣାପଡିଛି।

ବିଏମ୍‌ସି ଡ୍ରେନେଜ ବିଭାଗର ଜଣେ ଅଧିକାରୀ କହିଛନ୍ତି, ପଡ଼ି ରହିଥିବା କାର୍ଯ୍ୟକୁ ଠିକ୍ ଭାବେ ଶୀଘ୍ର ସାରିବାକୁ କଣ୍ଟ୍ରାକ୍ଟରମାନଙ୍କୁ ତାଗିଦ୍ କରାଯାଇଛି। ନଚେତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ ମୁଖ୍ୟଯନ୍ତ୍ରୀ ଦେବସୁନ୍ଦର ମହାପାତ୍ର କହିଛନ୍ତି, ବିଏମ୍‌ସି ଇଞ୍ଜିନିୟରିଂ ସେଲ୍‌ର ବହୁ କର୍ମଚାରୀ ଭୁବନେଶ୍ୱରର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟର ଦାୟିତ୍ୱରେ ଥିଲେ। ଫଳରେ କେତେଜଣ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ତେଣୁ ଉକ୍ତ ସେଲ୍‌କୁ କିଛିଦିନ ଯାଏ ବନ୍ଦ କରାଯାଇଥିଲା। ଏଥିସହ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଇଞ୍ଜିନିୟର ଓ ଅନ୍ୟ କର୍ମଚାରୀମାନେ ମଧ୍ୟ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। କରୋନା ପାଇଁ ସମସ୍ତେ ବ୍ୟସ୍ତ ରହୁଥିବାରୁ ସହରରେ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଇତିମଧ୍ୟରେ କର୍ମଚାରୀମାନେ କାର୍ଯ୍ୟ କ୍ଷେତ୍ରକୁ ଆସିଲେଣି। ବନ୍ଦଥିବା ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। କିପରି ଠିକ୍ ଭାବେ ଓ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।



କଟକ ନୂଆବଜାରସ୍ଥିତ ତାଳଦଣ୍ଡା କେନାଲ ଉପରେ ଥିବା ବ୍ରିଟିଶ ଅମଳର ପୋଲର ରକ୍ଷଣାବେକ୍ଷଣ ନେଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ପୁରୀ: ୧୪୪ ପଜିଟିଭ ଚିହ୍ନଟ

**ସହରାଞ୍ଚଳରୁ ୬୫, ଗ୍ରାମାଞ୍ଚଳରୁ ୭୯**

**ପୁରୀ ଅଫିସ,୨୬।୮**

କିଛିଦିନ ହେବ ପୁରୀ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ବୁଧବାର ଜିଲାରୁ ୧୪୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ସହରାଞ୍ଚଳର ୬୫ ଏବଂ ଗ୍ରାମାଞ୍ଚଳର ୭୯ ଜଣ ରହିଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୨,୯୬୫ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧,୯୦୨ ସୁସ୍ଥ ହୋଇଥିବା ବେଳେ ୧,୦୪୯ ଜଣ ଚିକିତ୍ସାଧୀନ ଅଛନ୍ତି। କରୋନାରେ ଏ ପର୍ଯ୍ୟନ୍ତ ଜିଲାର ୧୧ ଜଣଙ୍କ ମୃତ୍ୟୁ ଘଟିଛି।

ପୁରୀ ମ୍ୟୁନିସିପାଲିଟିର ୩୨ଟି ୱାର୍ଡ ମଧ୍ୟରୁ ୮ଟି ୱାର୍ଡକୁ ବାଦ୍ ଦେଲେ ବୁଧବାର ଅନ୍ୟ ସମସ୍ତ ୱାର୍ଡରୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରୁ ୧୯ ଜଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୪୬ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ନିମାପଡ଼ା ବ୍ଲକରୁ ୨୩, ପୁରୀ ସଦର ୧୯, ଗୋପ ୧୧, ବ୍ରହ୍ମଗିରି, ସତ୍ୟବାଦୀ ଓ କଣାସରୁ ୬ଜଣ ଲେଖାଏ, ଡେଲାଙ୍ଗ ୪, କୃଷ୍ଣପ୍ରସାଦ ୨, ଅସ୍ତରଙ୍ଗ ଓ ପିପିଲିରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩୦ ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୩୯ ଜଣ ସ୍ଥାନୀୟ ସଂକ୍ରମିତ ଓ ଜଣଙ୍କର ଟ୍ରାଭେଲ ହିଷ୍ଟ୍ରି ରହିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରୁ ମୋଟ ୫୫,୯୪୧ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଏଥିମଧ୍ୟରୁ ୨,୯୬୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହାର ରହିଛି ୬୪.୧୪ ପ୍ରତିଶତ। ବର୍ତ୍ତମାନ ଜିଲାର ବିଭିନ୍ନ ସ୍ଥାନରେ ୫୩ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଥିବାବେଳେ ୧୬୨ଟିକୁ ବନ୍ଦ କରାଯାଇଛି। କଣାସ ବ୍ଲକରେ ସର୍ବାଧିକ ୧୯ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଛି।





ରାଧାଷ୍ଟମୀରେ ବୁଧବାର ପୁରୀ ସହରସ୍ଥ ରାଧାବଲ୍ଲଭ ମଠ ଏବଂ ସିଦ୍ଧ ବକୁଳ ମଠରେ ଶ୍ରୀରାଧାଙ୍କ ପୂଜାର୍ଚ୍ଚନା ଚାଲିଛି।

# ନିଆଳି ତହସିଲ, ବ୍ଲକରେ ଦୁର୍ନୀତି

**ତଦନ୍ତ ଦାବିରେ ଭାଜପାର ଧାରଣା**

**ନିଆଳି,୨୬।୮(ଡି.ଏନ୍.ଏ)**

ନିଆଳି ତହସିଲ ଓ ବ୍ଲକରେ ବିଭିନ୍ନ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ହେଲେ ଏହାର ତଦନ୍ତ ନେଇ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଭାଜପା ପକ୍ଷରୁ ବୁଧବାର ତହସିଲ ସମ୍ମୁଖରେ ଧାରଣା ଦିଆଯାଇଛି। ସୂଚନାଯୋଗ୍ୟ, ଫନୀ ବାତ୍ୟାରେ ନିଆଳି ଅଞ୍ଚଳର ହଜାର ହଜାର ଲୋକଙ୍କ ଘର, ଗୁହାଳ ଭାଙ୍ଗିଥିବାବେଳେ ପ୍ରାୟ ଚାଷୀଙ୍କ ପାନ ବରଜ ନଷ୍ଟ ହୋଇଯାଇଥିଲା। ମାତ୍ର ସରକାରଙ୍କ ତରଫରୁ ଏପର୍ଯ୍ୟନ୍ତ ଲୋକଙ୍କୁ ସରକାରୀ ସାହାଯ୍ୟ ମିଳିନି। ବରଂ ଘର ଭାଙ୍ଗି ନ ଥିବା ଓ ପାନବରଜ ନ ଥିବା ବ୍ୟକ୍ତି ଓ ତାଙ୍କ ପରିବାରକୁ ତହସିଲ ଅଫିସ ପକ୍ଷରୁ ୨୦ରୁ ୩୦ ହଜାର ଟଙ୍କା ଲାଞ୍ଚ ଆଦାୟ କରାଯାଇ ଜାଲିଆତି କରି ୯୫ ହଜାର ୧ଶହ ଟଙ୍କା ପ୍ରଦାନ କରାଯାଇଛି। ଏପରିକି ଗୋଟିଏ ପରିବାରର ଏକାଧିକ ଲୋକଙ୍କୁ ସମ୍ପୂର୍ଣ୍ଣ ଘରଭଙ୍ଗା ଟଙ୍କା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ତହସିଲର ହଜାରରୁ ଊର୍ଦ୍ଧ୍ୱ ବିପନ୍ନ ପରିବାର ପଲିଥିନତଳେ ଥିଲେ ସୁଦ୍ଧା ଘରଭଙ୍ଗା ସାହାଯ୍ୟ ପ୍ରଦାନ କରାଯାଇ ନାହିଁ। ଏ ସମ୍ପର୍କରେ କ୍ଷତିଗ୍ରସ୍ତମାନେ ବାରମ୍ବାର ତହସିଲ ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ସେହିପରି ନିଆଳି ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ ଓ ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ବ୍ୟାପକ ଅନିୟମିତତା କରାଯାଇ ବହୁ ପ୍ରଭାବଶାଳୀ ଲୋକଙ୍କ ନାମ ଉକ୍ତ ତାଲିକାରେ ଥିବାବେଳେ ପ୍ରକୃତ ହିତାଧିକାର ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସେହିଭଳି ସ୍ୱଚ୍ଛ ଭାରତ ଯୋଜନାରେ ମଧ୍ୟ ଦୁର୍ନୀତି ହେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏହିସବୁ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରି ଭାଜପା ସଦସ୍ୟ ନ୍ୟାୟବ୍ରତ ରାଉତଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି। ଧାରଣାରେ ସଂଗ୍ରାମ ଲେଙ୍କା,ପତିତପାବନ ବେହେରା, ଗୌରାଙ୍ଗ ସ୍ୱାଇଁ, ଗଣେଶ ବେହେରା, ଅଶୋକ ମହାନ୍ତି, ଶ୍ରୀରାମ ହାତୀ, ମନୋଜ ମହାପାତ୍ର, ଭବାନୀ ଶଙ୍କର ମଲ୍ଲିକ ପ୍ରମୁଖ ସାମିଲ ଥିଲେ।



ଭାଜପା ପକ୍ଷରୁ ବୁଧବାର ତହସିଲ ସମ୍ମୁଖରେ ଧାରଣା ଦିଆଯାଇଛି।

### ବାମଦେଇପୁର ଗ୍ରାମ କଣ୍ଟେନ୍‌ମେଣ୍ଟ ଜୋନ୍

**ନିମାପଡ଼ା,୨୬।୮(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅରିଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ବାମଦେଇପୁର ଗ୍ରାମରୁ ମଙ୍ଗଳବାର ୧୨ଜଣ ଓ ଅରିଷଣ୍ଡ ଗ୍ରାମରୁ ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ରୋକିବା ପାଇଁ ବାମଦେଇପୁର ଗ୍ରାମକୁ ମଙ୍ଗଳବାରଠାରୁ କଣ୍ଟେନମେଣ୍ଟ ଜୋନ କରାଯିବା ସହ ଗ୍ରାମର ପ୍ରବେଶପଥକୁ ସିଲ କରାଯାଇଥିବା ସରପଞ୍ଚ ଜୟନ୍ତ କୁମାର ପାଟଶାଣି, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ବିଡିଓ ମନୋଜ କୁମାର ବେହେରା କହିଛନ୍ତି। ସେହିପରି ବଳଙ୍ଗା ପଞ୍ଚାୟତର ବଳଙ୍ଗା ଗ୍ରାମର ଗୋଟିଏ ପରିବାରରୁ ୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ନେଇ ସରପଞ୍ଚ ଅଜିତ୍ କୁମାର ଦଳେଇ ବଳଙ୍ଗା ବଜାର ଓ ବଜାର ସଂଲଗ୍ନ ଗ୍ରାମଗୁଡ଼ିକୁ ସୋମବାର ମଧ୍ୟାହ୍ନରୁ ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ପ୍ରଶାସନ ପକ୍ଷରୁ ଚିହ୍ନଟ ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇ ଲୋକଙ୍କ କରୋନା ପରୀକ୍ଷା କରାଯାଉଛି।

# ଅଣ୍ଡିଲୋ ଗାଁରେ ଆଣ୍ଠୁଏ ପାଣି



ଗାଁ ଦାଣ୍ଡରେ ପାଣି ଜମି ରହିଛି।

**ବାଲିଅନ୍ତା,୨୬।୮(ଡି.ଏନ୍.ଏ)**

୨ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ହେବା ଯୋଗୁ ବାଲିଅନ୍ତା ପଞ୍ଚାୟତର ଅଣ୍ଡିଲୋ ଗ୍ରାମର ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଫଳରେ ଗ୍ରାମର ଲୋକମାନେ ବର୍ଷାଜଳରେ ପଶି ବହୁ ଅସୁବିଧାରେ ଯାତାୟାତ କରୁଛନ୍ତି। ବର୍ଷାଜଳ ନିଷ୍କାସନ ନ ହୋଇ ଗ୍ରାମ ରାସ୍ତାରେ ଜମି ରହିବା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଜମି ରହିଥିବା ଦୂଷିତ ପାଣିରେ ପଶି ବାରମ୍ବାର ଯାତାୟାତ କରିବା ଯୋଗୁ ଛୋଟ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ଲୋକେ ଥଣ୍ଡା ଓ ଜ୍ୱରରେ ପୀଡ଼ିତ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ କେତେଜଣ ଲୋକଙ୍କ ଗୋଡ଼ କୁଣ୍ଡାଇ ହୋଇ ଫଳିଯାଉଛି। ବର୍ଷାଜଳ ଗ୍ରାମ ରାସ୍ତାରେ ନିଷ୍କାସନ ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଯାଇଛି।

# ପାରଳାଖେମୁଣ୍ଡି ଗଣମୃତ୍ୟୁକୁ ୪ବର୍ଷ ପୂରିଲା: ଧରା ପଡ଼ିନାହାନ୍ତି ଦୋଷୀ

**ପାରଳାଖେମୁଣ୍ଡି,୨୬।୮ (ସ୍ୱ.ପ୍ର.)**

ବହୁଚର୍ଚ୍ଚିତ ପାରଳା ଗଣମୃତ୍ୟୁ ଘଟଣାକୁ ଗତ ୨୧ରେ ୪ବର୍ଷ ପୂରିଛି। ଏହି ଘଟଣାରେ ପାରଳା ରାଜପ୍ରାସାଦର ତତ୍କାଳୀନ ପରିଚାଳିକା ଅନଙ୍ଗମଞ୍ଜରୀ ପାତ୍ର, ଭଉଣୀ ବିଜୟଲକ୍ଷ୍ମୀ ପାତ୍ର, ଦୁଇଭାଇ ସଞ୍ଜୟ ପାତ୍ର ଓ ସନ୍ତୋଷ ପାତ୍ର ପ୍ରାଣ ହରାଇଥିଲେ। ସେତେବେଳେ ଏହା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ମୃତକଙ୍କ ପରିବାର ପକ୍ଷରୁ ୧୨ ଜଣଙ୍କ ନାମରେ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ଆରମ୍ଭ କରିଥିଲା। ଏପର୍ଯ୍ୟନ୍ତ ତଦନ୍ତ ଚାଲିଥିଲେ ମଧ୍ୟ ରହସ୍ୟ ଉନ୍ମୋଚନ ହୋଇପାରିନାହିଁ କି ଦୋଷୀ ଧରା ପଡିନାହାନ୍ତି। ସୂଚନାଯୋଗ୍ୟ ଯେ ସମ୍ପତ୍ତି ହଡପ ଉଦ୍ଦେଶ୍ୟରେ ପାରଳା ମହାରାଜା ଗୋପୀନାଥ ଗଜପତି ନାରାୟଣ ଦେବଙ୍କୁ ନଜରବନ୍ଦୀ କରି ରଖାଯାଇଥିବା ଜନସାଧାରଣ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏନେଇ ୨୦୧୬ ଅଗଷ୍ଟ ୧୪ରେ ରାଜପ୍ରାସାଦ ଆଗରେ ଆନ୍ଦୋଳନ କରିଥିଲେ। ପରେ ସେହିବର୍ଷ ଅଗଷ୍ଟ ୨୧ରେ ଅନଙ୍ଗମଞ୍ଜରୀଙ୍କ ଜଙ୍ଗମସାହିସ୍ଥିତ ବାସଭବନର ବନ୍ଦ କୋଠରିରୁ ଅନଙ୍ଗମଞ୍ଜରୀ, ବିଜୟଲକ୍ଷ୍ମୀ, ସଞ୍ଜୟଙ୍କ ମୃତଦେହ ମିଳିଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ସନ୍ତୋଷଙ୍କ ପରେ ବ୍ରହ୍ମପୁର ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ଏନେଇ ୨୨ରେ ମୃତକଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ୧୨ଜଣଙ୍କ ନାମରେ ଏତଲା ଦିଆଯାଇଥିଲା। ୨୦୧୬ ଅଗଷ୍ଟ ୨୩ରୁ ଅଦ୍ୟାବଧି ବିଭିନ୍ନ ପର୍ଯ୍ୟାୟରେ ଅନୁସନ୍ଧାନ ଚାଲୁ ରହିଛି। ଏନେଇ ଅନଙ୍ଗଙ୍କ ବଡଭାଇ ଅମୂଲ୍ୟ ପାତ୍ର କହିଛନ୍ତି ଯେ, ଘଟଣା ଘଟି ଦୀର୍ଘ ୪ବର୍ଷ ବିତିଗଲାଣି। ନ୍ୟାୟ ପାଇବା ପାଇଁ ବହୁବାର ଡିଜିଙ୍କ ଅଫିସଠାରୁ ଆରମ୍ଭ କରି ବିଭିନ୍ନ ପଦାଧିକାରୀଙ୍କ ପାଖକୁ ଦୌଡୁଛି। କିନ୍ତୁ ଫଳ ଶୂନ୍ୟ ବୋଲି କହିଛନ୍ତି।

# ଖାଲଖମାରେ ପୂରିଛି ନଦୀବନ୍ଧ ରାସ୍ତା

- ୬ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭରଶୀଳ
- ଜରୁରିକାଳୀନ ସେବା ପହଞ୍ଚିପାରୁନାହିଁ

**ନରାଜ,୨୬।୮(ଡି.ଏନ୍.ଏ.)**

କଟକ ଜିଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳି ବ୍ୟାରେଜଠାରୁ ସୁଭାଷ ସେତୁ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇଯାଇଛି। ରାସ୍ତାଟି ପ୍ରାଚୀ ଡିଭିଜନ ଅଧୀନରେ ଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ଅନୁପଯୋଗୀ ହୋଇପଡ଼ିଛି। ଏହା ଉପରେ ୬ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭର କରନ୍ତି। ମାତ୍ର ମରାମତି ଅଭାବରୁ ବିଭିନ୍ନ ସ୍ଥାନରୁ ମୋରମ ଉଠି ବଡ଼ବଡ଼ ମେଣ୍ଟାଲ ବାହାରକୁ ଆସିଯାଇଛି। ରାସ୍ତାରେ ବଡ଼ ବଡ଼ ଗାତ ହୋଇ ଖାଲଖମାରେ ପୂରି ଯାଇଥିବାରୁ ଯାତାୟାତରେ ନାନା ଅସୁବିଧା ଭୋଗିବାକୁ ପଡୁଛି। ବିଶେଷ କରି ବର୍ଷାଦିନେ ନଦୀରେ ବନ୍ୟାଜଳ ଆସିଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏପରିକି ଜରୁରିକାଳୀନ ସେବା ମଧ୍ୟ ଏହି ବାଟ ଦେଇ ପହଞ୍ଚିପାରୁନାହିଁ। ଏନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି। ତୁରନ୍ତ ରାସ୍ତା ମରାମତି କରିବାକୁ ଗ୍ରାମର ଅଶ୍ୱୀନ ଚୌଧୁରୀ, ନୀଳମଣି ବାରିକ, ଅମିତ ସ୍ୱାଇଁ, ମନୋଜ ବେହେରା ଓ ଉମାକାନ୍ତ ବେହେରା ପ୍ରମୁଖ ଦାବି କରିଛନ୍ତି। ଏସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଅନନ୍ତ ଗୋପାଳ ପଟ୍ଟନାୟକ କହିଛନ୍ତି, ରାସ୍ତା ଓ ପଥର ପ୍ୟାକିଂ କାର୍ଯ୍ୟ ପାଇଁ ବ୍ୟୟ ଆକଳନ ହୋଇଛି। କିନ୍ତୁ ଟଙ୍କା ଆସି ନ ଥିବାରୁ ଆରମ୍ଭ ହୋଇପାରୁନାହିଁ। ଖୁବ୍‌ଶୀଘ୍ର ରାସ୍ତା ମରାମତି କାମ ହୋଇଯିବ ବୋଲି ପଟ୍ଟନାୟକ କହିଛନ୍ତି।



ମୁଣ୍ଡଳି ବ୍ୟାରେଜ-ସୁଭାଷ ସେତୁ ନଦୀ ବନ୍ଧ ରାସ୍ତା ବର୍ଷା ଯୋଗୁ କାଦୁଅରେ ଭରି ରହିଛି।

## ରାଜ୍ୟ ମାଧମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ପ୍ରଦୀପ ଦାଶଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ) - ରାଜ୍ୟ ମାଧମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ପ୍ରଦୀପ କୁମାର ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ମା’ ଅମ୍ବିକା ଅନୁସୂଚିତଜାତି ଓ ଜନଜାତି ଶିକ୍ଷା ସେବାଶ୍ରମ ଜଗତ୍‌ସିଂହପୁର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଜୀବନ ସାମନ୍ତରାୟ, ଆଡ୍‌ଭୋକେଟ୍ ନାଗାର୍ଜୁନ ସେଠୀ, ପୀତାମ୍ବର ପଣ୍ଡା ଓ ଯୁବ ସାମାଜିକ କର୍ମୀ ଜ୍ୟୋତିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ୮ ହଜାର ଟପିଲା ଆକ୍ରାନ୍ତ

**୩୩୦ ନୂଆ ପଜିଟିଭ୍, ଆଉ ଜଣେ ମୃତ, ୧୮୫ ସୁସ୍ଥ**

- ମୃତ୍ୟୁ ସଂଖ୍ୟା ୩୫କୁ ବୃଦ୍ଧି
- ଆରୋଗ୍ୟ ହେଲେଣି ୪୯୧୧

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ରାଜ୍ୟରେ ଦିନିକିଆ ଆକ୍ରାନ୍ତ ସଂଖ୍ୟା ୩୩୭୧ ଛୁଇଁଛି। ଏଥିମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୫୪୭ ପଜିଟିଭ୍ ରହିଥିବାବେଳେ କେବଳ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରୁ ୩୩୦ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ସହରରେ ଆକ୍ରାନ୍ତ ସଂଖ୍ୟା ୮୨୬୧କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ କରୋନାରେ ଆଉଜଣଙ୍କର ମୃତ୍ୟୁ ଘଟିଛି। ଏହାକୁ ମିଶାଇ କରୋନା ମୃତ୍ୟୁ ୩୫ ଛୁଇଁଥିବାବେଳେ ୬ଜଣ ଆକ୍ରାନ୍ତ ଅନ୍ୟ ରୋଗରେ ମରିଥିବା ବିଏମ୍‌ସି ତଥ୍ୟରୁ ଜଣାପଡିଛି। ତେବେ ଅଧିକ ମୃତକଙ୍କ ବୟସ ୫୦ରୁ ଊର୍ଦ୍ଧ୍ୱ ରହିଛି। ବରିଷ୍ଠ ନାଗରିକଙ୍କୁ ଘରେ ରହିବାକୁ ବିଏମ୍‌ସି ପରାମର୍ଶ ଦେଇ ଆସୁଥିଲେ ମଧ୍ୟ ବାହାରେ ବୁଲାବୁଲି କରୁଥିବାରୁ ସଂକ୍ରମିତ ହେଉଛନ୍ତି। ନୂଆ ଚିହ୍ନଟଙ୍କ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତଙ୍କ ବୟସ ୫୦ରୁ ୭୦ ମଧ୍ୟରେ ରହିଛି। ସେହିଭଳି ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ଅଧିକ ରହୁଛି। ୧୩୯ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବେଳେ ୧୯୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସଙ୍ଗରୋଧ ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣଙ୍କ ରାଜ୍ୟ ବାହାର ଗସ୍ତ ବିବରଣୀ ଥିବାବେଳେ ଅନ୍ୟ ୧୩୭ଜଣ ଅନ୍ୟ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଛନ୍ତି। ଏକ ଘରୋଇ ହସ୍ପିଟାଲରୁ ୮ଜଣ, ପଳାଶପଲ୍ଲୀରୁ ୬ଜଣ, ଜୟଦେବ ବିହାରରୁ ୫ଜଣ, ପୋଲିସ୍ କର୍ମଚାରୀ ୫ ଜଣ, ମାର୍କେଟ ବିଲ୍ଡିଂ ନିକଟ, ୟୁନିଟ୍-୯, ସିଜୁଆ, ସତ୍ୟବିହାର, ସାଲିଆସାହି ଆଦିବାସୀ ଗାଁ, ଶୈଳଶ୍ରୀବିହାର, ପ୍ରଶାନ୍ତିବିହାର, ପଟିଆ, ଶିଶୁବିହାର, ପଳାଶୁଣୀ, ପୁରୁଣା ଭୁବନେଶ୍ୱର, ବାଣୀବିହାର ପଥରବନ୍ଧ ଓ ଡୁମ୍‌ଡୁମାରୁ ୩ଜଣ ଲେଖା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ବିଡିଏ କଲୋନୀ ଓ ଆଇଆରସି ଭିଲେଜ୍‌ରୁ ୬ ଜଣ, ଜିଜିପି କଲୋନୀ, ପଟିଆ ଓ ବମିଖାଲରୁ ୫ ଜଣ, ଆଚାର୍ଯ୍ୟ ବିହାର, ଡୁମ୍‌ଡୁମା, ୟୁନିଟ୍ ୩, ଝାରପଡ଼ା, ପଳାଶପଲ୍ଲୀ, ରସୁଲଗଡ଼ ଓ ଷ୍ଟେଶନ ବଜାରରୁ ୪ଜଣ, ଶତାବ୍ଦୀନଗର ଲେନ୍-୭, ସାଲିଆସାହି ଜନତା ନଗର, ପୋଖରୀପୁଟ୍, ନୟାପଲ୍ଲୀ, ଝାରପଡ଼ା ଷ୍ଟେଜ୍-୩ ଓ ଝାରପଡ଼ା ଗାଁ, ବଡ଼ଗଡ଼ ଓ ଗାଡ଼କଣରୁ ୩ଜଣ ଲେଖାଏ ରହିଛନ୍ତି। ଏହାବ୍ୟତୀତ ସହରର ବିଭିନ୍ନ ସ୍ଥାନରୁ ଜଣେ ଓ ଦୁଇଜଣ ଲେଖାଏ ପଜିଟିଭ୍ ବାହାରିଛନ୍ତି। ସେହିପରି ଭୁବନେଶ୍ୱରରୁ ବୁଧବାର ୧୮୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହାକୁ ମିଶାଇ ଆରୋଗ୍ୟ ସଂଖ୍ୟା ୪୯୧୧ରେ ପହଞ୍ଚିଛି। ବର୍ତ୍ତମାନ ୩୩୦୬ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ବିଏମ୍‌ସି ଟୁଇଟ୍ ଯୋଗେ ସୂଚନା ଦେଇଛି।

## ଦ୍ୱନ୍ଦ୍ୱ ହଟିଲା, ବନ୍ଦ ହେବନି ପୂଜା

**କଟକରେ ଏଥର କଟକଣା ଭିତରେ ନିରାଡ଼ମ୍ବର ଦଶହରା**

କଟକ ଅଫିସ, ୨୬।୮

ଚଳିତବର୍ଷ କଟକରେ ଦୁର୍ଗାପୂଜା ହେବ କି ନାହିଁ, ସହରବାସୀଙ୍କ ମନରେ ଏନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ହଟିଛି। ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ନ ଥିଲେ ମଧ୍ୟ ମଣ୍ଡପରେ ଦେବୀଙ୍କ ପୂଜାର୍ଚ୍ଚନା ହେବା ଆପାତତଃ ସ୍ପଷ୍ଟ ହୋଇଛି। ଏଥର କୌଣସି ଆଡ଼ମ୍ବର କି ସାଜସଜ୍ଜା ନାହିଁ, ବରଂ କଟକଣା ଭିତରେ ଦଶହରା ଆୟୋଜନ ହେବ। ଉଲ୍ଲେଖଯୋଗ୍ୟ, କଟକ ସହରର ସାର୍ବଜନୀନ ସ୍ଥାନରେ ଦୁର୍ଗାପଜା ହେବନାହିଁ ବୋଲି ଗତ ମଙ୍ଗଳବାର ଜିଲାପାଳ କହିବା ପରେ ସହରବାସୀ ନିରାଶ ହୋଇଥିଲେ। ଜିଲାପାଳଙ୍କ ମତକୁ ନେଇ ସାଧାରଣରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କିନ୍ତୁ ବୁଧବାର ଜିଲାପାଳ ଭବାନୀ ଶଙ୍କର ଚୟନୀ ସ୍ପଷ୍ଟ କରିଛନ୍ତି ଯେ, ପୂଜା ବନ୍ଦ ହେବନାହିଁ। କଟକ ମହାନଗର ପୂଜା କମିଟି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ମଧ୍ୟ କହିଛନ୍ତି ଯେ କଟକରେ ମୃଣ୍ମୟୀଙ୍କ ପୂଜା ବନ୍ଦ କରାଯିବ ନାହିଁ। ବିଭିନ୍ନ ପୂଜା କମିଟିର ସଦସ୍ୟମାନେ କହିଛନ୍ତି ଯେ, ସହରରେ ମୃଣ୍ମୟୀ ପୂଜା ବନ୍ଦ କରାଯିବା ମୁସ୍କିଲ। ଏହି ପରମ୍ପରା ହଜାର ବର୍ଷ ତଳର। ମଣ୍ଡପଗୁଡ଼ିକରେ କୌଣସି ମତେ ମା’ଙ୍କ ଆରାଧନା ଉପରେ ରୋକ ଲାଗିବା ଉଚିତ୍ ନୁହେଁ। ପ୍ରତ୍ୟେକ ବର୍ଷ ପୋଲିସ କମିଶନରଙ୍କ ଅଧକ୍ଷତାରେ ଦଶହରା ପ୍ରସ୍ତୁତି ବୈଠକ ହୁଏ। ଏଥିରେ କଟକ ଡିସିପିଙ୍କ ସମେତ ଜିଲା ପ୍ରଶାସନ, କଟକ ମହାନଗର ଶାନ୍ତି କମିଟି, ପୂର୍ବାଞ୍ଚଳ ଶାନ୍ତି କମିଟି ଓ କଟକ ମହନଗର ପୂଜା କମିଟିର ସଦସ୍ୟ ଉପସ୍ଥିତ ରୁହନ୍ତି। ଏଥିରେ ଦୁର୍ଗାପୂଜାକୁ ନେଇ ବିଭିନ୍ନ ପ୍ରସ୍ତୁତି ପର୍ବ ଚାଲେ। କରୋନା ମହାମାରୀ ଯୋଗୁ ଗଣେଶ ପୂଜା ଆୟୋଜନ ଭଣ୍ଡୁର ହୋଇଛି। କିନ୍ତୁ ଦୁର୍ଗାପୂଜାକୁ ନେଇ ଏ ପର୍ଯ୍ୟନ୍ତ କୌଣସି ବୈଠକ ବସିନାହିଁ କି ଆଲୋଚନା ହୋଇନାହିଁ ବୋଲି ପ୍ରଭାତ ତ୍ରିପାଠୀ କହିଛନ୍ତି। ମାଟି ଉଠା ସରିଛି। କରୋନା ଗାଇଡ୍‌ଲାଇନ ଭିତରେ ରହି ଦଶହରା ଆୟୋଜନ ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଭିଡିଓ କନ୍‌ଫରେନ୍ସରେ ଶୁଣାଣି ଆରମ୍ଭ କଲା ଓଏଚ୍‌ଆର୍‌ସି

**ଭୁବନେଶ୍ୱର, ୨୬।୮ (ବ୍ୟୁରୋ):** ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ରେ ମାମଲା ସଂଖ୍ୟା ବଢ଼ି ଚାଲିଛି। ନ୍ୟାୟ ପାଇଁ ଲୋକେ ବର୍ଷ ବର୍ଷ ଧରି ଅପେକ୍ଷା କରୁଥିବାବେଳେ ଏବେ କରୋନା ଏହି ସ୍ଥିତିକୁ ଆହୁରି ଜଟିଳ କରିଛି। ତେଣୁ ବିକଳ୍ପ ପଦକ୍ଷେପ ସ୍ୱରୂପ ପ୍ରଥମଥର ପାଇଁ ଓଏଚ୍‌ଆର୍‌ସି ଭିଡିଓ କନ୍‌ଫରେନ୍ସ ଜରିଆରେ ମାମଲାର ଶୁଣାଣି ଆରମ୍ଭ କରିଛନ୍ତି। ମଙ୍ଗଳବାର କମିଶନ ଅଧକ୍ଷ ଜଷ୍ଟିସ ବି.ପି. ଦାସ ପ୍ରଥମ ମାମଲାର ଶୁଣାଣି କରିଥିଲେ। ଏହା ଟ୍ରାଏଲ ଥିଲା, ଆଗକୁ ନିୟମିତ ଶୁଣାଣି ଚାଲିବ ବୋଲି ସୂଚନା ଦିଆଯାଇଛି। ତେବେ କେବଳ ଗୁରୁତ୍ୱପୂର୍ଣ୍ଣ ବା ଜରୁରୀକାଳୀନ ମାମଲାଗୁଡିକର ଶୁଣାଣି ହେବ। ଅଭିଯୋଗକାରୀମାନେ ଓଏଚ୍‌ଆର୍‌ସିଙ୍କ ନିକଟରେ ଅନ୍‌ଲାଇନ୍ କିମ୍ବା ଚିଠି ମାଧମରେ ଅଭିଯୋଗ ସମୟରେ ନିଜର ନିଜର ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ୍ ଆଇଡି ଲେଖିବେ। ପରବର୍ତ୍ତୀ ସମୟରେ ଭିଡିଓ କନ୍‌ଫରେନ୍ସରେ ଶୁଣାଣି ନିମନ୍ତେ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କ ସହ ଯୋଗାଯୋଗ କରାଯାଇ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ।

### ଶାଶୁଘରୁ ବୋହୂ ନିଖୋଜ

**ଉଦ୍ଧାର ପାଇଁ ମା’ଥାନାର ଦ୍ୱାରସ୍ଥ**

**ନିଆଳି, ୨୬।୮ (ଡି.ଏନ୍.ଏ):** ନିଆଳି ଥାନା ଅଧୀନ ପୁଇଁଚନ୍ଦା ଗ୍ରାମର ଜଣେ ବୋହୂ ୪ଦିନ ଧରି ନିଖୋଜ ହୋଇଯାଇଛନ୍ତି। ଏ ନେଇ ଝିଅର ମା ଝିଅକୁ ଉଦ୍ଧାର ପାଇଁ ନିଆଳି ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ନଂ. ୨୧୯/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗତ ୫ବର୍ଷ ତଳେ ଜଗତ୍‌ସିଂହପୁର ଥାନା କାଠିଆପଡା ଗ୍ରାମର ସ୍ୱର୍ଗତ ବିହାରୀ ଚରଣ ବସ୍ତିଆଙ୍କ ଝିଅ ସତ୍ୟଭାମା ପୁଇଁଚନ୍ଦା ଗ୍ରାମର ସଞ୍ଜୟ ରାଉତଙ୍କୁ ବିବାହ କରିଥିଲେ। ବିବାହବେଳେ ୫୦ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଦିଆଯାଇଥିଲା। ବିବାହର ୬ମାସ ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ଝିଅକୁ ନିର୍ଯାତନା ଦେବାରୁ ଗତବର୍ଷ ୨୦ ହଜାର ଟଙ୍କା ଦିଆଯାଇଥିଲା। ପରେ ପୁଣି ଯୌତୁକ ପାଇଁ ଝିଅକୁ ନିର୍ଯାତନା ଦେବାରୁ ୪ ଦିନତଳେ ସେ ତାଙ୍କ ମାଙ୍କୁ ଫୋନକରି ସଞ୍ଜୟ ମାଡ଼ମାରୁଥିବା କହିଥିଲେ। ସେହିଦିନ ରାତି ୧ଟାରେ ସଞ୍ଜୟ ମାଙ୍କୁ ଫୋନ କରି ଭାଣିଜୀ ଘରୁ କୁଆଡ଼େ ଚାଲିଯାଇଥିବା କହିଥିଲେ। ପରଦିନ ଝିଅ ପରିବାର ଲୋକେ ଆସି ପଚାରିବାରୁ ସଞ୍ଜୟ ଗାଳିଗୁଲଜ କରିଥିଲେ। ଏ ନେଇ ସତ୍ୟଭାମାଙ୍କ ମା’ ପ୍ରମିଳା ବସ୍ତିଆ ଅଭିଯୋଗ କରିବା ପରେ ପୋଲିସ୍ ଅଗ୍ନିଶମ ବାହିନୀ ଓ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ ଝିଅର ପତ୍ତା ମିଳି ନ ଥିଲା। ବୁଧବାର ପୁଣି ଅଗ୍ନିଶମ ବାହିନୀ ଘର ନିକଟ ନଦୀରେ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ମିଳିନି। ଏହାସହ ପୋଲିସ ସତ୍ୟଭାମାଙ୍କ ସ୍ୱାମୀ ଓ ପରିବାର ଲୋକଙ୍କୁ ପଚରାଉଚରା ଜାରି ରଖିଛି। ଏ ନେଇ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି, ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ନିଖୋଜ ମହିଳାଙ୍କ ପତ୍ତା ମିଳିବ।

## ଯମେଶ୍ୱରଙ୍କଠାରୁ ହିସାବ ବୁଝିଲେ ସୁଦର୍ଶନ



ବଡଦେଉଳରୁ ଶ୍ରୀସୁଦର୍ଶନଙ୍କ ଦୁଇ ଆଶ୍ରମ ବିଜେ।

**ଶ୍ରୀମନ୍ଦିରରେ ରାଧାଷ୍ଟମୀ ନୀତି**

ପୁରୀ ଅଫିସ, ୨୬।୮

ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ହେଉଛନ୍ତି ଶ୍ରୀଲୋକନାଥ। ସେହିପରି ଶ୍ରୀମନ୍ଦିରର ବର୍ଷକ ଯାକର ହିସାବ ବୁଝାଶୁଝା କରନ୍ତି ପ୍ରଭୁ ଯମେଶ୍ୱର। ତେଣୁ ଯମେଶ୍ୱରଙ୍କୁ ଶ୍ରୀମନ୍ଦିରର ହିସାବ ରକ୍ଷକ କୁହାଯାଏ। ପବିତ୍ର ରାଧାଷ୍ଟମୀରେ ମହାପ୍ରଭୁଙ୍କ ପ୍ରତିନିଧି ଶ୍ରୀସୁଦର୍ଶନ ଯମେଶ୍ୱରଙ୍କ ନିକଟକୁ ଯାଇ ଶ୍ରୀମନ୍ଦିରର ବର୍ଷକ ଯାକର ଆୟ ବ୍ୟୟ ହିସାବ ବୁଝି ବଡ଼ଦେଉଳକୁ ବାହୁଡ଼ା ବିଜେ କରିଥାନ୍ତି।

ବୁଧବାର ଶ୍ରୀମନ୍ଦିରରେ ରାଧାଷ୍ଟମୀ ନୀତି ପାଳିତ ହୋଇଛି। ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ସାତପାହାଚ ତଳେ ଥିବା ପାଲିଙ୍କିରେ ବିଜେ ହୋଇ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯାଇଥିଲେ। ଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡ଼ିଥିବା ଖଟଶେଯରେ ବିଜେ ହୋଇଥିଲେ। ସେଠାରେ ମାଜଣା, ଶୀତଳ ଭୋଗ ଓ ବନ୍ଦାପନା ହୋଇଥିଲା। ମଧ୍ୟାହ୍ନ ଧୂପ ଉଠିବା ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ଶ୍ରୀଦେବୀ, ଭୁଦେବୀଙ୍କୁ ପୁଷ୍ପାଳକ ସେବକମାନେ ଖଟଶେଯ ଘରେ ବିଜେ କରାଇ ଥିଲେ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ଜଗମୋହନରେ ଥିବା ଚଉଦୋଳରେ ବିଜେ ହୋଇଥିଲେ। ବିମାନବଡୁମାନେ ଚଉଦୋଳ ଝୁଲଣ ମଣ୍ଡପ ତଳକୁ ନେଇଥିଲେ। ଏହାପରେ ସୁଦର୍ଶନ ଯମେଶ୍ୱରଙ୍କ ଜହ୍ନିମୁଣ୍ଡିଆ ଉପରେ ବିଜେ ହୋଇଥିଲେ। ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ବନ୍ଦାପନା ପରେ ସେଠାକାର ପୂଜାପଣ୍ଡା ଆୟ ବ୍ୟୟ ବୁଝାଇଥିଲେ। ପରେ ବିଭିନ୍ନ ଜାଗାରେ ପନ୍ତି ଖାଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ଚାଷୀଙ୍କ ସହ କଥା ହେଲେ ମନ୍ତ୍ରୀ

ଗୋପ, ୨୬।୮ (ଡି.ଏନ୍.ଏ.)

ଗତ କିଛିଦିନ ହେବ ଲଘୁଚାପଜନିତ ବର୍ଷା ସହ ବନ୍ୟାଜଳ ଆସୁଥିବାରୁ ପୁରୀ ଜିଲା ଗୋପ ବ୍ଲକର ଚାଷଜମିଗୁଡ଼ିକର ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଫଳରେ ଚାଷୀମାନେ ଚିନ୍ତାରେ ରହିଛନ୍ତି। ବୁଧବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଭିନ୍ନ ଅଞ୍ଚଳ ବୁଲିବା ସହ ଶତାଧିକ ଚାଷୀଙ୍କ ସମସ୍ୟା ଶୁଣିଛନ୍ତି। ହଜାର ହଜାର ହେକ୍ଟର ଚାଷଜମି ବର୍ଷାଜଳରେ ବୁଡ଼ି ରହିଛି। ଏପରି ଅଭିଯୋଗ ପାଇବା ପରେ ମନ୍ତ୍ରୀ ଦାଶ ଗୋପ ଜଳସମ୍ପଦ ବିଭାଗ ଅଧୀନ ତିନିମୁହାଣି ସ୍ଲୁଇସ୍ ଗେଟ ନିକଟରେ ପହଞ୍ଚି ଧନୁଆ ନଦୀରୁ କୁଶଭଦ୍ରା ନଦୀକୁ ଜଳ ନିଷ୍କାସନ ହେଉଥିବା ଦେଖିବା ସହ ବୁଡ଼ି ରହିଥିବା ଚାଷଜମି ଅନୁଧ୍ୟାନ କରିଥିଲେ। ବିଭାଗ ପକ୍ଷରୁ ସ୍ଲୁଇସ ଗେଟର ସମସ୍ତ ଗେଟ୍ ଖୋଲାଯାଇ ଥିବାରୁ ଖୁବଶୀଘ୍ର ଚାଷଜମିରୁ ବର୍ଷାଜଳ ନିଷ୍କାସନ ହୋଇଯିବ ବୋଲି ମନ୍ତ୍ରୀ କହିଥିଲେ। ଚାଷୀ ବିଜୟ ଜେନା, ଦେବେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ଭଞ୍ଜ ପ୍ରମୁଖ ଚାଷ ଜମି ଏବେ ବର୍ଷା ଜଳ ମଧ୍ୟରେ ରହିଥିବା ବେଳେ ଜଳସମ୍ପଦ ବିଭାଗ ୧୫ ଦିନ ପୂର୍ବରୁ ସ୍ଲୁଇସ ଗେଟ ଖୋଲା ଯାଇଥିବା କହିଥିଲେ। ମନ୍ତ୍ରୀ ଆଉ କେତେକ ବର୍ଷାପ୍ଲାବିତ ଚାଷ ଜମି ବୁଲି ଦେଖିବା ସହ ଏ ଅଞ୍ଚଳର ଚାଷୀମାନେ କିପରି ସରକାରୀ ସହାୟତା ପାଇବେ ସେ ସମ୍ପର୍କରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଥିଲେ। ମନ୍ତ୍ରୀଙ୍କ ଗସ୍ତ ବେଳେ ଗୋପ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ଗଣେଶ୍ୱରପୁର ସେକ୍ସନର ସହକାରୀ ଯନ୍ତ୍ରୀ କ୍ରିଷ୍ଣାକାନ୍ତି ମୁଣ୍ଡରି ଉପସ୍ଥିତ ଥିଲେ।

## ଲଣ୍ଡନରେ ବିଶାଳ ଜଗନ୍ନାଥ ମନ୍ଦିର ନିର୍ମାଣ ପ୍ରସ୍ତାବ

- ୪ ମିଲିୟନ ୟୁରୋପୀୟ ଡଲାର ଖର୍ଚ୍ଚ ହେବ
- ୨୦୨୪ ସୁଦ୍ଧା କାର୍ଯ୍ୟ ସରିବ, ଆରମ୍ଭ ହେଲା ସଦସ୍ୟ ଅଭିଯାନ

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ସଂଯୁକ୍ତରାଷ୍ଟ୍ରର ରାଜଧାନୀ ଲଣ୍ଡନଠାରେ ଏକ ବିଶାଳ ଜଗନ୍ନାଥ ମନ୍ଦିର ନିର୍ମାଣ ହେବ। ଏହା ଲଣ୍ଡନ, ୟୁରୋପର ଜଗନ୍ନାଥ ଧାମ ରୂପେ ପରିଚୟ ପାଇବ। ଏନେଇ ସଂଯୁକ୍ତ ରାଷ୍ଟ୍ରରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଗଠିତ ‘ଦ ଜଗନ୍ନାଥ ଟେମ୍ପଲ୍ ଟ୍ରଷ୍ଟ’ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

ଗତ ୨୩ ତାରିଖରେ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ୍‌ରେ ଓଡ଼ିଶା ସୋସାଇଟି ଅଫ୍ ୟୁକେ (ଓଏସ୍‌ୟୁକେ)ର ୪୧ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜଗନ୍ନାଥ ମନ୍ଦିର ପ୍ରସ୍ତାବ ଦିଆଯାଇଥିବାବେଳେ ଏଥିରେ ୟୁକେ, ଆମେରିକା, ଭାରତ ସମେତ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବାସକରୁଥିବା ପ୍ରବାସୀ ଓଡ଼ିଆ ଯୋଗଦେଇ ସ୍ୱାଗତ କରିଥିଲେ। ଲଣ୍ଡନରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ଏହି ବହୁ ପ୍ରତୀକ୍ଷିତ ସ୍ୱପ୍ନ ଖୁବ୍‌ଶୀଘ୍ର ସାକାର ହେବ ଓ ଏହି ମନ୍ଦିର ବିଶ୍ୱରେ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଏହି ଭବ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଆସନ୍ତା ୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରଖାଯାଇଛି। ଏଥି ନିମନ୍ତେ ଆବଶ୍ୟକ ସ୍ଥାନ ନିରୂପଣ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଥିବା ସୂଚନା ଦିଆଯାଇଛି। ଏଥିସହିତ ସମଗ୍ର ବିଶ୍ୱର ବିଭିନ୍ନ ପ୍ରାନ୍ତରେ ରହୁଥିବା ଓଡ଼ିଆମାନଙ୍କୁ ନେଇ ସଦସ୍ୟ ଅଭିଯାନ ଆରମ୍ଭ କରାଯାଇଛି। ୪ ମିଲିୟନ ୟୁରୋପୀୟ ଡଲାର ବ୍ୟୟରେ ନିର୍ମାଣ ହେବାକୁ ଯାଉଥିବା ଏହି ମନ୍ଦିର ନିମନ୍ତେ ପାଣ୍ଠି ସଂଗ୍ରହ କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ମଧ୍ୟ ନିବେଦନ କରାଯାଇଛି। ଜଗନ୍ନାଥପ୍ରେମୀ, କର୍ପୋରେଟ୍ ସଂସ୍ଥା ନିଜ ସାମର୍ଥ୍ୟ ଅନୁଯାୟୀ ଦାନ କରିପାରିବେ। ଏହି ଅଭିଯାନକୁ ସୁଦୃଢ଼ କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ପ୍ରକାଶ କରାଯାଇଛି।

ଏହି ମନ୍ଦିର ମଧ୍ୟରେ ହିନ୍ଦୁଧର୍ମର ପ୍ରଚାର କରାଯିବା ସହ ଏହାକୁ ପ୍ରଭୁ ଜଗନ୍ନାଥଙ୍କ ସହ ଜଡ଼ିତ ଶିକ୍ଷାଗତ, ସାମାଜିକ, ସାଂସ୍କୃତିକ ଏବଂ ସେବା ମନୋଭାବନାର ଏକ ମୁଖଶାଳାରୂପେ ପରିଗଣିତ ହେବ। ଏଥିସହ ଏକ ଇ-ପାଠାଗାର ସ୍ଥାପନ କରାଯିବ। ଏହା ମାଧମରେ ଜଗନ୍ନାଥ ସଂସ୍କୃତି ଓ ସାହିତ୍ୟ ପ୍ରକାଶିତ ହେବା ସହ ଭକ୍ତମାନଙ୍କୁ ମନ୍ଦିର ସହ ଯୋଡ଼ିହେବା ପାଇଁ ଏକ ମାଧ୍ୟମ ହୋଇପାରିବ। ଏହାଦ୍ୱାରା ମନ୍ଦିରର ସମସ୍ତ କାର୍ଯ୍ୟ ଓ ପୂଜାବିଧି ବ୍ୟବସ୍ଥାକୁ ସହଜ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।



ଲଣ୍ଡନରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ମନ୍ଦିରର ମଡେଲ୍।

## ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଧରାପଡ଼ିଲା ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣ

- ୩ ଅଭିଯୁକ୍ତଙ୍କୁ ଗିରଫ କଲା ଏସ୍‌ଟିଏଫ୍
- କନ୍ଧମାଳରୁ କୋଲକାତା ନିଆଯାଉଥିଲା

ଭୁବନେଶ୍ୱର, ୨୬।୮ (ବ୍ୟୁରୋ)

ଓଡ଼ିଶାରୁ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ହେଉଛି। ଲକ୍‌ଡାଉନ୍‌ଠାରୁ ସମ୍ପୃକ୍ତ ମାଫିଆମାନେ ସକ୍ରିୟ ରହିଥିବାବେଳେ ଏବେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏହି କାରବାର ଉପରେ ନଜର ରଖିଛି। ମଙ୍ଗଳବାର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଚଢାଉ କରି ଏସ୍‌ଟିଏଫ୍ ଟିମ୍ ଆନ୍ତଃ ରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ଧରିବା ସହ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ନିକଟରୁ ୨୦ କେଜି ୩ଶହ ଗ୍ରାମର ଗଞ୍ଜେଇ ସହ ମୋବାଇଲ ଫୋନ୍ ଓ ଟଙ୍କା ଜବତ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ବାଗନପଡା ଅଞ୍ଚଳର ଅବଦୁର ଶେଖ, ସାଇରୁଲ ଶେଖ ଓ ଆଲାରଖାଁ ଶେଖ୍। ଏ ନେଇ ଖଣ୍ଡଗିରି ଥାନାରେ ୫୧୯/୨୦ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି।

ସୂଚନା ମୁତାବକ, ବରମୁଣ୍ଡା ବସ୍ ଷ୍ଟାଣ୍ଡ ଦେଇ ଅନ୍ୟ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ନେଇ କ୍ରାଇବ୍ରାଞ୍ଚ ଏସ୍‌ଟିଏଫ୍ ଏସ୍‌ଆଇ ନଳିନୀକାନ୍ତ ଦାସଙ୍କ ନିକଟରେ ଗୋଇନ୍ଦା ଖବର ପହଞ୍ଚିଥିଲା। ଏହାପରେ ତାଙ୍କ ନେତୃତ୍ୱରେ ଏସ୍‌ଟିଏଫ ଟିମ ବସ୍ ଷ୍ଟାଣ୍ଡରେ ମଙ୍ଗଳବାର ସକାଳ ୭ଟାବେଳେ ଚଢାଉ କରିଥିଲା। ୩ ଅଭିଯୁକ୍ତଙ୍କୁ ସନ୍ଦେହଜନକ ଅବସ୍ଥାରେ ଥିବା ଦେଖି ଟିମ୍ ସଦସ୍ୟମାନେ ସେମାନଙ୍କ ପାଖରେ ଥିବା ବ୍ୟାଗକୁ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ସେମାନେ କନ୍ଧମାଳରୁ ଗଞ୍ଜେଇ ଧରି ବସ୍ ଯୋଗେ ଭୁବନେଶ୍ୱରରେ ଓହ୍ଲାଇଥିଲେ। ଏଠାରୁ ପୁଣି ବସ୍‌ରେ କୋଲକାତା ଯାଇଥାନ୍ତେ ବୋଲି ଅଭିଯୁକ୍ତମାନେ କହିଛନ୍ତି। ତେବେ କନ୍ଧମାଳରୁ ଗଞ୍ଜେଇ ଚାଲାଣ ହେଉଥିବାରୁ ସେଠାରେ ବିପୁଳ ମାତ୍ରାରେ ଚାଷ କରାଯାଉଥିବା ଜଣାପଡିଛି। ଏବେ ଟ୍ରେନ୍‌ରେ ସମସ୍ୟା ରହୁଥିବାରୁ ଗଞ୍ଜେଇ ମାଫିଆମାନେ ବସ୍‌କୁ ମାଧମ କରିଛନ୍ତି।

## ୭ ବିସ୍ଥାପିତ ପରିବାରକୁ ମିଳିଲା ଜମି

**ମହାପ୍ରଭୁଙ୍କ ପାଇଁ ଦେଇଥିଲେ ଭିଟାମାଟି**

ପୁରୀ ଅଫିସ, ୨୬।୮

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଯେଉଁମାନେ ମହାପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ରଖି ସେମାନଙ୍କ ଶହ ଶହ ବର୍ଷର ଭିଟାମାଟି ଦେଇଥିଲେ ସେମାନଙ୍କ ମଧ୍ୟରୁ ୭ ବିସ୍ଥାପିତ ପରିବାରକୁ ଜମି ପ୍ରଦାନ କରାଯାଇଛି। ବୁଧବାର ଏହି ବିସ୍ଥାପିତ ପରିବାର ସେମାନଙ୍କର ଭୂମି ପୂଜା କରିଛନ୍ତି। ପ୍ରତ୍ୟେକ ପରିବାରକୁ ୧୦୦୦ ବର୍ଗଫୁଟ ଲେଖାଏ ଜମି ଦିଆଯାଇଛି। ସେମାନେ କ୍ଷତିପୂରଣ ବାବଦ ଟଙ୍କା ନ ନେଇ ଜମି ନେବାକୁ ଚାହିଁଥିଲେ। ମଙ୍ଗଳବାର ସେମାନଙ୍କ ନାଁରେ ବିକ୍ରି କବଲା କରାଯାଇଥିଲା। ତେଣୁ ସରକାରଙ୍କ ପ୍ରତିଶ୍ରୁତି ମୁତାବକ ସମ୍ପୃକ୍ତ ପରିବାରଙ୍କୁ ଜମି ପ୍ରଦାନ କରାଯାଇଥିବା ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ଭୂମି ପୂଜନ ସମୟରେ ତହସିଲଦାର ରବୀନ୍ଦ୍ର ପ୍ରଧାନ, ଆର୍‌ଆଇ, ଜମି ଅଧିଗ୍ରହଣ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ବିସ୍ଥାପିତ ପରିବାର ପକ୍ଷରୁ ଭୂମିପୂଜନ କରାଯାଉଛି।

## ରାତିରେ ସରକାରୀ ଜମିରୁ ବାଲି ଲୁଟ୍

**ନଷ୍ଟ ହେଉଛି ବାଲିସ୍ତୂପ**

- ମାଲାମାଲ୍ ଚାଲାଣକାରୀ
- ରାଜସ୍ୱ ହରାଉଛନ୍ତି ସରକାର

ପୁରୀ ଅଫିସ, ୨୬।୮:

ପୁରୀ ଜିଲା ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷା ପ୍ରାଚୀର ଭାବେ ପ୍ରାକୃତିକ ବାଲିସ୍ତୂପ କାମ କରୁଥିଲା। ବର୍ଷା, ପବନ ଅବା ସମୁଦ୍ର ଲୁଣାପାଣି ମାଡ଼ି ଆସିବାରୁ ଏହା ପ୍ରତିହତ କରି ପାରୁଥିଲା। ହେଲେ ଆଜି ଆଉ ସେଭଳି ଚିତ୍ର ନାହିଁ। ବାଲିମାଫିଆଙ୍କ ଲୋଲୁପ ଦୃଷ୍ଟିରେ ପ୍ରାକୃତିକ ବାଲିସ୍ତୂପ ନଷ୍ଟ ହୋଇଗଲାଣି। ଗୋଟିଏ ପଟେ ବାଲି ଚୋରା ଚାଲାଣ କରି ମାଫିଆମାନେ ମାଲାମାଲ୍ ହେଉଥିବାବେଳେ ଅନ୍ୟପଟେ ଅନେକ ସମୟରେ ଜନବସତିକୁ ସମୁଦ୍ର ଜୁଆର ମାଡ଼ି ଆସିବା ଭଳି ସ୍ଥିତି ସୃଷ୍ଟି ହେଉଛି। ଏହାସତ୍ତ୍ୱେ ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ରାତିଅଧିଆ ସରକାରୀ ଜମିରୁ ବାଲି ଲୁଟ୍ ବଢିଚାଲିଛି। ସରକାର ମଧ୍ୟ ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି।

ପୁରୀ ଜିଲାରେ ବେଆଇନ ବାଲି ଚାଲାଣ ଉପରେ ରୋକ୍ ଲାଗି ପାରୁନାହିଁ। ଅନେକ ସମୟରେ ଅଭିଯୋଗ ପରେ ଧରପଗଡ଼ ହେଉଥିଲେ ବି ପରବର୍ତ୍ତୀ ସମୟରେ ପ୍ରଶାସନ ନିଷ୍କ୍ରିୟତାର ସୁଯୋଗ ଉଠାଉଛନ୍ତି ମୁନାଫାଖୋର ବାଲି ବ୍ୟବସାୟୀ। ବିଶେଷକରି ପୁରୀ ସହରରେ ଏହି ବେଆଇନ କାରବାର ବଢିଚାଲିଛି। ଗତ ଶନିବାର ପୁରୀ ମ୍ୟୁନିସିପାଲିଟିର ଡମ୍ପିଂୟାର୍ଡ ନିକଟ ଏକ ସରକାରୀ ଜମିରୁ ବାଲି ଚୋରା ଚାଲାଣ ହେଉଥିଲା। ଏକ ଟ୍ରାକ୍ଟରରେ ବାଲି ଲୋଡ୍ କରାଯାଉଥିବା ଖବର ପାଇ ବଳିଆପଣ୍ଡା ପୋଲିସ ସେଠାରେ ଚଢାଉ କରିଥିଲା। ୨ଜଣ ଖସିଯାଇଥିବା ବେଳେ ୩ଜଣଙ୍କୁ ଗିରଫ କରାଯିବା ସହ ବାଲି ଭର୍ତ୍ତି ଏକ ଟ୍ରାକ୍ଟର ଜବତ କରାଯାଇଥିଲା। ଏଭଳି ଭାବେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ବାଲି ଚୋରାଚାଲାଣ ହେଉଛି। ଗତବର୍ଷ ପୁରୀ ବଳିଆପଣ୍ଡା ଅଞ୍ଚଳରେ ଏକ ବଡ଼ ବାଲିମାଫିଆ ର୍ୟାକେଟକୁ ଧରିଥିଲା ପୋଲିସ। ସମୁଦ୍ର ବେଳାଭୂମି କଡ଼ ବଳିଆପଣ୍ଡା ଓ ସିପସରୁବାଲି ଅଞ୍ଚଳରେ ବାଲିସ୍ତୂପ ଥିବାରୁ ମାଫିଆଙ୍କ ନଜର ଏହି ଅଞ୍ଚଳ ଉପରେ ପଡ଼ିଥିଲା। ବାଲି ଚାଲାଣ ଯୋଗୁ ଏହି ଅଞ୍ଚଳର ଅନେକ ଜାଗାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଗତବର୍ଷ ଫେବୃୟାରୀ ୨୨ତାରିଖ ରାତିରେ ବଳିଆପଣ୍ଡା ପାଖ ବେଳାଭୂମି କଡ଼ରୁ ଦୁଇଟି ଜେସିବି ସାହାଯ୍ୟରେ ବାଲି ଖୋଳାଯାଇ ଚୋରା ଚାଲାଣ କରାଯାଇଥିଲା। ପ୍ରାୟ ୧୫ଟି ହାଇୱା, ଡମ୍ପର ଏବଂ ଟ୍ରକ୍ ବାଲି ନେବା ପାଇଁ ଠିଆ ହୋଇଥିବା ପ୍ରଶାସନ ପାଖରେ ଖବର ପହଞ୍ଚିଥିଲା। ରାତିଅଧିଆ ଚଢାଉ କରାଯାଇ ୧୭ଟି ଗାଡ଼ି ଜବତ ସହ ୯ ଡ୍ରାଇଭରଙ୍କୁ ଗିରଫ କରାଯାଇଥିଲା। ଏହାପରେ କିଛିଦିନ ଏହି ବେଆଇନ କାରବାର ଧିମେଇ ଯାଇଥିଲା। ମାତ୍ର ଏବେ ପୁଣି ମାଫିଆ ସକ୍ରିୟ ହୋଇ ଉଠିଛନ୍ତି। ତେବେ ଏ ନେଇ ପୁରୀ ସଦର ତହସିଲଦାର ରବୀନ୍ଦ୍ର ପ୍ରଧାନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ସଂକ୍ଷେପରେ

### ଲଣ୍ଡନରୁ ୪ ବର୍ଷ ଝିଅର ସହାୟତା

**ନବରଙ୍ଗପୁର,୨୬।୮(ବି.ପ୍ର.):** ମା' ବାପାଙ୍କ ସହ ସୁଦୂର ଲଣ୍ଡନରେ ରହୁଛନ୍ତି। କିନ୍ତୁ ମନ ସବୁବେଳେ ଓଡ଼ିଶା ହିତରେ। ସେଥିପାଇଁ ତ ଜନ୍ମଦିନରେ ମିଳିଥିବା ଉପହାର ଟଙ୍କାକୁ ମୁଖ୍ୟମନ୍ତ୍ରୀ

**ଜନ୍ମଦିନ ଉପହାର ଟଙ୍କାକୁ ସିଏମ୍ ରିଲିଫ ଫଣ୍ଡକୁ**

ରିଲିଫ ଫଣ୍ଡକୁ ପଠାଇଛନ୍ତି ୪ବର୍ଷର କୁନି ଝିଅ ଅଦିତି। ଘର ନବରଙ୍ଗପୁର ଜିଲା ଇଚ୍ଛାବତିଗୁଡ଼ା ଅଞ୍ଚଳରେ। ଇଚ୍ଛାବତିଗୁଡ଼ା ନିବାସୀ ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ବିଭୂତି ଭୂଷଣ, ବୋହୂ ସ୍ୱାଗତିକା ଓ ନାତୁଣୀ ଅଦିତି(୪) ଲଣ୍ଡନରେ ରୁହନ୍ତି। ଗତମାସ ୨୦ ତାରିଖରେ ଅଦିତି ତାଙ୍କ ଜନ୍ମଦିନ ଲଣ୍ଡନରେ ପାଳନ କରିଥିଲେ। ଏହି ସମୟରେ ତାଙ୍କୁ ମିଳିଥିବା ଉପହାର ଟଙ୍କାକୁ ସେ ସିଏମ୍ ରିଲିଫ ଫଣ୍ଡକୁ ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ। ଅଦିତିଙ୍କ ଇଚ୍ଛା ଅନୁଯାୟୀ ଜେଜେବାପା ନିରଞ୍ଜନ, ଦାଦା କାହ୍ନୁଚରଣ ବୁଧବାର ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ଭେଟି ଲଣ୍ଡନରୁ ଆସିଥିବା ୨୧ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଦେଇଛନ୍ତି। ଏହାପରେ ଜିଲାପାଳ ଅଦିତିଙ୍କ ସହ ଫୋନ୍‌ରେ କଥା ହୋଇ ତାଙ୍କୁ ଧନ୍ୟବାଦ ସହ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।

### ଗୁଳିମାଡ଼ରେ ଯୁବକ ଆହତ

**ଜଟଣୀ,୨୬।୮(ଡି.ଏନ୍.ଏ):** ଜଟଣୀ ଥାନା ପଦନପୁର ଗ୍ରାମଛକରେ ବୁଧବାର ଗୁଳିମାଡ଼ରେ ଜଣେ ଯୁବକ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ବୁଧବାର ସନ୍ଧ୍ୟା ପ୍ରାୟ ୮ଟାରେ ଏହି ଗ୍ରାମର ରଙ୍କ ରାଉତ ଘରକୁ ଫେରୁଥିଲେ। ଏହି ସମୟରେ ମୁଖାପିନ୍ଧା ୨ ଯୁବକ ବାଇକ୍‌ରେ ଆସି ରଙ୍କଙ୍କ ଉପରେ ଅଚାନକ ଗୁଳି ଚାଳନା କରିଥିଲେ। ରଙ୍କଙ୍କ ଡାହାଣ ଗୋଡ଼ ଉପରକୁ ଗୋଟିଏ ଗୁଳି ପଶି ରହିଛି। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ତାଙ୍କୁ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁଳିମାଡ଼ର ଘଟଣା ପଛର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଜମିବାଡ଼ି ବିବାଦକୁ ନେଇ ଏଭଳି ଘଟିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।

# ୧୨ ଘଣ୍ଟା ପରେ ବିନା ପିପିଇ କିଟ୍‌ରେ ହସ୍ପିଟାଲ ଗଲେ

**କୋଭିଡ୍ ପଜିଟିଭ୍‌ଙ୍କୁ ମିଳିଲାନି ସହଯୋଗ**

- ସହାୟତାର ହାତ ବଢ଼ାଇଲେ ସ୍ୱେଚ୍ଛାସେବୀ

**ପୁରୀ ଅଫିସ,୨୩।୮**

କରୋନା ଆକ୍ରାନ୍ତଙ୍କୁ ପୁରୀରେ ମିଳିଲାନି ପ୍ରଶାସନିକ ସହଯୋଗ। ଘରଠାରୁ ମାତ୍ର ୩ଶହ ମିଟର ଦୂରରେ କୋଭିଡ୍ ହସ୍ପିଟାଲ ଥିଲେ ସୁଦ୍ଧା ସେଠାରେ ପହଞ୍ଚିବାକୁ ଲାଗିଗଲା ପ୍ରାୟ ୧୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ। ପ୍ରଶାସନିକ ସହଯୋଗ ନ ମିଳିବାରୁ ଶେଷରେ ସନ୍ଧ୍ୟାରେ ଜଣେ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଆକ୍ରାନ୍ତଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ କୋଭିଡ୍ ହସ୍ପିଟାଲ୍ ଭର୍ତ୍ତି କରାଯାଇଥିଲା। ତେବେ ଆବଶ୍ୟକ ସୁବିଧା ନ ଥିବାରୁ ସ୍ୱେଚ୍ଛାସେବୀ ଜଣକ ଆକ୍ରାନ୍ତଙ୍କୁ ବିନା ପିପିଇ କିଟ୍‌ରେ ଆମ୍ବୁଲାନ୍ସରେ ନିଆଯାଇଥିବା ଦେଖିବାକୁ ମିଳିଛି।

କରୋନା ପଜିଟିଭ ପରିଚାଳନାକୁ ନେଇ ଆର୍‌ଡିସି ଏକାଧିକଥର ପୁରୀରେ ସମୀକ୍ଷା ବୈଠକ କଲେଣି। ରୋଗୀଙ୍କ ଚିକିତ୍ସା ଓ ଖାଦ୍ୟପେୟରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ ସେଥିଲାଗି ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ବୈଠକରେ ନିର୍ଦ୍ଦେଶ ଦିଆଯାଉଛି। ମାତ୍ର ବାସ୍ତବରେ ଏହା ପ୍ରତିଫଳିତ ହେଉ ନ ଥିବା ବୁଧବାର ଘଟଣାରୁ ସ୍ପଷ୍ଟ ଜଣାପଡୁଛି। ପୁରୀ ଭୁଦାନ ଅଞ୍ଚଳର ଜଣେ ୮୨ ବର୍ଷୀୟ ବୃଦ୍ଧ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବୁଧବାର ସକାଳେ ସେ କରୋନା ପଜିଟିଭ ବୋଲି ଜଣାପଡିଲା। ଏହାପରେ ତାଙ୍କ ସ୍ତ୍ରୀ ଓ ପୁଅ ସମ୍ପୃକ୍ତ ବ୍ୟକ୍ତିଙ୍କୁ କୋଭିଡ୍ ହସ୍ପିଟାଲ ନେବା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କୁ କହିଥିଲେ। କୋଭିଡ୍ ହସ୍ପିଟାଲ ଆମ୍ବୁଲାନ୍ସକୁ ଫୋନ କରାଯାଇଛି ଆସିଲେ ଯିବେ ବୋଲି ଉତ୍ତର ଆସିଥିଲା। ଅପରାହ୍ଣରେ ପୁରୀର ଜଣେ ଯୁବ ସାମାଜିକ କର୍ମୀ ସ୍ୱାଧୀନ କୁମାର ପଣ୍ଡା କୌଣସି କାମରେ ହସ୍ପିଟାଲ ଆସିଥିବାବେଳେ ଏହି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଏହାପରେ ସ୍ୱାସ୍ଥ୍ୟକର୍ମୀଙ୍କୁ ପଚାରିଥିଲେ ମଧ୍ୟ କାହାଠାରୁ ଠିକ୍ ଉତ୍ତର ପାଇ ନ ଥିଲେ। ନିଜେ ପୁଣି ଆମ୍ବୁଲାନ୍ସକୁ ଫୋନ କରିଥିଲେ। ସନ୍ଧ୍ୟାରେ ସମୟରେ ଏକ ଆମ୍ବୁଲାନ୍ସ ଆସିଥିଲା। ହେଲେ ଆକ୍ରାନ୍ତଙ୍କୁ ନେବା ପାଇଁ କୌଣସି ନ ଥିଲେ। ଚାଳକ ବି ଛୁଇଁବେ ନାହିଁ ବୋଲି କହିଥିଲେ। ଶେଷରେ ନିଜେ ସ୍ୱାଧୀନ ଆକ୍ରାନ୍ତଙ୍କୁ ବିନା ପିପିଇ କିଟ୍‌ରେ ଆମ୍ବୁଲାନ୍ସରେ ବସାଇଥିଲେ। ସାମାଜିକ କର୍ମୀ ସ୍ୱାଧୀନ କହିଛନ୍ତି ସକାଳୁ ପଜିଟିଭ ଚିହ୍ନଟ ହୋଇଥିଲେ ମଧ୍ୟ ତାଙ୍କୁ କୋଭିଡ୍



ରୋଗୀଙ୍କୁ ହସ୍ପିଟାଲ ନିଆଯାଉଛି।

ହସ୍ପିଟାଲ ନେବାକୁ କେହି ସହଯୋଗ କରି ନ ଥିଲେ। ଅଧିକ ସମୟ ରହିଲେ ଜିଲା ମୁଖ୍ୟ ଚିକିତ୍ସାଳୟର ଅନ୍ୟ ରୋଗୀଙ୍କୁ ସଂକ୍ରମଣ ବ୍ୟାପିବା ସମ୍ଭାବନା ରହିଥିଲା। ତେଣୁ ପିପିଇ କିଟ୍ ନ ମିଳୁ ପଛେ ତାଙ୍କୁ ଆମ୍ବୁଲାନ୍ସରେ ବସାଇଥିଲି ବୋଲି ସ୍ୱାଧୀନ କହିଛନ୍ତି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର କହିଛନ୍ତି, ନଶ୍ଚିତ ଏହା ଏକ ଦୁଃଖଦାୟକ ଘଟଣା। କେଉଁ ପରିସ୍ଥିତିରେ ଏବଂ କିପରି ସମ୍ପୃକ୍ତ ପଜିଟିଭି ବ୍ୟକ୍ତିଙ୍କୁ କୋଭିଡ୍ ହସ୍ପିଟାଲ ନେବା ଏତେ ବିଳମ୍ବ ହେଲା ସେନେଇ ଏଡିଏମ୍‌ଙ୍କୁ ରିପୋର୍ଟ ମଗାଯାଇଛି। ଏହାର ତଦନ୍ତ ଚାଲିଛି। ରିପୋର୍ଟ ପାଇବା ପରେ ତ୍ରୁଟି କେଉଁଠି ରହିଲା, ଏଥିପାଇଁ କିଏ ଦାୟୀ ସେ ନେଇ ପଦକ୍ଷେପ ନିଆଯିବ।

# ପଞ୍ଜୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ କର

**ଭୁବନେଶ୍ୱର,୨୬।୮(ବ୍ୟୁରୋ)**

**୩୧ରେ ସରୁଛି ଖରିଫ୍ ଧାନ ସଂଗ୍ରହ**

ଅଗଷ୍ଟ ୩୧ରେ ସରୁଛି ଖରିଫ୍ ଧାନ ସଂଗ୍ରହ ପଞ୍ଜୀକରଣ। ଧାର୍ଯ୍ୟ ସମୟ ମଧ୍ୟରେ ଚାଷୀଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ଶେଷ କରିବାକୁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ କ୍ଷେତ୍ରାଧିକାରୀ, ଡିଆର୍‌ସିଏସ୍, ଏଆର୍‌ସିଏସ୍ ପ୍ୟାକ୍ସ ପରିଦର୍ଶନ କରି ପଞ୍ଜୀକରଣ କାର୍ଯ୍ୟକୁ ତଦାରଖ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି। ଲୋକସେବା ଭବନ ପରିସରରେ ଗୁରୁବାର ଆୟୋଜିତ ଭିଡିଓ କନ୍‌ଫରେନ୍ସିଂ ବୈଠକରେ ମନ୍ତ୍ରୀ ସ୍ୱାଇଁ ଚାଷୀଙ୍କ ନାମ ପଞ୍ଜୀକରଣ, ରାଶନକାର୍ଡର ଆଧାର ସଂଯୋଗୀକରଣ, ରାଶନ ସାମଗ୍ରୀ ଯୋଗାଣ ଏବଂ ମିଲରଙ୍କ ଦ୍ୱାରା କଷ୍ଟମ୍ ମିଲିଂ ଚାଉଳ ପ୍ରଦାନ ଆଦିର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟରେ ଅଦ୍ୟାବଧି ୭ ଲକ୍ଷ ୯୬ ହଜାର ୫୧୦ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଗଜପତି, ସମ୍ବଲପୁର, କନ୍ଧମାଳ, ଯାଜପୁର, କଳାହାଣ୍ଡି, କଟକ ଆଦି ଜିଲାରେ ବିଗତ ବର୍ଷ ତୁଳନାରେ ଚାଷୀ ନାମ ପଞ୍ଜୀକରଣ ସନ୍ତୋଷଜନକ ରହିଛି। ଅନ୍ୟ ଜିଲାଗୁଡ଼ିକରେ ଧାର୍ଯ୍ୟ ସମୟ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## 'ଜାପାନ-ଓଡ଼ିଶା ସାଂସ୍କୃତିକ ସମ୍ପର୍କ ନିବିଡ଼'

**ଭୁବନେଶ୍ୱର,୨୬।୮(ବ୍ୟୁରୋ):** ଭାରତୀୟ ଚାମ୍ବର ଅଫ୍ କମର୍ସ ଆନୁକୂଲ୍ୟରେ ଭାରତ-ଜାପାନ ବ୍ୟବସାୟ ଫୋରମ୍‌ର ଏକ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜାପାନ ସହ ଭାରତ ସର୍ବୋପରି ଓଡ଼ିଶାର ସାଂସ୍କୃତିକ ସମ୍ପର୍କ ଅତି ନିବିଡ଼ ବୋଲି ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପ୍ରକାଶ କରିଛନ୍ତି। ଶିଳ୍ପର ବିକାଶ କ୍ଷେତ୍ରରେ ରାଜ୍ୟରେ ସୃଷ୍ଟି ହୋଇଥିବା ସୁଯୋଗ ଶିଳ୍ପପତିଙ୍କୁ ଆକୃଷ୍ଟ କରିପାରିଛି। ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ ନିମନ୍ତେ ସୁସ୍ଥ ପରିବେଶ ରହିଛି। ଅତ୍ୟାଧୁନିକ ଡିଜିଟାଲ ପ୍ଲାଟ୍‌ଫର୍ମ ଗୋ-ସ୍ୱିଫ୍ଟ ସିଙ୍ଗଲ ୱିଣ୍ଡୋ ଜରିଆରେ ଶିଳ୍ପ ପ୍ରତିଷ୍ଠା ଓ ସଞ୍ଚାଳନ ପାଇଁ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ମିଶ୍ର କହିଛନ୍ତି। ଜାପାନକୁ ସୁହାଇଲା ଭଳି କେତେକ ନିର୍ଦ୍ଦିଷ୍ଟ ଶିଳ୍ପକ୍ଷେତ୍ର ଉପରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ପ୍ରସ୍ତାବ ଦେଇଥିଲେ।

# ପାହାଡ଼ରେ ପିଟିହେଲା ଟ୍ରକ୍



ଦୁର୍ଘଟଣାଗ୍ରସ୍ତ ଟ୍ରକ।

**ରାୟଗଡ ( ଗଜପତି ),୨୬।୮**

ଗଜପତି ଜିଲା ରାୟଗଡ ବ୍ଲକ ମାର୍ଲବା ଘାଟିରେ ମଙ୍ଗଳବାର ଏକ ଔଷଧ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ପାହାଡରେ ପିଟି ହୋଇଛି। ଟ୍ରକଟି (ଓଆର୦୨ଏଭି-୨୭୨୨) ଭୁବନେଶ୍ୱରରୁ ଗଜପତି ଜିଲା କାଶୀନଗର ଅଭିମୁଖେ ଯାଉଥିଲା। ଡ୍ରାଇଭର ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ଭିକାରୀ ଚରଣ ଦୋରା ଆହତ ହୋଇଥିବା ଜଣାପଡିଛି। ଘଟଣାସ୍ଥଳରେ ରାୟଗଡ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। କେସ ନମ୍ବର ୫୧/୨୦ ରେ ଏକ ମାମଲା ରୁଜୁ ହୋଇଥିବା ଏସଆଇ କୃଷ୍ଣଚନ୍ଦ୍ର ମଲ୍ଲିକ କହିଛନ୍ତି।

# ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ବେଆଇନ: କଂଗ୍ରେସ

**ଭୁବନେଶ୍ୱର,୨୬।୮(ବ୍ୟୁରୋ):** ଶ୍ରୀମନ୍ଦିର ସୁରକ୍ଷା କରିଡର ନାଁରେ ସରକାରଙ୍କୁ ବିଶ୍ୱାସ କରି ଜମି ହରାଇଥିବା ପୁରୀର ସମସ୍ତ ବ୍ୟକ୍ତି ଠକାମିର ଶିକାର ହୋଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ବୁଧବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ନେତା ସତ୍ୟପ୍ରକାଶ ନାୟକ କହିଛନ୍ତି, ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୭୫ ମିଟର ପରିଧି ଭିତରେ ଯେତେ ଜମି ଅଧିଗ୍ରହଣ କରାଯାଇଛି ଏହା ସମ୍ପୂର୍ଣ୍ଣ ବେଆଇନ ଏବଂ ଅସିଦ୍ଧ। କାରଣ ଭୂମି ଅଧିଗ୍ରହଣ ପୁନର୍ବାସ ଓ ଥଇଥାନ ଆଇନ ୨୦୧୩ ଅନୁଯାୟୀ ଜିଲା ପ୍ରଶାସନ ଜମି ଅଧିଗ୍ରହଣ କରିନାହିଁ। ଭୂମି ଅଧିଗ୍ରହଣ ଆଇନର ଧାରା ୩୬ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି, ଧାରା ୪(କ)ରେ ସୋସିଆଲ ଇମ୍ପାକ୍ଟ ଆସେସ୍‌ମେଣ୍ଟ ନୋଟିଫିକେଶନ ପରେ ଏବଂ ଚୂଡ଼ାନ୍ତ ଜମି ଅଧିଗ୍ରହଣ ବିଜ୍ଞପ୍ତି ପୂର୍ବରୁ ସମ୍ପୃକ୍ତ ପ୍ରଭାବିତ ଅଞ୍ଚଳରେ ଜମି କିଣାବିକା ହୋଇପାରିବ ନାହିଁ। ଅର୍ଥାତ୍ ଧାରା ୪(କ)ର ବିଜ୍ଞପ୍ତି ପରେ ଯଦି କୌଣସି ବ୍ୟକ୍ତି ଜମି ବିକ୍ରି କରନ୍ତି, ତେବେ ତାହା ଆଇନତଃ ଅସିଦ୍ଧ ଏବଂ ସମ୍ପୃକ୍ତ ବ୍ୟକ୍ତି ପୁନର୍ବାସ ଓ ଥଇଥାନ ଆଇନ ଅନୁଯାୟୀ କୌଣସି କ୍ଷତି ପୂରଣ ପାଇବାକୁ ଯୋଗ୍ୟ ବିବେଚିତ ହେବେନାହିଁ। ସେହି ଦୃଷ୍ଟିରୁ ସୁରକ୍ଷା କରିଡର ପ୍ରକଳ୍ପ ପାଇଁ କେବଳ ୪(କ) ବିଜ୍ଞପ୍ତି ଛଡ଼ା ଭୂମି ଅଧିଗ୍ରହଣର ଅନ୍ୟ କୌଣସି ପ୍ରକ୍ରିୟା ଏଯାବତ୍ ହୋଇନାହିଁ। ତେଣୁ ଜିଲା ପ୍ରଶାସନକୁ ଯେଉଁମାନେ ଜମି ହସ୍ତାନ୍ତର କରିଛନ୍ତି ତାହା ବେଆଇନ ବୋଲି ସେ କହିଛନ୍ତି। ବେଆଇନ କାର୍ଯ୍ୟର ଏ ସମ୍ପୂର୍ଣ୍ଣ ପ୍ରକରଣରେ ପୁରୀ ଜିଲାପାଳ ଏଜେଣ୍ଟ ଭଳି କାର୍ଯ୍ୟ କରିଛନ୍ତି। ସେ ଆହୁରି କହିଛନ୍ତି, ବଗଲା ଧର୍ମଶାଳା ଜମି ପ୍ଲଟିଂ ବିବାଦରେ ଜିଲାପାଳଙ୍କ କେଳେଙ୍କାରୀ ଧରାପଡ଼ିଯାଇଛି। ସଫେଇ ଦେବା ବାହାନାରେ ଯେଉଁ ତଥ୍ୟ ଜିଲାପାଳ ଟୁଇଟରେ ଦେଇଛନ୍ତି ତା'ର ଅସଲ ତଥ୍ୟ କଂଗ୍ରେସ ଆଗକୁ ଆଣିଛି। ଫଳରେ ତାହା ଓଲଟା ଜିଲାପାଳଙ୍କ ପାଇଁ ବୁମେରାଂ ହୋଇଛି। ଜିଲାପାଳଙ୍କ ପକ୍ଷରୁ କୁହାଯାଇଛି ଯେ ପୁରୀ ମ୍ୟୁନିସିପାଲିଟି ପକ୍ଷରୁ ୨୫ ଅକ୍ଟୋବର ୨୦୧୯ରେ ବଗଲା ଧର୍ମଶାଳା ଜମି ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଅନୁମତି ଦିଆଯାଇଥିଲା। କିନ୍ତୁ ଅସଲରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦର୍ଶାଯାଇଛି, ପ୍ରସାଦ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବଗଲା ଧର୍ମଶାଳା ଜମିକୁ ରାଜସ୍ୱ ବିଭାଗକୁ ଦିଆଯିବ। ଏହି ଚିଠିରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ରଖାଯାଇଛି ଯେ, ଜମି ହସ୍ତାନ୍ତର ପୂର୍ବରୁ ସବିଶେଷ ସର୍ତ୍ତାବଳୀ ପ୍ରସ୍ତୁତ କରାଯିବ ଏବଂ ସେହି ଆଧାରରେ ଜମି ହସ୍ତାନ୍ତର ହେବ। ଜମି ହସ୍ତାନ୍ତର ସମ୍ପର୍କରେ ସର୍ତ୍ତାବଳୀ ଚିଠିର ନକଲ ୨୪ଘଣ୍ଟାରେ ଜିଲାପାଳ ସର୍ବସାଧାରଣରେ ପ୍ରକାଶ କରନ୍ତୁ ବୋଲି ସତ୍ୟ ଆହ୍ୱାନ କରିଛନ୍ତି।

# ବଗଲା ଧର୍ମଶାଳା ଜମି ବିବାଦ: ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର,୨୬।୮(ବ୍ୟୁରୋ)**

ବଗଲା ଧର୍ମଶାଳା ଜମି ଦୁର୍ନୀତି ପ୍ରସଙ୍ଗକୁ ନେଇ ରାଜ୍ୟପାଳଙ୍କ ନିକଟରେ ପୁରୀ ଜିଲା କଂଗ୍ରେସ କମିଟି ଫେରାଦ ହୋଇଛି।



ସ୍ମାରକପତ୍ର ପ୍ରଦାନ କରାଯାଉଛି।

୧୯୦୫ରେ କହ୍ନେୟାଲାଲ ବଗଲାଙ୍କ ଦାନରେ ଜଗନ୍ନାଥପ୍ରେମୀଙ୍କ ହିତକୁ ଦୃଷ୍ଟିରେ ରଖି ବଗଲା ଧର୍ମଶାଳା ନିର୍ମାଣ ହୋଇଥିଲା। ହେଲେ ଏବେ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଏଠାରେ ଥିବା ବଗଲା ଧର୍ମଶାଳା ଜମିକୁ ଖଣ୍ଡଖଣ୍ଡ କରି ବିକିବା ଘଟଣାକୁ କଂଗ୍ରେସ ଅତ୍ୟନ୍ତ ଗୁରୁତର ସହ ନେଇଛି। ଏପରିକି ପୁରୀ ଜିଲାପାଳ ଜିଲାର ସର୍ବୋଚ୍ଚ ରାଜସ୍ୱ ଅଧିକାରୀ ଭାବେ ତାଙ୍କ କ୍ଷମତାର ଅପବ୍ୟବହାର କରିଛନ୍ତି। ଏଣୁ ସମସ୍ତ ଆଇନକାନୁନକୁ ଉଲ୍ଲଘଂନ କରି ସ୍ଥିତିବାନ ଜାଗାରେ ଥିବା ବଗଲା ଧର୍ମଶାଳାକୁ ଭାଙ୍ଗି ସରକାରଙ୍କ ରାଜସ୍ୱ ବିଭାଗକୁ ନେଇ ବିକିବା ଆରମ୍ଭ କରିଛନ୍ତି। ଏହା ଆଇନତଃ ଧର୍ତ୍ତବ୍ୟ ଅପରାଧ। ସମ୍ପୃକ୍ତ ଜିଲାପାଳଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଯେଉଁ ଜମି ସରକାରଙ୍କ ନାମରେ ହୋଇଛି ତାକୁ ପୁନର୍ବାର ଯେଉଁ ଉଦ୍ଦେଶ୍ୟରେ ଦାତା ଦାନ କରିଥିଲେ ସେଥିପାଇଁ ଉପଯୋଗ କରିବାକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର କଂଗ୍ରେସ ପ୍ରଦାନ କରିଛି। ରାଜ୍ୟପାଳ ତୁରନ୍ତ ଏହି ପ୍ରସଙ୍ଗରେ ସରକାରଙ୍କଠାରୁ ଜବାବ ତଲବ ସହିତ ଉଚିତ ପଦକ୍ଷେପ ନେବାକୁ କଂଗ୍ରେସ ସ୍ମାରକପତ୍ରରେ ଉଲ୍ଲେଖ କରିଛି।


ଓଡ଼ିଶା ସରକାର

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଘୋଷଣା**

**No. RDM-LAB-BOUDH-0023-2018-6067/R&DM** **Dated: 7 Feb. 2020**

No. XXXI-16: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନ୍‌ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ୍‌ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା: ଚମ୍ପାପୁର, ଥାନା: ବୌଦ୍ଧ ନଂ.- ୩୪୩, ତହସିଲ: ହରଭଙ୍ଗା, ଜିଲ୍ଲା: ବୌଦ୍ଧରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧାରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୨୭୫୭୩, ତା୨୬।୦୭।୨୦୧୮ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା- ୪୨୦୧୩, ତା୩୧।୧୨।୨୦୧୯ରିଖ ଅନୁସାରେ ଅଧିସୂଚନାର ବୈଧତା ତା୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଚମ୍ପାପୁର, ଥାନା: ବୌଦ୍ଧ ନଂ.- ୩୪୩, ଜିଲ୍ଲା: ବୌଦ୍ଧରେ ବିସ୍ଥାପିତ ପରିବାର ଥିବାରୁ ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.boudh.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ୍- ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ବୌଦ୍ଧ, ତହସିଲ: ହରଭଙ୍ଗା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଚମ୍ପାପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୨୮.୪୩୦ | ଏକର ୧୧.୪୧୦ | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ବୌଦ୍ଧ, ତହସିଲ: ହରଭଙ୍ଗା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ଅଟେ, ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା | | | | | | | |

ଅଧିସୂଚନାର ବୈଧ ତାରିଖ: ୨୮।୧୦।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./- ଅତିରିକ୍ତ ଶାସନ ସଚିବ**

**ଜମିର ତାଲିକା**
ଖୋର୍ଦ୍ଧାରୋଡ୍ - ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ଚମ୍ପାପୁର, ତହସିଲ: ହରଭଙ୍ଗା, ଥାନା: ବୌଦ୍ଧ (ନଂ.-୩୪୩), ଜିଲ୍ଲା: ବୌଦ୍ଧ
ଏ. ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୫ | ୭୪ | ୧.୩୧୦ | ୦.୦୮୦ | N/A | ଅନୁଛୟା ମହାରଣା, ସ୍ୱା.- କୁଳମଣି ମହାରଣା, ବା: ଚମ୍ପାପୁର |
| ୨ | ୭ | ୭୮ | ୦.୮୭୦ | ୦.୦୧୦ | N/A | ଉମାକାନ୍ତ ସାହୁ, ପି.- କୃପାସିନ୍ଧୁ ସାହୁ, ବା: ଚମ୍ପାପୁର |
| ୩ | ୧୧ | ୧୭୦ | ୦.୩୧୦ | ୦.୩୧୦ | N/A | କେଶବ ଚନ୍ଦ୍ର ମେହେର, ପି.- ସଂସାର ମେହେର, ବା: ଚମ୍ପାପୁର |
| ୪ | | ୧୭୫ | ୪.୧୩୦ | ୦.୨୪୦ | N/A | |
| ୫ | ୧୫ | ୧୪୫ | ୩.୯୨୦ | ୧.୮୩୦ | N/A | ଗୋପୀନାଥ ବାରିକ, ପି.- ଘାସ ବାରିକ, ବା: ଚମ୍ପାପୁର |
| ୬ | ୧୬ | ୬୮ | ୦.୩୪୦ | ୦.୨୭୦ | N/A | ଗୋବିନ୍ଦ ମେହେର, ପି.- ପରମାନନ୍ଦ ମେହେର, ବା: ଚମ୍ପାପୁର |
| ୭ | ୧୭ | ୬୭ | ୧.୦୦୦ | ୦.୨୫୦ | N/A | ଗୋବିନ୍ଦ ମେହେର, ପୀତବାସ ମେହେର, ଦୈତାରୀ ମେହେର, ପି.- ପରମାନନ୍ଦ ମେହେର, ବା: ଚମ୍ପାପୁର |
| ୮ | ୧୮ | ୧୧୪ | ୧.୪୭୦ | ୦.୫୮୦ | N/A | ଚୈତନ୍ୟ ମେହେର, ପି.- ତ୍ରିପୁରାରୀ ମେହେର, ବା: ଚମ୍ପାପୁର |
| ୯ | ୨୪ | ୧୭୩ | ୨.୪୪୦ | ୨.୨୭୦ | N/A | ଡିଙ୍ଗର ମେହେର, ପି.- ନଟବର ମେହେର, ବା: ଚମ୍ପାପୁର |
| ୧୦ | ୪୨ | ୭୦ | ୦.୫୨୦ | ୦.୨୦୦ | N/A | ପବିତ୍ର ବିଶ୍ୱାଳ, ବିଶ୍ୱାମିତ୍ର ବିଶ୍ୱାଳ, ଯତିନ୍ଦ୍ର ବିଶ୍ୱାଳ, ପି.- ସମ୍ବାରୁ ବିଶ୍ୱାଳ, ବା: ଚମ୍ପାପୁର |
| ୧୧ | ୪୪ | ୬୯ | ୦.୪୩୦ | ୦.୪୩୦ | N/A | ପ୍ରଦୀପ ସେଠୀ, ପି.- ସହଦେବ ସେଠୀ, ଉଷା ସେଠୀ, ସ୍ୱା.- ସହଦେବ ସେଠୀ, ନକୁଳ ସେଠୀ, ତ୍ରିଲୋଚନ ସେଠୀ, ପି.- ମେଘୁ ସେଠୀ, ଚାତୋଲା ସେଠୀ, ସ୍ୱା.- ମେଘୁ ସେଠୀ, ବା: ଚମ୍ପାପୁର |
| ୧୨ | ୫୦ | ୭୩ | ୧.୦୭୦ | ୦.୦୭୦ | N/A | ପୂର୍ଣ୍ଣଚନ୍ଦ୍ର ମେହେର, ଦୁତିଆ ମେହେର, ଦୟାନିଧି ମେହେର, ପି.- ନନ୍ଦ ମେହେର, ବା: ଚମ୍ପାପୁର |
| ୧୩ | | ୧୧୩ | ୦.୮୯୦ | ୦.୪୯୦ | N/A | |
| ୧୪ | | ୧୭୪ | ୦.୭୧୦ | ୦.୦୬୦ | N/A | |
| ୧୫ | ୫୪ | ୭୧ | ୦.୮୫୦ | ୦.୭୩୦ | N/A | ଫକୀର ଚରଣ ସାହୁ, ପି.- ଭଗବାନ ସାହୁ, ବା: ଚମ୍ପାପୁର |
| ୧୬ | ୫୭ | ୭୭ | ୧.୦୧୦ | ୦.୪୪୦ | N/A | ବିଦ୍ୟାଧର ମେହେର, ପି.- ଦାମୋଦର ମେହେର, ବା: ଚମ୍ପାପୁର |
| ୧୭ | ୫୯ | ୭୫ | ୦.୨୭୦ | ୦.୨୭୦ | N/A | ବିଦେଶୀ ସାହୁ, ପି.- କୃପାସିନ୍ଧୁ ସାହୁ, ବା: ଚମ୍ପାପୁର |
| ୧୮ | ୬୩ | ୬୬ | ୩.୧୩୦ | ୧.୫୦୦ | N/A | ମଦନ ମେହେର ପି.- ଘାସି ମେହେର, ବା: ଚମ୍ପାପୁର |
| ୧୯ | ୭୫ | ୧୧୫ | ୦.୮୮୦ | ୦.୧୬୦ | N/A | ରୁଦ୍ରାକ୍ଷ ମେହେର, ପି.- ତ୍ରିପୁରାରୀ ମେହେର, ବା: ଚମ୍ପାପୁର |
| ୨୦ | | ୧୭୨ | ୦.୬୧୦ | ୦.୦୧୦ | N/A | |
| ୨୧ | ୭୬ | ୬୩ | ୦.୭୪୦ | ୦.୨୨୦ | N/A | ଲକ୍ଷ୍ମୀ ମେହେର, ପି.- ନଟବର ମେହେର, ବା: ଚମ୍ପାପୁର |
| ୨୨ | ୭୯ | ୭୨ | ୦.୩୧୦ | ୦.୩୧୦ | N/A | ଶଙ୍କର ମେହେର, ପି.- ବାସୁ ମେହେର, ବା: ଚମ୍ପାପୁର |
| ୨୩ | | ୧୧୧ | ୦.୮୯୦ | ୦.୫୦୦ | N/A | |
| ୨୪ | ୯୨/୧୧ | ୧୪୯/୨୮୦ | ୦.୦୪୦ | ୦.୦୪୦ | ଆଟ | ରଙ୍କ ମେହେର, ପି.- ରାମଚନ୍ଦ୍ର ମେହେର, ବା: ଚମ୍ପାପୁର |
| ୨୫ | ୯୨/୧୬ | ୧୪୯ | ୦.୦୫୦ | ୦.୦୨୦ | ଆଟ | ବଛ ମେହେର, ପି.- ପରମା ମେହେର, ବା: ଚମ୍ପାପୁର |
| ୨୬ | ୯୨/୧୭ | ୧୪୫/୨୮୨ | ୦.୧୯୦ | ୦.୦୭୦ | N/A | ସୁଷମା ବାରିକ, ପି.- ଗୋପୀନାଥ ବାରିକ, ସ୍ୱା.- ଧ୍ରୁବ ବାରିକ, ଧ୍ରୁବ ବାରିକ, ପି.- ବିମ୍ବା ବାରିକ, ବା: ଚମ୍ପାପୁର |
| ୨୭ | ୯୨/୧୮ | ୧୪୭ | ୦.୦୨୦ | ୦.୦୨୦ | ଆଟ | ହିମାଂଶୁ ବାରିକ, ପି.- ଗୋପୀ ବାରିକ, ବା: ଚମ୍ପାପୁର |
| ୨୮ | ୯୨/୫୦ | ୧୪୯/୩୧୩ | ୦.୦୩୦ | ୦.୦୩୦ | ଆଟ | ସୁକାନ୍ତି ମେହେର, ସ୍ୱା.- ସୁମନ୍ତ କୁମାର ମେହେର, ବା: ଚମ୍ପାପୁର |
| ମୋଟ | | | ୨୮.୪୩୦ | ୧୧.୪୧୦ | | |

OIPR-24001/14/0087/2021

## ସଂକ୍ଷେପରେ

### ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଚୌଦ୍ୱାର,୨୬।୮ (ଡି.ଏନ୍.ଏ):** ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ କପାଳେଶ୍ୱର ନୂଆସାହିରେ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ଚୌଦ୍ୱାର ଥାନା ପୋଲିସ ବୁଧବାର ଉଦ୍ଧାର କରିଛି। ସେ ହେଲେ ନୂଆସାହି ବାସିନ୍ଦା ପାରସନାଥ ସିଂଙ୍କ ପୁଅ ସରୋଜ। ଏ ନେଇ କେସ୍ ନଂ୨୬/୨୦ ରୁଜୁ ହୋଇଛି। ପରିବାର ଲୋକଙ୍କ କହିବାନୁଯାୟୀ, ସରୋଜ ଓ ତାଙ୍କ ସାନଭାଇ ମଙ୍ଗଳବାର ରାତିରେ ଘରେ ଶୋଇଥିଲେ। ଭୋରରେ ସରୋଜଙ୍କ ମୃତଦେହ ପଙ୍ଖାରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବଡ ଡାକ୍ତରଖାନା ପଠାଇଛି। ଘରୁ ମିଳିଥିବା ସୁଇସାଇଡ ନୋଟ୍ ଆଧାରରେ ଏହା ପ୍ରେମଜନିତ ଆତ୍ମହତ୍ୟା ବୋଲି ପୋଲିସ ସନ୍ଦେହ କରୁଛି।

### ଖୋର୍ଦ୍ଧା: ଗ୍ରାମାଞ୍ଚଳରେ ୪୧୨୧ ଆକ୍ରାନ୍ତ

**ଖୋର୍ଦ୍ଧା ଅଫିସ, ୨୬।୮:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ (ଖୋର୍ଦ୍ଧା, ଜଟଣୀ ପୌରାଞ୍ଚଳ ଓ ବାଣପୁର, ବାଲୁଗାଁ ଏନ୍ଏସିକୁ ବାଦ୍ ଦେଇ) ବୁଧବାର ୧୭୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୧୮ ଜଣ ସୁସ୍ଥ ହୋଇଛନ୍ତି। ଏପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲାରେ ମୋଟ ୪୧୨୧ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୪୯୦ ଜଣ ସୁସ୍ଥ ହୋଇଛନ୍ତି। ୧୬୦୬ ସକ୍ରିୟ ରୋଗୀ ଥିବାବେଳେ ୨୫ଜଣଙ୍କ ମୃତ୍ୟୁ ଘଟିଲାଣି। ବାଲିଅନ୍ତା ବ୍ଲକରେ ଜଣେ ଆକ୍ରାନ୍ତ ଓ ଜଣେ ସୁସ୍ଥ, ବାଲିପାଟଣାରେ ୧୨ ଆକ୍ରାନ୍ତ, ୫ ସୁସ୍ଥ, ଭୁବନେଶ୍ୱର ବ୍ଲକରେ ୨୦ ଆକ୍ରାନ୍ତ, ୬ ସୁସ୍ଥ, ଜଟଣୀ ବ୍ଲକରେ ୩୦ ଆକ୍ରାନ୍ତ, ୧୩ ସୁସ୍ଥ, ଖୋର୍ଦ୍ଧା ବ୍ଲକରେ ୩୬ ଆକ୍ରାନ୍ତ, ୧୮ ସୁସ୍ଥ, ବେଗୁନିଆରେ ୧୦ ଆକ୍ରାନ୍ତ, ୫ ସୁସ୍ଥ, ବୋଲଗଡ଼ରେ ଜଣେ ଆକ୍ରାନ୍ତ, ୩୫ ସୁସ୍ଥ ହୋଇଛନ୍ତି। ଟାଙ୍ଗୀରେ ୧୩ ଆକ୍ରାନ୍ତ, ୫ ସୁସ୍ଥ, ଚିଲିକାରେ ୪୬ ଆକ୍ରାନ୍ତ, ୭ ସୁସ୍ଥ ଏବଂ ବାଣପୁରରେ ୯ ଆକ୍ରାନ୍ତ ଓ ୨୩ ଜଣ ସୁସ୍ଥ ହୋଇଛନ୍ତି। ଏପର୍ଯ୍ୟନ୍ତ ବାଲିଅନ୍ତା ବ୍ଲକରୁ ଚିହ୍ନଟ ମୋଟ ୨୫୫ ସଂକ୍ରମିତଙ୍କ ମଧରେ ୧୪୮ ସୁସ୍ଥ, ୧୦୭ ସକ୍ରିୟ ରୋଗୀ ରହିଛନ୍ତି। ବାଲିପାଟଣାରେ ୧୯୦ ସଂକ୍ରମିତ, ୮୮ ସୁସ୍ଥ, ୧୦୨ ସକ୍ରିୟ, ଭୁବନେଶ୍ୱର ବ୍ଲକରେ ୩୦୪ ସଂକ୍ରମିତ, ୧୯୬ ସୁସ୍ଥ, ୧୦୭ ସକ୍ରିୟ ରୋଗୀ ଥିବାବେଳେ ଜଣଙ୍କ ମୃତ୍ୟୁ ଘଟିଛି। ଜଟଣୀ ବ୍ଲକରେ ୩୪୪ ସଂକ୍ରମିତ, ୨୧୪ ସୁସ୍ଥ, ୧୨୭ ସକ୍ରିୟ ଥିବାବେଳେ ୩ମୃତ, ଖୋର୍ଦ୍ଧା ବ୍ଲକରେ ୬୦୧ ସଂକ୍ରମିତ, ୨୯୨ ସୁସ୍ଥ, ୩୦୫ ସକ୍ରିୟ, ୪ମୃତ, ବେଗୁନିଆରେ ୨୩୫ ସଂକ୍ରମିତ, ୧୬୩ ସୁସ୍ଥ, ୭୦ ସକ୍ରିୟ ଓ ୨ମୃତ ଏବଂ ବୋଲଗଡରେ ୩୯୩ ସଂକ୍ରମିତ, ୩୦୫ ସୁସ୍ଥ, ୮୪ ସକ୍ରିୟ ରୋଗୀ ଥିବାବେଳେ ୪ଜଣଙ୍କ ଜୀବନ ଯାଇଛି। ଟାଙ୍ଗୀରେ ୪୯୮ ସଂକ୍ରମିତ, ୩୬୩ ସୁସ୍ଥ, ୧୩୨ ସକ୍ରିୟ, ୩ ମୃତ, ଚିଲିକାରେ ୬୬୬ ସଂକ୍ରମିତ, ୨୮୮ ସୁସ୍ଥ, ୩୭୪ ସକ୍ରିୟ, ୪ମୃତ ଏବଂ ବାଣପୁରରେ ୬୩୫ ସଂକ୍ରମିତ, ୪୩୩ ସୁସ୍ଥ, ୧୯୮ ସକ୍ରିୟ ରୋଗୀ ଥିବାବେଳେ ୪ ଜଣ ପ୍ରାଣ ହରାଇଛନ୍ତି।

# ଚାଷରେ ବ୍ୟବହାର ହେଲା ଝରଣାପାଣି

**ସମ୍ବଲପୁର,୨୬।୮ (ବ୍ୟୁରୋ)**


ଝରଣା ପାଣିକୁ ସଂରକ୍ଷିତ କରିବା ପାଇଁ ନିର୍ମାଣ କରାଯାଇଥିବା କୁଣ୍ଡ।

- ଏମ୍ଜିଏନ୍ଆର୍ଇଜିଏସ୍ ଯୋଜନା ସଫଳତା ଆଣିଲା
- ୨ କିମି ଦୂର କଟାରେ ସଂରକ୍ଷଣ ପାଣି
- ଆଗକୁ କାମ ଜାରି ରହିବ: ବିଡିଓ

ଜଙ୍ଗଲ ଭିତରେ ଝରଣା ପାଣି ଅପଚୟ ହେଉଥିଲା। ବର୍ଷାଋତୁରେ ଏହି ଝରଣା ପାଣିକୁ କେବଳ ଲୋକେ ବ୍ୟବହାର କରିପାରୁଥିଲେ। ଗ୍ରୀଷ୍ମ ଋତୁରେ ସେହି ପାଣି ବ୍ୟବହାର ହୋଇପାରୁ ନ ଥିଲା। ଝରଣାର ସେହି ଅପଚୟ ଜଳକୁ ସଂରକ୍ଷଣ କରିବା ପାଇଁ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ପ୍ରଶାସନ ପକ୍ଷରୁ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏମ୍ଜିଏନ୍ଆର୍ଇଜିଏସ୍ ଯୋଜନାରେ ଡାଇଭର୍ସନ ୱାଲ୍, କଂକ୍ରିଟ ଡ୍ରେନ ଓ ମାଟି କେନାଲ ନିର୍ମାଣ କରି ବୋହି ଯାଉଥିବା ପାଣିକୁ ୨ କିମି ଦୂର କଟାରେ ସଂରକ୍ଷଣ ରଖାଯାଉଛି । ଏଥିରୁ ଚାଷୀମାନେ ଚାଷ ଉପଯୋଗୀ ଜଳ ପାଇ ପାରୁଛନ୍ତି। ଗ୍ରାମ କଟାରୁ ପାଣି ନେଇ ପ୍ରାୟ ୫୦ ହେକ୍ଟର ଜମି ଚାଷ କରାଯାଉଛି । ଏହା ସହ ଏହି ଯୋଜନା କରୋନା ସମୟରେ ଶ୍ରମିକମାନଙ୍କୁ ରୋଜଗାର ଦେଇପାରିଛି ।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ କୟାକୁଦ ଗ୍ରାମର କୁଟୁରଲଟିଆ ଝରଣାରେ ଏହି ପ୍ରକଳ୍ପ ୨୦୨୦-୨୧ ଆର୍ଥିକ ବର୍ଷରେ ନିର୍ମାଣ ହୋଇଛି। ଏ ସମ୍ପର୍କରେ ଏମ୍ଜିଏନ୍ଆର୍ଇଜିଏସ୍ ବ୍ଲକ ପ୍ରୋଗ୍ରାମ ଅଫିସର ବିଶ୍ୱରଞ୍ଜନ ପ୍ରଧାନ ସୂଚନା ଦେଇ କହିଛନ୍ତି, ଝରଣା ପାଣିକୁ ସଞ୍ଚୟ କରିବା ପାଇଁ ଯୋଜନା କରାଯାଇଥିଲା। ତିନୋଟି ଭାଗରେ ଏହି ଯୋଜନା ରହିଛି। ପ୍ରଥମେ ଝରଣା ପାଣିକୁ ଅଟକାଇବା ପାଇଁ ଡାଇଭର୍ସନ ୱାଲ ନିର୍ମାଣ କରାଗଲା। ଉପଯୁକ୍ତ ସ୍ଥାନ ଚିହ୍ନଟ କରି ସିମେଣ୍ଟ କଂକ୍ରିଟ, ଲୁହା ରଡ଼ ବ୍ୟବହାର କରି ୱାଲ ନିର୍ମାଣ କରାଗଲା । ଏଥିରେ ପ୍ରାୟ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି । ସେହିପରି ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରାୟ ୩୫୦ ମିଟରର କଂକ୍ରିଟ ଡ୍ରେନ ନିର୍ମାଣ କରାଯାଇଛି । ଡାଏଭର୍ସନ ୱାଲଠାରୁ ଏହା ଆରମ୍ଭ ହୋଇଛି। ଅନୁଦାନ ଅଭାବ ଯୋଗୁ ମାଟି କେନାଲ ମଧ୍ୟ ତିଆରି କରାଯାଇଛି। ବର୍ଷା ପାଣି ପ୍ରଥମେ ଡ୍ୟାମରେ ଗଚ୍ଛିତ ରହୁଛି । ଅଧିକ ହେଲେ ପାଣି ତଳକୁ ପ୍ରବାହିତ ହୋଇଯାଉଛି । ଡିଜାଇନ୍ ଅନୁସାରେ ଡ୍ୟାମ୍‌ରେ ଗଚ୍ଛିତ ପାଣି ଡ୍ରେନ ଓ କେନାଲ ଦେଇ ୨ କିମି ଦୂରରେ ଥିବା ଗ୍ରାମର କଟାରେ ପଡୁଛି। ଗ୍ରାମରେ ଚାଷୀମାନେ ସେହି ପାଣି ନେଇ ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ଏହି ଗଚ୍ଛିତ ପାଣିରେ ପ୍ରାୟ ୫୦ ହେକ୍ଟର ଜମି ଚାଷ ହେଉଥିବା ଆକଳନ କରାଯାଇଛି। ଧାନ ଫସଲ ସହ ରବିଋତୁରେ ପନିପରିବା ଚାଷ ମଧ୍ୟ ଚାଷୀମାନେ କରିପାରିବେ ବୋଲି ସେ କହିଥିଲେ ।

ଏ ସମ୍ପର୍କରେ ଯୁଯୁମୁରା ବିଡ଼ିଓ ସୁରଜ ବିଶ୍ୱାଳ କହିଛନ୍ତି, କରୋନା କଟକଣା ସମୟରେ ଏମ୍ଜିଏନ୍ଆର୍ଇଜିଏସ୍‌ରେ କାମ ଦେବା ପାଇଁ ସରକାରଙ୍କ ଯୋଜନା ରହିଥିଲା । ତେଣୁ ପ୍ରବାସୀ ଓ ସ୍ଥାନୀୟ ଶ୍ରମିକଙ୍କୁ ରୋଜଗାର ଦେବା ସହ ଜନସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରକଳ୍ପ ହାତକୁ ନିଆଯାଇଥିଲା। ପ୍ରାୟ ୨ କିମି ଦୂରରେ ଥିବା କଟାରେ ଝରଣା ପାଣିକୁ ସଂରକ୍ଷିତ କରିବାର ଯୋଜନା କରାଗଲା । ପ୍ରଥମେ ଏହା ଅସମ୍ଭବ ଭଳି ଲାଗୁଥିଲା । କାମ ଆରମ୍ଭ ପରେ ଧିରେ ଧିରେ ପ୍ରକଳ୍ପ ସଫଳ ହେବାର ଆଶା କରାଯାଇଥିଲା । ୨ କିମି ଦୂର କଂକ୍ରିଟ କରିବା ପ୍ରଥମ ପର୍ଯ୍ୟାୟରେ ଅସମ୍ଭବ। ପର୍ଯ୍ୟାୟକ୍ରମେ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବ। ଯୁଯୁମୁରା ବ୍ଲକରେ ଏଭଳି ଆହୁରି ଅନେକ ପ୍ରସ୍ତାବ ରହିଛି ଯାହା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଥିଲେ।

## ପ୍ଲାଜ୍ମା ଦେଲେଣି ୫୨ ପୋଲିସ କର୍ମଚାରୀ

**କଟକ ଅଫିସ,୨୬।୮**

କରୋନା ସଂକ୍ରମଣରୁ ମୁକ୍ତ ହେବା ପରେ ଓଡ଼ିଶା ପୋଲିସରେ କାର୍ଯ୍ୟରତ ୫୨ ଜଣ କରୋନା ଯୋଦ୍ଧା ଇତିମଧ୍ୟରେ ପ୍ଲାଜ୍ମା ଦାନ କରିସାରିଲେଣି। ଏହା ରାଜ୍ୟ ପାଇଁ ଗୌରବ ବୋଲି ଓଡ଼ିଶା ପୋଲିସ ମୁଖ୍ୟାଳୟ କହିଛି। ଏସ୍‌ସିବି, ଆଇଜିଏଚ୍ ରାଉରକେଲା, ଭିମ୍‌ସାର ବୁର୍ଲାରେ ଏହି ପ୍ଲାଜ୍ମା ସଂଗ୍ରହ କରାଯାଇଛି। ଛତ୍ରପୁର ଓଏସ୍ଏପି ଅଷ୍ଟମ ବାଟାଲିୟନ ସର୍ବାଧିକ ପ୍ଲାଜ୍ମା ଦେଇଛି। ଏଠାରୁ ୧୪ ଜଣ କରୋନା ଯୋଦ୍ଧା ପ୍ଲାଜ୍ମା ଦାନ କରିଛନ୍ତି। ଝାରସୁଗୁଡ଼ା ଓଏସ୍ଏପି ଦ୍ୱିତୀୟ ବାଟାଲିୟନର ୬, କୋରାପୁଟ ଓଏସ୍ଏପି ତୃତୀୟ ବାଟାଲିୟନର ୫, ରାଉରକେଲା ଓଏସ୍ଏପି ୪ର୍ଥ ବାଟାଲିୟନର ଜଣେ, କଟକ ଓଏସ୍ଏପି ଷଷ୍ଠ ବାଟାଲିୟନର ଜଣେ, କୋରାପୁଟର ପ୍ରଥମ ଇଣ୍ଡିଆ ରିଜର୍ଭ ବାଟାଲିୟନର ଜଣେ, ଦେବଗଡ଼ ୪ର୍ଥ ଇଣ୍ଡିଆ ରିଜର୍ଭ ବାଟାଲିୟନର ୩, ବୌଦ୍ଧ ପଞ୍ଚମ ଇଣ୍ଡିଆ ରିଜର୍ଭ ବାଟାଲିୟନର ୨, ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲର ଜଣେ, ଗଞ୍ଜାମ ଜିଲା ପୋଲିସର ୨, କଟକ ଜିଲା ପୋଲିସର ୪, ଗଜପତି ଜିଲା ପୋଲିସର ୬, ସୁନ୍ଦରଗଡ଼ ଜିଲା ପୋଲିସର ୩ ଓ ପୁରୀ, ନୟାଗଡ଼, ବ୍ରହ୍ମପୁର ଜିଲା ପୋଲିସର ଜଣେ ଲେଖାଏ ପ୍ଲାଜ୍ମା ଦେଇଛନ୍ତି।

## ସହରରେ ହୋମ୍ ଆଇସୋଲେଶନ ପ୍ରତି ଆଗ୍ରହ ବଢୁଛି

**କଟକ ଅଫିସ,୨୬।୮**

**ଦୁଇଦିନରେ ଏକାନ୍ତବାସରେ ୫ଶହ ଆକ୍ରାନ୍ତ**

କଟକ ସହରରେ ହୋମ୍ ଆଇସୋଲେଶନ ବା ଏକାନ୍ତବାସରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବୁଧବାର ସୁଦ୍ଧା ମୋଟ ୭୮୬ ଜଣ କରୋନା ସଂକ୍ରମିତ ଘରେ ରହି ଚିକିତ୍ସିତ ହୋଇଛନ୍ତି। ଏଥିରୁ ଗତ ଦୁଇ ଦିନରେ ହିଁ କେବଳ ୫ ଶହ ରୋଗୀ ହୋମ୍ ଆଇସୋଲେଶନରେ ରହିଛନ୍ତି। କୋଭିଡ୍ ହସ୍ପିଟାଲ କିମ୍ବା କୋଭିଡ୍ କେୟାର ସେଣ୍ଟର ବ୍ୟତୀତ ଉପରୋକ୍ତ ଧରଣର ଆକ୍ରାନ୍ତ ଏକାନ୍ତବାସ ପ୍ରତି ଆଗ୍ରହୀ ହେଉଛନ୍ତି।

ଉଲ୍ଲେଖଯୋଗ୍ୟ, ଯେଉଁ କରୋନା ଆକ୍ରାନ୍ତ ଲକ୍ଷଣହୀନ କିମ୍ବା ସାମାନ୍ୟ ଲକ୍ଷଣଯୁକ୍ତ ଅଥବା ଅସୁସ୍ଥ ଅନୁଭବ କରୁ ନ ଥିବେ, ସେମାନେ ନିଜ ଘରେ ରହି ଚିକିତ୍ସିତ ହୋଇପାରିବେ। ସେମାନଙ୍କୁ ହୋମ୍ ଆଇସୋଲେଶନ ପାଇଁ ଅନୁମତି ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ଜାରି କରିଥିବା ସମସ୍ତ ଗାଇଡ୍‌ଲାଇନ ମାନିବାକୁ ପଡ଼ିବ ବୋଲି କିଛି ଦିନ ତଳେ କଟକ ମହାନଗର ନିଗମ (ସିଏମ୍‌ସି) ନିର୍ଦ୍ଦେଶନାମା ଜାରି କରିଥିଲା। ଉପରୋକ୍ତ ଧରଣର ଆକ୍ରାନ୍ତ ଯେଉଁ ଘରେ ଏକାନ୍ତବାସରେ ରହିବେ, ସେଠାରେ ବ୍ୟକ୍ତିଗତ କୋଠରି, ପାଇଖାନାର ବ୍ୟବସ୍ଥା ରହିବା ବାଧ୍ୟତାମୂଳକ। ସିଏମ୍‌ସିର ରାପିଡ ରେସ୍ପନ୍ସ ଟିମ୍ ସମସ୍ତ ସୁବିଧା ତଦାରଖ କରିବା ପରେ ୱାର୍ଡ ଅଫିସର ସେକ୍ଟର ଅଫିସରଙ୍କ ସହ ଆଲୋଚନା କରି ରୋଗୀଙ୍କୁ ଏକାନ୍ତବାସ ପାଇଁ ଅନୁମତି ଦିଆଯିବ। ଏଯାବତ୍ ସିଏମ୍‌ସି ଅଞ୍ଚଳରେ ମୋଟ ୭୮୬ ଜଣ ଏକାନ୍ତବାସରେ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୭ ଜଣ ସୁସ୍ଥ ହୋଇଛନ୍ତି। ବାକି ୬୫୯ଟି କେସ୍ ସକ୍ରିୟ ରହିଛି। ସହରର ବସ୍ତି ଅଞ୍ଚଳରେ ହୋମ୍ ଆଇସୋଲେଶନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଲାଗି ରହୁଛି। ଏନେଇ ସିଏମ୍‌ସିର ଯୁଗ୍ମ କମିଶନର ସୁମିତା ସରକାର କହିଛନ୍ତି ଯେ, କେତେକ ଲୋକ ଏହି ନିୟମକୁ କଡ଼ାକଡ଼ି ପାଳନ କରୁଛନ୍ତି। ମାତ୍ର ବସ୍ତି ଅଞ୍ଚଳରେ ଆଇସୋଲେଶନ ବ୍ୟବସ୍ଥାର ସଠିକ ସୁବିଧା ନ ଥିବାରୁ ସେମାନଙ୍କ ଅନୁମତି ଦିଆଯାଉ ନାହିଁ।

## ୩ ଲକ୍ଷ ୮୨ ହଜାର ୮୫୦ ଜରିମାନା

**କୋଭିଡ୍ ନିୟମ ଉଲ୍ଲଂଘନ**

**ଖୋର୍ଦ୍ଧା ଅଫିସ, ୨୬।୮:**

କୋଭିଡ ନିୟମ ଉଲ୍ଲଂଘନ ନେଇ ଭୁବନେଶ୍ୱର ଉପଖଣ୍ଡରେ ଚଳିତ ମାସ ୨୫ ତାରିଖ ସୁଦ୍ଧା ୩ଲକ୍ଷ ୮୨ ହଜାର ୮୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିରୁ ବିନା ମାସ୍କ ପରିଧାନ ଯୋଗୁ ୨ଲକ୍ଷ ୩ହଜାର ୩୫୦ଟଙ୍କା ଏବଂ ସାମାଜିକ ଦୂରତା ନିୟମ ଉଲ୍ଲଂଘନ ନେଇ ୧ଲକ୍ଷ ୭୯ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି। ବାଲିଅନ୍ତା ବ୍ଲକରୁ ୪୭ ହଜାର୫ ଶହ, ବାଲିପାଟଣା ବ୍ଲକରୁ ୨୦ ହଜାର ୪ଶହ, ଭୁବନେଶ୍ୱର ବ୍ଲକରୁ ୭୧ ହଜାର, ଜଟଣୀ ବ୍ଲକରୁ ୨ଲକ୍ଷ ୭ହଜାର ୮୫୦ ଏବଂ ଜଟଣୀ ପୌରାଞ୍ଚଳରୁ ୩୬ହଜାର ୧୦୦ ଟଙ୍କା ଆଦାୟ କରାଯାଇଛି। ସେହିପରି ଭୁବନେଶ୍ୱର ଉପଖଣ୍ଡରେ ୧୩୧ ଆବଦ୍ଧାଞ୍ଚଳ (କଣ୍ଟେନମେଣ୍ଟ ଜୋନ୍) ଘୋଷଣା କରାଯାଇଥିବା ବେଳେ ୧୨୪ଟିର ଅବଧି ସରିଛି। ଭୁବନେଶ୍ୱର ବ୍ଲକରେ ସର୍ବାଧିକ ୭୩ଟି କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବା ବେଳେ ବାଲିଅନ୍ତା ବ୍ଲକରେ ୧୨, ବାଲିପାଟଣା ବ୍ଲକରେ ୧୦, ଜଟଣୀ ବ୍ଲକରେ ୧୯ ଏବଂ ପୌରାଞ୍ଚଳରେ ୧୭ଟି କଣ୍ଟେନମେଣ୍ଟ ଜୋନ୍ ରହିଥିବା ଜଣାପଡ଼ିଛି।

## ପ୍ରଶାସନ ଦେଲା ଡଙ୍ଗା, ଆଶ୍ୱସ୍ତ ହେଲେ ଜଳବନ୍ଦୀ


ଉତ୍ତରକୋଣା ଗ୍ରାମବାସୀଙ୍କ ପାଇଁ ପହଞ୍ଚିଥିବା ଡଙ୍ଗା।

**ପୁରୀ ଅଫିସ,୨୬।୮**

ମହାନଦୀରେ ପ୍ରବାହିତ ହେଉଛି ବନ୍ୟା ପାଣି। ଫଳରେ ଏହାର ଶାଖା ନଦୀଗୁଡ଼ିକ ମଧ୍ୟ ଫୁଲିବାରେ ଲାଗିଛି। ପୁରୀ ଜିଲାର ଭାର୍ଗବୀ ନଦୀରେ ବନ୍ୟାପାଣି ଉଚ୍ଛୁଳି କେତେକ ତଳିଆ ଅଞ୍ଚଳରେ ପଶିଛି। ପୁରୀ ସଦର ବ୍ଲକ ଅନ୍ତର୍ଗତ ବାଟଗାଁ-ଉତ୍ତରକୋଣା ରାସ୍ତାର ନୂଆଗାଁ ନିକଟରେ ବନ୍ୟାପାଣି ପ୍ରବାହିତ ହେଉଛି। ପ୍ରାୟ ୨୦୦ ଫୁଟରୁ ଅଧିକ ରାସ୍ତାରେ ପାଣିର ସୁଅ ପଡ଼ିଛି। ୧୦ ଦିନ ହେବ ଉତ୍ତରକୋଣା ଗ୍ରାମବାସୀ ଏକପ୍ରକାର ବାହ୍ୟଜଗତରୁ ବିଚ୍ଛିନ୍ନ ରହିଛନ୍ତି। ସୁଅ ପଡ଼ିଥିବାରୁ ଲୋକେ ଯିବାକୁ ନିରାପଦ ମଣୁନାହାନ୍ତି। ଜଣେ ବ୍ୟକ୍ତି ପାଣି ଭିତରେ ପଶି ଯିବାବେଳେ ଗୋଡ଼ ଖାଲରେ ପଡ଼ିଯାଇଥିଲା। ଫଳରେ ସେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତେଣୁ ପ୍ରଭାବିତ ଲୋକେ ବିଭିନ୍ନ କାମରେ ବାଟଗାଁକୁ ବାହାରିବା ନିମନ୍ତେ ପ୍ରଶାସନକୁ ଏକ ଡଙ୍ଗା ମାଗିଥିଲେ। ବୁଧବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଏକ ଡଙ୍ଗା ଯୋଗାଇ ଦିଆଯାଇଛି। ଏଥବଯୋଗୁ ସ୍ଥାନୀୟ ଲୋକେ କିଛି ମାତ୍ରାରେ ଆଶ୍ୱସ୍ତ ହୋଇଛନ୍ତି। ଗୁରୁବାରଠାରୁ ବନ୍ୟାଜଳ ପ୍ରବାହିତ ହେଉଥିବା ରାସ୍ତା ପାରି ହେବା ପାଇଁ ଏହି ଡଙ୍ଗା ବ୍ୟବହାର କରାଯିବ ବୋଲି ଉତ୍ତରକୋଣାର ଲକ୍ଷ୍ମୀଧର ପ୍ରଧାନ କହିଛନ୍ତି।

## ବଗଲା ବିବାଦ: ଭାଜପାର ଧାରଣା ଜାରି

**ପୁରୀ ଅଫିସ,୨୬।୮**

ବଗଲା ଧର୍ମଶାଳା ଜମି ବିବାଦକୁ ନେଇ ଭାଜପାର ବିରୋଧ ଜାରି ରହିଛି। ଦଳ ପକ୍ଷରୁ ଧର୍ମଶାଳା ସମ୍ମୁଖରେ ଚାଲିଥିବା ଧାରଣା ବୁଧବାର ପହଞ୍ଚିଛି। ଭାଜପାର ପୂର୍ବତନ ପୁରୀ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଦିଆଯାଇଥିବା ଏହି ଧାରଣାରେ ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ଓ ବହୁ କର୍ମକର୍ତ୍ତା ସାମିଲ ଥିଲେ। ସରକାର ତୁରନ୍ତ ତାଙ୍କ ନିଷ୍ପତ୍ତି ବଦଳାନ୍ତୁ ଏବଂ ଯେଉଁ ୬ଟି ବିକ୍ରି କବଲା କରାଯାଇଛି ତାକୁ ରଦ୍ଦ କରନ୍ତୁ। ଏହି ବେଆଇନ ବିକ୍ରିକୁ କଦାପି ବରଦାସ୍ତ କରାଯିବ ନାହିଁ। ବଗଲା ଧର୍ମଶାଳାର ପୁନରୁଦ୍ଧାର କରାଯାଇ ସେଠାରେ ଗରିବ ଭକ୍ତଙ୍କ ରହଣି ସୁବିଧା କରାଯାଉ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ସରକାର ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଦଳର କର୍ମକର୍ତ୍ତାମାନେ କହିଛନ୍ତି।

## କିସ୍ତି ଟଙ୍କା ନେବାକୁ ଆସି ପିଟିଲେ କର୍ମଚାରୀ

**ଜଗତ୍‌ସିଂହପୁର ଅଫିସ/ରାହାମା, ୨୬।୮ (ଡି.ଏନ୍.ଏ.)**

- କୋଭିଡ୍ ବେଳେ ଫାଇନାନ୍ସ କମ୍ପାନୀର ଦାଦାଗିରି
- ତିର୍ତ୍ତୋଲ ଥାନାରେ ୨ ଅଟକ

କରୋନା ଭୂତାଣୁ ସଂକ୍ରମଣ ଯୋଗୁ ଜୀବନଜୀବିକା ବ୍ୟାହତ ହୋଇପଡ଼ିଛି। ଅନେକେ ଜୀବିକା ହରାଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏ ପରିସ୍ଥିତିରେ ଫାଇନାନ୍ସ କମ୍ପାନୀର ଜୁଲମ ଅସହ୍ୟ ହେଉଛି। ଏଭଳି ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ଥାନା ଅନ୍ତର୍ଗତ ତେରମାଣପୁର (ବାଲିସାହି) ଗ୍ରାମରେ ଦେଖିବାକୁ ମିଳିଛି। ବୁଧବାର ଅପରାହ୍ନ ପ୍ରାୟ ୧୨ଟା୪୦ରେ ଏହି ଗ୍ରାମର ସୁନାକର ବେହେରାଙ୍କ ଘରେ ଏକ ଫାଇନାନ୍ସ ସଂସ୍ଥାର କର୍ମଚାରୀ କହି ୨ ଜଣ ବ୍ୟକ୍ତି ପହଞ୍ଚି ତାଙ୍କୁ କିସ୍ତି ଟଙ୍କା ମାଗିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ଭୁବନେଶ୍ୱର ବରମୁଣ୍ଡାର ଅରବିନ୍ଦ ଓଝା ଓ ତାରପୁରର ଅରବିନ୍ଦ ମହାପାତ୍ର। ବେହେରାଙ୍କ ଅଭିଯୋଗକ୍ରମେ ତିର୍ତ୍ତୋଲ ପୋଲିସ ମାମଲା ସଂଖ୍ୟା ୨୮୩/୨୦ ରୁଜୁ କରିବା ସହ ୨ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏଥିସହ ବାଇକ୍ (ନଂ.ଓଡି ୦୨ଏଲ୍ ୦୭୮୩) ଜବତ କରି ତଦନ୍ତ ଜାରି ରଖିଥିବା ଆଇଆଇସି କୃଷ୍ଣପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

ବେହେରା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ପୂର୍ବରୁ ଉକ୍ତ ଫାଇନାନ୍ସ ସଂସ୍ଥାରୁ ଋଣ ଆଣି ଶୁଝିଥିଲେ। ପରେ ଆଉ କିଛି ଋଣ କରିଥିଲେ। ପ୍ରତି ମାସରେ କିସ୍ତି ଟଙ୍କା ଶୁଝୁଥିଲେ। କିନ୍ତୁ କୋଭିଡ୍ ଯୋଗୁ କେତୋଟି କିସ୍ତି ଦେବା ସମ୍ଭବ ହୋଇ ନ ଥିଲା। ୨୫ ତାରିଖରେ ଫାଇନାନ୍ସ ସଂସ୍ଥା ପକ୍ଷରୁ କିଛି ରାଶି ଦେବାକୁ କୁହାଯାଇଥିଲା। କିନ୍ତୁ ଏବେ ଟଙ୍କା ଦେବା ସମ୍ଭବ ନୁହେଁ ବୋଲି ସେ ଅନୁରୋଧ କରି ସମୟ ମାଗିଥିଲେ। କିନ୍ତୁ ବୁଧବାର ସେ ଘରେ ନ ଥିବାବେଳେ ସମ୍ପୃକ୍ତ ୨ ବ୍ୟକ୍ତି ଏହି ଫାଇନାନ୍ସ ସଂସ୍ଥାର କର୍ମଚାରୀ କହି ତାଙ୍କ ଘରେ ପହଞ୍ଚି ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଖୋଜାଖୋଜି କରିଥିଲେ। ଏ ସମ୍ପର୍କରେ ବେହେରା ସ୍ତ୍ରୀଙ୍କ ଫୋନ୍ କଲ୍ ପାଇ ରାହାମା ହାଟରୁ ଆସି ଘରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ପହଞ୍ଚିଲା ପରେ ଯାହା ଦେଖିଥିଲେ ବିସ୍ମିତ ହୋଇ ଯାଇଥିଲେ। ଅଭିଯୁକ୍ତଦ୍ୱୟ ଜୋରଜବରଦସ୍ତ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରୁଥିଲେ। କିସ୍ତି ଟଙ୍କା ନ ଦେଲେ ତାଙ୍କୁ ଜୀବନରେ ଶେଷ କରିଦେବେ ବୋଲି ଧମକ ଦେଉଥିଲେ। ଏହି ସମୟରେ ସେ ତାଙ୍କ ଗାଡି ବୁଲାଇ ରଖିବାକୁ ଯାଉଥିବା ବେଳେ ଅଭିଯୁକ୍ତଦ୍ୱୟ ଆସି ଗାଡିରୁ ଘୋଷାରି ତଳେ ପକାଇ ବେହେରାଙ୍କୁ ମାଡ ମାରିଥିଲେ। ଏପରି କି ଭୁଜାଲିରେ ଆକ୍ରମଣ କରିବାକୁ ଉଦ୍ୟମ କଲାବେଳେ ଗାଁ ଲୋକେ ପହଞ୍ଚି ଯିବାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ତାଙ୍କ ପକେଟ୍‌ରେ ଥିବା ୨,୪୦୦ ଟଙ୍କା ଛଡାଇ ନେଇ ଯାଇଛନ୍ତି।

# ‘ନବଜୀବନପୁର’ର ନବକଳେବର


ଶିଳ୍ପୀ ଓ ପର୍ଯ୍ୟଟକଙ୍କ ପାଇଁ ନିର୍ମାଣ ହୋଇଥିବା ବିକ୍ରୟ କେନ୍ଦ୍ର, ପ୍ରଦର୍ଶନୀ ହଲ୍।

**(ରତନ ନାୟାର)**
**ଢେଙ୍କାନାଳ ଅଫିସ, ୨୬।୮**

- ଗ୍ରାମୀଣ ପର୍ଯ୍ୟଟନର ନୂଆ ସମ୍ଭାବନା
- ଡୋକ୍ରା ହସ୍ତଶିଳ୍ପକୁ ମିଳିବ ସ୍ୱତନ୍ତ୍ର ପରିଚୟ
- ଦୁଇ ପର୍ଯ୍ୟାୟରେ ଖର୍ଚ୍ଚ ହୋଇଛି ୫ କୋଟି
- ସଜେଇ ହୋଇଛି ଗାଁ, ପର୍ଯ୍ୟଟକଙ୍କୁ ଅପେକ୍ଷା

ଭାରତର ଗ୍ରାମାଞ୍ଚଳର ଲୋକଙ୍କ ଭିତରେ ରହିଥିବା ଆତ୍ମୀୟତା, ଉତ୍ତମ ବ୍ୟବହାର ସାଙ୍ଗକୁ ଭିନ୍ନଧରଣର ଖାଦ୍ୟପେୟ, ଲୋକକଳା ଏବଂ ପାରମ୍ପରିକ କୁଟୀର ଶିଳ୍ପ ଦେଶବିଦେଶର ପର୍ଯ୍ୟଟକଙ୍କୁ ଟାଣି ଆଣିବାର ସାମର୍ଥ୍ୟ ରଖେ। ଏହାକୁ ନଜରରେ ରଖି ଗ୍ରାମୀଣ ପର୍ଯ୍ୟଟନ (ରୁରାଲ୍ ଟୁରିଜମ୍) ଉପରେ ଦୃଷ୍ଟି ନିବଦ୍ଧ କରିଛି ସରକାର, ଯାହା ବାରିହୋଇପଡୁଛି ଢେଙ୍କାନାଳ ଜିଲାର ଡୋକ୍ରା ଶିଳ୍ପୀଙ୍କ ଗାଁ ନବଜୀବନପୁର (ସଦେଇବେରେଣୀ)ରୁ। ରୁରାଲ ଟୁରିଜମରେ ଯୋଡ଼ିହେବା ପରେ ଏହି ଗାଁ ନୂଆ ରୂପରେ ଝଲସୁଛି। ପର୍ଯ୍ୟଟକଙ୍କ ଆଗମନ ହେଲେ ବିଦେଶୀ ପୁଞ୍ଜି ପ୍ରବାହ ସହ ପାରମ୍ପରିକ ଡୋକ୍ରା ହସ୍ତଶିଳ୍ପ ସ୍ୱତନ୍ତ୍ର ପରିଚୟ ପାଇବ ବୋଲି ଆଶାବାଦୀ ଅଛନ୍ତି ଅଞ୍ଚଳର ଶିଳ୍ପୀ ପରିବାର।

ଢେଙ୍କାନାଳ ଜିଲାର ଗ୍ରାମୀଣ ପର୍ଯ୍ୟଟନକୁ ବଳ ଯୋଗାଇବାକୁ ସଦର ବ୍ଲକ ସପ୍ତଶଯ୍ୟାକୁ ଆକର୍ଷଣୀୟ କରିବା ପାଇଁ ପଦକ୍ଷେପ ନେଇଥିଲେ ସରକାର। ଫୋକସ୍‌ରେ ରହିଥିଲା ପ୍ରସିଦ୍ଧ ଡୋକ୍ରା ହସ୍ତଶିଳ୍ପୀଙ୍କ ଗାଁ ନବଜୀବନପୁର। ୨୦୧୬-୧୭ ଆର୍ଥିକ ବର୍ଷରେ ତତ୍କାଳୀନ ଜିଲାପାଳ ରୂପାରୋଶନ ସାହୁଙ୍କ ପ୍ରସ୍ତାବ କ୍ରମେ ଏଠାରେ ଆରମ୍ଭ ହୋଇଥିଲା ଉନ୍ନୟନ କାର୍ଯ୍ୟ। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ୩ କୋଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଜୁର ହୋଇଥିଲା ୨ କୋଟି ଟଙ୍କା। ପ୍ରାକୃତିକ ପରିବେଶ ପାଇଁ ସପ୍ତଶଯ୍ୟା ଦେଶବିଦେଶରେ ସୁନାମ ଅର୍ଜନ କରିଥିବାବେଳେ ନବଜୀବନପୁରରେ ପର୍ଯ୍ୟଟକ ଅନୁକୂଳ ବାତାବରଣ ତିଆରି କରିବାକୁ ଦିଆଯାଇଥିଲା ଗୁରୁତ୍ୱ, ଯାହା ସାକାର ରୂପ ନେଇଛି। ଅନୁଦାନ ମିଳିଥିବା ୫ କୋଟି ଟଙ୍କାରେ ମୁଖଶାଳା, ଡୋକ୍ରା କାରିଗରମାନେ ହସ୍ତଶିଳ୍ପ ନିର୍ମାଣ ଲାଗି ଏକ ହଲ୍, ସାମଗ୍ରୀ ବିକ୍ରୟ କେନ୍ଦ୍ର, ପ୍ରଦର୍ଶନୀ ହଲ୍, ବୈଠକଖାନା, ପର୍ଯ୍ୟଟକ ରହଣି ସ୍ଥଳ ନିର୍ମାଣ କରାଯାଇଛି। ପ୍ରକଳ୍ପ ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତକୁ ପ୍ରଦାନ କରାଯାଇଛି। ଇତିମଧ୍ୟରେ ପାଖାପାଖି ସମସ୍ତ କାମ ଶେଷ ହୋଇସାରିଥିବାବେଳେ ପର୍ଯ୍ୟଟକଙ୍କ ଅପେକ୍ଷାରେ ରହିଛି ଏହି ଶିଳ୍ପୀ ଗ୍ରାମ। କରୋନା କଟକଣା ହଟିବା ପରେ ନବଜୀବନପୁର ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶାପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ନବଜୀବନପୁର ଅଞ୍ଚଳରେ ୧୨୦ ଡୋକ୍ରା ଶିଳ୍ପୀ ରହୁଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଗ୍ରାମରେ ହସ୍ତଶିଳ୍ପ ନିର୍ମାଣ କରୁଛନ୍ତି। ଅନ୍ୟ କେତେକ ପରିବାର ସପ୍ତଶଯ୍ୟା ପାହାଡ଼ ପାଦଦେଶକୁ ଉଠିଯାଇ ଡୋକ୍ରା କଳାକୃତି ଗଢୁଛନ୍ତି। ଏହି ଦୁଇଗୋଷ୍ଠୀଙ୍କୁ ଏକାଠି କରାଗଲେ ଡୋକ୍ରା ଶିଳ୍ପର ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

### ପର୍ଯ୍ୟଟକ ଆସିଲେ ସଫଳତା ଜଣାପଡ଼ିବ



“ଗ୍ରାମୀଣ ପର୍ଯ୍ୟଟନର ବିକାଶ ଲାଗି ମଞ୍ଜୁର ହୋଇଥିବା ଅନୁଦାନରେ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ଶିଳ୍ପୀଗ୍ରାମ ନବଜୀବନପୁର ଏବେ ପର୍ଯ୍ୟଟକଙ୍କୁ ଅପେକ୍ଷା କରିଛି। ଆଗନ୍ତୁକ ଆସିବା ପରେ ପ୍ରକଳ୍ପର ସଫଳତା ଜଣାପଡ଼ିବ।

-ଜେଶସ ସାହୁ, ସପ୍ତଶଯ୍ୟା ସରପଞ୍ଚ

### ଭିନ୍ନ ଅନୁଭୂତି ସାଉଁଟିବେ ଆଗନ୍ତୁକ



“ଢେଙ୍କାନାଳ ଜିଲାକୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ରୁରାଲ ଟୁରିଜମରେ ଯୋଡ଼ି ହୋଇଥିବା ନବଜୀବନପୁର ସେମାନଙ୍କୁ ଭିନ୍ନ ଅନୁଭୂତି ଦେବ। ଏଥିଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି।

-ନରୋତ୍ତମ ବେହେରା, ପିଡି ଡିଆର୍‌ଡିଏ

### ପ୍ରକଳ୍ପକୁ ବ୍ୟାପକ କରାଯିବ



“ନବଜୀବନପୁରରେ ହୋଇଥିବା ସମସ୍ତ ପର୍ଯ୍ୟଟନ ସମ୍ପର୍କିତ ପ୍ରକଳ୍ପର ରକ୍ଷଣାବେକ୍ଷଣା ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। କରୋନା ସ୍ଥିତି ସୁଧୁରିବା ପରେ ପର୍ଯ୍ୟଟକଙ୍କ ଆଗମନକୁ ଲକ୍ଷ୍ୟ କରି ଆବଶ୍ୟକ ପଡ଼ିଲେ ପ୍ରକଳ୍ପକୁ ବ୍ୟାପକ କରାଯିବ।

-ଭୂମେଶ ଚନ୍ଦ୍ର ବେହେରା, ଜିଲାପାଳ

## କବିତା

### ପୀଡ଼ିତା

ଡକ୍ଟର ଶ୍ରୀହରି ଧଳ

ପବନକୁ ଚମକାଇ ପାରୁଥିବା
ଗୋଟେ ସିତ୍କାର।
ମାଟିକୁ ଥରେଇ ପାରୁଥିବା
ଗୋଟେ ଭୂକମ୍ପନ,
କେଉଁଠୁ ଆସେ ?

ଏବେ
ପାଣି ପିଠିରେ
ଚକ୍‌ଚକ୍ ଖରା।
ମାଛ କାତିରେ ଝଟକୁଥାଏ
ସକାଳର ମୁହଁ।
କିଏ ଜଣେ
ପାପସ୍ଥପତି
ପିନ୍ଧିପକାଏ
ଉଜ୍ଜ୍ୱଳ ଖରାର ଖୋଳ।
ଘୋଡ଼େଇ ଦିଏ
ମନ୍ତ୍ର ଧ୍ୱନୀରେ
ଆର୍ତ୍ତ ସ୍ୱର।

ଏମିତି କୁହୁଡ଼ି ପୃଷ୍ଠା ତଳେ ଥାଏ
କାନ୍ଦ କାନ୍ଦ
ଅନ୍ଧାରର ଗୀତ।
ଥାଏ–
ବିବୃତ୍ତିରେ, ବିଚାରରେ
ଜଣେ ପାପସ୍ଥପତିର
ଜୟ ଜୟକାର।
କେମିତି
ନିଜ ଦୁଃଖରେ
ମିଳେଇ ଯାଉ ଯାଉ
ଲୁହର ପ୍ରତିବାଦ,
ଭାଙ୍ଗି ପଡୁଥାଏ
ଗୋଟେ
କଅଁଳ ପାଖୁଡ଼ାର
ଇମାରତ୍।

ମୋ: ୯୪୩୮୪୩୭୦୯୨

### ପାଷାଣୀ ନର୍ତ୍ତକୀ

ପାୟଲ୍ ଦାସ

ତୁମ ନିହାଣରେ
ପ୍ରହାର ପରେ ପ୍ରହାର
ଓ... ସେ ପୀଡ଼ା
ସତରେ...
କି ଚମତ୍କାର !

ହେ ବିଶ୍ୱ... ମୁଁ ତୁମ ହାତ ଗଢ଼ା
ପାଷାଣୀ ନର୍ତ୍ତକୀ
ଚାହେଁ ଆଲିଙ୍ଗନ
ଆଞ୍ଜୁଳାଏ ପ୍ରେମ
ପ୍ରଗାଢ଼ ଚୁମ୍ବନ...
ନିହାଣରେ ତୁମର
ଖୋଦେଇଲ ଯାହା ଦେହ
ଖେଦିଗଲ ଯାର ମନ
ଗଢ଼ିଲ ସ୍ନାୟୁ, ସଞ୍ଚାରିଲ ରକ୍ତ
ଦେଲ ଚିମୁଟାଏ ନିଃଶ୍ୱାସ
ହଁ ମୁଁ ସେଇ ପାଷାଣୀ ନର୍ତ୍ତକୀ
ପାଇ ଜୀବନ୍ୟାସ
ଡାକେ ଆସ ଆସ
ରଚିବାକୁ...
ଆତ୍ମଘାତୀ ସହବାସ।।

ମୋ: ୭୨୦୫୦୫୩୯୬୮



### କାଳ କାଳକୁ




"ପ୍ରଜ୍ଞାର ଗର୍ବରେ ଫାଟି ପଡୁଥିବା
ହେ ମୋର ମଣିଷ,
ଆଃ, ତୁମେ କେଡ଼େ ଅଜ୍ଞ !"

– ମେରି ଶେଲୀ

**ମେରି ଶେଲୀ**ଙ୍କର ଜନ୍ମ ୩୦ ଅଗଷ୍ଟ ୧୭୯୭ରେ ଓ ମୃତ୍ୟୁ ୧ ଫେବୃୟାରୀ ୧୮୫୧ରେ, ଲଣ୍ଡନରେ। ବହୁ ଉପନ୍ୟାସର ରଚୟିତ୍ରୀ ଏହି ଲେଖିକା ଥିଲେ ପ୍ରସିଦ୍ଧ ଇଂଲିଶ୍ ରୋମାଣ୍ଟିକ୍ କବି ପି.ବି. ଶେଲୀଙ୍କର ପତ୍ନୀ। ଚର୍ଚ୍ଚିତ ଉପନ୍ୟାସ 'ଫ୍ରାଂକେନ୍‌ଷ୍ଟେଇନ୍' (୧୮୧୮) ସହିତ ସେ ଥିଲେ 'ଦ ଲାଷ୍ଟ ମ୍ୟାନ୍', 'ଭାଲ୍ ପର୍ଗା', 'ଲୋଡ଼େରେ', 'ଫକ୍‌ନର୍', 'ମାଥିଲ୍ଡା' ଓ 'ଦ ଫର୍ଚ୍ୟୁନ୍‌ସ ଅଫ୍ ପର୍କିନ୍' ଭଳି ଚର୍ଚ୍ଚିତ ଗ୍ରନ୍ଥର ଅମ୍ଳାନ ସ୍ରଷ୍ଟା। ସ୍ୱାମୀଙ୍କ ରଚନାବଳୀର ସମ୍ପାଦନା ଓ ପ୍ରସାର ଦିଗରେ ତାଙ୍କର ନିରଳସ ଉଦ୍ୟମ ଥିଲା ଉଲ୍ଲେଖନୀୟ।

# ରାହତ୍ ଇନ୍ଦୋରିଙ୍କ କବିତା: ଶବ୍ଦ ଯେଉଁଠି ଭୟଶୂନ୍ୟ

**ରାହତ୍ ଇନ୍ଦୋରିଙ୍କ ପରଲୋକ ଘଟିଛି ଏଇ ୧୧ ଅଗଷ୍ଟରେ, ତାଙ୍କ ଜନ୍ମିତ ସହର ଇନ୍ଦୋରରେ, ହୃଦ୍‌ଘାତରେ। ମୃତ୍ୟୁବେଳକୁ ତାଙ୍କର ବୟସ ହୋଇଥିଲା ୭୦ ବର୍ଷ। କୋଭିଡ୍–୧୯ ପୀଡ଼ିତ ହୋଇ ସ୍ଥାନୀୟ 'ଶ୍ରୀଅରବିନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍'ରେ ଚିକିତ୍ସାଧୀନ ଥିଲେ। ଆଶା ରଖିଥିଲେ ଅବିଳମ୍ବେ 'କୋଭିଡ୍'କୁ ପରାସ୍ତ କରି ସେ ପୁଣି ମୁସୈରାକୁ ଫେରି ଆସିବେ। କିନ୍ତୁ ତାଙ୍କର ଏହି ଅଭିଳାଷକୁ ମଞ୍ଜୁର ଦେଲା ନାହିଁ ମହାକାଳ। ଇନ୍ଦୋରିଙ୍କ ବିଦାୟ ସହିତ ଉର୍ଦ୍ଦୁ 'ମୁସୈରା' ମଞ୍ଚ ଅଭିଭାବକ ଶୂନ୍ୟ ହେଇଗଲା। ସେ ଥିଲେ ଦେଶର ଅନ୍ୟତମ 'ମୁସୈରା' ମହାନାୟକ। ତାଙ୍କର କବିଚିତ୍ତ ଥିଲା ସତତ ଭୟଶୂନ୍ୟ, କବିତା ଥିଲା ଦେଶର ମନୋଭଙ୍ଗୀର ସମୟୋଚିତ ଦର୍ପଣ। ଯେଉଁ ମଞ୍ଚରୁ ସେ କବିତା ପଢୁଥିଲେ, ବୟସ ନିର୍ବିଶେଷରେ ମାତି ଉଠୁଥିଲା ସେ ପ୍ରେକ୍ଷାଳୟ..**



"ଅବ୍ ନା ମେ ହୁଁ ନା ବାକି ଜମାନେ ମେରେ
ଫିର୍ ଭୀ ଶେହରୋଁ ମେ ମସ୍‌ହୁର ହୈଁ ଫସ୍‌ନୋ ମେରେ"

("ଏବେ ମୁଁ ଅଛି ନା ମୋ' ଦିନକାଳ,
ତେବେ ବି ସହରରେ ରାଜୁଡି କରେ
ମୋ' କାହାଣୀର ସୁଖ୍ୟାତି")


–ରାହତ୍ ଇନ୍ଦୋରି

**ଭାରତ-ଭାରତୀ**

ରାହତ୍ ଥିଲେ ପ୍ରତିବାଦର କବି। ବଞ୍ଚିତ ଜନତାର ବିକ୍ଷୋଭ–ଶୋଭାଯାତ୍ରାରେ ତାଙ୍କ କବିତାର ପଙ୍କ୍ତି ପାଲଟୁଥିଲା ପୋଷ୍ଟର୍। ନିର୍ବାଚନରେ ବିପକ୍ଷର ନାରା। ଧାର୍ମିକ ବିଭାଜନ ଓ ଉଗ୍ର ରାଷ୍ଟ୍ରବାଦକୁ ଶରବ୍ୟ କରି ସେ ଲେଖିଥିଲେ: "ସଭିକା ଖୁନ୍ ସାମିଲ ହୈ ୟହାଁ କି ମିଟି ମେଁ/କିସି କେ ବାପ୍ କା ହିନ୍ଦୁସ୍ତାନ ଥୋଡ଼ି ହୈ" (ସମସ୍ତଙ୍କ ରକ୍ତ ଏଇ ମାଟିରେ ସାମିଲ୍। ହିନ୍ଦୁସ୍ତାନ କାହା ବୋପାର ସମ୍ପତ୍ତି ନୁହେଁ)। ସିଏଏ ପ୍ରତିବାଦ ସମୟରେ ବିକ୍ଷୋଭକାରୀମାନେ ଏହାକୁ ସେମାନଙ୍କ ପୋଷ୍ଟରରେ ବ୍ୟବହାର କରିଥିଲେ। ୨୦୧୯ର ଲୋକସଭା ନିର୍ବାଚନରେ ଏହା ପାଲଟିଥିଲା ବିରୋଧୀ ଦଳର ସ୍ଲୋଗାନ୍। ୨୦୨୦ର ଭାଲେଣ୍ଟାଇନ୍ ଦିବସରେ ଇନ୍ଦୋରିଙ୍କ କବିତାର 'ବୁଲାତି ହୈ ମଗର୍ ଜାନେ କା ନହିଁ' ଧାଡ଼ିଟି ସାମାଜିକ ଗଣମାଧ୍ୟମରେ ପାଲଟିଥିଲା ଜୁଆର। "ଲଗେଗୀ ଆଗ୍ ତୋ ଆୟେଗେଁ କଇ ମକାନ୍ ଜଦ୍ ମେଁ/ୟହାଁ ପେ ହମାରା ହି ମକାନ୍ ଥୋଡି ହୈ" ଭଳି ପଙ୍କ୍ତିରେ ସୁଲୁକି ଉଠୁଥିଲା ଜୀବନ।


ମୁସୈରାରେ ରାହତ୍‌ଙ୍କୁ ଶୁଣିବା ପାଇଁ ଯଥେଷ୍ଟ ଆଗରୁ ଲୋକେ ପ୍ରେକ୍ଷାଳୟରେ ଆସନ ଜମାଇ ରଖୁଥିଲେ। ଆଗରୁ ଯଦି ରାହତ୍ କବିତା ପଢ଼ିଦେଲେ, ପରେପରେ ପ୍ରେକ୍ଷାଳୟ ଶ୍ରୋତାଶୂନ୍ୟ ହୋଇଯାଉଥିଲା। ପାଶ୍ଚାତ୍ୟ ରକ୍‌ଷ୍ଟାରଙ୍କ ସହ ତୁଳନାଯୋଗ୍ୟ ଜଣେ ଭାରତୀୟଙ୍କୁ ଯଦି ଖୋଜାଯାଏ, ତେବେ ନିଃସନ୍ଦେହ ଭାବେ ସେ ହିଁ ହେବେ ରାହତ୍ ଇନ୍ଦୋରି। ସହ କବି ଗୁଲ୍‌ଜାର କହନ୍ତି: "ଇନ୍ଦୋରି ଥିଲେ ମୁସୈରାର ଆତ୍ମା। ଉର୍ଦ୍ଦୁରେ ଏକ ଢଗ ଅଛି–'ମୁସୈରା ଲୁଟ୍ କେ ଲେ ଗୟେ'। ସେ ଥିଲେ ସେଇ ମୁସୈରା–ଲୁଟେରା।" ଥିଲେ ହବିବ୍ ଜଲିବ୍ ଓ ଦୁଶ୍ୟନ୍ତ କୁମାରଙ୍କ ପରି ଦ୍ରୁତ ଅପସରି ଯାଉଥିବା କବି–ପ୍ରଜାତିର।

ଇନ୍ଦୋରର ନୂତନ ସ୍କୁଲରୁ ରାହତ୍ ଆରମ୍ଭ କରିଥିଲେ ତାଙ୍କର ବାଲ୍ୟଶିକ୍ଷା। ଇସ୍‌ଲାମିଆ କରିମିଆ କଲେଜରୁ ସ୍ନାତକ ଓ ଭୋପାଳର ବରକତୁଲ୍‌ହା ବିଶ୍ୱବିଦ୍ୟାଳୟରୁ ଉର୍ଦ୍ଦୁ ସାହିତ୍ୟରେ ଏମ୍.ଏ। ଉର୍ଦ୍ଦୁ ମୁସୈରା ଉପରେ ଗବେଷଣା କରି ଭୋଜ୍ ବିଶ୍ୱବିଦ୍ୟାଳୟରୁ ପାଇଥିଲେ ପିଏଚ୍.ଡି ଉପାଧି। ଆଇ.କେ.କଲେଜ ଓ ପରେ ଦେବୀ



ଅହଲ୍ୟାବାଇ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ସାଙ୍ଗକୁ ଦେଶବିଦେଶରେ ମୁସୈରାର ଏକ ଅଭିନ୍ନ ଅଙ୍ଗ ହୋଇ ଉଠିଥିଲେ ସେ। ତାଙ୍କ ପିତା ଥିଲେ ଜଣେ ମିଲ୍ ଶ୍ରମିକ। ଇନ୍ଦୋରିଙ୍କ କବିତାରେ ଜୀବନର ଦୁଃଖ, ଅପ୍ରାପ୍ତି ଓ ବ୍ୟଥା ଏତେ ମାତ୍ରାରେ ଖୁନ୍ଦି ହେଇଯିବାର ଏହା ହୁଏତ ଥିଲା ଏକ ସଂଭାବ୍ୟ ହେତୁ। ସେ ଲେଖିଥିଲେ: "ବିଛଡ୍ କେ ତୁଝ୍‌ସେ କିସି ଦୁସ୍‌ରେ ସେ ମିଲ୍‌ନା ହୈ/ୟେହ ଫୈସଲା ଭୀ ଇସି ଜିନ୍ଦ୍‌ଗୀ ମେଁ କର୍‌ନା ହୈ।" ପ୍ରେମ ଓ ଜୀବନ, କାହିଁରୁ କୁଆଡ଼କୁ ନେଇ ନ ଯାଏ ମଣିଷକୁ! ତା'ରି ନାନ୍ଦୀପାଠ ଏ ପଙ୍କ୍ତି।


କେବଳ ମୁସୈରା ନୁହେଁ, ସ୍ୱଳ୍ପ ହେଲେ ବି ରାହତ୍ ଲେଖିଯାଇଛନ୍ତି ଛାୟାଚିତ୍ରର ଯେଉଁ କେତୋଟି ଅସାମାନ୍ୟ ଗୀତ, ସମୟଯେ ସେ ସବୁକୁ ଗୁଣୁଗୁଣାଇବ ଅନନ୍ତକାଳ, ଏଥିରେ ସନ୍ଦେହ ନାହିଁ। ତହିଁରୁ କେତୋଟି ହେଲା–



'ଚୋରିଚୋରି ଜବ୍ ନଜ୍‌ରେଁ ମିଲି' (କରୀବ), 'କୋଇ ଯାୟେ ତୋ ଲେ ଆୟେ' (ଘଟକ), 'ନିନ୍ଦ୍ ଚୁରାଇ ମେରି' (ଇଶ୍କ), 'ଆଜ୍ ହମ୍‌ନେ ଦିଲ୍‌କା ହର୍ କିସା' (ସାର୍), 'ଦିଲ୍ କୋ ହଜାର୍ ବାର ରୋକା' (ମର୍ଡର), 'ୟେ ରିସ୍ତା କ୍ୟା କେହଲତା ହୈ' (ମୀନାକ୍ଷି) ଇତ୍ୟାଦି। ଫିଲ୍ମ ଦୁନିଆରେ ରାହତଙ୍କ ପ୍ରବେଶ ଘଟିଥିଲା ଠିକ୍ ସେତିକିବେଳେ, ଯେତେବେଳେ ଏକ ବରାଦିଆ ଛାଞ୍ଚରେ ଗୀତ ଲେଖିବାକୁ ଗୀତିକାରମାନେ ବିବଶ ଥିଲେ। ଏଥିରେ ରାହତ୍ ଆଣିଥିଲେ ସୃଜନର ନୂଆ ଉଷ୍ମା।

ସାହିତ୍ୟ ପତ୍ରିକାରେ ପଢ଼ାଯିବାକୁ ଉଦ୍ଦିଷ୍ଟ କବିତାର କବି ନ ଥିଲେ ସେ। ପ୍ରତ୍ୟେକଟି ଆବେଗ, ପ୍ରତ୍ୟେକଟି ଘଟଣାର ସ୍ପନ୍ଦନ ଥିଲା ତାଙ୍କ କବିତା। ତହିଁରେ ଥିଲା ପରମ୍ପରାର ଉପାସନା, ନ ଥିଲା ଅଭିବ୍ୟକ୍ତିର କ୍ଳାନ୍ତି। ଥିଲା ସମକାଳର ଆହ୍ୱାନକୁ ସାମ୍ନା କରିବାର ତାକତ୍। ବିଶୁଦ୍ଧବାଦୀ ଶ୍ରୋତାଙ୍କୁ ଉପେକ୍ଷା ନ କରି ତାଙ୍କ କବିତା ପ୍ରେକ୍ଷାଳୟର ଶେଷତମ ଶ୍ରୋତାଟି ନିକଟରେ ପହଞ୍ଚି ପାରୁଥିଲା। ଇନ୍ଦୋରିଙ୍କ ବକ୍ତବ୍ୟ ଥିଲା: "ଯଦି ମୁଁ ମୋ' ଶାୟରୀର ୫ଟି ପଙ୍କ୍ତି ଆବୃତ୍ତି କଲି, ଜଣେ ହୁଏତ ସବୁଯାକ ପସନ୍ଦ କରି ନ ପାରେ। କିନ୍ତୁ ମୋର ପ୍ରତ୍ୟେକଟି ପଙ୍କ୍ତି ପାଇଁ ଅବଶ୍ୟ ଥିବେ କେହି ନା କେହି ଶ୍ରୋତା।" ରାହତଙ୍କ କବିତାରେ ଥିଲା ଖାଣ୍ଟି ଉର୍ଦ୍ଦୁର ସରଳତମ ବ୍ୟବହାର, ତେଣୁ ଜଟିଳ ଅନୁଭୂତିମାନ ଶ୍ରୋତାଙ୍କ ପାଇଁ ଅବୋଧ ହେଉ ନ ଥିଲା।

ରାହତଙ୍କୁ ଥରେ ଜଣେ ପଚାରିଲେ– "ଆଜିର ସମୟରେ ଜଣେ ପ୍ରଗତିବାଦୀ କବିର ସ୍ୱାଧୀନତା ପ୍ରତି ଥିବା ବିପଦ ବିଷୟରେ ଆପଣ କ'ଣ କହିବେ?" ଉତ୍ତରରେ ସେ କହିଥିଲେ– ଶବ୍ଦ ମରେ ନାହିଁ– ଏଇ ସ୍ୱାଧୀନତା ହେଉଛି ଶାଶ୍ୱତ। "ଦୁନିୟା କୋ ଶୁନାଇ ଦେ ଉସେ କେହତେଁ ହୈ ଖାମୋସି/ଯୋ ଆଖୋଁ ମେଁ ଦିଖାଇ ଦେ ଉସେ ତୁଫାନ୍ କେହତେଁ ହୈଁ।"(ଦୁନିଆ ଯାହା ଶୁଣିପାରେ, ତାହା ନିରବତା। ଯାହା ତମେ ଆଖିରେ ଦେଖ, ତାହା ଝଡ଼)। ପ୍ରେମ ଓ ମାନବୀୟ ଆସକ୍ତିର



ସୀମା ଡେଇଁ ତାଙ୍କ କବିତା ଥିଲା ଯଥେଷ୍ଟ ଦୂରଗାମୀ। ବିଶ୍ୱାୟନ, ସମାଜରେ ନାରୀର ସ୍ଥିତି ଓ ସାମ୍ପ୍ରଦାୟିକତା ଭଳି ନାନା ଘଟଣାବଳୀ ଆଧାରିତ ଥିଲା ତାଙ୍କ କବିତା। 'ରୁତ୍', 'ମେରେ ବାଦ୍' ଓ 'ଦୋ କଦର୍ ଔର୍ ସହି' ଭଳି ଅମର କବିତା ଗ୍ରନ୍ଥର ସେ ଥିଲେ ଅମଳିନ ସ୍ରଷ୍ଟା। ପକ୍ଷହୀନତା ଥିଲା ତାଙ୍କ କବିତାର ଶକ୍ତି। ସାମ୍ପ୍ରଦାୟିକତାର ନିଆଁ କିପରି ସମାଜରେ ଅଭାବିତ କ୍ଷତି ପହଞ୍ଚାଇ ପାରେ, ତାହା କହିବାକୁ ଯାଇ ସେ ଲେଖିଥିଲେ– 'ମୁଝେ ଖବର ନହିଁ ମନ୍ଦିର ଜଲେଁ ହୈ ୟା ମସ୍‌ଜିଦ୍/ମେରି ନିଗାହ କେ ଆଗେ ତୋ ବସ୍ ଧୂଆଁ ହୈଁ...।" ଇନ୍ଦୋରର ମଶାଣିରେ ରାହତଙ୍କର ଚିତା ଜଳିଯାଇଛି ସତ, କିନ୍ତୁ କବିତାରେ ସେ ଯେଉଁ ଅଭୀକତାର ନିଆଁ ଜାଳି ଯାଇଛନ୍ତି, ତାହା ନିକଟରେ ନିର୍ବାପିତ ହେବାର ନୁହେଁ।

ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫

# ପ୍ରେମ ଓ ପ୍ରାର୍ଥନା ପରି କବିତାକୁ ମୁଁ ନିରବରେ ଭୋଗେ

**ସୃଜନ–ସ୍ମୃତି**




ବୀଣାପାଣି ପଣ୍ଡା

**ବୀଣାପାଣି ପଣ୍ଡାଙ୍କ ଜନ୍ମ ୧ ନଭେମ୍ବର ୧୯୫୮ରେ, ଯାଜପୁରରେ। ପ୍ରଥମ କବିତା ବହି 'ନିଜ ନିଜ ଆକାଶ' ୧୯୯୫ରେ ପ୍ରକାଶିତ। 'କାକର ବୁନ୍ଦାରେ ସୂର୍ଯ୍ୟ', 'ମିତ୍ରାକ୍ଷର', 'ତନୁତୀର୍ଥ', 'ଦ୍ୱିପର୍ଣ୍ଣା' ଓ 'ଜହ୍ନ ବଗିଚା' ଭଳି କବିତାଗ୍ରନ୍ଥର ଏଇ ସ୍ରଷ୍ଟା ଓଡ଼ିଆ କବିତାକୁ ନିଜର ଅବଦାନ ପାଇଁ ପାଇଛନ୍ତି 'ଝଙ୍କାର ବିଷୁବ କବିତା ପୁରସ୍କାର', 'ସୁଚରିତା ପୁରସ୍କାର', 'ଓଡ଼ିଶା ଲେଖିକା ସଂସଦ ପୁରସ୍କାର' ଓ 'ଅଖିଳ କବିତା ସମ୍ମାନ'। 'ଗୋଧୂଳି ଗୀତ'(୧୯୯୩) କବିତା ପୁସ୍ତକ ପାଇଁ ୨୦୧୫ରେ ତାଙ୍କୁ ମିଳିଛି 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'...**

ସୃଜନରେ ସ୍ୱପ୍ନ ଅପେକ୍ଷା ସ୍ମୃତି ବେଶୀ ଘାରେ। ମନେପଡୁଚି, ପିଲାଦିନେ କାଗଜରେ ଲେଖିବାର ଢେର୍ ଆଗରୁ ମୁଁ ମନ ଭିତରେ ଲେଖୁଥିଲି। ସମସ୍ତଙ୍କ ଅଜ୍ଞାତରେ ଅଦୃଶ୍ୟରେ ପଦ ସଙ୍ଗେ ପଦ ଯୋଡୁଥିଲି। ଇଏ ମୋ' ପାଇଁ ଗୋଟେ ଖେଳ ଥିଲା, ଯେଉଁଥିରେ ସବୁବେଳେ ଜିତୁଥିଲି ବି! ସାହିତ୍ୟ ବହିର ପଦ୍ୟ ମୁଖସ୍ଥ କରି ଆବୃତ୍ତି କରିବାର ନିଶା ମୋ' ଭିତରେ ପ୍ରବଳ ଥିଲା। ଘରେ ଥିଲା ପ୍ରଚୁର ବହି ଓ ସମସ୍ତେ କିଛି ନା କିଛି ପଢୁଥିଲେ। ସପ୍ତମ ଶ୍ରେଣୀ ବେଳକୁ ରାଧାନାଥ, ଗଙ୍ଗାଧର ଓ ଅନ୍ୟ କବିମାନଙ୍କୁ ମୁଁ ପଢ଼ିବା ଆରମ୍ଭ କଲି, ଯଦିଓ ବୁଝିବା ସହଜ ନ ଥିଲା। ତେବେ ଏଇ ପଢ଼ିବାର ଆଗ୍ରହ କ୍ରମଶଃ ଲେଖିବାର ଅପରିହାର୍ଯ୍ୟ ଆବଶ୍ୟକତା ଆଡ଼କୁ ବାଟ କଢ଼େଇ ନେଲା।

ପ୍ରଥମେ ସ୍କୁଲ୍ ମାଗାଜିନ୍, ପରେ 'ପ୍ରଜାତନ୍ତ୍ର', 'ମୀନାବଜାର', 'ଯୁବଜଗତ' ଓ ଅନ୍ୟାନ୍ୟ ଶିଶୁ କିଶୋର ପତ୍ରପତ୍ରିକା ବାଟଦେଇ କବିତା ଜଗତକୁ ଆସିଲି। ୧୯୭୨ରେ କଲେଜର ପ୍ରଥମ ବର୍ଷରେ 'ନବରବି'ରେ କବିତା ପ୍ରକାଶ ମୋ' ଜୀବନର ଏକ ସ୍ମରଣୀୟ ଘଟଣା। ତେବେ ପ୍ରଥମକରି ମତେ ଏକ ସ୍ୱତନ୍ତ୍ର ପରିଚୟ ଦେଲା ପ୍ରସିଦ୍ଧ ମହିଳା ପତ୍ରିକା 'ସୁଚରିତା'। ଯେଉଁଥିରେ ଆରମ୍ଭରୁ ଶେଷ ସଂଖ୍ୟା ଯାଏଁ ଦୀର୍ଘ ୨୫ ବର୍ଷ ମୁଁ ଲେଖିଛି। ଏବେ ବି ଅନେକେ ମୋତେ 'ସୁଚରିତା'ର କବି ଭାବେ ଚିହ୍ନନ୍ତି। ୧୯୮୭ରେ ପାଇଲି ପ୍ରଥମ 'ସୁଚରିତା କବିତା ପୁରସ୍କାର'। ବାସ୍, ସେଇଦିନରୁ ଆଜିଯାଏଁ କେବଳ ଚାଲିଛି। ଯେବେ ବି କ୍ଳାନ୍ତି ଓ ହତାଶା ବିବଶ କରିଛନ୍ତି ଅଟକି ଯିବାକୁ, ଆଗରୁ ଡାକଟିଏ ଶୁଭିଛି। ସେଇ ଡାକକୁ ଅନୁସରି ମୁଁ ପୁଣି ଚାଲିଛି।

କବିତା ସହ ପାଖାପାଖି ଚାରି ଦଶନ୍ଧିର ନିବିଡ଼ ସମ୍ପୃକ୍ତି। କବିତା ମତେ ଅନେକ କିଛି ଦେଇଛି। ହେଲେ ମୁଁ କବିତାକୁ କ'ଣ ବା ଦେଇଛି। ଏ ନେଇ ମୋ' ଭିତରେ ବହୁ ସଂଶୟ ଓ ପ୍ରଶ୍ନବାଚୀ। ସୁତରାଂ ନିଜ କବିତା କଥା କେହି ପଚାରିଲେ ମୁଁ ଉତ୍ତର ଦେଇପାରେ ନାହିଁ। ସୁଖ, ଦୁଃଖ, ପ୍ରେମ ଓ ପ୍ରାର୍ଥନା ପରି ମୁଁ କେବଳ ତାକୁ



ନିରବରେ ଭୋଗେ। କବିତା ମୋର ଅନନ୍ୟ ଉପଲବ୍ଧି, ଯା'ର ଶାବ୍ଦିକ ରୂପାନ୍ତର ପାଇଁ ମୁଁ ଅକ୍ଷମ, ଅପାରଗ। ମୁଁ ତାକୁ ଲେଖେନାଇଁ, ସେ ମତେ ଲେଖେ। ମୁଁ ତାକୁ ଚଲାଏ ନାଇଁ। ସେ ନିଜେ ନିଜର ଗତିପଥ ନିର୍ଦ୍ଧାରଣ କରେ ଓ ମତେ ସେଇ ବାଟରେ ଚଲାଇନିଏ।

ମୁଁ ଭାବୁଥାଏ ଗୋଟିଏ କଥା, କିନ୍ତୁ କବିତାରେ ଘଟେ ଆଉ ଗୋଟାଏ କଥା। ମୁଁ କୋଉଠୁ ବାହାରି କୋଉଠି ପହଞ୍ଚେ, ତା'ର ଠିକଣା ନ ଥାଏ। ସେଥିପାଇଁ ତ ଜହ୍ନ ବଗିଚା ସାରା ଶୀତଳ ଜ୍ୟୋତ୍ସ୍ନା ବିଛାଡ଼ି ପଡ଼ିଥିଲା ବେଳେ ବି ମୁଁ ଜ୍ୟେଷ୍ଠର ଜଳନ୍ତା ତାତିରେ ଶିଝୁଥାଏ। ଚାରିଆଡ଼େ ଆଲୋକର ଉତ୍ସବ ପାଳିତ ହେଉଥିବାବେଳେ ମୁଁ ଅନ୍ଧାରରେ ରାହା ପାଉ ନ ଥାଏ। ତେବେ ଏ କଥା ସତ, କବିତା ଓ ମୁଁ ଛାଇ ପରି ଆମେ ପରସ୍ପର ସହ ଥାଉ ସବୁ ସମୟରେ, ସବୁ ଅବସ୍ଥାରେ କେବେ ଦୃଶ୍ୟରେ ତ କେବେ ଅଦୃଶ୍ୟରେ। ସେ ନିଜ ମର୍ଜିର ମାଲିକ। ମୁଁ ତା'ର ଦାସାନୁଦାସ। ଏଇ ଦାସ ବୃତ୍ତିରେ ଦିନ ସରୁ– ଏତିକି ପ୍ରାର୍ଥନା।

ମୋ: ୯୪୩୮୭୮୯୫୦୫

## ପୁସ୍ତକ ପରିଚୟ

### ଗାନ୍ଧି ଓ ତାଙ୍କ ପାଖଲୋକ

**ଲେଖକ:** ଡା. ସୁରେନ୍ଦ୍ର ନାଥ ଦାଶ
**ପ୍ରକାଶକ:** ଲିପିକା, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୨୦୦/–



ଗାନ୍ଧିଙ୍କ ୧୫୦ତମ ଜନ୍ମସମାରୋହ ଅବକାଶରେ ରଚିତ ଏଇ ପୁସ୍ତକଟି ଗାନ୍ଧି–ଜୀବନର ଅତି ଘରୋଇ କେତୋଟି ପ୍ରସଙ୍ଗକୁ ନେଇ ପରିକଳ୍ପିତ, ଯାହା ଗାନ୍ଧି–ଅନୁଗାମୀମାନଙ୍କୁ ନାନାମତେ ତୁଷ୍ଟ କରିବ ଓ ଏହି ବିଶ୍ୱପ୍ରସିଦ୍ଧ ମହାମାନବଙ୍କୁ ଆହୁରି ଜାଣିବା ପାଇଁ ନୂଆ ନୂଆ ତୃଷ୍ଣା ତିଆରି କରିବ। ମୋଟ ୬୬ଟି ଅଧ୍ୟାୟରେ କେତେକ ଅତି ଗୁରୁତ୍ୱପୂର୍ଣ୍ଣ ଘଟଣା ଗ୍ରନ୍ଥରେ ସ୍ଥାନିତ। ପରିଚ୍ଛେଦଗୁଡ଼ିକ ଛୋଟଛୋଟ ଓ ଏକା ନିଃଶ୍ୱାସକେ ପଢ଼ିଦେବା ଭଳି। 'ଗାନ୍ଧିଜୀଙ୍କର ହଜିଲା ମଣି ହରିଲାଲ' ଓ 'ଗାନ୍ଧିଙ୍କର ମିରା ମନୁବେନ୍' ଭଳି ପରିଚ୍ଛେଦଗୁଡ଼ିକୁ ପଢ଼ିଲାବେଳେ ଗାନ୍ଧିଙ୍କୁ ନେଇ ଯେଉଁ ବିସ୍ମୟ ପାଠକ ମନରେ ଜାଗେ, ତା'ର ନିରସନ କ୍ୱଚିତ୍ ସମ୍ଭବ। ବ୍ୟକ୍ତିଗତ ସଂଗ୍ରହ ଓ ପ୍ରତି ପାଠାଗାରରେ ବହିଟିର ଉପସ୍ଥିତି ଏକ ଉଜ୍ଜ୍ୱଳ ସଞ୍ଚୟ ବିବେଚିତ ହେବ।

### ଅଭୁଲା ସେ ପାଠ ଅଭୁଲା ସେ କବିତା

**ସମ୍ପାଦନା:** ବୈଷ୍ଣବ ଚରଣ ମହାନ୍ତି
**ପ୍ରକାଶକ:** ବନ୍ଧୁଘର ସାହିତ୍ୟ ପିଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୫୦୦/–

ମଂଜୁବାଳା ଦାସ ଓ ବୈଷ୍ଣବ ଚରଣ ମହାନ୍ତିଙ୍କ ଦ୍ୱୈତ ଉଦ୍ୟମରେ 'ବନ୍ଧୁଘର ସାହିତ୍ୟ ପିଣ୍ଡା' ପ୍ରକାଶନୀ ଆନୁକୂଲ୍ୟରେ ପ୍ରକାଶ ପାଇଛି ୫୬୦ ପୃଷ୍ଠାର ଏପରି ଏକ କବିତା ବହି, ଯହିଁରେ ପ୍ରାୟ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ସ୍କୁଲ୍‌ରେ ପଢ଼ାଯାଉଥିବା ଅବିସ୍ମରଣୀୟ ବହୁ କବିତାକୁ ଏକତ୍ର କରାଯାଇଛି। ମୋଟ କବିତା ସଂଖ୍ୟା ୨୪୫। ରୀତିଯୁଗରୁ ସାଂପ୍ରତିକ ଯୁଗ ପର୍ଯ୍ୟନ୍ତ ଅନୁଭବୀ କବିମାନଙ୍କ ଦ୍ୱାରା ଶିଶୁ–କିଶୋରଂକ ମାନସିକ ସ୍ତରକୁ ଛୁଇଁବା ଭଳି ଏ ସବୁ କବିତାକୁ ଦୁଇ ମଲାଟ ଭିତରେ ସଂପାଦିବାର ଯେଉଁ ସଂକଳ୍ପ ଉଦ୍ୟୋକ୍ତା ଦ୍ୱୟ ନେଇଛଂତି, ତାହା



ଓଡ଼ିଆ କବିତାର ଏକ କାଳଜୟୀ କବିତାର ବ୍ୟାଙ୍କ୍ ତିଆରି କରିଛି। ରାମକୃଷ୍ଣ ନନ୍ଦଙ୍କ 'ଆହେ ଦୟାମୟ ବିଶ୍ୱବିହାରୀ'ରୁ ଆରମ୍ଭ ହୋଇ ଜାତୀୟ ସଂଗୀତ 'ଜନଗଣମନ'ରେ ସରିଛି ବହିଟି। 'ଆହେ ନୀଳ ଶଇଳ', 'ଅଖିଳ ବ୍ରହ୍ମାଣ୍ଡ ପତି', 'ଭବସାଗର ତାରଣ କାରଣ ହେ', 'କମଳ ଲୋଚନ ଚଉତିଶା', 'ଶ୍ରୀପଞ୍ଚମୀ ଗୀତ', 'ବୁଢ଼ା ନାଉରୀ', 'ଡାଆଣିଆ ଖରା', 'ମିଶୁ ମୋର ଦେହ', 'ଗାନ୍ଧାରୀର ଆଶୀର୍ବାଦ' ଓ 'ଗ୍ରାମ ପଥ' ପରି ରସାଳ ଓ ବୋଧଗଠନକାରୀ କବିତାଗୁଡ଼ିକୁ ପାଠକ ଏକତ୍ର ଏ ବହିଟିରୁ ପାଇବେ।



କରୋନା ସଂକ୍ରମଣ ଯୋଗୁ ବଲିଉଡ୍‌ରେ ମାର୍ଚ୍ଚରୁ ଅଗଷ୍ଟ ମଧ୍ୟରେ ୧୫ ଶହ କୋଟିର କ୍ଷତି ହେଲାଣି। ଏହି ସମୟ ମଧ୍ୟରେ ୭୦ରୁ ଅଧିକ ଫିଲ୍ମର ଶୁଟିଂ ଅଟକି ରହିଛି। ଏବେ ହୋଇଥିବା କ୍ଷତିର ଭରଣା ପାଇଁ ବଲିଉଡ୍‌କୁ ୩ ବର୍ଷରୁ ଅଧିକ ସମୟ ଲାଗିବ ବୋଲି କୁହାଯାଉଛି। ଗତ ୪୦ ବର୍ଷ ଧରି ଫିଲ୍ମ ଡିଷ୍ଟ୍ରିବ୍ୟୁଶନ କାର୍ଯ୍ୟ ସହିତ ଜଡ଼ିତ ଥିବା ରାଜ ବଂସଲ କୁହନ୍ତି ଯେ, ଫିଲ୍ମ ହଲ୍ ଖୋଲିଲେ ପ୍ରଥମେ ରିଲିଜ୍ ହୋଇ ନ ଥିବା ଫିଲ୍ମଗୁଡ଼ିକ କିଭଳି ରିଲିଜ୍ ହେବ ସେ ନେଇ କାର୍ଯ୍ୟ ଆରମ୍ଭ ହେବ। ଫଳରେ ଦର୍ଶକ ଆସନ୍ତା ୬ ମାସ ମଧ୍ୟରେ ୮୦ ପାଖାପାଖି ଫିଲ୍ମ ଦେଖିବାର ସୁଯୋଗ ପାଇବେ। ଚଳିତ ବର୍ଷର ଫିଲ୍ମ ଗୁଡ଼ିକ ଆସନ୍ତା ୨୦୨୧ରେ ରିଲିଜ୍ ହେବ ବୋଲି ସେ କହିଛନ୍ତି।

# ଆଦିମ ପ୍ରବୃତ୍ତି 'କାନିବାଲିଜମ୍'

**ଖାଦ୍ୟଗ୍ରହଣ ଅନୁଯାୟୀ ପ୍ରାଣୀଙ୍କୁ ୩ ଭାଗରେ ବିଭକ୍ତ କରାଯାଇଛି। ଶାକାହାରୀ, ମାଂସାହାରୀ ଏବଂ ଉଭୟଭକ୍ଷୀ। ଗୋଟିଏ ପ୍ରଜାତିର ଜୀବ ସେହି ପ୍ରଜାତିର ଜୀବଙ୍କୁ ଖାଉଥିବା କ୍ୱଚିତ ଦେଖିବାକୁ ମିଳେ, ଯାହାକୁ କୁହାଯାଏ 'କାନିବାଲିଜମ୍'। ଏକ ତଥ୍ୟ ଅନୁଯାୟୀ ପ୍ରାୟ ୧୫୦୦ ପ୍ରଜାତିର ପ୍ରାଣୀ ଏହି ତାଲିକାରେ ଅଛନ୍ତି। ତେବେ ମାନବ ସଭ୍ୟତାରେ 'କାନିବାଲିଜମ୍' ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ୍ୟ। କେତେକ ମଣିଷଙ୍କ ମଧ୍ୟରେ ଏହି ଆଦିମ ପ୍ରବୃତ୍ତି ଏବେ ବି ରହିଛି, ଯାହାକୁ ବିଶେଷଜ୍ଞମାନେ ଏକ ପ୍ରକାର ମାନସିକ ରୋଗ କହୁଥିବାବେଳେ ଆଉ କେତେଜଣ ଏହାକୁ ପ୍ରଥା ବା ପରମ୍ପରାର ଅଂଶ ବୋଲି ବିଶ୍ୱାସ କରୁଛନ୍ତି।**



**ନୂଆଦିଲ୍ଲୀ:** ପୃଥିବୀର ଅନେକ ସ୍ଥାନରେ ଆଜି ବି ନରଭକ୍ଷୀ ମଣିଷଙ୍କ କଥା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ୨୦୧୧ରେ ପାକିସ୍ତାନ ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଭାକ୍କର ଜିଲାରୁ ଆସିଥିଲା ଏପରି ଏକ ଘଟଣା। ମହମ୍ମଦ ଫରମାନ ଅଲ୍ଲି ଏବଂ ମହମ୍ମଦ ଆରିଫ୍ ଅଲ୍ଲି ନାମକ ଦୁଇଭାଇ କବରରୁ ମୃତଦେହ ବାହାର କରି ଖାଉଥିବା ସ୍ୱୀକାର କରିଥିଲେ। ଘଟଣା ସେତେବେଳେ ସାମ୍ନାକୁ ଆସିଲା, ଯେତେବେଳେ ଜଣେ ୨୪ ବର୍ଷୀୟା ମହିଳାଙ୍କ ମୃତଦେହ କବର ଦିଆଯିବା ପରଦିନ ଗାଏବ ହୋଇଯାଇଥିଲା। ମୃତ ମହିଳାଙ୍କ ପରିବାର ଲୋକେ ଏ ସମ୍ପର୍କରେ ପୋଲିସରେ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ସମ୍ପୃକ୍ତ ଦୁଇଭାଇ ସନ୍ଦେହ ବଳୟକୁ ଆସିଥିଲେ। ପଚରାଉଚୁରା ପରେ ଉଭୟେ ୧୦୦ରୁ ଊର୍ଦ୍ଧ୍ୱ ମୃତଦେହ ରୋଷେଇ କରି ଖାଇଯାଇଥିବା ସ୍ୱୀକାର କରିଥିଲେ। ଏହି ଘଟଣା ସେତେବେଳେ ବିଶ୍ୱବ୍ୟାପୀ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଥିଲା। ହେଲେ ପାକିସ୍ତାନ ସମ୍ବିଧାନରେ 'ଆଣ୍ଟି କାନିବାଲିଜମ୍ ନିୟମ' ନ ଥିବାରୁ ଦୁଇଭାଇଙ୍କୁ କେମିତି ଦଣ୍ଡିତ କରାଯିବ ତାହା ଚିନ୍ତାର ବିଷୟ ପାଲଟିଥିଲା। ଶେଷରେ କବର ଖୋଳିବା, ମୃତକଙ୍କ ସମ୍ପର୍କୀୟଙ୍କ ଭାବନାକୁ ଆଘାତ ପହଞ୍ଚାଇବା ଅଭିଯୋଗରେ ସେମାନଙ୍କ ବିରୋଧରେ ମକଦ୍ଦମା ଆରମ୍ଭ ହୋଇଥିଲା। ତେବେ ୨୦୧୪ରେ ଜେଲରୁ ମୁକୁଳିବା ପରେ ଉଭୟେ ପୁନର୍ବାର ଏପରି କାର୍ଯ୍ୟ ଜାରି ରଖିଥିଲେ। ଅମାନବୀୟ କାର୍ଯ୍ୟ ସହ ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ଉଭୟଙ୍କୁ ୧୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଥିଲା। କେବଳ ଏତିକି ନୁହେଁ, ଏଭଳି ଘୃଣ୍ୟ କାର୍ଯ୍ୟ ଉପରେ କଟକଣା ଲଗାଇବାକୁ ପାକିସ୍ତାନ ସମ୍ବିଧାନରେ ଆଇନ ଅଣାଯାଇଥିଲା।

## ନରଭକ୍ଷୀ ମଣିଷ

ଆମେରିକା ଇତିହାସରେ ବୁକ୍‌ଲିନ୍‌ଙ୍କୁ ନରଭକ୍ଷୀ ପିଶାଚ ବୋଲି ଅଭିହିତ କରାଯାଇଛି। ଅନେକ ଶିଶୁଙ୍କୁ ହତ୍ୟା କରି ସେ ମାଂସ ଖାଉଥିଲେ। ଧରାପଡ଼ିବା ପରେ ୧୯୩୬ରେ ତାଙ୍କୁ ବିଦ୍ୟୁତ୍ ଝଟ୍‌କା ଦେଇ ମାରିଦିଆଯାଇଥିଲା। ଏଭଳି ଅନ୍ୟ ଜଣେ ଅପରାଧୀ ହେଲେ ରୁଷିଆର ଏଣ୍ଡ୍ରେଇ ଚିକେଟିଲୋ। ତାଙ୍କ ନାମରେ ୫୦ରୁ ଊର୍ଦ୍ଧ୍ୱ ହତ୍ୟା ମାମଲା ରହିଥିଲା। ହତ୍ୟା କରିବା ପରେ ସେ ମୃତଦେହକୁ ଖାଇଯାଉଥିବା ତଦନ୍ତରୁ ଜଣାପଡ଼ିଥିଲା। କାନାଡ଼ାର ସୁନାମଧନ୍ୟ ସାମ୍ବାଦିକ ତଥା କଳାକାର ରିକ୍ ଗିବସନ ମଣିଷ ମାଂସ ଖାଉଥିବା ଅଭିଯୋଗ ଆସିଥିଲା। ସେ ଏକ ଶିଶୁର ମୃତଦେହକୁ ଶୁଖାଇ ସେଥିରୁ ଇୟର ରିଂ ତିଆରି କରି ଏକ ପୁତ୍ତଳିକାକୁ ପିନ୍ଧାଇଥିଲେ। ଏହାର ନାମ ଦେଇଥିଲେ ହ୍ୟୁମାନ ଇୟର ରିଂ। ଏହି ସମୟରେ ସେ ଗୋଲ୍ଡସ୍ମିଥ୍ କଲେଜରେ ଅଧ୍ୟାପନା କରୁଥିଲେ। ଘଟଣା ପରେ କଲେଜ କର୍ତ୍ତୃପକ୍ଷ ତାଙ୍କୁ ନିଲମ୍ବିତ କରିଦେଇଥିଲେ। ଏହାସତ୍ତ୍ୱେ ୧୯୮୮ରୁ ୨ବର୍ଷ ଧରି ସେ ସାର୍ବଜନୀନ ସ୍ଥାନରେ ନରମାଂସ ଖାଉଥିବା ପ୍ରଦର୍ଶନ କରିଥିଲେ। ତେବେ ସେତେବେଳେ ଇଂଲଣ୍ଡରେ ଏଭଳି କାର୍ଯ୍ୟ ପାଇଁ କୌଣସି ଆଇନକାନୁନ ନ ଥିବାରୁ ଗିବ୍‌ସନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା।

## କ'ଣ କୁହେ ଇତିହାସ

'କାନିବାଲିଜମ୍' କେବେଠୁ ଏବଂ କାହିଁକି ଆରମ୍ଭ, ସେ ସମ୍ପର୍କରେ କୌଣସି ସ୍ପଷ୍ଟ ତଥ୍ୟ ନାହିଁ। ତେବେ ହଜାର ହଜାର ବର୍ଷ ଧରି ମାନବ ସଭ୍ୟତାରେ ଏହା ରହିଆସିଛି। ତଥାପି ୬ଲକ୍ଷ ବର୍ଷ ପୂର୍ବେ ଏହାର ଆରମ୍ଭ ହୋଇଥିବା ଅନୁମାନ କରାଯାଏ। ଅଦ୍ୟାବଧି ହୋଇଥିବା ଗବେଷଣାରୁ 'କାନିବାଲିଜମ୍'ର ସର୍ବପୁରାତନ ସଙ୍କେତ ଇଥିଓପିଆରୁ ମିଳିଛି। ସ୍ପେନର 'କେନିବ' ଦ୍ୱୀପରୁ ଏହାର ନାମ ଆସିଥିବା କୁହାଯାଏ। ଏହି ଜନଜାତି ମଣିଷ ମାଂସ ଖାଉଥିବା ଚର୍ଚ୍ଚା ହେଉଛି। ଅନେକ ରିପୋର୍ଟରେ ବି ଏକଥା ଦର୍ଶାଯାଇଛି। ତେବେ ନୂତନ ଅଧ୍ୟୟନରୁ ଏଥିରେ କୌଣସି ସତ୍ୟତା ନ ଥିବା ସ୍ପଷ୍ଟ କରାଯାଇଛି। 'କେନିବ' ଦ୍ୱୀପରେ ବାସ କରୁଥିବା ଏହି ଜନଜାତି ଥିଲେ ବେଶ୍ ଶକ୍ତିଶାଳୀ। ସେମାନଙ୍କ ଶକ୍ତି ଓ ଦକ୍ଷତାକୁ ଅନେକେ ଭୟ କରୁଥିଲେ। ତେଣୁ ସମ୍ପୃକ୍ତ ଆଦିବାସୀ ଜନଜାତିଙ୍କ ନାମରେ ଏପରି ମିଥ୍ୟା ତଥ୍ୟ ପ୍ରଚାର କରାଯାଇଥିବା ଅଧ୍ୟୟନରେ କୁହାଯାଇଛି।

## ଚାଲିଛି ଗବେଷଣା

ନରଭକ୍ଷୀ ଏକ ମାନସିକ ରୋଗ ବୋଲି କୁହାଯାଉଛି। ତେବେ ଏହା କେବଳ ଏକ ରୋଗ, ପ୍ରବୃତ୍ତି ନା ପ୍ରଥା ତାହାକୁ ନେଇ ଦ୍ୱନ୍ଦ୍ୱ ଛିଣ୍ଡୁନି। କାରଣ 'ପାପୁଆ ନ୍ୟୁ ଗିନି'ରେ ୧୯୫୦ ଯାଏ କାନିବାଲିଜମ୍ ପ୍ରଚଳିତ ଥିଲା। ଏଠାରେ କେହି ଜଣେ ମରିଗଲେ ମୃତଦେହକୁ ପରିଜନମାନେ ଖାଇଯାଉଥିଲେ। ଏପରି କରିବା ଦ୍ୱାରା ମୃତକଙ୍କ ଆତ୍ମା ବିଶୁଦ୍ଧ ହୋଇଯାଏ ବୋଲି ସମ୍ପ୍ରଦାୟରେ ବିଶ୍ୱାସ ପ୍ରଚଳିତ ଥିଲା। ପରବର୍ତ୍ତୀ ସମୟରେ 'ପାପୁଆ ନ୍ୟୁ ଗିନି' ସରକାର ଏହା ଉପରେ କଟକଣା ଜାରି କରିଥିଲେ। ଆଧୁନିକ ସମୟର ନରଭକ୍ଷୀ ମଣିଷଙ୍କ ନିକଟରେ ଅପରାଧ ପ୍ରବଣତା ବେଶି। ଏପରି ପ୍ରବୃତ୍ତିଧାରୀଙ୍କ ମସ୍ତିଷ୍କ ସଂରଚନା ଉପରେ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି।

# ବଲିଉଡ୍‌ରେ ଡେବ୍ୟୁ କରିବେ ଶନୟା



ଶନୟା କପୁର

**ମୁମ୍ବାଇ:** ବଡ଼ ପରଦାରେ ପାଦ ଦେବେ ଆଉ ଜଣେ ନବାଗତା। ସେ ହେଉଛନ୍ତି ବଲିଉଡ୍ ଅଭିନେତା ସଞ୍ଜୟ କପୁରଙ୍କ ଝିଅ ଶନୟା କପୁର। ଶନୟା ସୋସିଆଲ ମିଡିଆରେ ବେଶ୍ ପପୁଲାର ଷ୍ଟାର କିଡ୍ ଭାବେ ଚର୍ଚ୍ଚାରେ ରହି ଆସୁଛନ୍ତି। ବିଗତ ଦିନରେ ଶନୟା ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ଝିଅ ଫିଲ୍ମରେ ଡେବ୍ୟୁ ନେଇ ହେଉଥିବା ଚର୍ଚ୍ଚା ଉପରେ ବାପା ସଞ୍ଜୟ କପୁର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଝିଅ ଅତିଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବେ। ଏକ ଇଣ୍ଟରଭ୍ୟୁରେ ସଞ୍ଜୟ କହିଛନ୍ତି, କରୋନା ମହାମାରୀ ପାଇଁ ଶନୟା ଡେବ୍ୟୁ କରିବାରେ ବିଳମ୍ବ ହେଉଛି। କିନ୍ତୁ ଆମେ ଆଶା ରଖୁଛୁ ଯେ, ସବୁକିଛି ଜଲ୍‌ଦି ଠିକ୍ ହୋଇଯିବ। ବଲିଉଡ୍‌ରେ ଶନୟାଙ୍କର ଡେବ୍ୟୁ କରିବା ତାଙ୍କ ଫ୍ୟାନ୍‌ମାନଙ୍କ ପାଇଁ ଏକ ବଡ଼ ଖବର। କେବେଠାରୁ ସେମାନେ ତାଙ୍କୁ ବଡ଼ ପରଦାରେ ଦେଖିବା ପାଇଁ ଅପେକ୍ଷା କରି ରହିଛନ୍ତି। ଫିଲ୍ମ ପରଦାକୁ ଆସି ନ ଥିଲେ ମଧ୍ୟ ବଡ଼ବାପାଙ୍କ ଝିଅ ତଥା ବଡ଼ ଭଉଣୀ ଜାହ୍ନବୀ କପୁରଙ୍କ ଅଭିନୀତ ଫିଲ୍ମ 'ଗୁଞ୍ଜନ ସକ୍ସେନା': ଦ କାର୍ଗିଲ ଗାର୍ଲ'ରେ ସେ ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବରେ କାର୍ଯ୍ୟ କରିଥିଲେ। ଏବେ କେବଳ ଦେଖିବାକୁ ବାକି ରହିଲା ସୋସିଆଲ ମିଡିଆରେ ନିଜ ଷ୍ଟାଇଲ ଓ ଲୁକ୍ ପାଇଁ ଲୋକପ୍ରିୟ ଥିବା ଶନୟାଙ୍କୁ ସିଲଭର୍ ସ୍କ୍ରିନରେ ଫ୍ୟାନ୍‌ମାନେ କିପରି ଗ୍ରହଣ କରୁଛନ୍ତି।

HAPPY BIRTHDAY



(GOON)
SWASTIK SWAROOP PADHY
BERHAMPUR
Happy Birthday Goon. May Lord Jagannath bless you with loads of success and prosperity in life. Keep smiling always.
**Best Wishes:** Bapa, Maa, Papa, Mama, Dada, Khudi, Goodly, Shreya and Shubham

ଧ-୧୮୦୪୧

# ଆତ୍ମଜୀବନୀ ଲେଖିବେ ଶୈଫ୍



**ମୁମ୍ବାଇ:** ଛୋଟେ ନୱାବ ଶୈଫ ଅଲି ଖାଁଙ୍କ ପରିବାର ଏବେ ଖୁବ୍ ଚର୍ଚ୍ଚାରେ। ୨୦୨୦ ବଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ଭଲ କଟି ନ ଥିବାବେଳେ ଏହା ଇଣ୍ଡଷ୍ଟ୍ରିକୁ ବହୁ ମାତ୍ରାରେ ପ୍ରଭାବିତ କରିଛି। ତେବେ ଶୈଫ ଅଲି ଖାଁ ଚଳିତ ବର୍ଷକୁ ଖୁବ୍ ସେଲିବ୍ରେଟ କରିଛନ୍ତି ବୋଲି କୁହାଯାଉଛି। ପ୍ରଥମେ ଶୈଫ ଓ ତାଙ୍କ ପିତ୍ନୀ କରିନା କପୁର ଖାଁ ପ୍ରଥମେ ତାଙ୍କ ଦ୍ୱିତୀୟ ସନ୍ତାନ କଥା କହିଥିଲେ, ଏହା ତାଙ୍କ ପ୍ରଶଂସକଙ୍କ ପାଇଁ ଏକ ସରପ୍ରାଇଜ୍ ଥିଲା। ଏଥର କିନ୍ତୁ ଶୈଫ ଏକ ନୂଆ ସର୍‌ପ୍ରାଇଜ୍ ଦେଇଛନ୍ତି। ଶୈଫ ପଢିବାକୁ ଲେଖିବାକୁ ବେଶ୍ ପସନ୍ଦ କରନ୍ତି ବୋଲି ଏକଥା ଅନେକେ ଜାଣନ୍ତି। ଏବେ ଶୁଣିବାକୁ ମିଳିଛି ଯେ, ଶୈଫ ତାଙ୍କ ଅଟୋବାୟୋଗ୍ରାଫି ଲେଖିବାକୁ ଯାଉଛନ୍ତି। ଏଥିରେ ସେ ତାଙ୍କ ପରିବାର, କ୍ୟାରିୟର, ତାଙ୍କର ସଫଳତା-ବିଫଳତା, କାହାଦ୍ୱାରା ସେ ପ୍ରଭାବିତ ହୋଇଛନ୍ତି, କାହାଠାରୁ ତାଙ୍କୁ ପ୍ରେରଣା ମିଳିଛି ଏସବୁ କଥା ଉଲ୍ଲେଖ କରିବେ ବୋଲି ଜଣାପଡିଛି। ଟାଇମ୍ସ ଅଫ୍ ଇଣ୍ଡିଆର ଏକ ଖବର ଅନୁଯାୟୀ, ଅଟୋବାୟୋଗ୍ରାଫିକୁ ନେଇ ଶୈଫ କହିଛନ୍ତି, ସମୟ ଅନୁସାରେ ବହୁତ କିଛି ପରିବର୍ତ୍ତନ ହେବାରେ ଲାଗିଛି। ତେଣୁ ମୋତେ ଲାଗୁଛି ଏବେ ଯଦି ମୁଁ ଏହାକୁ ସଜେଇ ନ ରଖିବି, ତେବେ ଏହାବି ହଜିଯାଇପାରେ। ବରଂ ଏହାକୁ ପରେ ଦେଖିଲେ ଖୁବ୍ ସୁନ୍ଦର ଲାଗିବ ବୋଲି ସେ କହିଛନ୍ତି। ଏବେ ପର୍ଯ୍ୟନ୍ତ ପୁସ୍ତକର ନାଁ ସ୍ଥିର ହୋଇ ନ ଥିବା ବେଳେ ଶୈଫ ତାଙ୍କ ଅନୁଯାୟୀ ଏହାକୁ ଲେଖିବେ ବୋଲି ଅନୁମାନ କରାଯାଉଛି। ଆସନ୍ତା ବର୍ଷ ପୁସ୍ତକଟି ରିଲିଜ୍ ହେବ ବୋଲି କୁହାଯାଉଛି।

# ସ୍କୁଟର ଭଳି ସାଇକେଲ



**ଚଣ୍ଡିଗଡ଼:** ସାଇକେଲ କିନ୍ତୁ ଦେଖିବାକୁ ସ୍କୁଟର ଭଳି। ଏମିତି ଏକ ସାଇକେଲ ତିଆରି କରିଛନ୍ତି ପଞ୍ଜାବ ଲୁଧିଆନାର ଲଖୋବୋଲ ଗାଁର ହରମନଜୋତ୍। ଅଷ୍ଟମ ଶ୍ରେଣୀରେ ପଢୁଥିବା ହରମନଜୋତ୍ ତାଙ୍କ ବାପାଙ୍କ ସାହାଯ୍ୟରେ ଏଭଳି ଏକ ସାଇକେଲ୍ ତିଆରି କରିଛନ୍ତି।

ଯିବାଆସିବା ପାଇଁ ସୁବିଧା ହେବ ବୋଲି ହରମନଜୋତ୍ ବାପାଙ୍କୁ ତାଙ୍କ ପାଇଁ ଏକ ସାଇକେଲ କିଣି ଦେବାକୁ କହିଥିଲେ। କିନ୍ତୁ ନୂଆ ସାଇକେଲ କିଣି ଦେବା ପାଇଁ ତାଙ୍କ ବାପାଙ୍କ ପାଖରେ ଯଥେଷ୍ଟ ପଇସା ନ ଥିଲା। ସେଥିପାଇଁ ସେ କବାଡିଆଖାନାରେ ଥିବା ବିଭିନ୍ନ ଅଦରକାରୀ ଜିନିଷକୁ ବ୍ୟବହାର କରି ଏକ ସାଇକେଲ ନିଜେ ତିଆରି କରି ଦେଇଥିଲେ। ହେଲେ ହାତତିଆରି ସାଇକେଲଟି ଦେଖିବାକୁ ଭିନ୍ନ ପ୍ରକାରର ହୋଇଥିଲା। କାରଣ ସାଇକେଲର ଆଗପଟରେ ସେ ଏକ ସ୍କୁଟରର ଆଗପଟକୁ ଲଗାଇଥିଲେ। ତେଣୁ ଆଗପଟୁ ଦେଖିଲେ ତାହା ଏକ ସ୍କୁଟର ଭଳି ଦେଖାଯାଉଥିବାବେଳେ ପଛପଟରୁ ତାହା ସାଇକେଲ ଭଳି ଦେଖାଯାଉଛି। ସାଇକେଲ ଭଳି ଏହାକୁ ପେଡାଲ ମାରି ଚଲାଇବାକୁ ବି ହେବ। ତେଣୁ ଦେଖିବାକୁ ଯାହା ବି ହୋଇଥାଉ ହରମନଜୋତ୍‌ଙ୍କର ଆବଶ୍ୟକତା ପୂରଣ ହୋଇପାରିଥିଲା। ଏବେ ଏଭଳି ଏକ ସାଇକେଲ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ସାଇକେଲ ସ୍କୁଟରର ଏହି ଭିଜୁଆଲକୁ ଶେୟାର କରିବାର ମାତ୍ର କେଇଘଣ୍ଟା ହୋଇନି ଏହାକୁ ୨୭ହଜାରରୁ ଅଧିକ ଦର୍ଶକ ଦେଖିସାରିଲେଣି। ଏଭଳି ଏକ ଭିନ୍ନ କାମ ପାଇଁ ହରମନଜୋତ୍‌ଙ୍କ ବାପାଙ୍କୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି। ପ୍ରକୃତରେ ଆବଶ୍ୟକତା ଥିଲେ ହିଁ ଲୋକେ ନୂଆ ଜିନିଷ ଉଦ୍ଭାବନ କରିପାରନ୍ତି ଏହି ସାଇକେଲ୍‌ଟି ହିଁ ତା'ର ଏକ ଉଦାହରଣ ହୋଇପାରିଛି।

# ବ୍ୟାଙ୍କ ଆଗରେ ଟୋକନ୍ ହେଉଛି ବ୍ଲାକ୍

**ଭଣ୍ଡାରା:** ଫିଲ୍ମ ହଲ୍‌ରେ ଟିକେଟ୍ ବ୍ଲାକ୍ ହେବା ଦେଖାଯାଇଥାଏ। ତେବେ ବ୍ୟାଙ୍କରେ ସଞ୍ଚୟ ଟଙ୍କା ଉଠାଇବା ଲାଗି ଆସିଥିବା ଲୋକଙ୍କୁ ବ୍ଲାକ୍‌ରେ ଟୋକନ ବିକ୍ରି ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ତେବେ ଏହା ସତ୍ୟ। ଝାଡ଼ଖଣ୍ଡର ଭଣ୍ଡାରାରେ ଥିବା ଲୋହରଦଗା ବ୍ୟାଙ୍କ ଶାଖାରେ ଏଭଳି ସ୍ଥିତି ପ୍ରତିଦିନ ଦେଖିବାକୁ ମିଳୁଛି। ସ୍ଥାନୀୟ ଲୋକେ ରାତି ୨ଟାଠାରୁ ଲାଇନ୍‌ରେ ନିଜ ନିଜର ଜୋତା, ଚପଲ, ଛତା, ଇଟା ଆଦି ରଖୁଛନ୍ତି। ଏଠାରେ ଥିବା ବ୍ୟାଙ୍କକୁ ପ୍ରତିଦିନ ବହୁ ଲୋକ ପେନସନ୍, ବାର୍ଦ୍ଧକ୍ୟ ଭତ୍ତା, ଛାତ୍ରବୃତ୍ତି ତଥା ଘରର ଖର୍ଚ୍ଚ ପାଇଁ ଟଙ୍କା ଉଠାଇବାକୁ ଆସିଥାନ୍ତି। କିଛି ଲୋକ ରୋଜଗାର କରିବା ଲାଗି ରାତି ଅଧରୁ ବ୍ୟାଙ୍କ ଆଗରେ ଲାଇନରେ ଜୋତା, ଚପଲ, ଛତା, ଇଟା ଆଦି ରଖିଥାନ୍ତି। ଏସବୁ ଲାଇନ୍‌ର ସ୍ଥାନକୁ ଜଗିଥିବା ବ୍ୟକ୍ତି ୨୦ରୁ ୫୦ ଟଙ୍କାରେ ଟଙ୍କା ଉଠାଣ ଟୋକନ ସଂଖ୍ୟା ଆଧାରରେ ବ୍ଲାକ୍ କରିଥାନ୍ତି। ଏନେଇ ବ୍ୟାଙ୍କ ଅଫ୍ ଇଣ୍ଡିଆ କର୍ତ୍ତୃପକ୍ଷ ପଦକ୍ଷେପ ନେଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଶାଖା ପ୍ରବନ୍ଧକ ପ୍ରଦୀପ କୁମାର କହିଛନ୍ତି। କିଛି ଲୋକେ ଏଭଳି ବ୍ଲାକ୍ କରୁଥିବା ବ୍ୟାଙ୍କର ଦୃଷ୍ଟିକୁ ଆସିଛି। ତେବେ ଏନେଇ ସ୍ଥାନୀୟ ପୋଲିସକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ମାତ୍ର ଲୋକେ ପୋଲିସକୁ ମଧ୍ୟ ଖାତିର କରୁ ନାହାନ୍ତି। କରୋନା ସଙ୍କଟରେ ମଧ୍ୟ ଲୋକେ ସମାଜିକ ଦୂରତା ଅବଲମ୍ବନ କରୁ ନ ଥିବା ଅଭିଯୋଗ ହେଉଛି। ଏଠାରେ ୫୦ ହଜାର ସଞ୍ଚୟ ଖାତା ଧାରକ ଥିବା ଶାଖା ପ୍ରବନ୍ଧକ କହିଛନ୍ତି। ଏଭଳି ଟୋକନ୍ ବ୍ଲାକ୍‌କୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି।



ଟୋକନ ବେପାର ପାଇଁ ରାତି ଅଧାରୁ ଲାଗୁଛି ଲାଇନ୍

# ଟ୍ରେନ୍ ଯାତ୍ରାରେ ରାଜକୀୟ ଅନୁଭୂତି

**ନୂଆଦିଲ୍ଲୀ:** ସାରା ଦେଶରେ କରୋନା ଭାଇରସ୍ ସଂକ୍ରମଣର ପ୍ରକୋପ ଜାରି ରହିଛି। ଏହି ସମୟରେ ଲୋକମାନେ ଯାତ୍ରା କରିବା ତ ଦୂରର କଥା ବାହାରେ ବୁଲିବା ବି ଭୁଲିଗଲେଣି। ହେଲେ ବିଳାସପୂର୍ଣ୍ଣ ଥିବା ଏକ ଟ୍ରେନ୍ ବିଷୟରେ ଜାଣିଲେ ଯାତ୍ରା କରିବାକୁ ମନ ବଳିବ। ମହାରାଜା ଏକ୍ସପ୍ରେସର ଯାତ୍ରା ବିଶ୍ୱର ସବୁଠାରୁ ବିଳାସପୂର୍ଣ୍ଣ ଓ ମହଙ୍ଗା ଟ୍ରେନ୍ ଯାତ୍ରା ଭାବେ ବେଶ୍ ଜଣାଶୁଣା। ଏହାକୁ ଦେଖିଲେ କୌଣସି ୫ଷ୍ଟାର ହୋଟେଲ ମଧ୍ୟ ଫିକା ପଡ଼ିଯିବ। ଏହି ଟ୍ରେନରେ ଯାତ୍ରୀମାନଙ୍କୁ ରାଜା ମହାରାଜାଙ୍କ ଭଳି ସୁବିଧା ମିଳୁଥିବା ବେଳେ ଯାତ୍ରୀମାନେ ରାଜକୀୟ ଅନୁଭୂତି ଅନୁଭବ କରିଥାନ୍ତି। ମହାରାଜା ଏକ୍ସପ୍ରେସ ଟ୍ରେନ୍‌କୁ କେତେଥର ୱାର୍ଲ୍ଡ ଟ୍ରାଭେଲ ଆୱାର୍ଡରେ ମଧ୍ୟ ସମ୍ମାନିତ କରାଯାଇସାରିଛି। ହେଲେ ଏହି ଟ୍ରେନ୍‌ରେ ଯାତ୍ରା କରିବାକୁ ହେଲେ ଟିକେଟର ଦାମ୍ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିବା ହେଲେ କଥାଟି ସତ। ଯାତ୍ରୀମାନଙ୍କୁ ବିଳାସପୂର୍ଣ୍ଣ ଅନୁଭୂତି ସହ ଭାରତ ଦର୍ଶନ କରାଇବା ଉଦ୍ଦେଶ୍ୟରେ ୨୦୧୦ରେ ମହାରାଜା ଏକ୍ସପ୍ରେସ୍ ଆରମ୍ଭ ହୋଇଥିଲା। ୧ କିଲୋମିଟର ଲମ୍ବ ଏହି ଟ୍ରେନ୍‌ରେ ମୋଟ ୨୩ଟି ବଗି ରହିଛି। ଏହି ୨୩ଟି ବଗିରେ କେବଳ ୮୮ଜଣ ଯାତ୍ରା କରିପାରିବେ। କାରଣ ଯାତ୍ରୀଙ୍କ ସଂଖ୍ୟା କମ୍ ରହିଲେ, ସେମାନଙ୍କୁ ଭଲରେ ରାଜକୀୟ ସେବା ପ୍ରଦାନ କରାଯାଇପାରିବ ବୋଲି କୁହାଯାଏ। ମହାରାଜା ଏକ୍ସପ୍ରେସ୍ ଟ୍ରେନ୍‌ରେ ମୌର ମହଲ ଓ ରଙ୍ଗ ମହଲ ନାମରେ ୨ଟି ରେଷ୍ଟୁରାଣ୍ଟ ରହିଛି। ଏହି ଭବ୍ୟ ରେଷ୍ଟୁରାଣ୍ଟର ସାଜସଜ୍ଜାକୁ ଦେଖିଲେ ଯେ କାହାରି ବି ଆଖି ଲାଖିଯିବ। ରେଷ୍ଟୁରାଣ୍ଟରେ ସବୁଠାରୁ ବଡ଼କଥା ହେଲା ଏଥିରେ ୨୪ କ୍ୟାରେଟ ସୁନାରେ ଆବୃତ ହୋଇଥିବା ବାସନରେ ଖାଦ୍ୟ ପରଷା ଯାଇଥାଏ। ୨ଟି ଯାକ ରେଷ୍ଟୁରାଣ୍ଟରେ ଇଣ୍ଡିଆନ, ଚାଇନିଜ୍, କଣ୍ଟିନେଣ୍ଟାଲ ଓ ମେୱାଡ଼ି ଖାଦ୍ୟର ଲାଭ ଉଠାଇପାରିବେ। ଏହି ରାଜକୀୟ ଟ୍ରେନ୍ ଦିଲ୍ଲୀ, ଆଗ୍ରା, ବିକାନେର, ଫତେହପୁର ସିକରି, ଓରଛା, ଖଜୁରାହୋ, ଜୟପୁର, ଯୋଧପୁର, ଉଦୟପୁର, ବାରାଣସୀ ଓ ମୁମ୍ବାଇ ମାର୍ଗ ଦେଇ ଯାତ୍ରା କରିଥାଏ। ଏହି ଯାତ୍ରା ସମୟରେ ଯାତ୍ରୀମାନଙ୍କୁ ୫ ଷ୍ଟାର ହୋଟେଲର ସମସ୍ତ ସୁବିଧା ଯୋଗାଇ ଦିଆଯାଇଥାଏ। ଏହି ଟ୍ରେନ୍‌ରେ ୮୮ଜଣ ଯାତ୍ରୀଙ୍କ ପାଇଁ ମୋଟ ୪୩ଟି ଅତିଥି କ୍ୟାବିନ ରହିଛି। ସେଥିମଧ୍ୟରୁ ୨୦ଟି ଡିଲକ୍ସ କ୍ୟାବିନ, ୧୮ଟି ଜୁନିୟର ସୁଇଟ, ୪ ସୁଇଟ ଓ ଗୋଟିଏ ଗ୍ରାଣ୍ଡ ପ୍ରେସିଡେନ୍ସିଆଲ ସୁଇଟ୍ ରହିଛି। ପ୍ରତ୍ୟେକ କ୍ୟାବିନରେ ୨ଜଣ ବ୍ୟକ୍ତି ରହିବାର ସୁବିଧା ଥିବାବେଳେ କେବଳ ପ୍ରେସିଡେନ୍ସିଆଲ ସୁଇଟରେ ୪ଜଣ ଯାତ୍ରୀ ଯାତ୍ରା କରିପାରିବେ। ଏହି କ୍ୟାବିନ ସବୁଠାରୁ ମହଙ୍ଗା ଥିବାବେଳେ ଏହା ନବରତ୍ନ ନାମରେ ମଧ୍ୟ ନାମିତ କରାଯାଇଛି।

**ଗୋଟିଏ ଟିକେଟର ଦାମ୍ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ**







ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ
ଶ୍ରଦ୍ଧାଞ୍ଜଳି



୰ଛାୟାକାନ୍ତ ସାହୁ
୪୮୮, ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୫।୦୪।୧୯୪୧
ତିରୋଧାନ: ୦୭।୦୯।୨୦୧୯

ଚାହୁଁ ଚାହୁଁ ବର୍ଷେ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଶ୍ରାଦ୍ଧଦିବସରେ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ଓ ଅମର ଆତ୍ମା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଚିରଶାନ୍ତି ଲାଭକରୁ।

ତୁମର ଶୋକସନ୍ତପ୍ତ:
ପତ୍ନୀ, କନ୍ୟା, ଜ୍ୱାଇଁ, ନାତିନାତୁଣୀ ଓ ବନ୍ଧୁମାନେ।

ଧ-୧୮୦୨୮

## ନୂଆ ସିନେମା

# ମହାବାହୁ



ପ୍ରକୃତି–ଆକାଶ

ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ରମେଶ ବାରିକ ଏବେ ଏକ ନୂଆ ସିନେମାର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି। ଅବଶ୍ୟ ନିକଟରେ ତାହାର ମହୁରତ ଅନୁଷ୍ଠିତ ହୋଇଯାଇଛି। ଆର.ଆର.ଇଭେଣ୍ଟସ ପ୍ରଡକ୍ସନ ବ୍ୟାନରରେ ଉକ୍ତ ସିନେମାର ଟାଇଟଲ ରହିଛି 'ମହାବାହୁ'। ରମେଶ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିବେ ଅଭିନେତା–କମ୍–ନିର୍ଦ୍ଦେଶକ ଶ୍ରୀତମ ଦାସ। ତା'ସହ ଶ୍ରୀତମ ଏହାର କାହାଣୀ, ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ସଂଳାପ ଦାୟିତ୍ୱରେ ଅଛନ୍ତି ଶରଣାବିନ୍ଦ। ଚିତ୍ରଟିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ପ୍ରେମ ଆନନ୍ଦ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବେ ଆକାଶ ଦାସନାୟକ ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ପ୍ରକୃତି ମିଶ୍ର। ଅନ୍ୟପକ୍ଷରେ ଉଷସୀ ମିଶ୍ର, ପପି ସନ୍ତୁକା, ରବି ମିଶ୍ର ପ୍ରମୁଖ କଳାକାର ବିଭନ୍ନ ଭୂମିକାରେ ଦେଖାଦେବେ। ଚଳଚ୍ଚିତ୍ର ସମ୍ପର୍କରେ ରମେଶ କହନ୍ତି, 'ଏକ ଭିନ୍ନ ଧରଣର କାହାଣୀକୁ ନେଇ ଏହା ନିର୍ମିତ ହେବ। ଦର୍ଶକ ଏଥିରୁ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଆସନ୍ତା ମାସ ପ୍ରଥମ ସପ୍ତାହରୁ ଏହାର ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି।' ରଶେମ ଇତିମଧ୍ୟରେ 'ଟାଇଗର', 'ରୋମିଓ ଜୁଲିଏଟ୍', 'ଜଷ୍ଟ ମୋହବତ୍', 'ଦେଖା ହେଲା ପ୍ରେମ ହେଲା', 'ବ୍ରେକ୍‌ଅପ ଲଭ୍' ଏବଂ 'ଚକ୍ରବ୍ୟୂହ' ସିନେମାର ପ୍ରଯୋଜନା କରିସାରିଛନ୍ତି।

# ଖୋଜିବା ଚିଜ ମିଳିଯାଇଛି

**ଅନ୍‌ଲକ୍‌ରେ ମଞ୍ଚ ଜଗତର ଅନ୍ୟତମ ଆଗଧାଡ଼ିର ନାଟ୍ୟକାର ଏବଂ ନିର୍ଦ୍ଦେଶକ ତଥା ଅଭିନେତା ପ୍ରଦୀପ ବିଶ୍ୱାଳ ନିଜ ଅନୁଭୂତି ସମ୍ପର୍କରେ ଯାହା କହନ୍ତି...**



### ଅନ୍ ଲକ୍ ଅନୁଭୂତି

ପ୍ରଦୀପ ବିଶ୍ୱାଳ

ଯେହେତୁ ନାଟୁଆ ତେଣୁ ନାଟକଟିଏ କେମିତି ଲେଖିବି, ନିର୍ଦ୍ଦେଶନା ଦେବି ଏବଂ ତାହାକୁ ଷ୍ଟେଜ କରାଇବି ସେ ନେଇ ମୁଁ ସବୁବେଳେ ଭାବୁଥାଏ। ଇତିମଧ୍ୟରେ ମୋ ରଚିତ ଏବଂ ନିର୍ଦ୍ଦେଶିତ କେତୋଟି ନାଟକ ଦର୍ଶକଙ୍କୁ ପ୍ରଭାବିତ କରିବା ସହ ମୋତେ ନୂଆ ନାଟକ ଲେଖିବାକୁ କେତେ ପ୍ରେରଣା ଦେଇଛି ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ। କରୋନାଜନିତ କଟକଣା ଯୋଗୁ ମୋ ନାଟ୍ୟାନୁଷ୍ଠାନ 'ଶ୍ୱେତପଦ୍ମ'ର ସଦସ୍ୟଙ୍କ ସହ ଏବେ ତ ଭେଟ ହୋଇପାରୁନି। ଚଳିତବର୍ଷ ଫେବୃୟାରୀରେ ବରୁଣେଇଠାରେ ଏକ ବନ୍ଧୁମିଳନରେ ଆମର ଭବିଷ୍ୟତ ମଞ୍ଚ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଭଞ୍ଜ କଳା ମଣ୍ଡପରେ ମୋର ଏକ ପୁରୁଣା ନାଟକ ଷ୍ଟେଜ୍ ହେବ ବୋଲି ଯୋଜନା କରିଥିଲି ହେଲେ କରୋନା ପାଇଁ ତାହା ଏବେ ସମ୍ଭବ ନୁହେଁ। ଏହାବ୍ୟତୀତ ମୋ ରଚିତ ଏବଂ ନିର୍ଦ୍ଦେଶିତ ତଥା ଚର୍ଚ୍ଚିତ ନାଟକ 'ଜୀନତ'ର ହିନ୍ଦୀ ଅନୁବାଦ କରିବାକୁ ମୋର ଜଣେ ବନ୍ଧୁ ଦାୟିତ୍ୱ ନେଇସାରିଛନ୍ତି। ଏହାକୁ ଜାତୀୟସ୍ତରରେ ପରିବେଷଣ କରିବାକୁ ଯୋଜନା ରହିଛି। ଅନ୍ ଲକ୍ ସମୟରେ ମୋତେ କେତୋଟି ନାଟକର କାହାଣୀ ମିଳିଯାଇଛି। ଇତିମଧ୍ୟରେ କରୋନା ମହାମାରୀକୁ ନେଇ 'ଅପରିଣାମଦର୍ଶିତା' ଶୀର୍ଷକ ଏକ ନାଟକ ହରିଆ, ଝୁମୁକିର କାହାଣୀକୁ ନେଇ ନୂଆ ନାଟକ 'ଅଭୁଲା ଜୀବନ' ଲେଖିସାରିଛି। ଜଣେ ସାମ୍ବାଦିକର ଜୀବନୀକୁ ନେଇ ଏକ ନାଟକ (ଅସମ୍ପୂର୍ଣ୍ଣ ସଂକଳନ)ର ରଚନା ଚାଲିଛି। ତା'ସହ କେତୋଟି ଗଳ୍ପ ମଧ୍ୟ ଲେଖିଛି। ମୋଟ ଉପରେ କହିବାକୁ ଗଲେ କରୋନା ଲକ୍‌ଡାଉନ୍ ଏବଂ ଅନ୍‌ଲକ ସମୟରେ ମୁଁ ନାଟକକୁ ନେଇ ଯାହା ଖୋଜୁଥିଲି ତାହା ମୋତେ ମିଳିଯାଇଛି।

## ଅତୀତରୁ

–ଓଡ଼ିଆ ସିନେମା 'ସମର୍ପଣ'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ। ଫିଲ୍ମର ପ୍ରଯୋଜନା ରାହାସ ବିହାରୀ ପଣ୍ଡା କରିଥିଲେ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ଏନ. ଗୋପାଳ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର। ଶରତଙ୍କ ବ୍ୟତୀତ ଗିରିଜା, ରାମନାରାୟଣ, ତନ୍ଦ୍ରା, ନୀହାରିକା ଏବଂ ଜୟୀ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

–ପ୍ରଦୀପ ସାମନ୍ତରାୟ, ମାଳା, ଦୁଃଖୀରାମ ସ୍ୱାଇଁ ଏବଂ ଗ୍ଲୋରିଆ ମହାନ୍ତିଙ୍କ ଅଭିନୀତ 'ସାକ୍ଷୀ ଗୋପୀନାଥ'ର ପ୍ରଯୋଜକ ଥିଲେ ପୂର୍ଣ୍ଣ ଚନ୍ଦ୍ର ଜେନା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ଗଣେଶ ମହାପାତ୍ର। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବାସୁଦେବ ରଥ।

–ଶ୍ରୀକାନ୍ତି ଏଣ୍ଟରପ୍ରାଇଜେସ, ମାଡ୍ରାସ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଝିଲିମିଲି'। କ୍ରାନ୍ତି କୁମାରଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ କେ.ଏଚ.ଡି. ରାଓ।

# ଦିନ ଗଣୁଛନ୍ତି ୟାମି



ୟାମି ଗୌତମ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ଆପଣ ଭାବୁଛନ୍ତି କି ସେ ହାତକୁ ଦି' ହାତ ହେବାକୁ ଦିନ ଗଣୁଛନ୍ତି। ହେଲେ ଅସଲ କଥା ସେଇଆ ନୁହେଁ। ନିକଟରେ ସେ ଏକ ହିନ୍ଦୀ ସିନେମା ସାଇନ୍ କରିଛନ୍ତି ଆଉ ଏହାର ଶୁଟିଂ କେବେ ଆରମ୍ଭ ହେବ ସେ ନେଇ ଦିନ ଗଣି ଚାଲିଛନ୍ତି। କାରଣ ଉକ୍ତ ନୂଆ ସିନେମାର ଶୁଟିଂ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହେବାର ଯୋଜନା ହୋଇଛି। ଏ ସମ୍ପର୍କରେ ୟାମି କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ତାହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ତେଣୁ ଫିଲ୍ମର ଶୁଟିଂ କେବେ ଆରମ୍ଭ ହେବ ସେ ନେଇ ଦିନ ଗଣିବା ଆରମ୍ଭ କରିଦେଇଛି।' ଏହି ଫିଲ୍ମର ପ୍ରଯୋଜନା କରୁଛନ୍ତି ରମେଶ ତୌରାନି ଏବଂ ନିର୍ଦ୍ଦେଶନା ଦେବେ ଅଜିଜ ମିର୍ଜାଙ୍କ ପୁଅ ହାରୁନ୍। ଏଥିରେ ୟାମିଙ୍କ ନାୟକ ସାଜିବେ ଦଲଜିତ ସିଂ ଦୋସାଞ୍ଜ।

## ସୁଯୋଗ ଅପେକ୍ଷାରେ ବୀରେନ୍

ଗ୍ରାଜୁଏଶନ ପରେ ଜଣେ କଳାକାର ହେବାର ସ୍ୱପ୍ନ ଦେଖିଥିଲେ ସେ। ଏପରି ଆଶା ନେଇ ସେ ପାଦ ଥାପିଥିଲେ ରାଜଧାନୀରେ। କିନ୍ତୁ ହଠାତ୍ ତାଙ୍କୁ ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା। ତାଙ୍କ ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ୍ର 'କୁପି' (ସମ୍ବଲପୁରୀ ଭାଷାରେ ନିର୍ମିତ) ପୁରସ୍କାର ପାଇବା ପରେ ଜଣେ



ନିର୍ଦ୍ଦେଶକ ହେବାର ଆଶା ତାଙ୍କର ଦ୍ୱିଗୁଣିତ ହୋଇଯାଇଥିଲା। ସେ ହେଲେ କେନ୍ଦ୍ରାପଡ଼ା ଜିଲା କୋରୋ ପଞ୍ଚାୟତ ଅନ୍ତର୍ଗତ ତନାର ଗ୍ରାମରେ ଜନ୍ମିତ ବୀରେନ୍ ବୀରେନ୍। ଏହାପରେ ସେ 'ଫ୍ରେଣ୍ଡସ ମିନ୍‌ସ ଫ୍ରେଣ୍ଡସ' ଏବଂ 'ମଷ୍ଟେକ୍ ଲଭ୍' ନାମକ ଦୁଇଟି ଓଡ଼ିଆ ଭାଷାରେ ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇ ସାଉଁଟିଥିଲେ ଅନେକ ପ୍ରଶଂସା। ତା'ପରେ ସେ କେତୋଟି ମ୍ୟୁଜିକ ଅଲବମ୍‌ର ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ସେଗୁଡିକ ମଧ୍ୟରେ ରହିଛି 'ତୋ ଶୁଭ ବିବାହରେ ଅଭିନନ୍ଦନ, ପ୍ରେମ କେବେ ମରେନା, ତୁ ଏମିତିକା ସାୟରୀ, ତୁ ଦରକାର, ତୋ ପରି ପ୍ରେମିକା ଲୋ, ଏ ମନ ଝୁରେ ଲୁହ ଝୁରେ, ସମ୍ବଲପୁରୀ କୁଇନ୍' ଏବଂ ରିଲିଜ ଅପେକ୍ଷାରେ ଥିବା 'ଉଡି ଉଡି ଯାଏ କାନି, ତୋ ପାଇଁ ଦିଲ୍ ମୋର କିଛି କିଛି ହେଉଛି ଏବଂ ମତେ ଲଭ୍ ହେଲା'। ନିଜ କ୍ୟାରିୟର ସମ୍ପର୍କରେ ବୀରେନ୍ କହନ୍ତି, 'ଆରମ୍ଭରୁ ଏ ପର୍ଯ୍ୟନ୍ତ ମୋତେ ବେଶ୍ ଘାତ ପ୍ରତିଘାତ ଦେଇ ଗତି କରିବାକୁ ପଡିଛି। ହେଲେ କେଉଁଠାରେ ମୁଁ ଧୈର୍ଯ୍ୟହରା ହୋଇନାହିଁ। କାରଣ ପ୍ରତିଟି କଥାକୁ ମୁଁ ଚ୍ୟାଲେଞ୍ଜ ଭାବରେ ନେଇଛି। ଏବେ ମୋର ଆଶା ରହିଛି ବଡ ପରଦା। ଅବଶ୍ୟ ସହ ନିର୍ଦ୍ଦେଶନା ପାଇଁ ଅଫର ଆସୁଛି। ହେଲେ ସିଧାସଳଖ ନିର୍ଦ୍ଦେଶନା ପରି ଦାୟତ୍ୱ ମୋତେ ଦିନେ ନା ଦିନେ ମିଳିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।'

## ବଲିଉଡ୍ ହାଲ୍‌ଚାଲ୍

► ଆଲିୟା ଭଟ୍ଟ ଏବେ କାହାଣୀ ଖୋଜିବାରେ ବ୍ୟସ୍ତ ଅଛନ୍ତି। ମହେଶ ଭଟ୍ଟଙ୍କ ପ୍ରଯୋଜନାରେ ସେ ଲଗାତର ଦୁଇଟି ସିନେମାରେ ଅଭିନୟ କରିବାର ଯୋଜନା ରହିଛି। ତେଣୁ ମହେଶ ଏହି ଫିଲ୍ମଦ୍ୱୟର କାହାଣୀ ଚୟନ ଦାୟିତ୍ୱ ଆଲିୟାଙ୍କୁ ଦେଇଛନ୍ତି।

► ଜାହ୍ନବୀ କପୁର ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଭିନୟ କରିବେ ଅଙ୍ଗଦ ବେଦୀ।

► ବଲିଉଡ୍‌ର ଅନ୍ୟତମ ନାମୀ ବ୍ୟାନର ହେଉଛି ୟଶରାଜ ଫିଲ୍ମସ। ପରଲୋକଗତ ପ୍ରଯୋଜକ ୟଶ ଚୋପ୍ରା ଏହି ବ୍ୟାନରରେ ଅନେକ ସୁପରହିଟ୍ ଫିଲ୍ମ ପ୍ରଯୋଜନା କରିସାରିଛନ୍ତି। ଚଳିତବର୍ଷ ଏହି ବ୍ୟାନର ହିନ୍ଦୀ ସିନେମାର ୫୦ବର୍ଷ ପାଳନ କରିବାକୁ ଯାଉଛି। ଏହି ଅବସରରେ ଏହାର ଏକ ନୂଆ ଲୋଗ ଉନ୍ମୋଚିତ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

► ରିଲିଜ ଅପେକ୍ଷାରେ ଥିବା 'ସୂର୍ଯ୍ୟବଂଶୀ'କୁ ଅକ୍ଷୟ କୁମାର ପ୍ରେକ୍ଷାଳୟରେ ରିଲିଜ କରିବା ଯୋଜନାରେ ଅଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ରୋହିତ ସେଟ୍ଟି।

► ଏକ ଅନଟାଇଟଲଡ ଫିଲ୍ମର ନାୟକ ଭୂମିକାରେ ଅଭିନୟ କରିବେ ଅର୍ଜୁନ କପୁର ଏବଂ ତାଙ୍କ ସହ ଫିମେଲ ଲିଡ୍‌ରେ ଅଛନ୍ତି ରକୁଲ ପ୍ରୀତ ସିଂ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ନିଖିଲ ଆଡୱାନୀ।

# ଦିଶାଙ୍କ ପ୍ରିୟ ସାଙ୍ଗ

ଦିଶା ପଟାନିଙ୍କର ପ୍ରିୟ ସାଙ୍ଗ କିଏ ? ଯିଏ ସେ ବିଷୟରେ ଜାଣିବ ଆଶ୍ଚର୍ଯ୍ୟ ନ ହୋଇ ରହିପାରିବ ନାହିଁ। ତାଙ୍କର ସବୁଠାରୁ ପ୍ରିୟ ସାଙ୍ଗ ହେଉଛି ମାଛ। ଅର୍ଥାତ ସେ ଯେହେତୁ ମାଛ ଖାଇବାକୁ ବେଶି ଭଲ ପାଆନ୍ତି ତେଣୁ ମାଛକୁ ନିଜର ସବୁଠାରୁ ପ୍ରିୟ ସାଙ୍ଗ ବୋଲି କହନ୍ତି। ଅଭିନୟରେ ପ୍ରବେଶ କରିବା ପୂର୍ବରୁ ଦିଶା ୨୦୧୩ରେ ଅନୁଷ୍ଠିତ ମିସ୍ ଇଣ୍ଡିଆ–ଇନ୍ଦୋର ସୁନ୍ଦରୀ ପ୍ରତିଯୋଗିତାରେ ରନର୍ସ ଅପ୍ ହୋଇଥିଲେ। ଅବସର ମିଳିଲେ ସେ କେଉଁଠି ସମୟ କଟାଇବାକୁ ଚାହାନ୍ତି ଜାଣନ୍ତି ? ସମୁଦ୍ର ଉପକୂଳ ଅର୍ଥାତ ବିଚ୍‌ରେ। ତେଣୁ ତାଙ୍କର କେତେ ଜଣ ସାଙ୍ଗ ତାଙ୍କୁ 'ବିଚ୍ ଗର୍ଲ' ବୋଲି ଡାକିଥାଆନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ଦିଶା। ବେଶ୍ କେତୋଟି ବିଜ୍ଞାପନରେ କାମ କରିଥିଲେ। କମ୍ପ୍ୟୁଟରରେ ବ୍ୟାଚେଲର ଡିଗ୍ରୀ ହାସଲ କରିବା ସହ ଦିଶା ଇଞ୍ଜିନିୟରିଂ ମଧ୍ୟ ପାସ୍ କରିଛନ୍ତି। ତାଙ୍କର ରୋଲ୍ ମଡେଲ ହେଲେ ପ୍ରିୟଙ୍କା ଚୋପ୍ରା। ନିଜର ଫିଟ୍‌ନେସ୍ ପ୍ରତି ସବୁବେଳେ ସଚେତନ ରହିଥାଆନ୍ତି। ନିଜ ଷ୍ଟାଇଲ୍ ପାଇଁ ସେ ବେଶ୍ ଆକର୍ଷଣୀୟ ଦେଖାଯାଇଥାଆନ୍ତି ବୋଲି କହନ୍ତି ଦିଶା। ୨୦୧୫ରେ ଏକ ତେଲୁଗୁ ଫିଲ୍ମ (ଲୋଫର)ରୁ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। 'ଧୋନୀ : ଦ ଅନଟୋଲ୍ଡ ଷ୍ଟୋରି' (୨୦୧୬) ଥିଲା ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ଅଗଷ୍ଟ ୨୭/୨୦୨୦ Thursday, August 27/2020

## ସଂକ୍ଷେପରେ

### କ୍ରୀଡ଼ା ଭାରତୀ ଉତ୍କଳର କର୍ମଶାଳା

**ଭୁବନେଶ୍ୱର, ୨୬।୮ (ସ୍ପୋର୍ଟ୍ସ ବ୍ୟୁରୋ):** କ୍ରୀଡା ଭାରତୀ ଉତ୍କଳ ପକ୍ଷରୁ ଅଗଷ୍ଟ ୧୭ରୁ ୨୫ ପର୍ଯ୍ୟନ୍ତ କ୍ରୀଡା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଆଠଦିନ ଧରି ଅନୁଷ୍ଠିତ ଏହି କର୍ମଶାଳାରେ ବିଭିନ୍ନ ଖେଳ ଫୁଟବଲ, ଭଲିବଲ, କବାଡି, ବ୍ୟାଡମିଣ୍ଟନ, କ୍ରିକେଟ ଓ ଖୋଖୋ ଖେଳର ବିଭିନ୍ନ ନିୟମ, ସ୍କିଲ, କୌଶଳ, ଫିଟ୍‌ନେସ, ଆହତ ସମସ୍ୟା, ଫାଷ୍ଟଏଡ୍ ଏବଂ ସ୍ପୋର୍ଟ୍ସ କାଉନ୍ସେଲିଂ ଉପରେ ଦକ୍ଷ ଏବଂ ବିଜ୍ଞ ବକ୍ତାମାନଙ୍କ ଦ୍ୱାରା ବିସ୍ତୃତ ଭାବରେ ଆଲୋଚିତ ହୋଇଥିଲା। ପ୍ରତିଦିନ ୨ ଘଣ୍ଟା ଧରି ଅନୁଷ୍ଠିତ ଏହି ଭର୍ଚୁଆଲ କର୍ମଶାଳାରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରତ୍ୟେକ ୧୦୦ରୁ ଊର୍ଦ୍ଧ୍ୱ ସ୍କୁଲ ଓ କଲେଜର ଶାରୀରିକ ଶିକ୍ଷା ଶିକ୍ଷକ ଭାଗ ନେଇଥିଲେ। କ୍ରୀଡା ଭାରତୀ ଅଧ୍ୟକ୍ଷ ଦାମୋଦର ପଧାନୀଙ୍କ ଦ୍ୱାରା ଏହି କର୍ମଶାଳା ଉଦ୍‌ଘାଟିତ ହୋଇଥିଲା। ଉପସଭାପତି ଡ.ଅଶୋକ କୁମାର ନାୟକ ଉପସ୍ଥିତ ଥିଲେ। ଏହି କର୍ମଶାଳାର ବିଭିନ୍ନ ଅଧିବେଶନକୁ ମନମୋହନ ରାଉତ, ରମେଶ ଚନ୍ଦ୍ର ସ୍ୱାଇଁ, ଗଙ୍ଗାଧର ବେହେରା, ନନ୍ଦ କିଶୋର ପଟ୍ଟନାୟକ, ଗଗନେନ୍ଦୁ ଦାଶ, ଅମ୍ବିକା ପ୍ରସାଦ ରାୟ, ଅସିତ ପାଲ, ଅଜୟ କୁମାର ବେହେରା, ଦେବେନ୍ଦ୍ର ନାଥ ବେହେରା, ମୁକ୍ତି ପ୍ରସାଦ ଦାଶ, ସମୀର କୁମାର ସାହୁ, ମନୋଜ କୁମାର ସାବତ, ରଶ୍ମିତା ମହାନ୍ତି, ମହେଶ ମଲ୍ଲ, ବିଭୁ ପ୍ରସାଦ ଶତପଥୀ, ତାରିଣୀ ପ୍ରସାଦ ଦାସ, ଶୁଭକାନ୍ତ ସାହୁ ଓ ରବି ନାରାୟଣ ପ୍ରଧାନ ପ୍ରମୁଖ ସମ୍ବୋଧିତ କରିବା ସହିତ କାର୍ଯକ୍ରମ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସମ୍ପୂର୍ଣ କାର୍ଯ୍ୟକ୍ରମକୁ ଯାଜପୁର ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ରଞ୍ଜନ କୁମାର ସୂତାର ପରିଚାଳନା କରିଥିଲେ।

### ଓଓଏର କାଉନସିଲ ବୈଠକ

**କଟକ ଅଫିସ,୨୬।୮:** ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଓଏ)ର ଫାଇନାନ୍ସ ଓ କାଉନସିଲ ବୈଠକ ବୁଧବାର ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଓଓଏ ସଭାପତି ସମୀର ଦେ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଆସନ୍ତା ବର୍ଷ ନିମନ୍ତେ ବଜେଟ ନିର୍ଦ୍ଧାରଣ କରାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ୨କୋଟି ୮୮ଲକ୍ଷ ୬୦ହଜାର ୬୧୦ ଟଙ୍କା ବଜେଟ ନିର୍ଦ୍ଧାରିତ ହୋଇଛି।

# କ୍ରେଡ୍ ନୂଆ ସ୍ପୋନ୍ସରଶିପ୍ ପାର୍ଟନର

ନୂଆଦିଲ୍ଲୀ,୨୬।୮

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଓ ବିସିସିଆଇ ପାଇଁ ଏକ ଖୁସି ଖବର। କ୍ରେଡିଟ୍‌କାର୍ଡ କମ୍ପାନୀ ସିଆରଇଡି (କ୍ରେଡ୍) ଆଇପିଏଲ୍ ୨୦୨୦ର ନୂଆ ଅଫିସିଆଲ ସ୍ପୋନ୍ସରଶିପ୍ ପାର୍ଟନର ହିସାବରେ ଚୁକ୍ତି କରିଛି। ଆଇପିଏଲ୍‌ର ୧୩ତମ ସଂସ୍କରଣ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହେବାକୁ ଯାଉଥିବା ବେଳେ ଏହି ଚୁକ୍ତି ଟୁର୍ଣ୍ଣାମେଣ୍ଟ ଷ୍ଟେକ୍ ହୋଲ୍ଡରଙ୍କୁ ଆହୁରି ଉତ୍ସାହିତ କରିବ ବୋଲି ଆଶା କରାଯାଉଛି। ପୂର୍ବରୁ ଅନ୍‌ଏକାଡେମୀ ସହିତ ବିସିସିଆଇ ଚୁକ୍ତି କରିଥିଲା। ଏବେ କ୍ରେଡ୍ ଏଥିରେ ସାମିଲ ହେବା ଫଳରେ ଗତ ସଂସ୍କରଣ ଭଳି ଆଇପିଏଲ୍ ୨୦୨୦ରେ ସବୁ ୩ଟି ପାର୍ଟନରଶିପ୍ ସ୍ଥାନ ପୂରା ହୋଇଛି।

ଟାଟା ମୋଟର୍ସ, ଅନ୍‌ଏକାଡେମୀ ଓ କ୍ରେଡ୍ ଏବେ ବିସିସିଆଇ ୩ଟି ପାର୍ଟନଶିପ୍ ସ୍ଲଟ୍ ପୂର୍ଣ୍ଣ କରିଛନ୍ତି। ଏଥିରୁ ବିସିସିଆଇ ୧୨୦ କୋଟି ଟଙ୍କା ଅର୍ଥ ଉପାର୍ଜନ କରିବ। ଅଫିସିଆଲ ପାର୍ଟନରଶିପ୍ ସ୍ଲଟ୍ ପୂରା କରିଥିବାରୁ ଆମେ ବହୁତ ଖୁସି ଓ ଏହା ଆଇପିଏଲ୍ ବ୍ରାଣ୍ଡର ଶକ୍ତିକୁ ଦର୍ଶାଉଛି ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ ଇନ୍‌ସାଇଡ୍‌ସ୍ପୋର୍ଟ୍ସକୁ କହିଛନ୍ତି। ଡ୍ରିମ୍ ୧୧ ଟାଇଟଲ ପ୍ରାୟୋଜକ ଭାବେ ଚୁକ୍ତିବଦ୍ଧ ହେବା ପରେ ଦୁଇଟି ପାର୍ଟନରଶିପ୍ ସ୍ଲଟ୍ ଫାଙ୍କା ପଡିଥିଲା। ବର୍ତ୍ତମାନ ଅନ୍‌ଏକାଡେମୀ ଓ କ୍ରେଡ୍ ଏହି ଫାଙ୍କା ସ୍ଥାନକୁ ପୂରଣ କରିଛନ୍ତି। ବିସିସିଆଇ ଏବେ ବେଶ୍ ସହଜ ଅନୁଭବ କରିବ। ଅନ୍‌ଏକାଡେମୀ ସହ ୩ ବର୍ଷିଆ ଚୁକ୍ତି ହୋଇଛି। ତେବେ ଏ ସଂକ୍ରାନ୍ତରେ ଆମେ ଆନୁଷ୍ଠାନିକ ଭାବେ ଘୋଷଣା କରିବୁ ବୋଲି ବୋର୍ଡର ଅଧିକାରୀ ଜଣକ କହିଛନ୍ତି।

ବର୍ତ୍ତମାନ ପରିସ୍ଥିତିରେ ବିସିସିଆଇର ସେଣ୍ଟ୍ରାଲ ସ୍ପୋନ୍ସରଶିପ୍ ରେଭିନ୍ୟୁ ୩୦ ପ୍ରତିଶତ ଅବନତି ହୋଇଛି। ୨୦୧୯ ଆଇପିଏଲ୍‌ରେ ମୋଟ୍ ସେଣ୍ଟ୍ରାଲ ସ୍ପୋନ୍ସରଶିପ୍ ବାବଦରେ ୬୧୮ କୋଟି ଟଙ୍କା ଉପାର୍ଜନ ହୋଇଥିଲା। କିନ୍ତୁ ଆଇପିଏଲ ୨୦୨୦ରେ ମୋଟ ସେଣ୍ଟ୍ରାଲ ସ୍ପୋନ୍ସରଶିପ୍ ମାଧ୍ୟମରେ ୩୬୦ କୋଟି ଟଙ୍କା ଉପାର୍ଜନ ହେବ।

# ପଞ୍ଜାବ, ରାଜସ୍ଥାନର ଟ୍ରେନିଂ ଆରମ୍ଭ

ଦୁବାଇ, ୨୬।୮ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ପାଇଁ କିଙ୍ଗ୍ସ ଇଲେଭେନ ପଞ୍ଜାବ ଓ ରାଜସ୍ଥାନ ରୟାଲ୍ସ ଦଳର ଖେଳାଳିମାନେ ବୁଧବାର ଟ୍ରେନିଂ ଆରମ୍ଭ କରିଛନ୍ତି। ଗତ ସପ୍ତାହରେ ଏହି ଦୁଇ ଦଳର ଖେଳାଳିମାନେ ଏଠାରେ ପହଞ୍ଚିବାପରେ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଏହି ଅବସରରେ ସେମାନଙ୍କର କୋଭିଡ୍-୧୯ ଟେଷ୍ଟ ହୋଇଥିଲା ଏବଂ ରିପୋର୍ଟ ନେଗେଟିଭ୍ ଆସିଥିଲା। କିଙ୍ଗ୍ସ ଇଲେଭେନ ଓ ରୟାଲ୍ସ ଦଳ ଦୁବାଇରେ ଅବସ୍ଥାନ କରୁଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଅନୁସାରେ କ୍ୱାରାଣ୍ଟାଇନ୍‌ର ୧ମ, ୩ୟ ଓ ୬ଷ୍ଠ ଦିବସରେ କୋଭିଡ ଟେଷ୍ଟ ହୋଇଥିଲା। ରିପୋର୍ଟ ନେଗେଟିଭ୍ ଆସିବାପରେ ସେମାନଙ୍କୁ ଟ୍ରେନିଂ ପାଇଁ ଅନୁମତି ମିଳିଥିଲା। କ୍ୱାରାଣ୍ଟାଇନ୍ ଅବସରରେ ଖେଳାଳିମାନଙ୍କୁ ନିଜ ହୋଟେଲ୍ ରୁମ୍‌କୁ ମଧ୍ୟ ଯିବାକୁ ଅନୁମତି ଦିଆ ଯାଇ ନ ଥିଲା। ମଙ୍ଗଳବାର ଦୁବାଇରେ ପହଞ୍ଚିଥିବା ଦକ୍ଷିଣ ଆଫ୍ରିକାର ଡେଭିଡ ମିଲର ଓ ହର୍ଡ୍ସ ଭିଲଜନ ୬ ଦିନିଆ କ୍ୱାରାଣ୍ଟାଇନ୍ ପରେ ଯଥାକ୍ରମେ ରାଜସ୍ଥାନ ଓ ପଞ୍ଜାବ ଦଳରେ ଯୋଗଦେବେ। ସେପ୍ଟେମ୍ବର ୧୯ରୁ ନଭେମ୍ବର ୧୦ ପର୍ଯ୍ୟନ୍ତ ଆଇପିଏଲ ଜୈବ-ସୁରକ୍ଷିତ ପରିବେଶରେ ଅନୁଷ୍ଠିତ ହେବ। ପୂର୍ବରୁ ଦେଶରେ ସାଧାରଣ ନିର୍ବାଚନ ପାଇଁ ୨୦୦୯ରେ ଦକ୍ଷିଣ ଆଫ୍ରିକାରେ ଏବଂ ସମାନ କାରଣ ପାଇଁ ୨୦୧୪ରେ ୟୁଏଇରେ ଆଇପିଏଲର ପ୍ରଥମଭାଗ ଅନୁଷ୍ଠିତ ହୋଇଥିଲା।


ଲୋକେଶ ରାହୁଲଙ୍କ ସହ ଅନିଲ କୁମ୍ବଲେ।

### ଆଜିଠାରୁ ରୟାଲ ଚ୍ୟାଲେଞ୍ଜର୍ସ

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ଦଳର ଟ୍ରେନିଂ କ୍ୟାମ୍ପ ଗୁରୁବାରଠାରୁ ଆରମ୍ଭ ହେବ। ''ଖେଳାଳିମାନେ ଗତ କିଛିମାସଧରି ବିଭିନ୍ନ ପରିବେଶରେ ସମୟ କଟାଇଛନ୍ତି। ସେମାନଙ୍କ ଫିଟ୍‌ନେସ ସ୍ତର ଏବଂ ଟ୍ରେନିଂ ମଧ୍ୟ ସମାନ ନାହିଁ। ତେଣୁ ସମସ୍ତଙ୍କ ପାଇଁ ସମାନ ଟ୍ରେନିଂ ଉପଯୁକ୍ତ ହେବନାହିଁ। ସପୋର୍ଟ ଷ୍ଟାଫ ଟିମ୍ ଏଥିପାଇଁ କାମ କରୁଛନ୍ତି ଏବଂ ଖେଳାଳିଙ୍କ ମାନସିକ, ଶାରୀରିକ ଓ ଭାବାବେଗ ଅନୁସାରେ କିପରି ସେମାନଙ୍କୁ ଆଗାମୀ ସିଜନ ପାଇଁ ପ୍ରସ୍ତୁତ କରାଯାଇ ପାରିବ ସେଥିପ୍ରତି ଧ୍ୟାନ ଦିଆଯାଉଛି'' ବୋଲି ଆର୍‌ସିବି କ୍ରିକେଟ ଅପରେଶନ ନିର୍ଦ୍ଦେଶକ ମାଇକ ହେସନ ପ୍ରକାଶ କରିଛନ୍ତି। କୋହଲିଙ୍କ ଦଳ ଏବେ ମଧ୍ୟ ଆଇପିଏଲ ଟାଇଟଲ ସ୍ୱାଦ ଚାଖିବା ଅପେକ୍ଷାରେ ଅଛି। ଗତ ସିଜନ ଗୁଡ଼ିକରେ ଦଳ ନିକଟତର ହୋଇଥିଲେ ହେଁ ବିଫଳ ହୋଇଥିଲା। ଖେଳାଳିମାନେ ଆଇସିସି କ୍ରିକେଟ ଏକାଡେମୀରେ ଟ୍ରେନିଂ ନେଇ ସେମାନଙ୍କୁ ପ୍ରସ୍ତୁତ କରିବେ।

**ଆଇପିଏଲ୍ ୨୦୨୦**

# କାନ୍ଦ ରୋକିପାରି ନ ଥିଲେ ରାଣୀ

ନୂଆଦିଲ୍ଲୀ, ୨୬।୮ (ପି.ଟି.)

ଚଳିତ ବର୍ଷ ରାଣୀ ରାମପାଲଙ୍କ ସମେତ ୫ ଖେଳାଳି ଦେଶର ସର୍ବୋଚ୍ଚ ରାଜୀବଗାନ୍ଧୀ ଖେଳରତ୍ନ କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ପ୍ରଥମ ମହିଳା ହକି ଖେଳାଳିଭାବେ ରାଣୀ ଏହି ପୁରସ୍କାର ପାଇବାକୁ ଯାଉଛନ୍ତି। ଏହି ଖବର ଶୁଣିବାପରେ ଭାବାବେଗକୁ ରୋକି ନ ପାରି କାନ୍ଦି ପକାଇଥିଲେ ଭାରତୀୟ ହକି ଅଧିନାୟିକା। ରାଣୀଙ୍କ ସମେତ କ୍ରିକେଟର ରୋହିତ ଶର୍ମା, ରେସଲର ଭିନେଶ ଫୋଗତ, ଟେବୁଲ ଟେନିସ ତାରକା ମାନିକା ବାତ୍ରା ଓ ପାରାଅଲିମ୍ପିଆନ ଥାଙ୍ଗାଭେଲୁ ମାରିୟାପ୍ପାନ ଖେଳରତ୍ନ ପୁରସ୍କାର ପାଇବେ। ଜଣେ ମହିଳା ହକି ଖେଳାଳି ଖେଳରତ୍ନ ପୁରସ୍କାର ପାଇବ ବୋଲି କେବେ ଭାବିପାରି ନ ଥିଲେ ୨୫ ବର୍ଷୀୟା ରାଣୀ। ୫ ଜଣଙ୍କ ମଧ୍ୟରେ ସେ ସ୍ଥାନ ପାଇଥିବାରୁ ଭାବପ୍ରବଣ ହୋଇ ପଡ଼ିଥିଲେ। ''ସତକହିବାକୁ ଗଲେ ଜଣେ ମହିଳା ଖେଳାଳିଭାବେ ମୁଁ କେବେ ଖେଳରତ୍ନ ପୁରସ୍କାର ପାଇବି ବୋଲି ଭାବି ନ ଥିଲି। ଖେଳାଳିଙ୍କ ନାମ ଘୋଷଣା ହେବାପରେ ମୁଁ କାନ୍ଦ ରୋକିପାରି ନ ଥିଲି। ଏହି ଶୁଭଖବର ପ୍ରଥମେ ମୁଁ ବାପାଙ୍କୁ ଫୋନ୍ କରି ଜଣାଇଥିଲି। ସେତେବେଳ ପର୍ଯ୍ୟନ୍ତ ମୁଁ କାନ୍ଦୁଥିଲି। ମୋ ସହିତ କିଛି ଖରାପ ହୋଇଛି ବୋଲି ଭାବି ବାପା ବ୍ୟସ୍ତ ହୋଇ ପଡ଼ିଲେ। କାରଣ ଖେଳରତ୍ନ ପୁରସ୍କାରର ଗୁରୁତ୍ୱକୁ ସେମାନେ ବୁଝି ନ ଥିଲେ। ମୁଁ ବୁଝାଇବାପରେ ବାପା ବହୁତ ଖୁସିହେଲେ ଏବଂ ଭାବପ୍ରବଣ ହୋଇପଡ଼ିଲେ'' ବୋଲି ରାଣୀ ଏକ ସାକ୍ଷାତକାରରେ କହିଛନ୍ତି। ଭାରତୀୟ ହକି ଇତିହାସରେ ରାଣୀଙ୍କ କ୍ୟାରିୟର ଅତ୍ୟନ୍ତ ଚମକପ୍ରଦ। ସେ ଅତି ଦରିଦ୍ର ପରିବାରରୁ ଆସିଥିଲେ। ତାଙ୍କ ବାପା ଜଣେ ଟଣାଗାଡ଼ି ଚାଳକ ଥିଲେ। ସେଠାରୁ ଆସି ଆଜି ରାଣୀ ଭାରତୀୟ ମହିଳା ହକିରେ ଆଦର୍ଶ ପାଲଟି ଯାଇଛନ୍ତି। ହରିୟାଣା ଶାହବାଦର ରାଣୀ ମାତ୍ର ୧୫ ବର୍ଷରେ ସର୍ବକନିଷ୍ଠ ଖେଳାଳିଭାବେ ଜାତୀୟ ଦଳରେ ସ୍ଥାନ ପାଇଥିଲେ। କଠିନ ପରିଶ୍ରମ, ତ୍ୟାଗ ଏବଂ ପ୍ରତିଶ୍ରୁତିବଦ୍ଧତା ପାଇଁ ଏହି ପୁରସ୍କାର ତାଙ୍କୁ ମିଳିଛି ବୋଲି ଅନୁଭବ କରୁଛନ୍ତି ରାଣୀ। ଅଲିମ୍ପିକ୍ସରେ ପଦକ ହାସଲ ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ। ଆମେ ଅଧିକ ପରିଶ୍ରମ କରି ଦଳଗତଭାବେ ଆସନ୍ତାବର୍ଷ ଟୋକିଓରେ ସଫଳ ହେବାକୁ ଚେଷ୍ଟା କରିବୁ ବୋଲି ରାଣୀ କହିଛନ୍ତି। କୋଭିଡ-୧୯ ସଂକ୍ରମଣ ପାଇଁ ଅଲିମ୍ପିକ୍ସ ୧ ବର୍ଷ ଘୁଞ୍ଚି ଯାଇଛି। ନିଜ ଜୀବନକୁ ପାଣି ଛଡ଼ାଇ ଅନ୍ୟମାନଙ୍କ ଜୀବନ ବଞ୍ଚାଉଥିବା କରୋନା ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ନିଜ ପୁରସ୍କାରକୁ ଉତ୍ସର୍ଗ କରିଛନ୍ତି ଏହି ତାରକା ଷ୍ଟ୍ରାଇକର।

**ଖେଳରତ୍ନ ପୁରସ୍କାର ପାଇବାରେ ପ୍ରଥମ ମହିଳା ହକି ଖେଳାଳି**


ରାଣୀ ରାମପାଲ


# ଭାରତୀୟ ଶଟ୍‌ପୁଟ୍‌ର ଆମେରିକାରେ ଗିରଫ

ୱାଶିଂଟନ,୨୬।୮ (ପି.ଟି.)

ପୂର୍ବତନ ଭାରତୀୟ ଏସିଆନ୍ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ଇକ୍‌ବାଲ ସିଂ ଆମେରିକାରେ ଗିରଫ ହୋଇଛନ୍ତି। ନିଜ ମା' ଓ ସ୍ତ୍ରୀଙ୍କୁ ହତ୍ୟାକରିବାର ଅଭିଯୋଗରେ ସେ ଗିରଫ ହୋଇଛନ୍ତି ବୋଲି କେତେକ ସ୍ଥାନୀୟ ଗଣମାଧ୍ୟମ ଖବର ପ୍ରକାଶ କରିଛି।

ପେନ୍‌ସିଲଭାନିଆର ଡେଲାୱାର କାଉଣ୍ଟିରେ ରହୁଥିବା ୬୨ ବର୍ଷୀୟ ଇକ୍‌ବାଲ ରବିବାର ନିଜ ଅପରାଧ କଥା ସ୍ୱୀକାର କରିଥିଲେ। ନ୍ୟୁଟାଉନ୍ ଟାଉନ୍‌ଶିପ୍‌ରେ ପୋଲସ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ଗିରଫ ହେବା ବେଳେ ଇକବାଲ୍‌ଙ୍କ ଦେହରେ ରକ୍ତର ଛିଟା ଲାଗିଥିଲା ଓ ତାଙ୍କ ଦେହରେ ଆଘାତ ମଧ୍ୟ ଦେଖିବାକୁ ମିଳିଥିଲା। ଘର ଭିତରରେ ଦୁଇ ମହିଳାଙ୍କ ମୃତଦେହ ପଡିଥିଲା। ସୋମବାର ତାଙ୍କ ବିରୋଧରେ ଫାଷ୍ଟ ଆଣ୍ଡ ଥାର୍ଡ ଡିଗ୍ରୀ ମର୍ଡର ଚାର୍ଜ ଲାଗିଥିଲା। ଜାମିନି ଆବେଦନ ଖାରଜ ହେବା ପରେ ତାଙ୍କୁ ପୋଲିସ୍ କଷ୍ଟଡିରେ ରଖାଯାଇଛି।

ଏହି ପୂର୍ବତନ ଶଟ୍‌ପୁଟର କୁଏତ୍‌ରେ ଅନୁଷ୍ଠିତ ୧୯୮୩ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହା ତାଙ୍କ କ୍ୟାରିୟରର ସବୁଠାରୁ ଶ୍ରେଷ୍ଠ ସଫଳତା ରହିଥିଲା ଓ ଏହା ପରେ ଆମେରିକା ଚାଲିଯାଇଥିଲେ। ସେଠାରେ ସେ ଟ୍ୟାକ୍ସି ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଏକ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ରକଉଡ୍ ରୋଡ୍‌ସ୍ଥିତ ବାସଭବନରେ ତାଙ୍କ ମା' ନସିବ କୌର ପ୍ରଥମ ମହଲାରେ ମରି ପଡିଥିବାର ପୋଲିସ ଦେଖିଥିଲା।


ଇକ୍‌ବାଲ ସିଂ

**ମା, ସ୍ତ୍ରୀଙ୍କୁ ହତ୍ୟା**

ତାଙ୍କ ତଣ୍ଟି କଟାଯାଇଥିଲା। ସେହିପରି ସ୍ତ୍ରୀ ଯସପାଲ କୌର ପାହାଚ ଉପରେ ପଡିଥିବାର ଦେଖାଯାଇଥିଲା ଓ ତାଙ୍କ ଅବସ୍ଥା ମଧ୍ୟ ସମାନ ଥିଲା ପୋଲିସ ସତ୍ୟପାଠରୁ ସ୍ପଷ୍ଟ ହୋଇଛି।

ତେବେ ହତ୍ୟାର କାରଣ ସମ୍ପର୍କରେ କିଛି କୁହାଯାଇନାହିଁ। 'ମୁଁ ତୁମ ମା ଓ ଜେଜେମାଙ୍କୁ ହତ୍ୟା କରିଛି। ମୋତେ ଗିରଫ୍ କରିବାକୁ ପୋଲିସ୍‌କୁ କଲ୍ କର' ବୋଲି ସେ ନିଜ ପୁଅକୁ ଫୋନ୍ କରି ପ୍ରଥମେ ଜଣାଇଥିଲେ। ଏହାପରେ ସେ ନିଜ ଝିଅକୁ ଫୋନ୍ କରି ସମାନ କଥା କହିଥିଲେ।

# ଜୟନ୍ତି, ସତ୍ୟରଞ୍ଜନ ପାଇବେ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର

**ଭୁବନେଶ୍ୱର, ୨୬।୮ (କ୍ରୀଡ଼ା ପ୍ରତିନିଧି):** ପାରା ଆଥଲେଟ୍ ଜୟନ୍ତି ବେହେରା ଓ ଚେସ୍ ଗୁରୁ ସତ୍ୟରଞ୍ଜନ ପଟ୍ଟନାୟକ ୨୦୧୯ ବର୍ଷ ପାଇଁ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଜୟନ୍ତି ଶ୍ରେଷ୍ଠ କ୍ରୀଡ଼ାବିତ୍ ଓ ସତ୍ୟରଞ୍ଜନ ଶ୍ରେଷ୍ଠ କୋଚ୍‌ଭାବେ ଏହି ପୁରସ୍କାର ପାଇବେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏହି ଦୁଇଜଣଙ୍କୁ ପତ୍ରଦ୍ୱାରା ଜଣାଇ ଦିଆଯାଇଛି। ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ଲୋକସେବା ଭବନର କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହେବ। ଜୟନ୍ତି ୨୦୧୭ରୁ ୨୦୧୯ ମଧ୍ୟରେ ଜାତୀୟ ପ୍ରତିଯୋଗିତାରେ ୧୨ ସ୍ୱର୍ଣ୍ଣ ଏବଂ ଅନ୍ତର୍ଜାତୀୟରେ ୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଏସଆର ଚେସ୍ ସେଣ୍ଟରର ସମ୍ପାଦକ ଏବଂ ନିର୍ଦ୍ଦେଶକ ଥିବା ସତ୍ୟରଞ୍ଜନଙ୍କ ନିକଟରୁ କୋଚିଂ ନେଇ ରାଜ୍ୟ ଏବଂ ରାଜ୍ୟ ବାହାରର ଅନେକ ଚେସ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ସୂଚନା ଅନୁସାରେ ଆବେଦନକାରୀ କ୍ରୀଡ଼ା ଖବରଦାତାଙ୍କୁ ଗୁରୁବାର ସନ୍ଧ୍ୟାସୁଦ୍ଧା ଆଉଥରେ ସେମାନଙ୍କ ଲେଖା ସମ୍ପର୍କିତ କାଗଜପତ୍ର ପଠାଇବାପାଇଁ କୁହାଯାଇଛି।

# ୧୦ ବର୍ଷ ପରେ ଇଂଲଣ୍ଡର ସିରିଜ ବିଜୟ


ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଜ୍ୟାକ୍ କ୍ରଲି।


ମ୍ୟାନ୍ ଅଫ୍ ଦ ସିରିଜ୍ ଜୋସ୍ ବଟଲର।

ସାଉଥାମ୍ପଟନ, ୨୬।୮

ସ୍ଥାନୀୟ ରୋଜବାଓଲ ଗ୍ରାଉଣ୍ଡରେ ମଙ୍ଗଳବାର ଇଂଲଣ୍ଡ-ପାକିସ୍ତାନ ତୃତୀୟ କ୍ରିକେଟ ଟେଷ୍ଟ ଡ୍ର ରହିଛି। ଏହି ମ୍ୟାଚରେ ଇଂଲଣ୍ଡ ଏହାର ପ୍ରଥମ ଇନିଂସକୁ ୫୮୩/୮ରେ ଘୋଷଣା କରିଥିବାବେଳେ ପାକିସ୍ତାନ ପ୍ରଥମ ଇନିଂସରେ ୨୭୩ ରନ କରି ଫଲୋଅନ ହୋଇଥିଲା ଏବଂ ଦ୍ୱିତୀୟ ଇନିଂସରେ ୪ ଉଇକେଟ ହରାଇ ୧୮୭ ରନ କରିଥିବାବେଳେ ମ୍ୟାଚ ବନ୍ଦ ରହିଥିଲା। ଏଥିସହ ୩ ମ୍ୟାଚବିଶିଷ୍ଟ ସିରିଜକୁ ଇଂଲଣ୍ଡ ୧-୦ରେ ଜିତିଛି। ଦୀର୍ଘ ୧୦ ବର୍ଷ ବ୍ୟବଧାନରେ ଇଂଲଣ୍ଡ ପ୍ରତିପକ୍ଷ ପାକିସ୍ତାନ ବିପକ୍ଷରେ ଏକ ଟେଷ୍ଟ ସିରିଜରେ ବିଜୟୀ ହୋଇଛି। ପୂର୍ବରୁ ଶେଷଥରପାଇଁ ୨୦୧୦ରେ ଘରୋଇ ପରିବେଶରେ ୪ ମ୍ୟାଚବିଶିଷ୍ଟ ସିରିଜରେ ଇଂଲଣ୍ଡ ୩-୧ରେ ବିଜୟୀ ହୋଇଥିଲା। ଏହାପରେ ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ)ରେ ଅନୁଷ୍ଠିତ ୨୦୧୧-୧୨ ଓ ୨୦୧୫-୧୬ ସିରିଜରେ ପାକିସ୍ତାନ ବିଜୟୀ ହୋଇଥିବାବେଳେ ଇଂଲଣ୍ଡରେ ୨୦୧୬, ୨୦୧୮ ସିରଜ ଡ୍ର ରହିଥିଲା। ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ଅନ୍ତର୍ଗତ ଏକ ସିରିଜ ମଧ୍ୟ ଅମୀମାଂସିତ ରହିଥିଲା।

**ପାକିସ୍ତାନ ବିପକ୍ଷ ଟେଷ୍ଟ**

ଦ୍ୱିଶତକ ହାସଲକାରୀ ଇଂଲଣ୍ଡର ଜ୍ୟାକ କ୍ରଲି ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଇଂଲଣ୍ଡର ଜୋସ୍ ବଟଲର ଏବଂ ପାକିସ୍ତାନର ମହମ୍ମଦ ରିଜୱାନ ପ୍ଲେୟର ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଏହି ସିରିଜ ପରେ ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ରେ ଇଂଲଣ୍ଡ ୨୯୨ ପଏଣ୍ଟ ସହିତ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପାକିସ୍ତାନ ୧୬୬ ପଏଣ୍ଟ ପାଇ ୫ମ ସ୍ଥାନରେ ରହିଛି। ଭାରତ ଓ ଅଷ୍ଟ୍ରେଲିଆ ଯଥାକ୍ରମେ ୩୬୦ ଓ ୨୯୬ ପଏଣ୍ଟ ସହିତ ପ୍ରଥମ ଦୁଇସ୍ଥାନ ଅଧିକାର କରିଥିବାବେଳେ ନ୍ୟୁଜିଲାଣ୍ଡ ୧୮୦ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ